# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୨୬/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, January 26 / 2020 ★★

୧୬ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫




**କଙ୍ଗନା ହେବେ ଏୟାର ଫୋର୍ସ ପାଇଲଟ୍**

ଆଗାମୀ ଫିଲ୍ମରେ ଏୟାରଫୋର୍ସ ପାଇଲଟ୍ ଭୂମିକାରେ ଦେଖାଦେବେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ । ଏହି ଫିଲ୍ମର ନାଁ 'ତେଜସ' ରହିବ ବୋଲି ସେ କହିଛନ୍ତି । ୧୩

୧୨ **ରାଣୀ ରାମ୍‌ପାଲଙ୍କ ଡବଲ ଗୋଲ୍**

ଅଧିନାୟିକା ରାଣୀ ରାମ୍‌ପାଲଙ୍କ ଡବଲ ଗୋଲ୍ ବଳରେ ଭାରତୀୟ ମହିଳା ହକି ଦଳ ୪-୦ଗୋଲରେ ନ୍ୟୁଜିଲାଣ୍ଡ ଡେଭ୍‌ଲପ୍‌ମେଣ୍ଟ ଦଳ ବିପକ୍ଷରେ ବିଜୟ ହାସଲ କରିଛି।



# ସମ୍ବିଧାନ ଦେଇଛି ନ୍ୟାୟର ଗ୍ୟାରେଣ୍ଟି

**ନୂଆଦିଲ୍ଲୀ,୨୫।୧(ପି.ଟି.)**



ରାମନାଥ କୋବିନ୍ଦ

**ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ବାର୍ତ୍ତା**

୭୧ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଶନିବାର ସନ୍ଧ୍ୟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରକୁ ସମ୍ବୋଧିତ କରିଛନ୍ତି। ଦେଶର ସମ୍ବିଧାନ ଏହାର ନାଗରିକମାନଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ଗ୍ୟାରେଣ୍ଟି ପ୍ରଦାନ କରିଥିବା ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ବାଣୀ ଆଜି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆମେ ଯଦି ଆମର ଦୈନନ୍ଦିନ ଜୀବନରେ ଗାନ୍ଧିଜୀଙ୍କ ଶିକ୍ଷା ଓ ମୂଲ୍ୟବୋଧକୁ ଅନୁସରଣ କରିବା ତେବେ ସମ୍ବିଧାନକୁ ପାଳନ କରିବା ସହଜ ହୋଇଯିବ। ଏହାଦ୍ୱାରା ଆମେ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବକୁ ଅର୍ଥପୂର୍ଣ୍ଣ ଦିଗ ଦେଇପାରିବା। ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବେ ସମ୍ବିଧାନ ଆମକୁ ଅଧିକାର ଦେଇଛି। ତେବେ କୌଣସି କାରଣ ପାଇଁ ଲଢ଼େଇ କଲାବେଳେ ଅହିଂସା ମାର୍ଗ ଅବଲମ୍ବନ କରିବା ଓ ସାମ୍ବିଧାନିକ ପଦ୍ଧତି ଆପଣାଇବା ଲାଗି ରାଷ୍ଟ୍ରପତି ଦେଶବାସୀ ବିଶେଷ କରି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ଆର୍‌ସିକୁ ବିରୋଧ କରି କଲେଜ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ହିଂସାତ୍ମକ ଆନ୍ଦୋଳନରେ ସାମିଲ ହେଉଥିବାରୁ ରାଷ୍ଟ୍ରପତି ଏଭଳି ପରାମର୍ଶ ଦେଇଛନ୍ତି। ଯୁବପିଢ଼ିଙ୍କ ପାଇଁ ରାଷ୍ଟ୍ର ହେଉଛି ପ୍ରଥମ। ସେମାନଙ୍କୁ ନେଇ ଆମେ ନୂଆ ଭାରତର ପରିକଳ୍ପନା କରୁଛୁ ବୋଲି ସେ କହିଛନ୍ତି।

ଏହି ଅବସରରେ ସୈନ୍ୟବାହିନୀର କାର୍ଯ୍ୟକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ନିରନ୍ତର ଉଦ୍ୟମରତ ବୋଲି ରାଷ୍ଟ୍ରପତି କହିଛନ୍ତି। ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଏବଂ ନାଗରିକଙ୍କ ସଶକ୍ତିକରଣ ଲାଗି ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ରାଷ୍ଟ୍ରପତି ତଥ୍ୟ ରଖିଥିଲେ। ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନା। ଭାରତରେ ଜ୍ଞାନକୁ ସବୁବେଳେ ଧନଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଆମ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ନିରନ୍ତର ଉଦ୍ୟମ ଜରୁରୀ ବୋଲି ରାଷ୍ଟ୍ରପତି କହିଥିଲେ। ଆଭ୍ୟନ୍ତରୀଣ ସୁରକ୍ଷା ଲାଗି ସରକାର ବହୁ ପଦକ୍ଷେପ ନେଇଛନ୍ତି। ସାଧାରଣ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କ ବଡ଼ କାମ ଦ୍ୱାରା ଦେଶରେ ପରିବର୍ତ୍ତନ ଆଣିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ। ଏହି ଅବସରରେ ସେ ଇସ୍ରୋର ସଫଳତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଇସ୍ରୋ ପାଇଁ ଆଜି ଦେଶ ଗର୍ବିତ ବୋଲି ସେ କହିଥିଲେ।

**ଆଜିର ସମ୍ପାଦକୀୟ**

ପ୍ରତିବାଦ ଯଥାର୍ଥ

**କରୋନା ମୃତ୍ୟୁ ସଂଖ୍ୟା ୪୧**

........୮........

**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।






# ୧୦ ଓଡ଼ିଆଙ୍କୁ ପଦ୍ମ ପୁରସ୍କାର

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପାଇବା ଲାଗି ଚଳିତବର୍ଷ ସର୍ବାଧିକ ୧୦ଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଚଳିତବର୍ଷ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନଜନକ ପଦ୍ମଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି। ପୁଡୁଚେରୀ ସରକାରଙ୍କ ପକ୍ଷରୁ ମନୋଜଙ୍କ ନାମ ପଦ୍ମ ପୁରସ୍କାର ପାଇଁ ସୁପାରିସ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତବର୍ଷ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ପାଇବା ନିମନ୍ତେ ☞ପୃଷ୍ଠା-୪

- ■ମନୋଜ ଦାସଙ୍କୁ ପଦ୍ମଭୂଷଣ
- ■୯ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ
- ■ଜୈବିକ କୃଷି ପାଇଁ ବାପା-ଝିଅଙ୍କୁ ପଦ୍ମଶ୍ରୀ



ମନୋଜ ଦାସ

# କଣ୍ଟ୍ରାକ୍ଟର ଦିଲ୍ଲୀପଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ବିମାନବନ୍ଦରରେ ଛାତ ଭୁଶୁଡ଼ିବା ଘଟଣା**

**■ତଦନ୍ତ କରିବ ଦିଲ୍ଲୀର ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍**



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଟର୍ମିନାଲ-୧ରୁ ଟର୍ମିନାଲ-୨କୁ ସଂଯୋଗ କରୁଥିବା ବିଲ୍ଡିଂ ଶୁକ୍ରବାର ରାତିରେ ଭୁଶୁଡ଼ିବା ଘଟଣାରେ ଦିଲ୍ଲୀପ କନ୍‌ଷ୍ଟ୍ରକଶନ କଣ୍ଟ୍ରାକ୍ଟର ଦିଲ୍ଲୀପ ଖଟେଇଙ୍କ ସମେତ ୪ ଜଣଙ୍କୁ ଶନିବାର ଗିରଫ କରାଯାଇଛି। ସେମାନେ ହେଲେ ଇଞ୍ଜିନିୟର ଅଭିଳାଷ ସରକାର, ଆଶିଷ ସରକାର ଓ ବିମାନବନ୍ଦର ପ୍ରୋଜେକ୍ଟ ଇନଚାର୍ଜ ଗୌତମ ରାଏ। ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଶୁକ୍ରବାର ରାତିରେ ଦିଲ୍ଲୀପ ଏବଂ ଇଞ୍ଜିନିୟରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା। ଅନ୍ୟପଟରେ ଏହି କନ୍‌ଷ୍ଟ୍ରକ୍ସନ ସଂସ୍ଥାର ଅନ୍ୟ କେଉଁମାନେ ଦୁର୍ଘଟଣା ପଛରେ ସଂପୃକ୍ତ, ତାହା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

ବିମାନବନ୍ଦରର ଲିଙ୍କ୍ ବିଲ୍ଡିଂ ଭୁଶୁଡ଼ିବା ଯୋଗୁ ଇଲେକ୍ଟ୍ରିସିଆନ ଅନ୍ତର୍ଯ୍ୟାମୀ ଗୁରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ନବକିଶୋର ସ୍ୱାଇଁ ଆହତ ହୋଇଥିଲେ। ତେବେ ଯେଉଁଭଳି ଭାବେ ବିଲ୍ଡିଂ ଛାତ ଭୁଶୁଡ଼ିଲା, ତାହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନିମ୍ନ ମାନର କାର୍ଯ୍ୟ ନା ସେଣ୍ଟ୍ରିଂରେ ତ୍ରୁଟି ଯୋଗୁ ଏପରି ଘଟିଛି, ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସେପଟେ ମୃତକ ଅନ୍ତର୍ଯ୍ୟାମୀଙ୍କ ☞ପୃଷ୍ଠା-୪

**ଆଜିର ମନ୍ତବ୍ୟ**

"ନିର୍ବାଚନ ପ୍ରକ୍ରିୟାକୁ ଜୀବନ୍ତ ଓ ସହଭାଗୀ କରିଥିବା ଇସି ପ୍ରତି ଦେଶ କୃତଜ୍ଞ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ନଭେମ୍ବରରେ ୧୪.୩୩ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି।

– ଇଏସ୍‌ଆଇସି ପେରୋଲ୍ ଡାଟା


Taste the difference! Vencobb FRESH CHICKEN

24.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers




ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୦ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଓଡିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଜିର ଏହି ପବିତ୍ର ଦିବସରେ ଆମ ରାଜ୍ୟକୁ ସମୃଦ୍ଧି ଓ ସଫଳତା ପଥରେ ଆହୁରି ଆଗକୁ ଆଗେଇନେବା ପାଇଁ ଆସନ୍ତୁ ଆମ୍ଭେମାନେ ସଂକଳ୍ପବଦ୍ଧ ହେବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-93 15001/13/0128/1920



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।

- ସତ୍ୟସାଇବାବା

# ଓଡ଼ିଶାକୁ ମିଳିଲା ଜାତୀୟ ପୁରସ୍କାର

**ସାଧାରଣ ନିର୍ବାଚନ ପରିଚାଳନା**

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ବାତ୍ୟା ଫନୀ ସତ୍ତ୍ୱେ ରାଜ୍ୟ ସରକାର ଗତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ସଫଳତାର ସହ ପରିଚାଳନା କରିପାରିଛନ୍ତି। ଏହି ସଫଳତା ପାଇଁ ରାଜ୍ୟକୁ ଜାତୀୟ ଉତ୍କର୍ଷ ପୁରସ୍କାର (ନ୍ୟାଶନାଲ ଆୱାର୍ଡ ଫର ଏକ୍ସିଲେନ୍ସ) ପ୍ରଦାନ କରାଯାଇଛି। ଶନିବାର ନୂଆଦିଲ୍ଲୀଠାରେ ଜାତୀୟ ମତଦାତା ଦିବସ ଉପଲକ୍ଷେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତତ୍କାଳୀନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବାତ୍ୟା ଫନୀ ଆଶଙ୍କାରେ ଭୋଟ ଗ୍ରହଣ ଶେଷ ହେବାର ମାତ୍ର ୪ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ସରକାର ଷ୍ଟ୍ରଙ୍ଗରୁମଗୁଡ଼ିକରେ ଥିବା ଭୋଟ ବାକ୍ସକୁ ସୁରକ୍ଷିତ ରଖିବା ସହ ଭୋଟ ଗଣନାକୁ ସ୍ୱଚ୍ଛତାର ସହ ପରିଚାଳନା କରିଥିଲେ । ବାତ୍ୟା ସତ୍ତ୍ୱେ ଭୋଟ ଗଣନା କାର୍ଯ୍ୟରେ କୌଣସି ବିଭ୍ରାଟ ହୋଇ ନ ଥିଲା। ଧାର୍ଯ୍ୟ ତାରିଖରେ ଗଣନା କରାଯାଇଥିଲା। ଚଳିତବର୍ଷ ଭାରତର ନିର୍ବାଚନ କମିଶନଙ୍କୁ ୭୦ ବର୍ଷ ପୂରଣ ହେଉଛି। ମତଦାତାଙ୍କ ନିକଟରେ ପହଞ୍ଚିବା ପାଇଁ କମିଶନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନକୁ ଦକ୍ଷତାର ସହ ପରିଚାଳନା କରିଥିବା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ।

# ୫୦ଜଣ ପାଇବେ ପୋଲିସ ମେଡାଲ

- ୨୩ ଜଣଙ୍କୁ ସାହସିକତା, ୨ଜଣଙ୍କୁ ରାଷ୍ଟ୍ରପତି ପଦକ
- ଉଲ୍ଲେଖନୀୟ ସେବା ପାଇଁ ୧୧ଜଣ ଓ ୧୪ ଜଣଙ୍କୁ ରାଜ୍ୟପାଳ ମେଡାଲ
- ଏସିପି ମାନସ ଗଡ଼ନାୟକ ପାଇବେ ପୋଲିସ ମେଡାଲ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ପୋଲିସ ମେଡାଲ ଘୋଷଣା କରାଯାଇଛି। ୪ ବର୍ଗରେ ମୋଟ ୫୦ଜଣଙ୍କୁ ଏହି ମେଡାଲ ପ୍ରଦାନ କରାଯିବ। ସାହସିକତା ପାଇଁ ୨୩ଜଣ, ପ୍ରତିଷ୍ଠିତ ସେବା ପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ମେଡାଲ, ଉଲ୍ଲେଖନୀୟ ସେବା କ୍ଷେତ୍ରରେ ୧୧ ଓ ୧୪ ଜଣଙ୍କୁ ରାଜ୍ୟପାଳ ମେଡାଲ ମିଳିବ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରବିବାର ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ମେଡାଲ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୋଲିସ ଡିଜି ଅଭୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ରହିବେ।

ସାହସିକତା ପାଇଁ ମେଡାଲ ପାଇବାକୁ ମନୋନୀତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହେଲେ ବରଗଡ଼ରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରକାଶ କୁମାର କରଣ, କନ୍‌ଷ୍ଟେବଲ ସୁଶୀଲ ଦାଶ, କନ୍‌ଷ୍ଟେବଲ ଆକାଶ ମହାପାତ୍ର, କନଷ୍ଟେବଲ ଚନ୍ଦ୍ରମଣି ଭୋଇ, କନ୍‌ଷ୍ଟେବଲ ଶାମ୍ ଧଙ୍ଗଡ଼୍ ମାଝି, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣ୍ୟମ୍, କନ୍‌ଷ୍ଟେବଲ ଦିଲୀପ କୁମାର ଦତ୍ତା, ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପତି, ଏସ୍‌ଆଇ ସଚ୍ଚିଦାନନ୍ଦ ବରିହା, ଏସ୍‌ଓଜି ଭୁବନେଶ୍ୱରର ସୁବେଦାର ଆଶିଷ କୁମାର ସରକାର, କନ୍‌ଷ୍ଟେବଲ ପ୍ରଶାନ୍ତ କୁମାର ବାରିକ, କନ୍‌ଷ୍ଟେବଲ ଭୁବନ ସେଲ୍‌ମା, ଏସ୍‌ଓଜି ଭୁବନେଶ୍ୱରର କନ୍‌ଷ୍ଟେବଲ ସତ୍ୟନାରାୟଣ କଟହର, ହାବିଲଦାର ପ୍ରମୋଦ ବରାଳ, ହାବିଲଦାର ମିଥୁନ ପ୍ରଧାନ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ମାଲକାନାଗିରିର ହାବିଲଦାର ସନ୍ତୋଷ ଜୁଆଙ୍ଗ, ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ,କନଷ୍ଟେବଲ ଚୈତନ୍ୟ କିର୍‌ସାନୀ, କନ୍‌ଷ୍ଟେବଲ ସୁଧାଂଶୁ ଭୂପତି ଓ କନ୍‌ଷ୍ଟେବଲ ରୁକ୍‌ଧର ନେଗୀ। ସେହିଭଳି ପ୍ରତିଷ୍ଠିତ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇବେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରମୋଦ କୁମାର ରଥ ଓ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଏଏସ୍‌ଆଇ ଶିବ ନାରାୟଣ ରଥ। ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମେଡାଲ ପାଇବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫ୍ ପୋଲିସ (ସୁରକ୍ଷା) ସୁଜିତ କୁମାର ଦଳାଇ, ଭୁବନେଶ୍ୱର ଜୋନ୍-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଡିଏସ୍‌ପି ଇତି ଦାସ, ଜଗତ୍‌ସିଂହପୁରର ଇନ୍ସପେକ୍ଟର ରଜନୀକାନ୍ତ ସାମଲ, ଖୋର୍ଦ୍ଧା ଜିଆର୍‌ପିରେ କାର୍ଯ୍ୟରତ ଇନ୍ସପେକ୍ଟର ଭରତ ଚରଣ ସାହୁ, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଏସ୍‌ଆଇଡବ୍ଲ୍ୟୁ ଭୁବନେଶ୍ୱରର ଏସ୍‌ଆଇ ନିରଞ୍ଜନ ତ୍ରିପାଠୀ, ଖୋର୍ଦ୍ଧା ଜିଆର୍‌ପି ଏସ୍‌ଆଇ ସନ୍ତୋଷ କୁମାର ବାହିନୀପତି, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର କନ୍‌ଷ୍ଟେବଲ ସନାତନ ସାହୁ, କନଷ୍ଟେବଲ ପ୍ରଶାନ୍ତ କୁମାର ସାହୁ ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନଷ୍ଟେବଲ ଦୁର୍ଗାପ୍ରସାଦ ହୋତା। ରାଜ୍ୟପାଳ ମେଡାଲ ପାଇବେ ପୋଲିସ ମୁଖ୍ୟାଳୟର ଏଡିଜି ବିନୟତୋଷ ମିଶ୍ର, ଆଇଜିପି (ମଡର୍ନାଇଜେଶନ) ରେଖା ଲୋହାନି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, କଟକ ଡିସିପି ଅଖିଳେଶ୍ୱର ସିଂ, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଡିଏସ୍‌ପି ସରୋଜ କୁମାର ସାମଲ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ହରିବନ୍ଧୁ ଭତ୍ରା, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ପ୍ରଣିତା କୁମାରୀ ରାୟ, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ଆଇ ସୁବାସଚନ୍ଦ୍ର ନାୟକ, ବିପିଏସ୍‌ପିଏ ଭୁବନେଶ୍ୱରର ଡେପୁଟି ସୁବେଦାର ବୁଦ୍ଧି ବାହାଦୁର ଥାପା, ବାରିପଦା ଓଏସ୍‌ଏପି ୫ମ ବାଟାଲିୟନର ହାବିଲ୍‌ଦାର ମେଜର ବୁଦ୍ଧା ସିଂ ଗୁରୁଙ୍ଗ୍, ରାଉରକେଲାର ହାବିଲଦାର(କ୍ରାଇମ) ସରୋଜ କୁମାର ଭୋଇ, ରାଉରକେଲା ଓଏସ୍‌ଏପି ୪ ବାଟାଲିୟନର ସିପାହି ରଥ ଲାକ୍ରା, ନୟାଗଡ଼ର କନଷ୍ଟେବଲ ପ୍ରତିମା ରାଉତ ଓ ସିକ୍ୟୁରିଟି୍‌ ଭୁବନେଶ୍ୱରର ସିପାହୀ ସୁଶାନ୍ତ କୁମାର ମାଝି

# ଗରା ଭିତରେ ଫସିଲା ଶିଶୁ

ବାଙ୍କୀ,୨୫।୧(ସ୍ୱ.ପ୍ର.): କଟକ ଜିଲା ବାଙ୍କୀ ବ୍ଲକ କିଆପଲା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁରେ ଜଣେ ଶିଶୁ ଶୁକ୍ରବାର ରାତିରେ ଖେଳୁଥିବାବେଳେ ଗରା ଭିତରେ ଫସିଯାଇଥିଲେ। ସେ ହେଲେ ହରେକୃଷ୍ଣ ରାଉତଙ୍କ ଅଢ଼େଇ ବର୍ଷର ପୁଅ ସାଇକୃପା ରାଉତ। ସେ ଘରେ ଏକ ଓସାରିଆ ମୁହଁ ଥିବା ଷ୍ଟିଲ ଗରା ସହ ଖେଳୁଥିବାବେଳେ ଭୁଲବଶତଃ ଭିତରେ ପଶିଯିବାରୁ ଗୋଡଠାରୁ ଅଣ୍ଟା ପର୍ଯ୍ୟନ୍ତ ଗଳିଯାଇଥିଲେ। ଏହାପରେ ସେଥିରୁ ବାହରି ନ ପାରିବାରୁ କାନ୍ଦିଥିଲେ। ଶିଶୁର କାନ୍ଦ ଶୁଣି ପରିବାର ସଦସ୍ୟ ଆସି ତାଙ୍କୁ ଗରା ଭିତରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହେବାରୁ ସେମାନେ ବାଙ୍କୀ ଦମକଳ ବାହିନୀରେ ଖବର ଦେଇଥିଲେ। ବାଙ୍କୀ ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଦେଢ଼ଘଣ୍ଟା ପରିଶ୍ରମ କରି କଟର ଦ୍ୱାରା ଗରାକୁ କାଟି ଉକ୍ତ ଶିଶୁଙ୍କୁ ଉଦ୍ଧାର କରିଥିଲେ।












# 'କରୋନା' ଭାଇରସ୍ ପାଇଁ ଆଡ୍‌ଭାଇଜରି

- ୪ ମେଡିକାଲରେ ଖୋଲିବ ସ୍ୱତନ୍ତ୍ର ୱାର୍ଡ
- ବନ୍ଦର, ବିମାନବନ୍ଦର, ରେଳପଥ କର୍ତ୍ତୃପକ୍ଷଙ୍କୁ ଚିଠି

**ଭୁବନେଶ୍ୱର, ୨୫ା୧(ବ୍ୟୁରୋ)/ କଟକ ଅଫିସ**

'କରୋନା' ଭାଇରସ୍ ପାଇଁ ଶନିବାର ରାଜ୍ୟ ସରକାର ଆଡ୍‌ଭାଇଜରି ଜାରି କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରମୁଖ ହସ୍ପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ଚିଠି ଲେଖିଛି। 'କରୋନା' ଚିହ୍ନଟ ଓ ମୁକାବିଲା ନେଇ ପ୍ରସ୍ତୁତ ରହିବାକୁ ହସ୍ପିଟାଲଗୁଡ଼ିକୁ ସତର୍କ କରାଯାଇଛି। ଏଥିସହ କଟକ ଏସ୍‌ସିବି, ବୁର୍ଲା, ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ସମେତ ପାରାଦୀପ ବନ୍ଦର ଏବଂ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ବିଶେଷକରି ବିଦେଶରୁ ଆସୁଥିବା ଘାତକ 'କରୋନା' ସନ୍ଦିଗ୍ଧଙ୍କୁ ଚିହ୍ନଟ ଓ ପରୀକ୍ଷା ବ୍ୟବସ୍ଥା କରିବାକୁ ଚିଠିରେ ଉଲ୍ଲେଖ ରହିଛି।

ଅନ୍ୟପକ୍ଷରେ 'କରୋନା'କୁ ନେଇ ଶନିବାର ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ବରିଷ୍ଠ ମେଡିସିନ ପ୍ରଫେସର ତଥା ଡିଏମ୍‌ଇଟି ଡା. ସିବିକେ ମହାନ୍ତିଙ୍କ କହିବାନୁଯାୟୀ, ଏହା ଏକ ସାଧାରଣ ଥଣ୍ଡାଜନିତ ରୋଗ। ମାତ୍ର ଏବେ ଏହା ଗୁଣସୂତ୍ରରେ ପରିବର୍ତ୍ତନ ଆଣିବା ଫଳରେ ଅଧିକ ଉଗ୍ରରୂପ ଧାରଣ କରିଛି। ଏଥିପୂର୍ବରୁ ୨୦୦୨, ୨୦୧୩ ଓ ୨୦୧୫ରେ ଏହି ରୋଗ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିଲା। ଭାରତର ବମ୍ବେ, କେରଳ ଓ ହାଇଦ୍ରାବାଦରେ କରୋନା ସନ୍ଦିଗ୍ଧ ରୋଗୀ ଚିହ୍ନଟ ହୋଇଛନ୍ତି। ମାତ୍ର ଏଥିପ୍ରତି ଭୟଭୀତ ହେବାର କୌଣସି କାରଣ ନାହିଁ। ସରକାର ଏଥିପ୍ରତି ସଚେତନ ଥିବା ଡାକ୍ତର ମହାନ୍ତି କହିଛନ୍ତି।

# ୫ ଜିଲାରେ ଶୀତ ଲହରି

**ଭୁବନେଶ୍ୱର,୨୫ା୧(ବ୍ୟୁରୋ)**

ଗତ କିଛିଦିନ ରାଜ୍ୟରେ ଥଣ୍ଡା କମିଯାଇଥିବା ବେଳେ ଶନିବାର ପୁଣି ଶୀତ ଆରମ୍ଭ ହୋଇଛି। ପାରଦ ୩ରୁ ୪ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ସୋନପୁର, ଝାରସୁଗୁଡା, ଦେବଗଡ ଓ ବଲାଙ୍ଗୀର ଜିଲାରେ ଥଣ୍ଡା ବାୟୁ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୨୬ ତାରିଖରେ ମଧ୍ୟ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲାରେ ଶୀତ ଲହରି ହେବ ବୋଲି ଅନୁମାନ କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଶନିବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୮.୬, ସୋନପୁର ୮, କେନ୍ଦୁଝର ୧୦.୪, ସମ୍ବଲପୁର ୧୦.୨, ଫୁଲବାଣୀ ୧୦, ଟିଟିଲାଗଡ ୧୦.୧ ଏବଂ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।








ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପିୟୁଷ
ପରିବାରବର୍ଗ



ପ୍ରୟାସ
ପରିବାରବର୍ଗ



ସ୍ମୃତିରେଖା
ପରିବାରବର୍ଗ



ଡୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ପଥର ଖୋଲରୁ ୨ ମୃତଦେହ ଉଦ୍ଧାର

ଆର.ଉଦୟଗିରି, ୨୫।୧(ଡି.ଏନ.ଏ.)- ଗଜପତି ଜିଲା ଆର.ଉଦୟଗିରି ଥାନା ଖମ୍ବାରିସାହି ଗ୍ରାମ ନିକଟସ୍ଥ ତିତ୍‌ଲି ଆମ୍ବ ପର୍ବତର ଏକ ପଥର ଖୋଲରୁ ଶନିବାର ପୋଲିସ ଜଣେ ମହିଳା ଓ ପୁରଷଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଏ ନେଇ ଆର.ଉଦୟଗିରି ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଳାଇଛି। ମୃତଦେହ ପାଖରେ ଏକ ବିଷ ବୋତଲ ପଡ଼ିଥିବାରୁ ଏମାନେ ବହୁଦିନ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି ବୋଲି ଥାନାଧିକାରିଣୀ ମମତା ନାୟକ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମ ତିତ୍‌ଲି ଆମ୍ବ ପର୍ବତର ଏକ ପଥର ଖୋଲରୁ ଜଣେ ମହିଳା ଓ ପୁରୁଷଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ମହେନ୍ଦ୍ରଗଡ଼ ସରପଞ୍ଚ ବୀର ଭାସ୍କର ପାଇକଙ୍କୁ ଜଣାଇଥିଲେ। ସରପଞ୍ଚ ଆର.ଉଦୟଗିରି ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

# ବିବାହ ପୂର୍ବରୁ କେଁ, କନ୍ୟା ନାବାଳିକା ଅଭିଯୋଗ

ବିନିକା,୨୫।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଓ ଶିଶୁ ସମନ୍ୱିତ ବିଭାଗ କାର୍ଯ୍ୟାଳୟରେ ଜନୈକା କନ୍ୟା ନାବାଳିକା ଥାଇ ମଧ୍ୟ ତାଙ୍କର ବିବାହ ଆସନ୍ତା ୩୧ ତାରିଖରେ କରା ଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଣିଛନ୍ତି ଖୋଦ୍ ବରପାତ୍ରଙ୍କ ବଡଭାଇ । ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସାହାଜପାଳ ଗ୍ରାମର ଜଣେ ବ୍ୟକ୍ତି ଏ ନେଇ ଲିଖିତଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମତେ ବିନିକା ବ୍ଲକ୍ ସିଲାଟି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଝିଅ ସହ ତାଙ୍କ ସାନଭାଇଙ୍କର ବିବାହ ୩୧ ତାରିଖରେ ନିର୍ଦ୍ଧାରିତ ହୋଇଛି । ଏନେଇ ବିବାହ ନିମନ୍ତ୍ରଣ ପତ୍ର ମଧ୍ୟ ବଣ୍ଟା ଯାଇ ସାରିଛି । ମାତ୍ର ଉକ୍ତ କନ୍ୟାପାତ୍ରୀ ଜଣେ ନାବାଳିକା ଓ ତାଙ୍କ ବୟସ ୧୬ ବର୍ଷ । ବିନିକା ଅଞ୍ଚଳର ଏକ କଲେଜରେ ସେ ଯୁକ୍ତଦୁଇ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ଜନ୍ମ ତାରିଖ ତା୨୬।୭।୩ରିଖ । ଏଣୁ ଜଣେ ନାବାଳିକାଙ୍କ ସହ ତାଙ୍କ ଭାଇର ବିବାହକୁ ବନ୍ଦ କରାଯାଉ ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ନେଇ ବିନିକା ସିଡିପିଓ ସୁଭାଗିନୀ ହରିପାଳଙ୍କୁ ପଚାରିବାରୁ କହିଛନ୍ତି ଯେ, ବାଲ୍ୟବିବାହ ଆଇନ-୨୦୦୬ ଅନୁସାରେ ଏହିଭଳି ବିବାହକୁ ପ୍ରୋତ୍ସାହନ ଦେବା ଦଣ୍ଡନୀୟ ଅପରାଧ । ସୋମବାର ଉକ୍ତ କଲେଜକୁ ଯାଇ ନାବାଳିକା ଛାତ୍ରୀଙ୍କ ବିଷୟରେ ବୁଝାସୁଝା କରିବି। ସତ୍ୟାସତ୍ୟ ଅନୁସନ୍ଧାନ ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ଏ ବିଷୟରେ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ପଚାରିବାରୁ ନାବାଳିକା ବିବାହ ନେଇ ଶନିବାର ଏକ ଅଭିଯୋଗ ଆସିଛି। ଏହାର ତଦନ୍ତ ସହିତ ତଥ୍ୟ ସଂଗ୍ରହ କରାଯିବ । ତଥ୍ୟ ସଂଗ୍ରହ ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# କ୍ଷତିଗ୍ରସ୍ତଙ୍କ ଥଇଥାନ, ସହାୟତା ପ୍ୟାକେଜ୍‌କୁ ଅନୁମୋଦନ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ପୁନର୍ବିନ୍ୟାସ, ଥଇଥାନ ଏବଂ ସହାୟତା ପ୍ୟାକେଜ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶନିବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ଏସ୍‌ସିବିକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟାନୁଷ୍ଠାନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅତ୍ୟାଧୁନିକ ଚିକିତ୍ସା ଓ ଗବେଷଣା ସୁବିଧା ସହ ୩୦୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସା ପ୍ରତିଷ୍ଠାନ କରାଯିବ। ତେଣୁ ନୂତନ ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ସମସ୍ତ ବର୍ଗ ପାଇଁ ସହାୟତା ଘୋଷଣା କରାଯାଇଛି। ଏହି ପ୍ୟାକେଜ୍‌ରେ ସ୍ଥାୟୀ ବାସଗୃହ, ଅନଧିକୃତ ଭାବରେ ନିର୍ମିତ ବାସଗୃହ, ମାଛ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଦୋକାନ ଘର, ଅନଧିକୃତ ଭାବରେ ନିର୍ମିତ ଦୋକାନ ଗୃହ, ଉଠା ଦୋକାନ, ଧାର୍ମିକ ଅନୁଷ୍ଠାନ, କ୍ଲବ ଏବଂ ଗୁହାଳ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ଥଇଥାନ ଓ ପୁନର୍ବାସ ନୀତି କଟକ ଜିଲାପାଳଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଯେହେତୁ ଏହି ପ୍ରକଳ୍ପ ପାଇଁ ଜମି ଓ ସମ୍ପତ୍ତି ଅଧିଗ୍ରହଣ ଆଲୋଚନା ଭିତ୍ତିରେ କରାଯିବ, ସେଥିପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ ଅନୁମୋଦନକ୍ରମେ ଜିଲାପାଳ ଆବଶ୍ୟକସ୍ଥଳେ ସହାୟତାରେ ବୃଦ୍ଧି ବା ପରିବର୍ତ୍ତନ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ। ଏ ସମସ୍ତ ପୁନର୍ବାସ ପ୍ୟାକେଜ୍ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କଟକ ଜିଲାପାଳଙ୍କୁ ପାଣ୍ଠି ଯୋଗାଇଦେବେ ବୋଲି ଜଣାପଡିଛି ।

ପ୍ରଥମତଃ ସ୍ଥିତିବାନ ସ୍ୱତ୍ୱ ଥିବା ଜମି ମାଲିକମାନଙ୍କର ଘର ଓ ଜମି ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରକ୍ରିୟାରେ ସିଧାସଳଖ କ୍ରୟ ଜରିଆରେ ଅଧିଗ୍ରହଣ କରାଯିବ। ରାଇଟ୍ ଟୁ ଫେୟାର କମ୍ପେନସେସନ୍ ଆଣ୍ଡ ଟ୍ରାନ୍ସପରେନ୍ସି ଇନ୍ ଲ୍ୟାଣ୍ଡ ଆକ୍ୱିଜିଶନ୍, ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ଆକ୍ଟ-୨୦୧୩ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବ। ପ୍ରତି ପରିବାରକୁ ସ୍ଥାନାନ୍ତର ସହାୟତା ବାବଦକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଅନଧିକୃତ ବାସଗୃହ ଥିବା କ୍ଷତିଗ୍ରସ୍ତ ପରିବାରକୁ ଏକକାଳୀନ ୫୦,୦୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଜିଲା ପ୍ରଶାସନ ଦ୍ୱାରା ସ୍ଥିରୀକୃତ ଅଞ୍ଚଳରେ ପ୍ରତି ପରିବାର ପାଇଁ ୧୫ X ୧୫ ପ୍ଲଟରେ ନିଜ ଖର୍ଚ୍ଚରେ ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ଲାଇସେନ୍ସ ଦିଆଯିବ। ସିଏମ୍‌ସି ଦ୍ୱାରା ଅନ୍ୟ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସୁଲଭ ଗୃହ ନିର୍ମାଣ ପ୍ରକଳ୍ପରେ ଏହି ପରିବାରଗୁଡ଼ିକୁ ଚୂଡ଼ାନ୍ତ ଭାବରେ ଥଇଥାନ କରାଯିବା ପରେ ସେମାନେ ଏହି ଘରକୁ ଛାଡି ପାରିବେ ବୋଲି କୁହାଯାଇଛି। ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକକମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଇ ଦିଆଯିବ। ସିଏମ୍‌ସି ପକ୍ଷରୁ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯିବ। ସିଏମ୍‌ସି ଦ୍ୱାରା ପଞ୍ଜୀକୃତ ଦୋକାନୀ ଏବଂ ମାଛ ବିକ୍ରେତାଙ୍କୁ ଏକକାଳୀନ ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯିବ। ପୂର୍ବରୁ ସେମାନେ ମହାନଗରରେ ରଖିଥିବା ସିକ୍ୟୁରିଟି ଡିପୋଜିଟ୍ ମଧ୍ୟ ଫେରି ପାଇବେ। କ୍ଷତିଗ୍ରସ୍ତ ଉଠା ଦୋକାନୀମାନଙ୍କୁ ମହାନଗର ନିଗମ ଭେଣ୍ଡିଂ ଜୋନ୍‌ରେ ଅଗ୍ରାଧିକାରଭିତ୍ତିରେ ସ୍ଥାନ ଯୋଗାଇ ଦିଆଯିବ। ଅପରପକ୍ଷରେ ସ୍ଥିତିବାନ ସ୍ୱତ୍ୱ ଥିବା ଜମିରେ ନିର୍ମିତ ଦୋକାନ ଘରଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ପ୍ରକ୍ରିୟାରେ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ। ଏହି କ୍ଷତିଗ୍ରସ୍ତଙ୍କୁ ମଧ୍ୟ ରାଇଟ୍ ଟୁ ଫେୟାର କମ୍ପେନସେସନ୍ ଆଣ୍ଡ ଟ୍ରାନ୍ସପରେନ୍ସି ଇନ୍ ଲ୍ୟାଣ୍ଡ ଆକ୍ୱିଜିଶନ୍, ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ଆକ୍ଟ-୨୦୧୩ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବ। କ୍ଷତିଗ୍ରସ୍ତଙ୍କୁ ପରିବହନ ଓ ତୁରନ୍ତ ବ୍ୟବସ୍ଥା ପାଇଁ ୨ଟି କିସ୍ତିରେ ମୋଟ ଏକ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ। ପ୍ରଥମ କିସ୍ତି ଆରମ୍ଭରେ ଦିଆଯିବ ଏବଂ ଜାଗା ଖାଲି କଲା ପରେ ଦ୍ୱିତୀୟ କିସ୍ତି ଦିଆଯିବ।



**ଏସ୍‌ସିବି ମେଡିକାଲ କଲେଜ, ହସ୍ପିଟାଲ ପୁନର୍ବିନ୍ୟାସ ପ୍ରକ୍ରିୟା ଆରମ୍ଭ**

- ୮ ଦିନ ପାଇଁ ଖାଦ୍ୟ ସହାୟତା
- ପରିବହନ, ଜରୁରୀ ବ୍ୟବସ୍ଥା ପାଇଁ ଏକ ଲକ୍ଷ ଟଙ୍କା
- ସିଏମ୍‌ସି ଦେବ ଅସ୍ଥାୟୀ ନିର୍ମାଣ ଲାଇସେନ୍ସ
- କଟକ ଜିଲାପାଳଙ୍କୁ ପାଣ୍ଠି ଯୋଗାଇବ ରାଜ୍ୟ
- ଆରଡିସିଙ୍କ ଅନୁମୋଦନକ୍ରମେ ସହାୟତା ବୃଦ୍ଧି କରିପାରିବେ ଜିଲାପାଳ

ସେହିଭଳି ଅନଧିକୃତ ଦୋକାନ ଘର ପାଇଁ ଏକକାଳୀନ ୩୦,୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ପ୍ରତି ଉଠା ଦୋକାନୀଙ୍କୁ ଏକକାଳୀନ ୨୦,୦୦୦ ଟଙ୍କାର ସହାୟତା ମିଳିବ। ସ୍ଥାନାନ୍ତରିତ ଧାର୍ମିକ ଅନୁଷ୍ଠାନ/କ୍ଲବ ପାଇଁ କଟକ ଜିଲାପାଳ ଏକ ଲକ୍ଷ ଟଙ୍କା ଲେଖାଏ ଏକକାଳୀନ ସହାୟତା ଯୋଗାଇ ଦେବେ। ସ୍ଥାନାନ୍ତରିତ ପ୍ରତି ଗାଈ ଗୁହାଳ ପିଛା ଏକକାଳନୀ ୨୦,୦୦୦ ଟଙ୍କାର ସହାୟତା ଦିଆଯିବ। ଅପରପକ୍ଷେ ସରକାରୀ କ୍ୱାର୍ଟର୍ସ ଖାଲି କରୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଘରଭଡା ସହ ୧୨ ମାସ କିମ୍ବା ନୂଆ କ୍ୱାର୍ଟର୍ସ ମିଳିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ସହାୟତା ଦିଆଯିବ। ପ୍ରଥମ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧୨,୫୦୦ ଟଙ୍କା, ୨ୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧୦,୦୦୦ ଟଙ୍କା, ତୃତୀୟ ଶ୍ରେଣୀ ୭୫୦୦ ଟଙ୍କା ଏବଂ ଚତୁର୍ଥ ଶ୍ରେଣୀ ପାଇଁ ୫୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ବିଭିନ୍ନ ଅନୁଷ୍ଠାନ ପାଇଁ ଆରଡିସିଙ୍କ ନେତୃତ୍ୱରେ ଗଠିତ କମିଟି ବଜାର ଦର ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଦୀର୍ଘଦିନ ହେଲା ଯେଉଁମାନେ ପାଖ ମାଡୁ ନ ଥିଲେ ଆଜି ସେମାନେ ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅଶ୍ୱିନୀ ନକ୍ଷତ୍ରର ପୁରୁଣା କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାମାନେ ଆପଣଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିପାରନ୍ତି।

**ବୃଷ**
ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଲେ ମଧ୍ୟ ନିଜ ଦାୟିତ୍ୱରେ ରହିଥିବା କର୍ମ ସମ୍ପାଦନ କରିବାକୁ ବାଧ୍ୟ ହେବେ। ଆଜି ଅଫିସ୍ କାର୍ଯ୍ୟରେ ବେଶି ବ୍ୟସ୍ତ ରହି ଘର ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି। ରୋହିଣୀ ନକ୍ଷତ୍ର ବ୍ୟବସାୟ ସ୍ତରରେ ଅର୍ଥ ପାଇବା ସକାଶେ ଚେଷ୍ଟା କରୁଥିବା ସ୍ଥାନରୁ ଆଂଶିକ ସଫଳତା ମିଳିବ।

**ମିଥୁନ**
ନିଜ କଥା ପଛକୁ ପକାଇ ବାହାର ଲୋକମାନଙ୍କ କାମରେ ବିଶେଷ ସମୟ ଦେଇପାରନ୍ତି। ପରିସ୍ଥିତିର ପ୍ରତିକୂଳତାରେ ବନ୍ଧୁମାନେ ବିରୁଦ୍ଧାଚରଣ କରିପାରନ୍ତି। ଆର୍ଦ୍ରା ନକ୍ଷତ୍ରର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇବା ସମ୍ଭାବନା ରହିଛି। ରାଜନୀତିରେ ଜନସେବା ପ୍ରତି ମନ ବଳିବ, କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀ କେହି ଚଞ୍ଚଳତା ପ୍ରଦର୍ଶନ କରିପାରନ୍ତି।

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ସ୍ଥାନ ପରିବର୍ତ୍ତନ କରିବାକୁ ଚିନ୍ତାକରିପାରନ୍ତି। କାହା କଥା ନ ଶୁଣି ନିଜ ଇଚ୍ଛାରେ କାମ କରିବା ଭଲ ହେବ। ଅଶ୍ଳେଷା ନକ୍ଷତ୍ର, ସଭାସମିତିର ଆଲୋଚନା ମଧ୍ୟରେ କୌଣସି ବନ୍ଧୁଙ୍କ ହସ୍ତକ୍ଷେପକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ଗବେଷଣା ପ୍ରଭୃତି କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ସିଂହ**
ଅର୍ଥଲାଭର ଆଶା ପୂରଣ ହେବା ଦିଗରେ କେତେକାଂଶରେ ସଫଳତା ମିଳିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି। ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସାକଲେ ଅସୁବିଧାରେ ପଡ଼ିପାରନ୍ତି। ପୂର୍ବାଫାଲ୍‌ଗୁନୀର ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିପାରନ୍ତି।

**କନ୍ୟା**
ଆଜି ବନ୍ଧୁମାନଙ୍କ ଗହଣରେ, ସଭାସମିତିରେ, ଆନୁଷ୍ଠାନିକ ତଥା କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପାରିବାରିକ, ପରିବହନ, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଆଜିର ଯାତ୍ରା କେତେକାଂଶରେ ଫଳପ୍ରଦ ହେବ, କିନ୍ତୁ ମାନସିକ ଅସ୍ଥିରତା ଲାଗି ରହିବ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ।

**ତୁଳା**
ଆଜି ଯେଉଁଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ ଏବଂ ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ। ଯାତ୍ରାରେ କାର୍ଯ୍ୟସିଦ୍ଧି ସହ ନୂତନ ଯାନବାହନ କିମ୍ବା ଦ୍ରବ୍ୟଲାଭରୁ ଖୁସି ହେବେ। ସ୍ୱାତୀ ନକ୍ଷତ୍ର ସଭାସମିତିରେ ନ୍ୟାୟୋଚିତ ପରାମର୍ଶ ଦେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ସୁସମ୍ପର୍କ ଥିବା ବ୍ୟକ୍ତିଟି ମୁହଁ ଫେରାଇ ନେଇପାରେ। ଆଜିର ଉତ୍ସବାନୁଷ୍ଠାନରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି। ପରିବାରରେ ଖର୍ଚ୍ଚ ପରିମାଣ ଦିଗୁଣା ହେବା ସହ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ ।

**ଧନୁ**
ଆଜି ନୂତନ ଯୋଜନା, ଅବହେଳିତ କାମ, କୌଣସି ଆଲୋଚନା ପ୍ରଭୃତିରେ ସଫଳତା ମିଳିବ। ଈର୍ଷାପରାୟଣ ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ, ରାଜନୀତି କ୍ଷେତ୍ର, ସଭାସମିତିରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ମୂଳା ନକ୍ଷତ୍ରର ମାନସିକ ଅଶାନ୍ତି ମଧ୍ୟରେ ସମୟ କାଟିବାକୁ ବାଧ୍ୟ ହେବେ।

**ମକର**
ଆନୁଷ୍ଠାନିକ କାମରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଶ୍ରବଣା ନକ୍ଷତ୍ରର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦକ୍ଷତା ଓ କୃତିତ୍ୱଭିତ୍ତିକ ପ୍ରଶଂସା ଓ ପ୍ରୋତ୍ସାହନ ଲାଭକରି ମନୋବଳ ବୃଦ୍ଧିପାଇବ। ଯାତ୍ରାରେ ଦୀର୍ଘ ସମୟ ଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବା ଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ**
ଆର୍ଥିକ ଦୁରବସ୍ଥା ଦୂରେଇଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଇ କୃତକାର୍ଯ୍ୟ ହେବେ। ଶତଭିଷା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। କଳା, ସାହିତ୍ୟ, ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ।

**ମୀନ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହୋଇଯିବେ। ନିକଟ ସମ୍ପର୍କୀୟମାନେ କୌଣସି ଘରୋଇ ଆଲୋଚନା ସକାଶେ ଆପଣଙ୍କୁ ଡାକିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ଦକ୍ଷତା ହେତୁ କର୍ମକ୍ଷେତ୍ରରେ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

ଆଜି ଜାନୁୟାରୀ ୨୬ ତାରିଖ,ସାଧାରଣତନ୍ତ୍ର ଦିବସ, ଅନ୍ତର୍ଜାତୀୟ ସୀମା ଶୁଳ୍କ ଦିବସ, ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ମାଘ ଶୁକ୍ଳ ଦ୍ୱିତୀୟା ରବିବାର, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଶରଣ, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଆଜି ଶନି ମକର ରାଶିକୁ ଯିବେ (ଶନି ଗୋଚରରେ ମେଷ, ସିଂହ, ବିଛା, ମୀନ ରାଶି ପାଇଁ ଶୁଭଫଳ ପ୍ରଦାନ କରିବେ)। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୭ମି. ଗତେ ଘ୫।୩୦ମି. ମଧ୍ୟେ ରାହୁକାଳ।

## ଜିଲା ଚିଠି
### ମୟୂରଭଞ୍ଜ

# ପର୍ଯ୍ୟଟନ ଶିଳ୍ପ

ମୟୂରଭଞ୍ଜ ଜିଲାରେ ରହିଛି ବହୁ ପର୍ଯ୍ୟଟନ ସ୍ଥଳ। ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଶିମିଳିପାଳ ସହିତ ବହୁ ଜଳପ୍ରପାତ, ମନ୍ଦିର, ଐତିହାସିକ ସ୍ଥାନ ରହିଛି। ହେଲେ ଏହି ସବୁର ରକ୍ଷଣାବେକ୍ଷଣ ତଥା ପ୍ରଚାରପ୍ରସାର ଦିଗରେ ରାଜ୍ୟ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି। ବିଭିନ୍ନ ସଙ୍ଗଠନ ଏହି ଦାବି ନେଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଜିଲାରେ ନ ରହି ଭୁବନେଶ୍ୱରରେ ରହିଛି। ଫଳରେ ଜିଲାର ଆବଶ୍ୟକତା ଓ ବାସ୍ତବତା କେହି ବୁଝି ପାରୁନାହାନ୍ତି। ପର୍ଯ୍ୟଟନ ଅଧିକାରୀ ଭୁବନେଶ୍ୱରରେ ରହି ମୟୂରଭଞ୍ଜ ଜିଲା ପାଇଁ କାମ କରୁଛନ୍ତି। କେଉଁ କାରଣରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏପରି ପଦକ୍ଷେପ ନେଇଛନ୍ତି ତାହା ବୁଝାପଡୁ ନାହିଁ। ଅନ୍ୟପକ୍ଷେ ଜିଲାରେ କୌଣସି ଶିଳ୍ପ ନ ଥିବାରୁ ଶିକ୍ଷିତ ଯୁବତୀଯୁବକମାନେ ବେକାର ରହିଛନ୍ତି। ଏପରି ସ୍ଥିତିରେ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ଥିବାରୁ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ବିଭିନ୍ନ ସଙ୍ଗଠନ ଦାବି କରିଆସୁଛନ୍ତି। କାରଣ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ହେଲେ ଜିଲାର ବେକାର ଯୁବତୀଯୁବକମାନେ ନିଯୁକ୍ତି ପାଇପାରିବେ। ସବୁଠୁ ବଡ କଥା ହେଉଛି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର କରାଯାଉଥିବା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଜିଲାର କୌଣସି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇନାହିଁ। ଶିମିଳିପାଳ ଅଭୟାରଣ୍ୟକୁ ବିଭିନ୍ନ ରାଜ୍ୟ ସମେତ ବିଦେଶୀ ପର୍ଯ୍ୟଟକମାନେ ପ୍ରତିବର୍ଷ ଆସୁଛନ୍ତି। ଏନେଇ ସରକାରୀ ରେକର୍ଡ ମଧ୍ୟ ରହୁଛି। ଏହି ଜିଲାର ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ପଦକ୍ଷେପ ନେଲେ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ମୟୂରଭଞ୍ଜ ଜିଲାର ସ୍ଥାନ ସ୍ୱତନ୍ତ୍ର ହୋଇ ପାରିବ। ବେକାର ଯୁବତୀଯୁବକମାନେ ଏହି କ୍ଷେତ୍ରରେ ସହଜରେ ନିଯୁକ୍ତି ପାଇବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

– ରବି ନାରାୟଣ ଚଲାନ

# ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ

ନୂଆଦିଲ୍ଲୀ,୨୫।୧

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ଏବଂ ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ଭାବେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଛି। ୭୧ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ୭ ଜଣଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରାଯିବାକୁ ଥିବାବେଳେ ୧୬ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୮ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ। ଜର୍ଜ ଫର୍ଣ୍ଣାଣ୍ଡିସ ମଧ୍ୟ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ୍ଧ ଜଗନ୍ନାଥ, ମହିଳା ବକ୍ସର ଏମ୍.ସି. ମେରିକମ୍, ଶାସ୍ତ୍ରୀୟ ଗାୟକ ପଣ୍ଡିତ ଶ୍ରୀ ଛନ୍ନୁଲାଲ ମିଶ୍ର, ଶ୍ରୀ ବିଶ୍ୱେଶତୀର୍ଥ ସ୍ୱାମୀଜୀ(ମରଣୋତ୍ତର) ଏହି ପୁରସ୍କାର ପାଇବେ। କଳା, ସମାଜ ସେବା, ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ, ଶିଳ୍ପ, ଚିକିତ୍ସା, ସାହିତ୍ୟ, ଶିକ୍ଷା, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ। ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ମୋଟ ୧୪୧ ଜଣଙ୍କ ମଧ୍ୟରୁ ୩୪ ଜଣ ମହିଳା ଏବଂ ୧୮ ଜଣ ବିଦେଶୀ କିମ୍ବା ପ୍ରବାସୀ ଭାରତୀୟ। ୧୨ ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

# ପ୍ରଧାନମନ୍ତ୍ରୀ ଫସଲ ବୀମାକୁ ନେଇ ବିବାଦ

ସମ୍ବଲପୁର,୨୫।୧(ବ୍ୟୁରୋ)-ସମ୍ବଲପୁର ଜିଲାରେ ୨୦୧୮ ପ୍ରଧାନମନ୍ତ୍ରୀ ଖରିଫ ଫସଲ ବୀମା ଚାଷୀଙ୍କୁ ଘୋଷଣା ପରେ ବି ମିଳିନାହିଁ । ଏହାକୁ ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନ, ବିକ୍ଷୋଭ, ମହାବନ୍ଦ ପାଳନ, ରାସ୍ତାରୋକେ ଏପରି କି ୪୧ ଦିନ ରିଲେ ଅନଶନ କରି ଦାବି ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହେଲେ ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦେଇ କଥା ରଖୁନାହିଁ। ଏହାକୁ ନେଇ କୁଚିଣ୍ଡା ଉପଖଣ୍ଡ ଚାଷୀମାନେ ଉଗ୍ରରୂପ ଧାରଣ କରିଛନ୍ତି । କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର ମୋଟ ୫୫ଟି ପଞ୍ଚାୟତରେ ତାଲା ପକାଇ ଦେଇଛନ୍ତି । ଏହା ସହ ଆସନ୍ତାକାଲି ସ୍ୱାଧୀନତା ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଛନ୍ତି । ସମସ୍ତ ପଞ୍ଚାୟତ, ସ୍କୁଲ, କଲେଜ ଏବଂ ଅନୁଷ୍ଠାନମାନଙ୍କରେ ଚାଷୀ ସଙ୍ଗଠନ କଳା ବ୍ୟାଜ୍ ପିନ୍ଧି ଉପସ୍ଥିତ ରହିବେ । ଏସମ୍ପର୍କରେ ଚାଷୀ ନେତା କୁଶଧ୍ୱଜ ଚୌଧୁରୀ କହିଛନ୍ତି, ସ୍ୱାଧୀନତା ଦିବସ ପାଳନ କରିବୁ ହେଲେ ଚାଷୀମାନେ କଳା ବ୍ୟାଜ୍ ପରିଧାନ କରି ଉପସ୍ଥିତ ରହିବେ । ଜାତୀୟ ପତାକାକୁ ସମ୍ମାନ ଜଣାଇ ପତାକା ଉତ୍ତୋଳନ କରିଦେବାକୁ ସହଯୋଗ କରିବୁ । ହେଲେ ତା'ପରେ ହେଉଥିବା ସଭା ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ବିରୋଧ କରାଯିବ ବୋଲି କହିଥିଲେ ।

ପ୍ରଥମ ପୃଷ୍ଠାରୁ...

# ୧୦ ଓଡ଼ିଆଙ୍କୁ...

ଓଡ଼ିଶାର ୯ ଓଡ଼ିଆ ମନୋନୀତ ହୋଇଛନ୍ତି। ନୟାଗଡ଼ ଜିଲାର ବାପା-ଝିଅ ପ୍ରଫେସର ରାଧାମୋହନ ଏବଂ ସାବରମତୀ ଜୈବିକ କୃଷିରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ପାଇବେ। କଳା କ୍ଷେତ୍ରରେ ବିଶିଷ୍ଟ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସ୍ୱର୍ଗତ ମନମୋହନ ମହାପାତ୍ରଙ୍କୁ ମରଣୋତ୍ତରଭାବେ ପଦ୍ମଶ୍ରୀ ସମ୍ମାନ ମିଳିବ। ସେହିଭଳି କଳା କ୍ଷେତ୍ରରେ ପ୍ରସିଦ୍ଧ ରଙ୍ଗବତୀ ଗୀତର ରଚୟିତା ତଥା ଗୀତିକାର ମିତ୍ରଭାନୁ ଗୌନ୍ତିଆ ଏବଂ ଚୌଦ୍ୱାରର ବିଖ୍ୟାତ ଘୋଡ଼ାନାଚ ଶିଳ୍ପୀ ଉତ୍ସବ ଚରଣ ଦାସ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏହାବ୍ୟତୀତ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସାନ୍ତାଳୀ ଲେଖିକା ଡ. ଦମୟନ୍ତୀ ବେଶ୍ରା ଏବଂ ସାହିତ୍ୟିକା ବୀଣାପାଣି ମହାନ୍ତି, ପଶୁପାଳନ କ୍ଷେତ୍ରରେ ପ୍ରାଣୀ ଚିକିତ୍ସିକ ଡ. ବଟକୃଷ୍ଣ ସାହୁ ଓଡ଼ିଶାରୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ତଥା ଓଡ଼ିଶା ଜନ୍ମିତ ବରିଷ୍ଠ ଅର୍ଥନୀତିଜ୍ଞ ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନଜନକ ପଦ୍ମଶ୍ରୀ ପାଇବେ। ସେହିଭଳି କଟକ ଜିଲା ଜନ୍ମିତ ପ୍ରଫେସର ଡ. ଦିଗାମ୍ବର ବେହେରା ମେଡିସିନ୍ କ୍ଷେତ୍ରରେ ଚଣ୍ଡିଗଡ଼ ସରକାରଙ୍କ ତରଫରୁ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ତଥା ନାଗାଲାଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ସି. ଜମିର ଚଳିତବର୍ଷ ପଦ୍ମଭୂଷଣ ପାଇବାକୁ ଘୋଷଣା ହୋଇଛି।

# କଣ୍ଟ୍ରାକ୍ଟର...

ଭାଇ ନିରାକାର ଗୁରୁ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ- ୧୯/୨୦ରେ ଏକ ମାମଲା ରୁଜୁ କରି ସଂସ୍ଥାର ନିର୍ଦ୍ଦେଶକ ଦିଲ୍ଲୀପଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି।

ତେବେ ଏହି ଦୁର୍ଘଟଣାର ତଦନ୍ତ ଦିଲ୍ଲୀର ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ କରିବ ବୋଲି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ବି.ଭି. ରାଓ କହିଛନ୍ତି। ଯାଞ୍ଚ କରି ଟିମ୍ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ପୋଲିସ ନିକଟରେ ଅଭିଯୋଗ କରାଯିବ। ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବା କାର୍ଯ୍ୟ ସଂପୃକ୍ତ ଠିକା ସଂସ୍ଥାର ଦାୟିତ୍ୱ ବୋଲି ରାଓ କହିଛନ୍ତି।



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଜିଲାସ୍ତରୀୟ ଆନ୍ତକ୍ଲବ କ୍ରିକେଟ ପ୍ରତିଯୋଗିତା, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।

■ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ, ସହୀଦ ସ୍ତମ୍ଭ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ୯ଟା ।

■ସମ୍ବଲପୁର ପୁସ୍ତକ ମେଳା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟାରୁ ରାତି ୯ଟା ।

■ଚିତ୍ରକଳା କର୍ମଶାଳା ଓ ପ୍ରତିଯୋଗୀତା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟା ।

**ରିଷିଡା**

■ଆଞ୍ଚଳିକ ଲୋକମହୋତ୍ସବର ୧ମ ଦିବସ, ଗଜବାହାଲ, ପୂର୍ବାହ୍ନ ୧୧ଟା ।

**ବରଗଡ଼**

■ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଃଶୁଳ୍କ ବସ୍ ଚଳାଚଳ ସେବାର ଶୁଭାରମ୍ଭ, ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା, ସକାଳ ୭ଟା ।

■ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ଜର୍ଜ ହାଇସ୍କୁଲ ପଡ଼ିଆ, ପୂର୍ବାହ୍ନ ୮ଟା ୩୦ ମିନିଟ୍ ।

■ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସାହୁଟିକ୍ରା(ତୋରା), ପୂର୍ବାହ୍ନ ସାଢେ ୮ଟା।

■ଏକ ସାଲ୍ ସାଇ କେ ନାମ୍ କାର୍ଯ୍ୟକ୍ରମ, ଲୋକମଣ୍ଡପ ପଡ଼ିଆ, ସନ୍ଧ୍ୟା ସାଢେ ୫ଟା ।

**ବୌଦ୍ଧ**

■ମା ଭୈରବୀ ଫୁଟବଲ କପ୍ ପ୍ରଥମ ସେମିଫାଇନାଲ, ଭୈରବୀ ମିନି ଷ୍ଟାଡିୟମ ପୁରୁଣାକଟକ, ଅପରାହ୍ନ ସାଢେ ୩ଟା ।

■ବୌଦ୍ଧ ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଜିଲା କୋର୍ଟ ପରିସର, ସକାଳ ୮ଟା ।

■ସାଧାରଣତନ୍ତ୍ର ଦିବସ ପାଳନ, କଚେରୀ ଖେଳ ପଡିଆ, ୮ଟା ୩୦।

**ଦେବଗଡ**

■ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।

■ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ, ଦେବଗଡ ସୂଚନା କେନ୍ଦ୍ର, ଅପରାହ୍ନ ୩ଟା।

■ମାରୱାଡି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ମାରୱାଡି ଧର୍ମଶାଳା, ପୂର୍ବାହ୍ନ ୧୦ଟା।

■ଘରୋଇ କ୍ରିକେଟ୍ ଲିଗ୍ ମ୍ୟାଚ୍, ଅଣ୍ଡର ୧୬ ଓ ୧୯ର ପଞ୍ଚମ ଦିନ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଓ ମହୁଲଡ଼ିପା ସାହି, ନାଳ ପଡ଼ିଆ ଷ୍ଟାଡିୟମ, ସମୟ ସକାଳ ୯ଟା ।

**ବିଜେପୁର**

■ବ୍ଲକସ୍ତରୀୟ ଜଣତନ୍ତ୍ର ଦିବସ ପାଳନ, ବିଜେପୁର ହାଇସ୍କୁଲ ପଡିଆ, ପୂର୍ବାହ୍ନ ୯ଟା।

**ଲୋଇସିଂହା**

■ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ଲୋଇସିଂହା ଷ୍ଟାଡିୟମ, ସକାଳ ୮ଟା।

■ଝାରମୁଣ୍ଡା ଆଥଲେଟିକ ଆଶୋସିଏଶନ ପକ୍ଷରୁ କମ୍ବଳ ବଣ୍ଟନ, ନମ୍ବର ୨ ଝାରମୁଣ୍ଡା, ଅପରାହ୍ନ ୨ଟା।

■ ନିଯୁକ୍ତି ମେଳା, ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା, ପୂର୍ବାହ୍ନ ୧୦ଟା।

# ଏସ୍‌ବିଆଇ କେନ୍ଦ୍ରୀୟ ବୋର୍ଡକୁ ଦେବାଶିଷ ପଣ୍ଡା ମନୋନୀତ



ନୂଆଦିଲ୍ଲୀ,୨୫।୧

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସେବା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ ଦେବାଶିଷ ପଣ୍ଡାଙ୍କୁ ସରକାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କେନ୍ଦ୍ରୀୟ ବୋର୍ଡକୁ ମନୋନୀତ କରିଛନ୍ତି। କେନ୍ଦ୍ରୀୟ ବୋର୍ଡରେ ସେ ନିର୍ଦ୍ଦେଶକ ଭାବେ କାମ କରିବେ ବୋଲି ଏସ୍‌ବିଆଇ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ତାଙ୍କ ପୂର୍ବରୁ ଏହି ପଦବୀରେ ମନୋନୀତ ପ୍ରତିନିଧି ଭାବେ ରବି ମିତ୍ତଲ ଅବସ୍ଥାପିତ ଥିଲେ। ମିତ୍ତଲଙ୍କୁ ବର୍ତ୍ତମାନ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ପଣ୍ଡା ୧୯୮୭ ବ୍ୟାଚ୍ ଉତ୍ତର ପ୍ରଦେଶ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହୋଇଥିବାବେଳେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇର ନେଟ୍ ଲାଭ ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ତ୍ରୈମାସରେ ୨୧୮% ବୃଦ୍ଧି ଘଟି ୩୦୧୧.୭୩ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ତ୍ରୈମାସରେ ଏହା ୯୪୪.୮୭ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସମ୍ପତ୍ତି ଗୁଣବତ୍ତାରେ ଏହି ସମୟରେ ଉନ୍ନତି ଆସିଥିବା ଏହା ସୂଚନା ଦେଇଛି।










# ପ୍ରତିବାଦ ଯଥାର୍ଥ



ଆକାର ପଟେଲ

ଜାନୁୟାରୀ ୨୫, ଶନିବାର ସୁଦ୍ଧା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ୨୪ ଘଣ୍ଟିଆ ପ୍ରତିବାଦ ସଂଖ୍ୟା ୫୦ ଟପିଛି। ଅହମଦାବାଦ, ଆଲିଗଡ଼, ଆଲ୍ଲାହାବାଦ, ଔରଙ୍ଗାବାଦ, ବାଙ୍ଗାଲୋର, ବରେଲୀ, ଭାଗଲପୁର, ଭୋପାଳ, କୋଚିନ, ଦରଭଙ୍ଗା, ଦେଓବନ୍ଦ, ଦେୱାସ, ଗୟା, ଗୋପାଳଗଞ୍ଜ–ସିୱାନ, ଇନ୍ଦୋର, ଜବଲପୁର, କଲ୍ୟାଣ, କିଷନଗଞ୍ଜ, କୋଲକାତା, କୋଟା, ଲକ୍ଷ୍ନୌ, ମୁମ୍ବା, ମୁଜାଫରପୁର, ନାନ୍ଦେଡ଼, ନାଳନ୍ଦା, ପର୍ଭାନି, ପାଟନା, ପୁଣେ, ରାଞ୍ଚି, ସମ୍ବଲ, ସମସ୍ତିପୁର, ଟୋଙ୍କ ଓ ବିଜୟୱାଡ଼ାରେ ଭାରତୀୟମାନେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। କେତେକ ସହରରେ ଏକାଧିକ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। କେବଳ ଦିଲ୍ଲୀରେ ଏକ ଡଜନରୁ ଅଧିକ ପ୍ରତିବାଦ ହୋଇଛି।

ଏହା ଏକ ଗଣ–ଆନ୍ଦୋଳନ, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ପ୍ରତିବାଦକାରୀଙ୍କ ଭିତରେ ପ୍ରତିବଦ୍ଧତା ଦେଖିବାକୁ ମିଳିଥିଲା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଗୁଡ଼ିକର କେହି ନେତା ନ ଥିଲେ। ସେମାନଙ୍କର ପ୍ରତିବଦ୍ଧତା ଓ ନୀତି ନରେନ୍ଦ୍ର ମୋଦି ସରକାରକୁ ପଛଘୁଞ୍ଚା ଦେବାକୁ ବାଧ୍ୟ କରିଛି। ଏନ୍‌ଆର୍‌ସିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ସିଏଏ ଏବେ କୋର୍ଟର ବିଚାରାଧୀନ ଥିବାବେଳେ ରାମବିଳାସ ପାଶ୍ୱାନ ଓ ପ୍ରକାଶ ଜାଭ୍‌ଡେକରଙ୍କ ସମେତ ତିନିଜଣ ମନ୍ତ୍ରୀ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍‌)ରେ ମାତାପିତାଙ୍କ ସ୍ଥାନ ଓ ଜନ୍ମତାରିଖ ପଞ୍ଜୀକୃତ ହେବା ନେଇ ରହିଥିବା ନିୟମ ଉପରେ ପାଣି ଢାଳିଛନ୍ତି। ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଥିବା ଏକ ସରକାର ବିରୋଧରେ ଏହା ଏକ ବିରାଟ ସଫଳତା। ପ୍ରଶ୍ନ ହେଉଛି ପ୍ରତିବାଦକାରୀମାନେ କାହିଁକି ଏକା ଏକା ଲଢ଼େଇ କରୁଛନ୍ତି ଏବଂ ରାଜନୈତିକ ଦଳଗୁଡ଼ିକ କାହିଁକି ଏହି ଆନ୍ଦୋଳନରେ ସାମିଲ ହେଉନାହାନ୍ତି। ପୁଣି ବିରୋଧୀ ଦଳଗୁଡ଼ିକ ଏଥିରୁ ନିବୃତ୍ତ ରହିବା ଫଳରେ ସିଏଏ–ବିରୋଧୀ ଆନ୍ଦୋଳନ ଦୁର୍ବଳ ହୋଇଛି କି?

ପ୍ରଥମତଃ ଉପରେ ଯେଉଁ ସହରଗୁଡ଼ିକର ନାମ ଉଲ୍ଲେଖ କରାଗଲା, ସେଥିମଧ୍ୟରୁ ପ୍ରାୟ ଅଧଡଜନ ହେଉଛି ଉତ୍ତରପ୍ରଦେଶର। ପ୍ରତିବାଦକାରୀଙ୍କ ବିରୋଧରେ ଅଧିକାଂଶ ହିଂସା ଏହି ରାଜ୍ୟରେ ହୋଇଛି। କିନ୍ତୁ ରାଜନୈତିକ ଦଳଗୁଡ଼ିକ ଆନ୍ଦୋଳନରୁ ଦୂରେଇ ରହିଛନ୍ତି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ବହୁସଂଖ୍ୟକ ଯୁବକଙ୍କୁ ମତେଇବାର ସାମର୍ଥ୍ୟ ରଖିଥିଲେ ମଧ୍ୟ ଏହା ପୂରା ଚୁପ୍ ରହିଛି। କାରଣ ଅଖିଳେଶ ଭାବୁଛନ୍ତି, ଉତ୍ତରପ୍ରଦେଶରେ ଏହାକୁ ହିନ୍ଦୁ–ମୁସଲମାନ ଲଢ଼େଇ ଭାବରେ ଦେଖାଯିବ ଏବଂ ହିନ୍ଦୁ (ଯାଦବ) ଭୋଟଗୁଡ଼ିକ ତାଙ୍କ ହାତରୁ ଚାଲିଯିବ। ତେଣୁ ଆନ୍ଦୋଳନକାରୀଙ୍କୁ ସମର୍ଥନ କଲେ ତାଙ୍କୁ କିଛି ଲାଭ ମିଳିବ ନାହିଁ।

ମାୟାବତୀଙ୍କ ପାଇଁ ପରିସ୍ଥିତି ଆଉ ଟିକେ ଜଟିଳ। ସିଏଏ ବିରୋଧରେ ସେ ଅଖିଳେଶଙ୍କ ଅପେକ୍ଷା ଅଧିକ ତମ୍ବିତୋଫାନ କରିଛନ୍ତି। କିନ୍ତୁ ତାଙ୍କ କ୍ୟାଡର ତାଙ୍କୁ ପ୍ରତିବାଦକାରୀଙ୍କ ସହ ଯୋଗଦେବାକୁ ବାରଣ କରିଛନ୍ତି। ସେ ଭୟ କରୁଛନ୍ତି ନିଜକୁ 'ରାବଣ' ବୋଲାଉଥିବା ଯୁବ ଦଳିତ ନେତା ଚନ୍ଦ୍ରଶେଖର ଆଜାଦ, ଯିଏ ହିନ୍ଦୁ ଜାତିବାଦକୁ ମାନନ୍ତି ନାହିଁ, ତାଙ୍କ ଆଡୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ସେ ଉତ୍ତରପ୍ରଦେଶର ସହରଗୁଡ଼ିକରେ ତୃଣମୂଳ ସ୍ତରରେ ନିଜର ଅସ୍ତିତ୍ୱ ଜାହିର କରିବା ସହିତ ବହୁଜନ ସମାଜ ପାର୍ଟିର ଦଳିତ ଭିତ୍ତି ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ମାୟାବତୀ ଭାବୁଛନ୍ତି ଏହା ଏପରି ଏକ ପ୍ରସଙ୍ଗ ନୁହେଁ, ଯାହା ତାଙ୍କ ଭୋଟରମାନଙ୍କୁ ପ୍ରଭାବିତ କରିବ। ତେଣୁ ସେ ଆନ୍ଦୋଳନ ଭିତରେ ପଶିବାକୁ ଚାହୁଁନାହାନ୍ତି। ତା'ଛଡ଼ା ଶୁଣିବାକୁ ମିଳୁଛି ଯେ, ତାଙ୍କ ବିରୋଧରେ ଅନେକ ମାମଲା ରହିଥିବାରୁ ମୋଦି ସରକାରଙ୍କ ପକ୍ଷରୁ ସେ ଅତ୍ୟନ୍ତ ଚାପରେ ଅଛନ୍ତି। କାରଣ ଲାଲୁ ପ୍ରସାଦ ଯାଦବଙ୍କ ପରି ସେ ଜେଲରେ ଶଢ଼ିବାକୁ ଚାହୁଁନାହାନ୍ତି।

ପ୍ରତିବାଦକାରୀଙ୍କ ସହ ଖୋଲାଖୋଲି ମୈଦାନକୁ ଓହ୍ଲାଇଥିବା ଏକମାତ୍ର ଦଳ ହେଉଛି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ। ଏହା ଏକ ଅସ୍ୱାଭାବିକ ଦଳ, ଯିଏ କ୍ଷମତାରେ ଥାଉ ବା ନ ଥାଉ ସବୁବେଳେ ପ୍ରଚାର ମୋଡ୍‌ରେ ଥାଏ ଏବଂ ଏହା ହେଉଛି ପ୍ରଚାରର ଏକ ଉତ୍କୃଷ୍ଟ ମାଧ୍ୟମ। ତେବେ ଅଧିକାଂଶ ବିରୋଧୀ ଦଳ ଖୋଲାଖୋଲି ପ୍ରତିବାଦରୁ ଦୂରେଇ ରହିବା ଫଳରେ ସିଏଏ–ବିରୋଧୀ ଆନ୍ଦୋଳନ ଦୁର୍ବଳ ହେବ କି? ସତ କଥା ହେଲା, ଏହା ଦୁର୍ବଳ ହେବ ନାହିଁ ଏବଂ ତା'ର ଅନେକ କାରଣ ଅଛି। ପ୍ରଥମ କଥା ହେଲା ପ୍ରତିବାଦକାରୀମାନେ କୌଣସି ଦଳର ସାହାଯ୍ୟ ଚାହିଁନାହାନ୍ତି। ବିଭିନ୍ନ ସ୍ଥାନରୁ ଲଢ଼େଇ କରୁଥିବାରୁ ସେମାନେ ଏକ ସଂଗଠିତ ସଂସ୍ଥା ନୁହନ୍ତି। ଲକ୍ଷ ଲକ୍ଷ ପ୍ରତିବଦ୍ଧ ମଣିଷ ଗୋଟିଏ କାରଣ ପାଇଁ ଲଢୁଛନ୍ତି। ଦ୍ୱିତୀୟତଃ ବୃହତ୍ତମ ରାଜନୈତିକ ଦଳ ଭାଜପା ସମେତ କୌଣସି ରାଜନୈତିକ ଦଳ ଏତେ ସଂଖ୍ୟକ ଲୋକଙ୍କୁ ଉପେକ୍ଷା କରିପାରିବ ନାହିଁ। ରାଜନୈତିକ ଗତିବିଧି ତ ଦେଖିବାକୁ ମିଳିବ ଓ ମିଳୁଛି କାରଣ ରାଜନୈତିକ ଦଳ ଏହା ଚାହୁଁଛି, ସାଧାରଣ ଜନତା ନୁହନ୍ତି। ସେଥିପାଇଁ ରାଜନୈତିକ ଦଳ ଏହା ସପକ୍ଷରେ ରାଲି କରାଉଛନ୍ତି। କିନ୍ତୁ ସିଏଏ ବିରୋଧରେ ଯେଉଁ ଆନ୍ଦୋଳନ ଦେଖିବାକୁ ମିଳୁଛି ତାହା ସ୍ୱତଃସ୍ଫୂର୍ତ୍ତ। ତୃତୀୟତଃ ରାଜନୈତିକ ଦଳଗୁଡ଼ିକ ପ୍ରତିବାଦରୁ ଦୂରେଇ ରହିବା ଫଳରେ ଆନ୍ଦୋଳନ ସମସ୍ତଙ୍କର ବିଶ୍ୱାସଯୋଗ୍ୟ ହୋଇପାରିଛି। ପ୍ରତିବାଦକାରୀ ମୋଦି ସରକାରକୁ ଗାଦିଚ୍ୟୁତ କରିବାକୁ ଦାବି କରୁନାହାନ୍ତି। ସେମାନେ କେବଳ ଅସାମ୍ବିଧାନିକ ଓ ପକ୍ଷପାତମୂଳକ ଆଇନକୁ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି। ସେଥିପାଇଁ ସରକାର ଉଭୟ ଭିତରୁ ଓ ବାହାରୁ ଏବଂ ବାହାର ଦେଶଗୁଡ଼ିକରୁ ଚାପରେ ଅଛନ୍ତି। ପ୍ରତିବାଦକାରୀଙ୍କ ଦାବି ଯୁକ୍ତିଯୁକ୍ତ ଏବଂ ସେମାନଙ୍କର ପ୍ରତିବାଦର ଶୈଳୀ ମଧ୍ୟ ଯଥାର୍ଥ।

Email: aakar.patel@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | | 5 | | 3 | | E | | | | 2 | B | |
| | | | 9 | | | 8 | 0 | | | 7 | | | | 3 |
| | | | 1 | 6 | | | | | | 0 | | | | |
| | 4 | 6 | | | | | | | C | 5 | | 9 | | |
| | 2 | | | 7 | E | | 4 | | | 6 | A | | | |
| | | | | C | 1 | | 9 | | | 4 | | | | |
| 3 | | | | | 8 | 4 | | D | 2 | | | 1 | | |
| | | | | | | 5 | 2 | C | | | D | | | 0 |
| 6 | | | D | B | 9 | | | | | A | | | | |
| | C | | | 2 | | 1 | 8 | | | | B | | | |
| 9 | | C | | E | | | | | | | | 3 | | |
| | | 7 | | | 2 | | | 8 | | | | E | | |
| | | E | 8 | | 7 | D | | 9 | 5 | | | | 2 | |
| | 0 | 2 | 5 | | | 7 | | 6 | | E | | D | 4 | C |
| | 6 | B | C | 1 | | | | 2 | 8 | | | | 0 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | E | 1 | 6 | 0 | 3 | C | 9 | D | 7 | 5 | B | A | 8 |
| 9 | 3 | C | 2 | 8 | 4 | A | 1 | E | 0 | 6 | B | D | 5 | 7 |
| 1 | A | 6 | B | 5 | C | 7 | 0 | D | E | 9 | 8 | 2 | 3 | 4 |
| 5 | D | B | A | 9 | 7 | 6 | 8 | 4 | 2 | C | 3 | E | 0 | 1 |
| 0 | 7 | 8 | E | 3 | D | B | 5 | 2 | 1 | 4 | A | C | 9 | 6 |
| 7 | E | A | 8 | C | B | 1 | D | 3 | 9 | 2 | 0 | 6 | 4 | 5 |
| 8 | 0 | 9 | 4 | A | 3 | 2 | 6 | C | 5 | B | D | 7 | 1 | E |
| C | 5 | 3 | 6 | 7 | E | 9 | B | A | 4 | 8 | 1 | 0 | 2 | D |
| 6 | 2 | 4 | 5 | D | 1 | 0 | E | 8 | 3 | A | 7 | 9 | C | B |
| B | 1 | D | 9 | 0 | 2 | 4 | 7 | 5 | 6 | E | C | 3 | 8 | A |
| D | B | 1 | 3 | 2 | 9 | E | 4 | 0 | 8 | 5 | 6 | A | 7 | C |
| 4 | 6 | 7 | D | 1 | 5 | C | 3 | B | A | 0 | 9 | 8 | E | 2 |
| 3 | 8 | 2 | 7 | B | A | 5 | 9 | 1 | C | D | E | 4 | 6 | 0 |
| A | C | 5 | 0 | E | 8 | D | 2 | 6 | 7 | 3 | 4 | 1 | B | 9 |
| E | 9 | 0 | C | 4 | 6 | 8 | A | 7 | B | 1 | 2 | 5 | D | 3 |

ଗତକାଲିର ଉତ୍ତର

# ଦୀର୍ଘଜୀବୀ ହେଉ ଆମ ଗଣତନ୍ତ୍ର



ପ୍ରକାଶ ତ୍ରିପାଠୀ

ଜାନୁୟାରୀ ୨୪, ୧୯୫୦ରେ ଇଂଲିଶ ଖବରକାଗଜ ହିନ୍ଦୁସ୍ଥାନ ଟାଇମ୍ସର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା ଏକ ଦୃଷ୍ଟି ଆକର୍ଷଣକାରୀ କାର୍ଟୁନ। ଦୃଶ୍ୟଟି ଥିଲା ଏକ ଡାକ୍ତରଖାନାର ପ୍ରସବ କୋଠରିର। ବେଡ୍ ଉପରେ ଶୋଇଥାନ୍ତି ସଦ୍ୟ ସନ୍ତାନପ୍ରସବା ଭାରତମାତା। ବେଡ୍ ପାଖରେ ଗୋଟିଏ ସଦ୍ୟଜାତ ସନ୍ତାନ (ଗଣତାନ୍ତ୍ରିକ ଭାରତ)କୁ ଧରି ଠିଆ ହୋଇଥାନ୍ତି ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ଡ. ବି.ଆର୍. ଆମ୍ବେଦକର ଓ ପାଖରେ ଠିଆ ହୋଇ ସହାସ୍ୟବଦନରେ ଶିଶୁଟିକୁ ଦେଖୁଥାନ୍ତି ଡ. ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ସେମାନଙ୍କ ପଛରେ ଠିଆହୋଇ ଫାଙ୍କରେ ଶିଶୁଟିକୁ ଦେଖୁଥାନ୍ତି ଜଣେ ସାଧାରଣ ଭାରତୀୟ। ଏଠାରେ ଉକ୍ତ କାର୍ଟୁନ ସମ୍ପର୍କିତ ଖବର ଉପସ୍ଥାପନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି– ୧୯୫୦ରେ ଜନ୍ମଲାଭ କରିଥିବା ସାଧାରଣତନ୍ତ୍ର ଭାରତକୁ ଆଜି ସତୁରି ପୂରି ଏକସ୍ତରି ବର୍ଷ ଚାଲିଲା। ବିଗତ ସତୁରି ବର୍ଷ ମଧ୍ୟରେ ସମାଜବାଦୀ, ଧର୍ମନିରପେକ୍ଷ ଗଣରାଜ୍ୟ ଭାରତ କେତେଦୂର ନିଜକୁ ବିଶ୍ୱ ସମୁଦାୟରେ ସଫଳ ପ୍ରତିପାଦିତ କରିପାରିଛି ତାହା ଉପରେ ସମ୍ୟକ୍ ଦୃଷ୍ଟିଦେବା।

୧୯୪୭ରେ ଭାରତ ସ୍ୱାଧୀନ ହେଲା ଓ ଏକ ସର୍ବବୃହତ୍ ସମ୍ବିଧାନ ପ୍ରଣୟନ ସହ ଏକ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ପରିଚିତ ହେଲା ଏହାର ତିନିବର୍ଷ ପରେ ଅର୍ଥାତ୍ ୧୯୫୦ରେ। ମାତ୍ର ଭାରତରୁ ବିଚ୍ଛିନ୍ନ ହୋଇ ଏକ ସମୟରେ ସ୍ୱାଧୀନତା ହାସଲ କରିଥିବା ପାକିସ୍ତାନକୁ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲାଗିଯାଇଥିଲା ଦୀର୍ଘ ନଅବର୍ଷ। କେବଳ ପଡୋଶୀ ପାକିସ୍ତାନ ନୁହେଁ ଅନ୍ୟ ପଡୋଶୀ ଦେଶ ନେପାଳ, ବର୍ମା ଓ ବାଂଲାଦେଶରେ ସମ୍ବିଧାନକୁ ବଦଳାଯାଇଛି ବା ବାତିଲ କରିଦିଆଯାଇଥିଲା ବେଳେ ଦୀର୍ଘ ୭୦ ବର୍ଷ ଧରି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖି ଆସିଛି ଭାରତ ଓ ଏସିଆ ମହାଦେଶର ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଆସିଛି। ଶହେରୁ ଅଧିକ ଥର ସଂଶୋଧନ ହୋଇଥିବା ସତ୍ତ୍ୱେ ଭାରତ ଆଜି ତା'ର ସମ୍ବିଧାନ ଓ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରିଆସିଛି ଏବଂ ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା ଭଳି ସୁସ୍ଥ ଓ ସଫଳ ଗଣତାନ୍ତ୍ରିକ ଦେଶ ସହ ନିଜକୁ ଯୋଡିପାରିଛି। ଗଣତନ୍ତ୍ର ଓ ସାମାଜିକ ନ୍ୟାୟ ଉପରେ ତିଷ୍ଠିରହିଥିବା ଭାରତ ବିଶ୍ୱ ସମୁଦାୟକୁ ପ୍ରମାଣ ଦେଇଆସିଛି ଯେ, ଶାସନ ବ୍ୟବସ୍ଥାର ସବୁଠାରୁ ଅଧିକ ସଫଳ ବ୍ୟବସ୍ଥା ହେଉଛି ଗଣତାନ୍ତ୍ରିକ ପଦ୍ଧତି। ଗଣତାନ୍ତ୍ରିକ ବ୍ୟବସ୍ଥାର ଇତିହାସ ୨୦୦୦–୩୦୦୦ ବର୍ଷର ହେଲେ ମଧ୍ୟ ଆଧୁନିକ ଗଣତନ୍ତ୍ରର ବୟସ ମାତ୍ର ୨୦୦ରୁ ୩୦୦ ବର୍ଷ। ସେ ଦୃଷ୍ଟିରୁ ମାତ୍ର ସତୁରି ବର୍ଷୀୟ ଭାରତୀୟ ଗଣତନ୍ତ୍ର କନିଷ୍ଠ ହେଲେ ବି ଏକ ସୁସ୍ଥ, ସବଳ ଓ ସଫଳ ଗଣତନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷତାରେ ବିଶ୍ୱାସ ରଖୁଥିବା ଭାରତୀୟ ଗଣତନ୍ତ୍ର ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ନ୍ୟାୟ ପ୍ରଦାନ ସହ ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ପ୍ରଦାନ କରିଆସିଛି। ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରୀୟ ଐକ୍ୟ ଓ ସଂହତି ସ୍ଥାପନପୂର୍ବକ ପରସ୍ପର ମଧ୍ୟରେ ଭ୍ରାତୃଭାବକୁ ଉଜ୍ଜୀବିତ କରିପାରିଛି। ଭାରତ ସ୍ୱାଧୀନତା ସମୟରେ ବିଭାଜନଜନିତ କ୍ଷତି, ଏକ ନିୟୁତ ଲୋକ ମୃତାହତ, ଦଶ ନିୟୁତ ଲୋକ ସ୍ଥାନାନ୍ତର, ୫୬୫ ଦେଶୀୟ ରାଜ୍ୟ ଭାରତ ସହ ମିଶ୍ରଣ ଓ ସର୍ବୋପରି କଶ୍ମୀର ସଙ୍କଟ ମଧ୍ୟରେ ପ୍ରସ୍ତୁତ ହୋଇଥିଲା ବିଶ୍ୱର ସର୍ବବୃହତ୍ ଭାରତୀୟ ସମ୍ବିଧାନ। ଅନେକ ତର୍କବିତର୍କ ମଧ୍ୟରେ ଗୃହୀତ ହୋଇଥିଲା ଏହି ଚିଠା ପ୍ରସ୍ତାବ। ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ବୁଧବାର ସକାଳ ଦଶଟା ଅଠର ମିନିଟରେ ସେ ସମୟର ଗଭର୍ନମେଣ୍ଟ ହାଉସ (ବର୍ତ୍ତମାନର ରାଷ୍ଟ୍ରପତି ଭବନ)ର ଦରବାର ହଲରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଘୋଷଣା କରିଥିଲେ ତତ୍କାଳୀନ ଭାରତର ଶେଷ ଗଭର୍ନର ଜେନେରାଲ ସି. ରାଜଗୋପାଳଚାରୀ। ଏହାର ଛଅ ମିନିଟ ପରେ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ଡ. ରାଜେନ୍ଦ୍ର ପ୍ରସାଦ। ୩୧ ତୋପସଲାମି ପ୍ରଦାନ ପୂର୍ବକ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଓ ସମ୍ବିଧାନ ପ୍ରଣୟନର ଶୁଭାରମ୍ଭ ହେଲା। ନିଜର ଅଭିଭାଷଣରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ କହିଥିଲେ ଯେ, ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଜନ୍ମଗ୍ରହଣ କରିଥିବା ଭାରତବର୍ଷର ଲକ୍ଷ୍ୟ ହେଉଛି ଏହାର ନାଗରିକଙ୍କୁ ସ୍ୱତନ୍ତ୍ରତା ଓ ସମତା ପ୍ରଦାନ ତଥା ଏହି ବିଶାଳ ଦେଶର ସୀମା ଭିତରେ ରହୁଥିବା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବା। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ସହ ଭାରତ ମୈତ୍ରୀଭାବ ରକ୍ଷା କରିବ ଓ ଦେଶରୁ ରୋଗ, ଗରିବୀ ଓ ଅଜ୍ଞାନତାର ବିନାଶ ପାଇଁ ଯତ୍ନବାନ ହେବ। ପ୍ରଥମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଅନୁଯାୟୀ ଭାରତ ତା'ର ଲକ୍ଷ୍ୟପଥରେ ଆଗେଇ ଚାଲିଛି।

ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରକୁ ସୁଦୃଢରୁ ସୁଦୃଢତର କରିବାରେ ଭାରତୀୟ ନାଗରିକଙ୍କ ଅବଦାନ ପ୍ରଶଂସାଯୋଗ୍ୟ। ଭାରତୀୟ ସମ୍ବିଧାନ କେବଳ ଆମର ମୌଳିକ ଅଧିକାରକୁ ଅକ୍ଷୁଣ୍ଣ ରଖିନାହିଁ। ବରଂ ଦେଶ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଓ ଦେଶପ୍ରେମ ଶିଖାଇଆସିଛି। ଦେଶର ଏକତା, ଅଖଣ୍ଡତା ଓ ଧର୍ମନିରପେକ୍ଷତାକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ସମୟରେ ପ୍ରତ୍ୟେକ ଭାରତୀୟ ଏକଜୁଟ ହୋଇଛନ୍ତି। ଜାତୀୟ ସ୍ୱାର୍ଥ ଆଗରେ ବ୍ୟକ୍ତିଗତ ସ୍ୱାର୍ଥ ନିଷ୍ପ୍ରଭ ହୋଇଛି। ବିଭିନ୍ନତାରେ ଏକତା ଆମ ମଜଭୁତ ଗଣତନ୍ତ୍ରର ପ୍ରମାଣ ଦିଏ। ଅହିଂସା, ସହିଷ୍ଣୁତା ଏ ଦେଶର ଜାତୀୟ ଚରିତ୍ର।

ମହାକାଶ ଗବେଷଣାରେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରଗୁଡିକ ସହ ଭାରତ ଆଜି ସମକକ୍ଷ। କ୍ରୀଡା କ୍ଷେତ୍ରରେ ଏହା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥିତି ଜାହିର କରିପାରିଛି। ବିଜ୍ଞାନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କାରିଗରି ଜ୍ଞାନକୌଶଳ କ୍ଷେତ୍ରରେ ଏହା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୧୨୫ କୋଟି ଦେଶବାସୀଙ୍କ ପାଇଁ ଖାଦ୍ୟ ସୁରକ୍ଷା କରିପାରିଛି। ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ, ନୀଳ ବିପ୍ଳବ ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ପୁଷ୍ଟିଯୁକ୍ତ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶିକ୍ଷା, ଚିକିତ୍ସା, ଶିଳ୍ପ, ଯୋଗାଯୋଗ, ରାସ୍ତାଘାଟ, ପରିବହନ ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି। ତୃତୀୟ ଅର୍ଥନୈତିକ ମହାଶକ୍ତି ଭାବେ ଉଭା ହେବାକୁ ଭାରତ ଆଜି ପ୍ରସ୍ତୁତ ହେଉଛି। ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ପରିଚିତ ହେବା ସହ କାହା ନାଲି ଆଖିରେ ଡରିଯିବାର ସ୍ଥିତିରେ ଆଜି ଆଉ ଭାରତ ନାହିଁ ବୋଲି ଅନ୍ତତଃ ସ୍ୱୀକାର କରିବାକୁ ପଡିବ।

ବ୍ୟକ୍ତି ସ୍ୱାଧୀନତା, ସମାନତା, ମାନବାଧିକାର, ଉତ୍ତରଦାୟିତ୍ୱକୁ ସମ୍ମାନ ପ୍ରଦାନ କରୁଥିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା କୁହାଯାଇଥାଏ। ଫରାସୀ ବିପ୍ଳବ ପରଠାରୁ ଅନ୍ୟ ବିକଳ୍ପ ଶାସନ ବ୍ୟବସ୍ଥା ଅପେକ୍ଷା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅଧିକ ଉତ୍କୃଷ୍ଟ ବୋଲି ବାରମ୍ବାର ପ୍ରତିପାଦିତ ହୋଇଛି। କିନ୍ତୁ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ମତକୁ ବି ଅଣଦେଖା କରାଯିବା ଅନୁଚିତ। ତାଙ୍କ ମତରେ ଗଣତନ୍ତ୍ରର ସ୍ୱାଦ ମିଠା ସେଇଠି, ଯେଉଁଠି ଲୋକେ ଶିକ୍ଷିତ ଓ ସଚେତନ। ଏ ଦିଗରେ କିଛି ଦଶନ୍ଧି ହେବ ଭାରତର ରାଜନୈତିକ ସ୍ଥିତି, ପ୍ରଶାସନିକ ବ୍ୟବସ୍ଥା ତଥା ସାମାଜିକ ଚିତ୍ର ଦେଖିଲେ ମନରେ ଭାରତର ଭବିଷ୍ୟତକୁ ନେଇ ବେଳେ ବେଳେ ଆଶଙ୍କା ଜାତ ହୁଏ। ଯେଉଁ ଅହିଂସା ପରମ ଧର୍ମ ସ୍ଲୋଗାନରୁ ଶହ ଶହ ବର୍ଷର ଗୋଲାମିରୁ ମୁକ୍ତି ପାଇ ଭାରତ ସ୍ୱାଧୀନତା ହାସଲ କଲା, ସେହି ଆଚରଣ କ୍ରମଶଃ ଭାରତୀୟ ଜନମାନସରୁ ଅପସରି ଯାଉଛି। ହିଂସାକାଣ୍ଡ, ପୋଡାଜଳା, ଦଙ୍ଗା ଓ ବଳାତ୍କାର ଭଳି ଅସାମାଜିକ ଘଟଣା ବେଳେ ବେଳେ ଶାନ୍ତିପ୍ରିୟ ଭାରତର ଆତ୍ମାକୁ ବ୍ୟଥିତ କରୁଛି। ପ୍ରତି କ୍ଷେତ୍ରରେ ଦୁର୍ନୀତି ଭାରତର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଛି। କୁସଂସ୍କାର, ଅନ୍ଧବିଶ୍ୱାସ ସମୂଳେ ଲୋପ ପାଇନି। ରାଜନୀତି ଏକ ସାମାଜିକ ସେବା ଅପେକ୍ଷା ସର୍ବାଧିକ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ପେସା ଭାବେ ଧାରଣା ସୃଷ୍ଟି ହେଲାଣି। ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର କାର୍ଯ୍ୟକଳାପ ଦେଶବାସୀଙ୍କ ପାଇଁ କ୍ରମଶଃ ଭରସାହୀନ ହେବାରେ ଲାଗିଛି। ଅଲିଖିତ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ବି ନିରପେକ୍ଷ ହୋଇପାରୁ ନାହିଁ। ନିର୍ବାଚନରେ ବାହୁବଳ, ଅର୍ଥବଳ ବୃଦ୍ଧି ପାଉଥିବାରୁ ଯଥାର୍ଥ ଲୋକପ୍ରତିନିଧି ନିର୍ବାଚିତ ହେବାରେ ବାଧା ସୃଷ୍ଟି ହେଉଛି। ରାଜନୀତିରେ ଅପରାଧତତ୍ତ୍ୱ ବୃଦ୍ଧି ପାଉଛି। କଳେବଳେ କ୍ଷମତା ଦଖଲ ଯଦି ରାଜନୈତିକ ଦଳର ମୁଖ୍ୟ ଲକ୍ଷ୍ୟ ହୁଏ ସେଠି ଗଣତନ୍ତ୍ରର ସୁଫଳ ଆଶା କରିବା ହାସ୍ୟାସ୍ପଦ। ଅସହିଷ୍ଣୁତାର ଗନ୍ଧ ଏବେ ସମାଜର ପ୍ରତିଟି କ୍ଷେତ୍ରରେ ବାରି ହୋଇ ପଡିଲାଣି। ସମ୍ବିଧାନ, ଶାସନ ପ୍ରଣାଳୀ, ରାଜନୈତିକ ଦଳ, ନିର୍ବାଚନ, ଏସବୁ ଲୋକତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମାତ୍ର ଯେପର୍ଯ୍ୟନ୍ତ ଲୋକଙ୍କଠାରେ ନୈତିକତା ରହିବନାହିଁ, ଆଚାର–ବିଚାର ଠିକ୍ ରହିବ ନାହିଁ ସେପର୍ଯ୍ୟନ୍ତ ଉତ୍ତମ ସମ୍ବିଧାନ ଓ ରାଜନୈତିକ ପ୍ରଣାଳୀ ଥାଇ ମଧ୍ୟ ଲୋକତନ୍ତ୍ରର ସୁଫଳ ମିଳିପାରିବ ନାହିଁ। ଦେଶ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଓ ସମର୍ପଣ ଭାବ ସୃଷ୍ଟିହୋଇପାରିଲେ ଭାରତୀୟ ଗଣତନ୍ତ୍ର ଦୀର୍ଘଜୀବୀ ହେବାସହ ପ୍ରଗତିର ଶିଖରରେ ପହଞ୍ଚିପାରିବ।

Email–prakas.tripathy09@gmail.com

# ଟିକସ ବିଶାରଦରୁ ପ୍ରଧାନମନ୍ତ୍ରୀ

## ବ୍ୟକ୍ତିତ୍ୱ



ମିଖାଇଲ ମିଶୁଷ୍ଟିନ୍

ଜଣେ ଜଣାଶୁଣା ଅର୍ଥନୀତିଜ୍ଞ ତଥା ରାଜନେତା ମିଖାଇଲ ମିଶୁଷ୍ଟିନ ନିକଟରେ ରୁଷିଆର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥନୀତିରେ ମାନ୍ଦାବସ୍ଥା ରହିଥିବାବେଳେ ମିଶୁଷ୍ଟିନଙ୍କୁ ଦିଆଯାଇଥିବା ଏହି ଗୁରୁଦାୟିତ୍ୱ ଉପରେ ଦେଶ ଭରସା କରିବା ସ୍ୱାଭାବିକ। ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବି ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ରୁଷିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଡିମିତ୍ରି ମେଡ୍‌ଭେଡେଭ୍ ୧୫ ଜାନୁୟାରୀ, ୨୦୨୦ରେ ଇସ୍ତଫା ଦେବା ପରେ ପୁଟିନ ସେହିଦିନ ମିଶୁଷ୍ଟିନଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦେଇଥିଲେ ଓ ତା'ପରଦିନ ସେ ଷ୍ଟେଟ୍ ଡୁମା ଦ୍ୱାରା ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ।

ମିଶୁଷ୍ଟିନ ରୁଷିଆର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଫେଡେରାଲ ଟ୍ୟାକ୍ସ ସର୍ଭିସର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରେ ସେ ଷ୍ଟାଙ୍କିନ୍‌ରୁ ମେଜରିଂ ଇନ୍ ସିଷ୍ଟମ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ୧୯୯୨ରେ ସେଠାରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ମିଶୁଷ୍ଟିନ ଏକ ଟେଷ୍ଟ ଲାବରେଟୋରି ଫ୍ୟାସିଲିଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୨ରେ ଅନ୍ତର୍ଜାତୀୟ କମ୍ପ୍ୟୁଟର କ୍ଲବ୍‌ରେ ଯୋଗଦେଇ ସେଠାରେ ରୁଷିଆ ଓ ପାଶ୍ଚାତ୍ୟ ଯୋଗାଯୋଗ ଜ୍ଞାନକୌଶଳର ଏକୀକରଣ ସୁବିଧା ଲାଗି କାର୍ଯ୍ୟ କରି ସମୟକ୍ରମେ ସେହି ସଂସ୍ଥାର ମୁଖ୍ୟ ହୋଇପାରିଥିଲେ। ୧୯୯୮ରେ ଷ୍ଟେଟ ସର୍ଭିସର ଇନ୍‌ଫର୍ମେଶନ ସିଷ୍ଟମ୍‌ରେ ସହଯୋଗୀ ଭାବେ ଯୋଗ ଦେଇଥିଲେ। ୧୯୯୮ରୁ ୨୦୦୪ ଯାଏ ସେ ଡେପୁଟି ଟ୍ୟାକ୍ସ ମିନିଷ୍ଟର ଭାବେ ଦାୟିତ୍ୱ ନେଇ ଷ୍ଟେଟ୍ ଟ୍ୟାକ୍ସ ସର୍ଭିସରେ ଦ୍ୱିତୀୟ ମୁଖ୍ୟ ହୋଇଥିଲେ। ସେ ଏହି ସମୟରେ ରୁଷିଆର ଆର୍ଥିକ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଫେଡେରାଲ ଏଜେନ୍ସି ଫର୍ ରୟଲ ଇଷ୍ଟେଟ୍ କାଡାଷ୍ଟ୍ରେର ମୁଖ୍ୟ ଭାବେ ଦାୟିତ୍ୱ ନର୍ବାହ କରିବା ସହ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ପରିଚାଳନା ଲାଗି ଫେଡେରାଲ ଏଜେନ୍ସିର ମୁଖ୍ୟ ମଧ୍ୟ ହୋଇପାରିଥିଲେ। ୨୦୦୮ରେ ମିଶୁଷ୍ଟିନ ପ୍ରଶାସନିକ ସେବା ଛାଡି ଘରୋଇ କ୍ଷେତ୍ରକୁ ପ୍ରବେଶ କରିବା ପରେ ଦୁଇବର୍ଷ ଲାଗି ୟୁଏଫ୍‌ଜି ଆସେଟ ମ୍ୟାନେଜମେଣ୍ଟ ନାମକ ଏକ ପୁଞ୍ଜିନିବେଶ ଫଣ୍ଡର ସଭାପତି ପଦ ଅଳଂକୃତ କରିଥିଲେ । ଫେଡେରାଲ ଟ୍ୟାକ୍ସ ସର୍ଭିସ(ଏଫଟିଏସ୍)ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଯାଏ ସେ ଏହି ପଦବୀରେ ରହିଥିଲେ। ଏହାପରେ ମିଶୁଷ୍ଟିନ ଫେବୃୟାରୀ ୨୦୦୯ରେ ରାଷ୍ଟ୍ରପତିଙ୍କ ପର୍ସନାଲ ରିଜର୍ଭ ଭାବେ ଯୋଗ ଦେଇଥିଲେ। ୨୦୧୦ରେ ସେ ଫେଡେରାଲ ଟ୍ୟାକ୍ସ ସର୍ଭିସର ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ମିଶୁଷ୍ଟିନ ଯେହେତୁ ବିଜ୍‌ନେସ ଧାରା ଦେଇ ଆସିଥିଲେ ସେଥିଲାଗି ତାଙ୍କ ଉପରେ ଶିଳ୍ପପତିଙ୍କର ଆଶାସଂଚାର ହୋଇଥିଲା। ଏହି ପଦବୀରେ ରହିବା ପରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଣେ କୁଶଳୀ ଟେକ୍ନୋକ୍ରାଟ ଭାବେ ଏବଂ ଟିକସ ସରଳୀକରଣ ତଥା ବୈଦ୍ୟୁତିକ ଟିକସସେବା ଲାଗି ତାଙ୍କ ଖ୍ୟାତି ଢ଼େର ବଢିଯାଇଥିଲା। ଏହି ସମୟରେ 'ଡାର୍ଟି ଡାଟା' ଓ ଅନୁଚିତ ଭାଟ୍ ଫେରସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ତାଙ୍କ କାର୍ଯ୍ୟକାଳର ଉଲ୍ଲେଖନୀୟ ଘଟଣା। ସେ ଡିଜିଟାଇଜେଶନ ଓ 'ବିଗ୍ ଡାଟା' ଉପରେ ବି ଗୁରୁତ୍ୱ ଦେଇଥିଲେ। ଅନ୍‌ଲାଇନ କ୍ୟାଶ୍ ରେଜିଷ୍ଟର ପଦ୍ଧତି ଲାଗୁ କରାଇବା ଥିଲା ତାଙ୍କ ଦକ୍ଷତାର ପରିଚୟ। ଟ୍ୟାକ୍ସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ସେ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସ ସିଷ୍ଟମ ମଧ୍ୟ ଲାଗୁ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାଟ୍ ଗ୍ୟାପ ୨୦ ପ୍ରତିଶତରୁ ହ୍ରାସ ପାଇ ୧ ପ୍ରତିଶତରୁ କମ୍ ହୋଇପାରିଥିଲା। ଏହା ଥିଲା ଦେଶର ଅର୍ଥନୈତିକ ଅବସ୍ଥାରେ ସୁଧାର ଆଣିବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ତାଙ୍କ ସଫଳ ନେତୃତ୍ୱର ପରିଚୟ ପ୍ରଦାନ କରିଥିଲା।

ସେ ୩ ଜାନୁୟାରୀ ୧୯୬୬ରେ ମସ୍କୋ ନିକଟସ୍ଥ ଲୋବନିୟା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଭ୍ଲାଦିମିର ମିଶୁଟିନ ରୁଷୀୟ ଓ ମା' ଲୁଇସ ଥିଲେ ଜଣେ ଆମେରିକୀୟ। ମିଶୁଷ୍ଟିନଙ୍କ ସ୍ତ୍ରୀଙ୍କ ନାମ ଭ୍ଲାଡଲେନା ୟୁର୍‌ବନା ମିଶୁଷ୍ଟିନ୍ ଓ ତାଙ୍କର ତିନି ପୁଅ ଅଛନ୍ତି। ସେ କେବଳ ରାଜନୀତି ନୁହେଁ ଆଇସ୍ ହକି ମଧ୍ୟ ଖେଳନ୍ତି। ଖେଳ ଦେଖିବାକୁ ଭାରି ଭଲ ପାଉଥିବା ମିଶୁଷ୍ଟିନ ଏଚ୍‌ସିଏସ୍‌କେଏ ମସ୍କୋ ପର୍ଯ୍ୟବେକ୍ଷକ ବୋର୍ଡର ସଦସ୍ୟ ରହିଛନ୍ତି। ସେ ଖେଳପ୍ରିୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପୁଟିନଙ୍କର ଅଧିକ ନିକଟତର ହୋଇପାରିଥିଲେ। କେବଳ ଏତିକି ନୁହେଁ ମିଶୁଷ୍ଟିନ ଜଣେ ସୌଖୀନ ସଙ୍ଗୀତକାର। ସେ ପପ୍ ସଙ୍ଗୀତ ମଧ୍ୟ ଲେଖିଛନ୍ତି। ଏମିତିକି ଗାୟକ ଗ୍ରିଗୋରି ଲେପ୍ସଙ୍କ ପାଇଁ ସଙ୍ଗୀତ ଦେଇଛନ୍ତି। ପେଣ୍ଟିଂ ପ୍ରତି ମଧ୍ୟ ତାଙ୍କର ଦୁର୍ବଳତା ରହିଛି।

–ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

ବିଭିନ୍ନ ସ୍ଥାନରେ ବାହାଘର ଜାକଜମକରେ କରାଯାଉଥିବା ବେଳେ ପଞ୍ଜାବର ବଠିଣ୍ଡାରେ ଅନୁଷ୍ଠିତ ଏକ ନିରାଡମ୍ବର ବାହାଘର ଏବେ ଚର୍ଚ୍ଚାରେ। ବୁକ୍‌ଷ୍ଟଲ୍ ଓ ମଞ୍ଚସ୍ଥ ନାଟକ ଥିଲା ଏହି ବାହାଘରର ମୁଖ୍ୟ ଆକର୍ଷଣ। ବଠିଣ୍ଡାର ମେହତା ଗାଁର ପରମିନ୍ଦର କୌରଙ୍କ ଝିଅ ଜଗଜିତ ସିଂଙ୍କ ସହ ବର୍ନାଲାର ପରମିନ୍ଦର ସିଂଙ୍କ ପୁତ୍ରଙ୍କ ବାହାଘର ହୋଇଥିଲା। ସ୍ନାତକ ବରକୁ ଓ ସ୍ନାତକୋତ୍ତର କନ୍ୟାଙ୍କ ବିବାହ ସ୍ଥଳରେ ନା ଥିଲା ସାଜସଜ୍ଜା ନା ବାଜୁଥିଲା ଡିଜେ। ବାହାଘରରେ ଯୌତୁକର ପ୍ରଶ୍ନ ଉଠି ନ ଥିଲା। ବିବାହ ସ୍ଥଳରେ ବଠିଣ୍ଡାର ତର୍କଶୀଳ ସୋସାଇଟି ପକ୍ଷରୁ ବୁକ୍ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲ୍‌ରୁ ବାହାଘର ପରେ ବର ଓ କନ୍ୟା ୮ଟି ବହି କିଣିଥିଲେ। ବାହାଘରରେ ମଦର ସ୍ଥାନ ନ ଥିଲା, ବରଂ ମଦ ସମ୍ପର୍କରେ ଏକ ବ୍ୟଙ୍ଗ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହାବାଦ୍ ରାଜନୀତିର ନକାରାତ୍ମକ ଧାରା ଉପରେ ମଧ୍ୟ ଆଉ ଏକ ନାଟକ ପରିବେଷଣ କରାଯାଇଥିଲା।

## ଚିରନ୍ତନୀ

ଦୂର ବନକୋଳୁଁ ଭାସି ଆସେ ତା'ର
ମଧୁର ଗୀତି
ରହି ରହି ମୋର ମରମେ ବାଜେ ତା'
ବିଧୂର ଯତି।
ବନର ବିହଗୀ ପରାଏ ତାହାର
ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୫

- ଭାରତ–ଦ.ଆଫ୍ରିକା ମିଳିତ କମିଶନ ଗଠନ ଓ ସହଯୋଗ ବୃଦ୍ଧି ପାଇଁ ୩ଟି ରାଜିନାମା ସ୍ୱାକ୍ଷରିତ।
- ଦକ୍ଷିଣ କୋରିଆର ରାଷ୍ଟ୍ରପତି କିମ୍ ୟାଙ୍ଗ୍ ସାମ୍‌ଙ୍କୁ ଅହିଂସା ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ମୁଗ, ବିରି ବିହନ ମିଳୁ

ମହାଶୟ,

ଫନୀ ମହାବାତ୍ୟା ଯୋଗୁ ସତ୍ୟବାଦୀ ବ୍ଲକର ବିଦ୍ୟାଧରପୁର ଗ୍ରାମର ଅନେକ ଭୂମ୍ୟଧିକାରୀଙ୍କ ଜମିରୁ ମୁଗ, ବିରି ଅମଳ ହୋଇ ନ ପାରି ନଷ୍ଟ ହୋଇଯାଇଥିଲା। ସେହି ମୁଗ, ବିରି କ୍ଷତିର ସରଜମିନ ତଦନ୍ତ ହୋଇ ଫଟୋ, ଆଧାରକାର୍ଡ, ବ୍ୟାଙ୍କ ପାସବୁକ୍ ପ୍ରଥମ ପୃଷ୍ଠାର ନକଲ ଦେଇ ମଧ୍ୟ କ୍ଷତିପୂରଣ ମିଳିନାହିଁ। କେବଳ କଖାରୁ, କାକୁଡି, ବାଇଗଣ, ଭେଣ୍ଡି ବିହନର ଏକ ପ୍ୟାକେଟ ମିଳିଛି। କୃଷି ବିଭାଗ ତରଫରୁ ମୁଗ, ବିରି ବିହନ ମିଳିନାହିଁ। ଲୋକେ ଧାନ କାଟି ଜମି ହଳ କରି ପକାଇଛନ୍ତି। ମୁଗ, ବିରି ବିହନ ନ ପାଇ ହତାଶ ହେଉଛନ୍ତି। ଶୁଣାଯାଉଛି କୌଣସି ସ୍ୱେଚ୍ଛାସେବୀ ସଂଗଠନଠାରୁ ମୁଗ, ବିରି ମଞ୍ଜି ମୁହଁଚିହ୍ନା ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୋଲାଉଥିବା ବ୍ୟକ୍ତି ଗ୍ରହଣ କରିଛନ୍ତି। ତୁରନ୍ତ ମୁଗ, ବିରି ବିହନ ସରକାର ବଣ୍ଟନ କରନ୍ତୁ। ରିହାତି ଦରରେ ମିଳିବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

ମନମୋହନ ପ୍ରଧାନ, ଶ୍ରୀରାମଚନ୍ଦ୍ର ଦାଶ, ଦୟାନିଧି ସାହୁ,
ଗଦାଧର ପଣ୍ଡା, ବାମଦେବ ବାରିକ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ମାନ୍ଦାବସ୍ଥା ପାଇଁ ଦାୟୀ କିଏ

ଭାରତର ଆର୍ଥିକ କ୍ଷେତ୍ରରେ ଯେଉଁ ଗୁରୁତର ମାନ୍ଦାବସ୍ଥା ସୃଷ୍ଟି ହୋଇଛି ସେଥିପାଇଁ ଅନେକେ ଚାଇନା–ଆମେରିକା ବାଣିଜ୍ୟ ଯୁଦ୍ଧ ବା ବିଶ୍ୱ ମାନ୍ଦାବସ୍ଥାକୁ ଦାୟୀ କରୁଛନ୍ତି। ମାତ୍ର ଏହା ଠିକ୍ ନୁହେଁ। ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରିମାସୀରେ ଭାରତର ଜିଡିପି ଅଭିବୃଦ୍ଧି ୫ ପ୍ରତିଶତ ଓ ୨ୟ ତ୍ରିମାସୀରେ ୪.୫ ପ୍ରତିଶତକୁ ହ୍ରାସ ପାଇଲା। ଗତବର୍ଷ ପ୍ରଥମ ତ୍ରିମାସୀରେ ଏହା ୯ ପ୍ରତିଶତ ଥିଲା। ଚାଇନା–ଆମେରିକା ବାଣିଜ୍ୟ ଯୁଦ୍ଧ ସତ୍ତ୍ୱେ ଚାଇନାର ଜିଡିପି ଚଳିତବର୍ଷର ପ୍ରଥମ ତ୍ରିମାସୀରେ ୬.୨% ଓ ୨ୟ ତ୍ରିମାସୀରେ ୬% ରହିପାରିଛି। ଏଣୁ ଭାରତର ମାନ୍ଦାବସ୍ଥା ପାଇଁ ବିଶ୍ୱ ମାନ୍ଦାବସ୍ଥା ଅପେକ୍ଷା ଆଭ୍ୟନ୍ତରୀଣ କାରଣ ଅଧିକ ଦାୟୀ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୋନୁ



ରମେଶ



ହେମନ୍ତ



ଦସ୍ତୁକଣ୍ଠ



ସୁମନ୍ତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ରେଡିଏନ୍ସ- ୨୦୨୦'

**ରେଙ୍ଗାଲି, ୨୫।୧ (ଡି.ଏନ.ଏ):** ଜୀବନର ଆଶା ଓ ଲକ୍ଷ୍ୟ ନିର୍ଦ୍ଧାରିତ କରି ସମସ୍ତ ବାଧାବିଘ୍ନ ସହ ସଂଘର୍ଷ କରି ବିଜୟ ହୋଇ ଲକ୍ଷ୍ୟଭେଦ କରିବାକୁ ପଡିବ। ଛାତ୍ରୀଛାତ୍ରମାନେ ହତାଶ ହୁଅ ନାହିଁ ସମ୍ଭାବନାର ଦ୍ୱାର ସଦାସର୍ବଦା ଖୋଲା ଅଛି। ସଂଘର୍ଷ ଏବଂ ଅକ୍ଳାନ୍ତ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିଥାଏ। ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଉପରୋକ୍ତ କଥା କହିଛନ୍ତି। ଶନିବାର ଆଦର୍ଶ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ ଉତ୍ସବ ରେଡିଏନ୍ସ-୨୦୨୦ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା'ସରସ୍ୱତୀଙ୍କ ଫଟୋଚିତ୍ର ସମ୍ମୁଖରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୁରଜମଲ କଲେଜର ଅଧ୍ୟକ୍ଷ ଡ. ମନୋଜ ପଣ୍ଡା ମୁଖ୍ୟବକ୍ତା, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଜ୍ଞିତା ସାହୁ, ଶଶିମା ବାରିକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ନିକେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମେଡାଲ, ଟ୍ରଫି ଓ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନବୀନ ସାହୁ, ଲୁସି ସାହୁ ଏବଂ ଅଭିଭାବକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ନାଚ, ଗୀତ, ନାଟକ ପରିବେଷଣ କରିଥିଲେ।



କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଅନ୍ନଦାନ ଉତ୍ସବ ଅନୁଷ୍ଠିତ

**ହୀରାକୁଦ, ୨୫।୧ (ଡି.ଏନ.ଏ.)-** ଦିବ୍ୟାଂଶୀ ମହିଳା ମଣ୍ଡଳ ରିଭରସାଇଡ୍ କଲୋନୀ, ହିଣ୍ଡାଲକୋ ଆନୁକୂଲ୍ୟରେ ଆଜି ଏକ ଅନ୍ନଦାନ ଉତ୍ସବ ହିଣ୍ଡାଲକୋ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ମହିଳା ମଣ୍ଡଳ ତରଫରୁ ହିଣ୍ଡାଲକୋର କାର୍ଯ୍ୟରତ ବିଭିନ୍ନ ଠିକା କର୍ମଚାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ୧୬୦ଜଣ ଠିକା କର୍ମଚାରୀ ଯୋଗଦେଇଥିଲେ। ଅନ୍ନଦାନ ଉତ୍ସବରେ ମୁଖ୍ୟଅତିଥି ରୂପେ ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ହେଡ ରାଜେଶ କୁମାର ଗୁପ୍ତା ଉପସ୍ଥିତ ଥିବା ବେଳେ ସମ୍ମାନନୀୟ ଅତିଥି ରୂପେ ଜେପି ନାୟକ, ଶ୍ରୀନାଥ ମିଶ୍ର ଓ ସିଏସଆର ପ୍ରମୁଖ ଏ ସତ୍ୟନାରାୟଣ ପ୍ରମୁଖ ଏବଂ ମହିଳା ମଣ୍ଡଳର ସଭାନେତ୍ରୀ ଅର୍ଚ୍ଚନା ଗୁପ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ଅଭିଭାଷଣରେ ମୁଖ୍ୟଅତିଥି ରାକେଶ କୁମାର ଗୁପ୍ତା ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀ କିଭଳି ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହି ସମୟକୁ ଆମ୍ଭେ କିଭଳି ଅତିକ୍ରମ କରିପାରିବା ତାହା ଉପରେ ସୂଚନା ଦେଇଥିଲେ। ମୁଖ୍ୟଅତିଥିଙ୍କ ଏହି ଅଭିଭାଷଣକୁ ସମ୍ମାନନୀୟ ଅତିଥି ଜେପି ନାୟକ, ଶ୍ରୀନାଥ ମିଶ୍ର ଏବଂ ସିଏସଆର ପ୍ରମୁଖ ଏ. ସତ୍ୟନାରାୟଣ ସମର୍ଥନ କରିଥିଲେ। ସତ୍ୟନାରାୟଣ ଦୁଇ ପାଦ ଆଗେଇ ଯାଇ ପରିପାର୍ଶ୍ୱ ଉନ୍ନତି ପାଇଁ ହୀରାକୁଦ ଅଞ୍ଚଳରେ ଆହୁରି ଅନେକ କାର୍ଯ୍ୟ କରିବେ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ମହିଳା ମଣ୍ଡଳ ସଭାନେତ୍ରୀ ଅର୍ଚ୍ଚନା ଗୁପ୍ତା ମଧ୍ୟ ତାଙ୍କ ଅଭିଭାଷଣରେ ଆଗକୁ ଅନେକ କାର୍ଯ୍ୟକ୍ରମ କରିବେ ବୋଲି ସୂଚନା ଦେଇଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**କୁଚିଣ୍ଡା, ୨୫।୧ (ଡି.ଏନ.ଏ)**

କୁଚିଣ୍ଡାସ୍ଥିତ ମାରୱାଡି ଧର୍ମଶାଳାଠାରେ ମାରୱାଡି ମହିଳା ସମିତି ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଗଣା ଚକ୍ଷୁ ଅସ୍ତ୍ରୋପଚାର, ଚଷମା ପ୍ରଦାନ ଆଦି କାର୍ଯ୍ୟକ୍ରମ ରହିଥିଲା । ଶିବିରରେ ସମ୍ବଲପୁର ଏସପି କନୱର ବିଶାଳ ସିଂଙ୍କ ସ୍ତ୍ରୀ ଡ. ପ୍ରୀତି ଶର୍ମା, ପରିତୋଷ ବାରିକ, ବାସନ୍ତୀ ଦାସ, ବିକାଶ, ସିଦ୍ଧେଶ୍ୱର ପ୍ରମୁଖ ସାମିଲ ରହି ନେତ୍ର ପରୀକ୍ଷା, ଚଷମା ପ୍ରଦାନ ଆଦିରେ ସହଯୋଗ କରିଥିଲେ। କୁଚିଣ୍ଡା ମାରୱାଡି ମହିଳା ସମିତିର ସଭାପତି ଉଷା ଅଗ୍ରୱାଲ, ସମ୍ପାଦିକା ସଂଗୀତା ଅଗ୍ରୱାଲ, କୋଷାଧ୍ୟକ୍ଷା ଶିଖା ଅଗ୍ରୱାଲ, ସଭ୍ୟା ବବିତା ଅଗ୍ରୱାଲ, ହେମା ଅଗ୍ରୱାଲ, ନମିତା ଅଗ୍ରୱାଲ, କୁସୁମ ଅଗ୍ରୱାଲ, ମୀରା ଅଗ୍ରୱାଲଙ୍କ ସମେତ ମହିଳା ସମିତିର ସମସ୍ତ ସଭ୍ୟା ଉପସ୍ଥିତ ଥିଲେ। ଚକ୍ଷୁ ଶିବିରକୁ ପ୍ରୀତି ଶର୍ମା ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ସର୍ବମୋଟ ୨୭ ଜଣ ଚକ୍ଷୁ ରୋଗୀ ପଞ୍ଜୀକୃତ ହୋଇଥିଲେ। ତନ୍ମଧ୍ୟରୁ ୩୫ଜଣ ରୋଗୀଙ୍କୁ ମାଗଣା ଚକ୍ଷୁ ପରୀକ୍ଷା ସହ ଚଷମା ପ୍ରଦାନ କରାଯାଇଥିଲା। ୬୯ ଜଣ ରୋଗୀଙ୍କୁ ଚକ୍ଷୁ ପରୀକ୍ଷା ପରେ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟକୁ ସମ୍ବଲପୁରକୁ ପଠାଯାଇଥିଲା। ଲାଇଫ ଲାଇନର ମାଲିକ ଆନନ୍ଦ ଅଗ୍ରୱାଲ ଚକ୍ଷୁ ପରୀକ୍ଷା ଶିବିରରେ ସହଯୋଗ କରିଥିଲେ।

## ମୃତ ଚାଷୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା

**ସମ୍ବଲପୁର, ୨୫।୧ (ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ କୁକୁଡାପାଲି ପଞ୍ଚାୟତ ଅଧୀନ ଲଖମନି କୁସନପୁରୀର ମୃତ ଚାଷୀ ଅଧିକାରୀ ବାଗଙ୍କ ସ୍ତ୍ରୀ ପଙ୍କଜିନୀ ବାଗଙ୍କୁ ଶନିବାର ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲା କୃଷକ ସଂଗଠନ ଉପସଭାପତି ହରିଶଙ୍କର ପୁରୋହିତ, ଦୋଳଗୋବିନ୍ଦ ନାୟକ, ଜଗଦାନନ୍ଦ ନାୟକ ଓ ଦେବେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଅଧିକାରୀ ୧୮ ଅଗଷ୍ଟ, ୨୦୧୯ରେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଷୀ ସଂଗଠନ ପକ୍ଷରୁ ସରକାରଙ୍କ ନିୟମ ଅନୁସାରେ ସହାୟତା ଦେବା ପାଇଁ ପ୍ରଶାସନ ପାଖରେ ଦାବି କରାଯିବା ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯାଇଥିଲା। ଏହାସହ ଶେଷକୃତ୍ୟ ପାଇଁ ତତ୍କାଳ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଶିଖିଥିଲି କାହାଣେ ଛକୋଡ଼ି**
**ଗୀତ ଶିଖିଥିଲି ପଣେ**
**ଯେଦିନୁ ମାଡ଼ିଲି ୟାଙ୍କରି ଘର**
**ସବୁ ପାସୋରିଲି କ୍ଷଣେ ।**

ବାହା ହୋଇ ଝିଅ ଯେବେ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁପରିମାଣରେ ବଢ଼ିଯାଏ। ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି। ଏପରିସ୍ଥଳେ ବାପଘରୁ ଢଗ ଭଳି କିଛି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ିରହି ସେସବୁ ମନରୁ ପାସୋରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢଳିଗଲା ବନ**
**ବଳିଗଲା ମନ**
**ଲେଉଟି ନ ଆସେ ଆଉ ।**

ଥରେ ଯାହା ଘଟି ଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ବଣ ଥରେ ଉଜୁଡ଼ି ଗଲେ ଆଉ ସେ ଶୋଭାବନ ହୋଇପାରି ନ ଥାଏ। ସେହିପରି ମନ ଥରେ ଟଳିଗଲେ ବା ବଦଳିଗଲେ ଆଉ ପୁନଃ ତରଳି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

**5 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ **₹500.00 କୋଟି** ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି ।
ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ **ଜାନୁୟାରୀ 28, 2020 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ।
ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍- **(www.rbi.org.in)** ରେ **ଜାନୁୟାରୀ 24, 2020 (ଶୁକ୍ରବାର)** ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।
"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**ORIGINAL APPLICATION No. 373 OF 2019**
**State Bank of India, SARB, Cuttack** ...Applicant
Versus
**Pratap Kumar Behera** ...Defendant(s)
To
**D-1- Sri Pratap Kumar Behera**, At: Balikuda, P.O: Gopalpur, Dist: Cuttack-753011.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No.-373/2019** in the court of the Debts of Recovery Tribunal, Cuttack for recovery of **Rs.22,09,273/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the date of publication or on **29/02/2020 at 10.30 AM** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **22nd day of January 2020**.
Sd/- (Sri M. K. Pattanaik)
**REGISTRAR, Debts Recovery Tribunal, Cuttack**

# ଜାତୀୟ ମତଦାତା ଦିବସ ପାଳିତ

**କୁଚିଣ୍ଡା, ୨୫।୧ (ଡି.ଏନ.ଏ)**

୧୮ ବର୍ଷରୁ ଅଧିକ ବୟସର ଯୁବତୀ ଯୁବକଙ୍କୁ ରାଜନୈତିକ ପ୍ରକ୍ରିୟାରେ ସାମିଲ କରିବାକୁ ଉତ୍ସାହିତ କରିବା ନିମନ୍ତେ ୨୦୧୧ ମସିହାରୁ ପ୍ରତିବର୍ଷ ପାଳନ କରାଯାଉଛି ଜାତୀୟ ମତଦାତା ଦିବସ। ସେଦିନଠାରୁ ପ୍ରତିବର୍ଷ ଜାନୁୟାରୀ ୨୫ ତାରିଖରେ ନୂଆ ମତଦାତାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି। ଏଥିପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୯୮୮ ପର୍ଯ୍ୟନ୍ତ ମତଦାତାଙ୍କ ବୟସ ୨୧ ବର୍ଷ ଥିଲା। ଚଳିତବର୍ଷ ଏହାକୁ ୧୮ ବର୍ଷ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର କୁଚିଣ୍ଡା ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିରାଟ ପଟୁଆରରେ ବାହାରି ଜନ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ଉପଜିଲାପାଳଙ୍କ ଅଫିସ ପରିସରରେ ପହଞ୍ଚିବା ପରେ ସେଠାରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟାପିକା ସୁଚିତ୍ରା ମିଶ୍ର ଏହାକୁ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଏମଓ ଦାୟିତ୍ୱରେ ଥିବା ଡ. କ୍ଷେତ୍ରମୋହନ, କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ ହିଟଲର ସେନାପତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଡ. ଅମିୟ କୁମାର ପାତ୍ରଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଉପଖଣ୍ଡ କାର୍ଯ୍ୟାଳୟର କର୍ମଚାରୀ, ଅଧିକାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ଭଦ୍ରକ ଅଫିସ,୨୫।୧**

ଭଦ୍ରକ ବ୍ରାଉନସୁଗାର ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି। କିଛିଦିନ ତଳେ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ପୁରୁଣାବଜାର ଅଞ୍ଚଳରୁ ଜଣେ ବୃଦ୍ଧଙ୍କୁ ଗିରଫ କରି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର, ଅଫିମ ଓ ଗଞ୍ଜେଇ ଜବତ କରିଥିଲା। ଶନିବାର କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଭଦ୍ରକ ଜିଲା ସ୍କୁଲ ବଙ୍କସାହି ନିକଟ ଏକ ଘରୁ ପ୍ରାୟ ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବଙ୍କସାହିସ୍ଥିତ ଜିଲା ସ୍କୁଲ ନିକଟରେ ଏକ ଘରେ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ୬୦ଟି ବ୍ରାଉନସୁଗାର ପୁଡ଼ିଆକୁ ଜବତ କରିବା ସହ ବେପାର କରୁଥିବା ହରିଶ୍ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରାଯାଇଛି। ଦୀର୍ଘଦିନ ଧରି ବ୍ରାଉନସୁଗାର ବେପାରୀ ହରିଶ୍ଚନ୍ଦ୍ରଙ୍କୁ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ଖୋଜୁଥିଲା। ସେ ଘର ଭିତରେ ବେପାର କରୁଥିବା କାରଣରୁ ତାଙ୍କୁ ଗିରଫ କରାଯାଇପାରୁ ନ ଥିଲା ବୋଲି ଏହି ଟିମ୍ ସୂଚନା ଦେଇଛି।

# ଜାତୀୟ ରାଜପଥ କାମରେ ପୁଣି ଅନିୟମିତତା

**ସମ୍ବଲପୁର,୨୫।୧(ବ୍ୟୁରୋ)**

### କଂକ୍ରିଟରେ ମିଶୁଛି ପଟୁମାଟି ମିଶାବାଲି

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ୪ ଥାକିଆ କରାଯାଉଛି । ଏହି କାମକୁ ଏକ ଠିକା ସଂସ୍ଥା କରୁଛି । ରାସ୍ତା କାମ ଆରମ୍ଭରୁ କମ୍ପାନୀ ନାମରେ ଅନେକ ଅଭିଯୋଗ ହୋଇ ଆସୁଛି । ରାସ୍ତା କାମ ନିମ୍ନମାନର ହେବାରୁ ବିଭିନ୍ନ ସ୍ଥାନ ଫାଟି ଯାଇଛି। ବିନା ଅନୁମତିରେ ଗଛ କାଟିବା, ବେଆଇନ ଭାବେ ବିଭିନ୍ନ ସ୍ଥାନରୁ ମାଟି ଚୋରି କରିବା, ସଡ଼କ ସୁରକ୍ଷା ବ୍ୟବସ୍ଥା ଓ ସଚେତନତା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବା, ବ୍ୟବହୃତ ହ୍ୟୁମ୍ ପାଇପ ବ୍ୟବହାର କରିବା ଭଳି ଅଭିଯୋଗ ହୋଇଥିଲା । ଅଭିଯୋଗ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏବେ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଯୁଯୁମୁରା ନିକଟସ୍ଥ ଗଡଗଡ ବାହାଲ କ୍ୟାମ୍ପରେ କଂକ୍ରିଟ ତିଆରି ସମୟରେ ବାଲି ବଦଳରେ ପଟୁମାଟି ମିଶାଯାଉଥିବା ଅଭିଯୋଗ ହୋଇଛି। ଫଳରେ କଂକ୍ରିଟ ମାନ କମି ଯାଇଛି ଓ ଅଧିକାଂଶ ସ୍ଥାନରେ ଫାଟ ସୃଷ୍ଟି ହେଉଛି । ବାଲି ଦାମ ଅଧିକ ଥିବାରୁ ମାଟି ମିଶାଯାଉଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କଟେଶ୍ୱରଙ୍କୁ ପଚାରିବାରୁ କଂକ୍ରିଟ ତିଆରି କରିବା ସମୟରେ କୌଣସି ସାମଗ୍ରୀ କମ ବା ଅଧିକ ହେଲେ ମାନ ଉପରେ ଫରକ ପଡିବ। ତେଣୁ ଏହାକୁ ସାଲିସ କରାଯିବ ନାହିଁ। ବାଲିର ମାନ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

**GOVERNMENT OF INDIA**
**MINISTRY OF FINANCE, DEPTT. OF REVENUE**
**OFFICE OF THE ASSISTANT COMMISSIONER, GST & CENTRAL EXCISE**
JHARSUGUDA DIVISION, AT- MAFIDAR LANE, COX COLONY, DIST.- JHARSUGUDA (ODISHA)
**TENDER NOTICE FOR HIRING OF VEHICLE**

Tenders are invited from reputed and experienced tour and Travel Agencies/ Firms located in odisha under two part-bid system for hiring of 01 (ONE) commercial small vehicle like Maruti D'zire/ 5x4 or equivalent model/ size for use by the Office of the assistant Commissioners CGST & Central Excise Division , Jharsuguda, At. Cox Colony, P.O. Industrial Estate- 768203 (Odisha). Interested Agencies/ Firms willing to comply with the term and condition annexed to this notice may submit their bids as given in the instructions for bid submission (Annexure-II & III) on or before 16.02.2020 by 17.30 hrs. The vehicle is to be used on monthly hiring basis subject to maximum of 20/25 days up to 2000 KMs per month of cost ceiling per month Rs. 40,000/- (Exclusive of GST ) as per term and condition available in separate sheet.
2. The Tender document with Annexure I, II & III can be downloaded from the www.cbic.gov.in.

| | |
|---|---|
| Date of publishing the tender | 17.01.2020 |
| Bid/Tender document download start date | 18.01.2020 |
| Last date of submission of Bid/Tender | 16.02.2020 |
| Date of opening of the Technical Bid/Tender | 18.02.2020 |
| Date of opening of Financial Bid/Tender | 18.02.2020 |

3. The Financial Bids (as per Annexure-B) of only those tenders who fulfils the Technical conditions (Annexure-I) and prequalification requirements as mentioned in Annexure-II & II will be opened on 18 February 2020 at 11.00 A.M.
4. The applicants who wish to be present at the time of opening of the Tenders may represent themselves or authorize their representatives with an authority letter for the said purpose. The applicants also if required are requested to produce the vehicle on 17.02.2020 or on any other day for inspection as required by the tender committee. The format of the technical bid and financial bid is enclosed as Annexure II and Annexure III.
5. The Assistant Commissioner, CGST & Central Excise Jharsuguda Division Reserves the right to cancel or postpone the date of opening of quotations without assigning any reason thereof.
NOTE:- Annexure "II" & "III" are to be filled for the vehicle being offered in separate envelopes. Complete copy of RC Book Indicating date of manufacture & registration is to be submitted with Annexure "A" failing which the bid will be disqualified.
**Sd./- (Uday Shankar Singh)**
**Assistant Commissioner**
**CGST & Central Excise Division, Jharsuguda**



ଦିଲ୍ଲୀ ମଡେଲ ଟାଉନ୍ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ କପିଳ ମିଶ୍ରଙ୍କ ଭୋଟ ପ୍ରଚାର ଉପରେ ନିର୍ବାଚନ କମିଶନ ୪୮ ଘଣ୍ଟା କଟକଣା ଜାରି କରିଛନ୍ତି। ତାଙ୍କର ବିବାଦୀୟ ଟୁଇଟ୍ ପାଇଁ ଇସି ଶନିବାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଇସିଙ୍କ ନିର୍ଦ୍ଦେଶକ୍ରମେ କପିଳଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

# ଭାରତରେ 'କରୋନା' ଆତଙ୍କ

**ନୂଆଦିଲ୍ଲୀ,୨୫।୧(ପି.ଟି.)**



■ଅବ୍‌ଜର୍‌ଭେଶନରେ ଆଉ ୭ ଜଣ
■ୟୁହାନରେ ଥିବା ଭାରତୀୟଙ୍କୁ ଫେରିବାକୁ ଅନୁମତି ଦିଆଯାଉ

ଚାଇନାରୁ ଫେରିଥିବା ଆଉ ୭ ଜଣଙ୍କୁ କେରଳର ବିଭିନ୍ନ ହସ୍ପିଟାଲରେ ଅବ୍‌ଜର୍‌ଭେଶନରେ ରଖାଯାଇଛି। ସେମାନଙ୍କୁ କରୋନା ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏପର୍ଯ୍ୟନ୍ତ ଭାରତରେ କୌଣସି ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶନିବାର କହିଛନ୍ତି। କେରଳର ୭ ଜଣ ଯାତ୍ରୀଙ୍କ ନମୁନା ପୁଣେର ଆଇସିଏମ୍ଆର୍-ଏନ୍ଆଇଭି ଲାବୋରେଟୋରିକୁ ପଠାଯାଇଛି। ହର୍ଷବର୍ଦ୍ଧନଙ୍କ ନିର୍ଦ୍ଦେଶରେ ଏନ୍‌ସିଡିସି କଲ୍ ସେଣ୍ଟର (+୯୧-୧୧-୨୩୯୭୮୦୪୬) ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତ ଫେରୁଥିବା ଯାତ୍ରୀମାନଙ୍କୁ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ କରାଯାଉଛି। ଏକାଧିକ କେନ୍ଦ୍ରୀୟ ଟିମ୍ ଏହିସବୁ ବିମାନବନ୍ଦରକୁ ପଠାଯାଇଛି। ପ୍ରତି ଟିମ୍‌ରେ ଜଣେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, କ୍ଲିନିସିଆନ୍ ଓ ମାଇକ୍ରୋବାୟୋଲୋଜିଷ୍ଟଙ୍କୁ ରଖାଯାଇଛି। କରୋନା ଭୂତାଣୁ ପ୍ରତିକାର ଓ ପରିଚାଳନାର ପ୍ରସ୍ତୁତି ସମ୍ପର୍କରେ ବର୍ଦ୍ଧନ ସମୀକ୍ଷା କରିଥିଲେ। ନେପାଳ ସୀମାରେ ଯାଞ୍ଚ କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଚାଇନାରୁ ଫେରୁଥିବା ଯାତ୍ରୀମାନଙ୍କୁ କ'ଣ କରିବାକୁ ହେବ ଓ ସେମାନେ କ'ଣ କରିବେ ନାହିଁ ସେନେଇ ପରାମର୍ଶ ଦିଆଯାଇଥିଲା। ଚାଇନାରେ ଯେଉଁ ଭାରତୀୟ ଅଛନ୍ତି ସେମାନେ ଅସୁସ୍ଥ ଅନୁଭବ କଲେ କିମ୍ବା ଜ୍ୱର ଓ କାଶ ହେଲେ ମୁହଁକୁ ଆବୃତ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଓ ଭାରତୀୟ ଦୂତାବାସକୁ ଜଣାଇବା ପାଇଁ କୁହାଯାଇଛି। ଫେରିବା ବାଟରେ ଯଦି କେହି ଅସୁସ୍ଥ ଅନୁଭବ କରନ୍ତି ତେବେ ବିମାନ କର୍ମଚାରୀଙ୍କୁ ଜଣାଇବାକୁ ଏବଂ ପରିବାର ସଦସ୍ୟ ଓ ଅନ୍ୟ ଯାତ୍ରୀଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ କରୋନା ଭାଇରସ୍ ସଂକ୍ରମଣର କେନ୍ଦ୍ରସ୍ଥଳ ଚାଇନାର ୟୁହାନ ସହରରେ ଅଟକି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରିବା ଲାଗି ଅନୁମତି ଦେବାକୁ ନୂଆଦିଲ୍ଲୀ ପକ୍ଷରୁ ଚାଇନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ୟୁହାନ ସହରକୁ ଏବେ ବାହ୍ୟଜଗତଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦିଆଯାଇଛି ଓ କାହାକୁ ବାହାରକୁ ଛଡ଼ାଯାଉ ନାହିଁ।

## ଚାଇନାରେ ମୃତ୍ୟୁସଂଖ୍ୟା ୪୧

**ବ୍ରାଜିଲ,୨୫।୧**

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ଶନିବାର ୪୧ରେ ପହଞ୍ଚିଛି। ୧୩୦୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨୩୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟ ୧୯୬୫ ଜଣଙ୍କ ଠାରେ ଏହି ଭୂତାଣୁ ଥିବା ସନ୍ଦେହ କରାଯାଉଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ସଂକ୍ରମଣର କେନ୍ଦ୍ରସ୍ଥଳ କୁହାଯାଉଥିବା ୟୁହାନ ସହରକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଦିଆଯାଇଛି। ସେଠାର ଲୋକମାନଙ୍କୁ ବାହାରକୁ ନ ଯିବା ଲାଗି ବାରଣ କରାଯାଇଛି। ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଲାଗି ୧୫ ଦିନ ମଧ୍ୟରେ ଦ୍ୱିତୀୟ ହସ୍ପିଟାଲ ନିର୍ମାଣ କରିବାକୁ ଚାଇନା ସରକାର ଶନିବାର ଘୋଷଣା କରିଛନ୍ତି। ହଂକଂରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ସେଠାରେ ଜରୁରୀ ସ୍ଥିତି ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବା ସହ ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ହଂକଂରେ ଏପର୍ଯ୍ୟନ୍ତ ୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।

## ୬ ସେନା ଅଧିକାରୀଙ୍କୁ ଶୌର୍ଯ୍ୟଚକ୍ର ୧୯ ଜଣଙ୍କୁ ପିଭିଏସ୍ଏମ୍

**ନୂଆଦିଲ୍ଲୀ,୨୫।୧(ପି.ଟି.)**



■ଜମ୍ମୁ-କଶ୍ମୀର ପୋଲିସକୁ ସର୍ବାଧିକ ୧୦୮ ବୀରତା ପଦକ
■ଓଡ଼ିଶାରୁ ୧୬ ପୋଲିସ ପୁରସ୍କୃତ

ଉତ୍ତରାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂଙ୍କ ସମେତ ୧୯ ଜଣ ସେନା ଅଧିକାରୀଙ୍କୁ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍ଏମ୍) ଏବଂ ବୀରତା ପାଇଁ ୬ ଜଣଙ୍କୁ ଶୌର୍ଯ୍ୟଚକ୍ରରେ ସମ୍ମାନିତ କରାଯିବ। ୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୋଟ ୧୫୧ଟି ସେନା ମେଡାଲ ଓ ୮ଟି ଯୁଦ୍ଧ ସେବା ମେଡାଲ ଘୋଷଣା କରାଯାଇଛି।

ମୋଟ ୨୯୦ ବୀରତା ପୁରସ୍କାର ମଧ୍ୟରୁ ଜମ୍ମୁ-କଶ୍ମୀର ପୋଲିସ ସର୍ବାଧିକ ୧୦୮ଟି ବୀରତା ପଦକ ହାସଲ କରିଥିବାବେଳେ ସିଆର୍‌ପିଏଫ୍‌କୁ ମିଳିବ ୭୬ଟି ମେଡାଲ। ସେହିପରି ମୋଟ ୪ଟି ରାଷ୍ଟ୍ରପତି ପୋଲିସ ମେଡାଲ ମଧ୍ୟରୁ ଉପତ୍ୟକାରେ ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ନିୟୋଜିତ ପୋଲିସକୁ ୩ଟି ମିଳିଥିବା ଜଣାପଡିଛି। ଆତଙ୍କବାଦ ଓ ମାଓବାଦୀ ନିରୋଧୀ କାର୍ଯ୍ୟରେ ନିୟୋଜିତ ସିଆର୍‌ପିଏଫ୍‌କୁ ୭୫ଟି ପୋଲିସ ବୀରତା ମେଡାଲ ମିଳିବାକୁ ଥିବାବେଳେ କୋବ୍ରା କମାଣ୍ଡୋ ଉତ୍ପଳ ରାଭାଙ୍କୁ ମରଣୋତ୍ତର ଭାବେ ପିପିଏମ୍‌ଜି ମିଳିବ। ୨୦୧୮ ଜୁନ୍‌ରେ ଝାଡ଼ଖଣ୍ଡରେ ମାଓବାଦୀ ବିରୋଧୀ ଏନ୍‌କାଉଣ୍ଟରରେ ରାଭା ଶହୀଦ ହୋଇଥିଲେ। ଓଡ଼ିଶାର ୧୬ ପୋଲିସଙ୍କୁ ପୋଲିସ ବୀରତା ମେଡାଲ ମିଳିବାକୁ ଥିବାବେଳେବେଳେ ଝାଡ଼ଖଣ୍ଡ ପୋଲିସକୁ ୩୩, ଦିଲ୍ଲୀ ପୋଲିସକୁ ୧୨, ମହାରାଷ୍ଟ୍ର ପୋଲିସକୁ ୧୦, ଛତିଶଗଡ଼ ୮, ବିହାର ୭, ପଞ୍ଜାବ ୪ ଓ ମଣିପୁର ପୋଲିସକୁ ୨ଟି ପିଏମ୍‌ଜି ମେଡାଲ ପ୍ରଦାନ ଲାଗି ମନୋନୀତ କରାଯାଇଛି। କେନ୍ଦ୍ରୀୟ ବଳ ମଧ୍ୟରୁ ବିଏସ୍ଏଫକୁ ୯ଟି, ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି)କୁ ୪, ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଗୋଟିଏ ପୋଲିସ ବୀରତା ମେଡାଲ ପ୍ରଦାନ ଲାଗି ଘୋଷଣା କରାଯାଇଛି। ଏଥିସହିତ ୯୩ ଉଲ୍ଲେଖନୀୟ ସେବା ମେଡାଲ, ୬୫୭ ପ୍ରଶଂସନୀୟ ସେବା ମେଡାଲ ସମେତ ମୋଟ ୧୦୪୦ ପୋଲିସ ମେଡାଲ ଘୋଷଣା କରାଯାଇଛି। ସିଆଇଏସ୍ଏଫ୍‌ର ୨୯ ଅଧିକାରୀ ଏବଂ ଆଇଟିବିପିର ୧୫ ଅଧିକାରୀ ପୋଲିସ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି।

## ରାଜସ୍ଥାନ ବିଧାନସଭାରେ ସିଏଏ ବିରୋଧୀ ପ୍ରସ୍ତାବ ଗୃହୀତ

**ଜୟପୁର,୨୫।୧**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ରାଜସ୍ଥାନ ବିଧାନସଭାରେ ଶନିବାର ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଛି। ଭାଜପା ପକ୍ଷରୁ ଏଭଳି ପ୍ରକ୍ରିୟାକୁ ବିରୋଧ କରାଯାଇ କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି ବୋଲି ଅଭିଯୋଗ କରାଯାଇଛି। ପ୍ରଥମେ କେରଳ ପରେ କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ ଓ ରାଜସ୍ଥାନରେ ସିଏଏକୁ ଖୋଲାଖୋଲି ଭାବେ ବିରୋଧ କରାଯାଇ ଏଭଳି ପ୍ରସ୍ତାବ ଗୃହୀତ କରାଯାଇଛି। ରାଜସ୍ଥାନରେ ଏହି ପ୍ରସ୍ତାବ ପାସ୍ କରାଯିବା ସହ କେନ୍ଦ୍ର ସିଏଏର ପୁନଃସମୀକ୍ଷା କରିବା ଉଚିତ ବୋଲି କୁହାଯାଇଛି। ସିଏଏ ସମ୍ବିଧାନର ନିୟମକୁ ଉଲ୍ଲଂଘନ କରୁଛି ଓ ନାଗରିକତ୍ୱ ଲାଗି ଧର୍ମକୁ ଆଧାର କରି କେନ୍ଦ୍ର ଆଣିଥିବା ପ୍ରସ୍ତାବ ଭେଦଭାବ ବଢ଼ାଉଛି ବୋଲି ଅଭିଯୋଗ କରାଯାଇଛି। ତେଣୁ ସିଏଏକୁ ପ୍ରତ୍ୟାହାର କରିନେବା ଲାଗି କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଗୃହରେ ପ୍ରସ୍ତାବ ଆଗତ କରିବାବେଳେ ମନ୍ତ୍ରୀ ଶାନ୍ତି ଧରିୱାଲ କହିଥିଲେ, ସମସ୍ତ ଧର୍ମ ଲାଗି ଗୋଟିଏ ଆଇନ ଅଣାଯାଇ ପାତରଅନ୍ତର ଦୂର କରିଯିବା ଉଚିତ। ବିଧାନସଭାରେ ଏଭଳି ପ୍ରସ୍ତାବ ଅଣାଯିବା ଅଧିକାରକୁ ନେଇ ବିରୋଧୀ ଦଳର ନେତା ଗୁଲାବ ଚାନ୍ଦ କଟାରିଆ ପ୍ରଶ୍ନ ଉଠାଇଛନ୍ତି। ନାଗରିକତ୍ୱ ପ୍ରଦାନକରିବା କେନ୍ଦ୍ର ଆଇନ ପରିସରଭୁକ୍ତ ଓ ଏଥିରେ ରାଜ୍ୟର କୌଣସି କ୍ଷମତା ନାହିଁ। ତୁଷ୍ଟୀକରଣ ଓ ଭୋଟବ୍ୟାଙ୍କ ରାଜନୀତି ଛାଡ଼ି କେନ୍ଦ୍ରୀୟ ଆଇନ ବିରୋଧରେ ଯିବା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

## ଭାରତ-ବ୍ରାଜିଲ ମଧ୍ୟରେ ୧୫ ଚୁକ୍ତି ସ୍ୱାକ୍ଷର



ଦିଲ୍ଲୀର ହାଇଦ୍ରାବାଦ୍ ହାଉସରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବ୍ରାଜିଲ୍ ରାଷ୍ଟ୍ରପତି ଚୁକ୍ତିନାମା ସ୍ୱାକ୍ଷର କରୁଛନ୍ତି।

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଭାରତ ଓ ବ୍ରାଜିଲ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲାଗି ଶନିବାର ଦୁଇଦେଶ ମଧ୍ୟରେ ୧୫ଟି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ନିରାପତ୍ତା, ବାଣିଜ୍ୟ, କୃଷି, ବେସାମରିକ ବିମାନ ଚଳାଚଳ, ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ ଓ ନବପ୍ରବର୍ତ୍ତନ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି। ଅନ୍ତର୍ଜାତୀୟ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଦୁଇଦେଶ ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା କାରଣରୁ ଦୁଇ ବୃହତ୍ ଅର୍ଥନୀତିରେ ପୁଞ୍ଜିନିବେଶ ପ୍ରଭାବିତ ହୋଇଛି। ତେଣୁ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିବିନିଯୋଗ ବଢ଼ାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ତୈଳ ଓ ଗ୍ୟାସ, ଖଣିଜ ସମ୍ପଦ, ପାରମ୍ପରିକ ଔଷଧ, ପ୍ରାଣୀ ସମ୍ପଦ, ଜୈବଶକ୍ତି, ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ଜଣାପଡିଛି। ବୋଲସୋନାରୋଙ୍କ ଭାରତ ଗସ୍ତ ଦୁଇଦେଶର ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଉନ୍ମୋଚନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧିରେ ବ୍ରାଜିଲ୍ ଏକ ମୂଲ୍ୟବାନ ସହଯୋଗୀ ବୋଲି ସେ ମତ ଦେଇଛନ୍ତି। ରାଜିନାମା ସ୍ୱାକ୍ଷର ହେବା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହେବ ବୋଲି ବ୍ରାଜିଲ ରାଷ୍ଟ୍ରପତି କହିଛନ୍ତି।

## କ୍ଷମା ଆବେଦନ ଖାରଜ ବିରୋଧରେ ସୁପ୍ରିମକୋର୍ଟ ଗଲେ ମୁକେଶ

**ନୂଆଦିଲ୍ଲୀ,୨୫।୧(ପି.ଟି.)**

### ବିନୟଙ୍କ ଆବେଦନ ଖାରଜ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ମୁକେଶ କୁମାର ଶନିବାର ପୁଣିଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜକ୍ଷମା ଆବେଦନ ଖାରଜର ନ୍ୟାୟିକ ସମୀକ୍ଷା ପାଇଁ ସେ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଗତ ୧୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅପରାଧୀ ମୁକେଶଙ୍କ କ୍ଷମା ଆବେଦନକୁ ଖାରଜ କରିଦେଇଥିଲେ। ଅନୁଚ୍ଛେଦ ୩୨ ଅନୁଯାୟୀ ଆଇନଜୀବୀ ବୃନ୍ଦା ଗ୍ରୋଭର ଏହି ପିଟିଶନ ଦାଏର କରିଛନ୍ତି।

ସେହିପରି କ୍ଷମା ଆବେଦନ ଓ କ୍ୟୁରେଟିଭ୍ ପିଟିଶନ ଦାଏର ପାଇଁ ଜେଲ୍ କର୍ତ୍ତୃପକ୍ଷ କେତେକ ଦସ୍ତାବିଜ୍ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ ଅପରାଧୀ ବିନୟ ଶର୍ମାଙ୍କ ଓକିଲ ଦିଲ୍ଲୀ ଅଦାଲତରେ ଦାଏର କରିଥିବା ପିଟିଶନ ଶନିବାର ଖାରଜ ହୋଇଯାଇଛି। ଜେଲ୍ କର୍ତ୍ତୃପକ୍ଷଙ୍କୁ ଆଉଥରେ ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି ଅତିରିକ୍ତ ସେସନ୍ସ ଜଜ୍ ଅଜୟ କୁମାର ଜୈନ କହିଛନ୍ତି। ତିହାର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ଥିବା ଆବଶ୍ୟକ ଦସ୍ତାବିଜ, ନୋଟ୍‌ବୁକ୍ ଓ ଚିତ୍ରର ଫଟୋ ନିଆଯାଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି।

## ମଇଦାନରେ ୧୬୪ କୋଟିପତି

### ଦିଲ୍ଲୀ ନିର୍ବାଚନ

**ନୂଆଦିଲ୍ଲୀ,୨୫।୧**

ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନ । ମଇଦାନରେ ଅଛନ୍ତି ୧୬୪ କୋଟିପତି ପ୍ରାର୍ଥୀ। ୧୩ ପ୍ରାର୍ଥୀ ସେମାନଙ୍କ ସମ୍ପତ୍ତିର ମୂଲ୍ୟ ୫୦ କୋଟିରୁ ଉର୍ଦ୍ଧ୍ୱ ଦର୍ଶାଇଛନ୍ତି। ସବୁଠାରୁ ଅଧିକ ଧନୀ ଭାବେ ଏଏପିର ମୁଣ୍ଡକା ପ୍ରାର୍ଥୀ ଧରମପାଲ ଲାକ୍ରା(୨୯୨.୧ କୋଟି) ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଆର୍‌କେ ପୁରମ୍ ଆସନରୁ ଲଢୁଥିବା ପର୍‌ମିଲା ଟୋକାସ୍ (୮୦.୮ କୋଟି) ଅଛନ୍ତି। ତୃତୀୟରେ ଏଏପିର ବଦରପୁର ପ୍ରାର୍ଥୀ ରାମ୍ ସିଂ ନେତାଜୀ(୮୦ କୋଟି) ସ୍ଥାନ ପାଇଛନ୍ତି। ପଟେଲନଗର ଆସନରୁ ମଇଦାନକୁ ଓହ୍ଲାଇଥିବା ରାଜ୍ କୁମାର ଆନନ୍ଦ ୭୬ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବାବେଳେ କଂଗ୍ରେସର ପ୍ରିୟଙ୍କା ସିଂ ୭୦.୩ କୋଟିର ମାଲିକ ଥିବା ଜଣାପଡ଼ିଛି। କଂଗ୍ରେସ ଓ ଭାଜପାରୁ ଅନେକ କୋଟିପତି ପ୍ରାର୍ଥୀ ନିର୍ବାଚନରେ ଲଢୁଥିବା ଜଣାପଡ଼ିଛି। ୫୦ କୋଟି କ୍ଲବରେ ଏଏପିର ୬, କଂଗ୍ରେସର ୪ ଓ ଭାଜପାର ୩ ପ୍ରାର୍ଥୀ ଅଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ରକିତୁସିଦ୍‌ଙ୍କ ସମ୍ପତ୍ତି ମୂଲ୍ୟ ସବୁଠୁ କମ୍ ବୋଲି ଜଣାପଡିଛି । ସେ ରାଜେନ୍ଦ୍ରନଗରରୁ ପ୍ରାର୍ଥୀ ହୋଇଥିବାବେଳେ ସମ୍ପତ୍ତି ମାତ୍ର ୫୫,୫୭୪ ଟଙ୍କାର ଥିବା ଉଲ୍ଲେଖ କରିଛନ୍ତି।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୫।୧**

ସାଧାରଣତନ୍ତ୍ର ଦିବସର ଦିନକ ପୂର୍ବରୁ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଅୱନ୍ତିପୋରା ଅଞ୍ଚଳରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡିଛି। ଅୱନ୍ତିପୋରାର ହରିପରିଗାମ୍‌ରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇ ଶନିବାର ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଫଳରେ ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଆହତ ଦୁଇ ଯବାନଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳ ଉପରକୁ ଟେକାମାଡ଼ କରିଥିଲେ।

### ଇତିହାସର ଆଇନାରେ

## ଜାନୁୟାରୀ ୨୬ର ପ୍ରମୁଖ ଘଟଣା

୧୯୫୦ ଜାନୁୟାରୀ ୨୬ରେ ଭାରତର ସମ୍ବିଧାନ କାର୍ଯ୍ୟକ୍ଷମ କରାଯାଇଥିଲା। ୧୯୪୯ ନଭେମ୍ବର ୨୬ରେ ଏହା ଗ୍ରହଣ କରାଯାଇଥିଲେ ହେଁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଦିବସକୁ ଭାରତରେ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଇଆସୁଅଛି। ଏହିଦିନ ପରେଡ୍ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମିଠା ବଣ୍ଟାଯାଇ ବକ୍ତୃତାମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ।

୨୦୦୧ ଜାନୁୟାରୀ ୨୬ରେ ଗୁଜରାଟର କଚ୍ଛ ଜିଲାରେ ଭୟଙ୍କର ଭୂକମ୍ପ ଦେଖାଦେଇ ତାଣ୍ଡବ ରଚିଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୭ ରହିଥିବାବେଳେ ପ୍ରାୟ ୨୦ ହଜାର ଲୋକ ପ୍ରାଣ ହରାଇଥିଲେ। ୧.୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଅନେକ ଘରଦ୍ୱାର ଭାଙ୍ଗିଯାଇଥିଲା।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୬ | ୧୧.୦ |
| ଚାନ୍ଦବାଲି | ୨୬.୩ | ୧୩.୮ |
| କଟକ | -- | ୧୪.୦ |
| ପାରାଦ୍ୱୀପ | ୨୫.୮ | ୧୫.୭ |
| ଭୁବନେଶ୍ୱର | ୨୮.୪ | ୧୬.୨ |
| ଗୋପାଳପୁର | ୨୮.୦ | ୧୯.୮ |
| ପୁରୀ | ୨୬.୪ | ୧୬.୨ |
| ଅନୁଗୋଳ | ୨୮.୧ | ୮.୪ |
| ବାରିପଦା | -- | ୧୧.୫ |
| ଝାରସୁଗୁଡ଼ା | ୨୭.୨ | ୮.୬ |
| କେନ୍ଦୁଝର | ୨୬.୮ | ୧୦.୪ |
| ସମ୍ବଲପୁର | ୨୮.୪ | ୧୦.୨ |
| ସୁନ୍ଦରଗଡ଼ | ୨୮.୦ | ୧୨.୫ |
| ହୀରାକୁଦ | ୨୭.୪ | ୧୨.୧ |
| ତାଳଚେର | ୩୦.୨ | ୧୩.୪ |
| ଭବାନୀପାଟଣା | ୨୯.୫ | ୧୩.୫ |
| ବଲାଙ୍ଗୀର | ୨୯.୦ | ୧୨.୨ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | -- | ୧୦.୦ |
| ଟିଟିଲାଗଡ଼ | ୩୨.୪ | ୧୦.୧ |
| ମାଲକାନଗିରି | ୩୧.୦ | ୧୦.୦ |
| ସୋନପୁର | ୨୮.୨ | ୮.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୫ |

ଡିଗ୍ରୀ ସେଲ୍‌ସିୟସ୍

## ତୁର୍କୀ ଭୂକମ୍ପରେ ୧୮ ମୃତ

**ଇଲାଜିଗ୍,୨୫।୧**

ତୁର୍କୀର ଇଲାଜିଗ୍ ପ୍ରଦେଶରେ ଶୁକ୍ରବାର ରାତିରେ ବଡ଼ ଧରଣର ଭୂକମ୍ପ ହେବାରୁ ୧୮ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୩୦ ଜଣ ନିଖୋଜ ହୋଇଥିବାବେଳେ ୫୫୩ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୬.୮ ଥିଲା। ପ୍ରାୟ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଲୋକମାନେ ଏହାକୁ ଅନୁଭବ କରିଥିଲେ। ଅନେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାଷ୍ଟ୍ରପତି ରିସେପ୍ ଟାୟିପ୍ ଏର୍ଦୋଗାନ୍ ଭୂକମ୍ପ ପ୍ରପୀଡ଼ିତଙ୍କ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି। ଭାଙ୍ଗିଯାଇଥିବା ଏକ ୫ ମହଲା ବିଲ୍ଡିଂ ତଳେ ୫ ଜଣ ଚାପିହୋଇ ରହିଥିବାବେଳେ ଉଦ୍ଧାରକାରୀ ଦଳ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି।

## ଦିଲ୍ଲୀରେ କୋଠା ଭୁଶୁଡ଼ି ୫ ମୃତ

**ନୂଆଦିଲ୍ଲୀ,୨୫।୧**

ଦିଲ୍ଲୀର ଭଜନପୁରା ଅଞ୍ଚଳରେ ଶନିବାର ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ୪ ଛାତ୍ରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଛାତ୍ରମାନଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ। ସେମାନଙ୍କ ଶିକ୍ଷକ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ୮ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନିର୍ମାଣାଧୀନ ବିଲ୍ଡିଂରେ ଏକ କୋଚିଂ ସେଣ୍ଟର ଚାଲିଥିଲା। ଏବେ ବି ୩ ଜଣ ଛାତ୍ର ନିଖୋଜ ଥିବା ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। କୋଠା ଭୁଶୁଡ଼ିବା ଖବର ପାଇଁ ଘଟଣାସ୍ଥଳରେ ୭ଟି ଅଗ୍ନିଶମ ଗାଡ଼ି ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି।



ଭୁଶୁଡିପଡିଥିବା କୋଠାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୬ ଜାନୁୟାରୀ, ୨୦୨୦



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଧାନ ଚୋରି ଅଭିଯୋଗରେ ୨ ଗିରଫ

**ଲଖନପୁର,୨୫।୧ (ଡି.ଏନ.ଏ):** ଝାରସୁଗୁଡା ଜିଲା ରେଙ୍ଗାଲି ଥାନା କନକତୋରା ଫାଣ୍ଡି ଅଧୀନ ଦୟାଡେରା ଗ୍ରାମରେ ଧାନ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବ୍ରଜରାଜନଗର ରେମଜା ଗ୍ରାମର ଲକ୍ଷ୍ମଣ ସାହୁ(୩୫) ଓ ବଲାଙ୍ଗୀର ଇନ୍ଦିରାନଗରର ଜୟଦେବ ଭାଝି(୨୭)। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତ ମଙ୍ଗଳବାର ଅଭିଯୁକ୍ତ ଦ୍ୱୟ ଦୟାଡେରା ଗ୍ରାମରେ ଟେମ୍ପୋ ଯୋଗେ ଧାନ ଚୋରି କରି ନେଉଥିବାବେଳେ ଗ୍ରାମବାସୀ ସେମାନଙ୍କ ପିଛା କରିଥିଲେ। ଫଳରେ ସେମାନେ ଧାନବୋଝେଇ ଟେମ୍ପୋ ରାସ୍ତାରେ ଛାଡି ଫେରାର୍ ହୋଇଯାଇଥିଲେ । ଏ ସମ୍ପର୍କରେ ଦୟାଡେରା ଗ୍ରାମବାସୀ କନକତୋରା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ସେଠାକୁ ପହଞ୍ଚି ଧାନ ବୋଝେଇ ଟେମ୍ପୋ (ନଂ.ଓଡି୨୩ଡି/୨୩୨୯)କୁ ଜବତ କରିଥିଲା ଏବଂ ଏକ ମାମଲା (ନଂ.୧୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦେଢମାସ ହେଲା ଲକ୍ଷ୍ମଣ ଓ ଜୟଦେବ ଟେମ୍ପୋରେ ଧାନ ଚୋରି କରି ବିଭିନ୍ନ ଗ୍ରାମର ଦୋକାନୀଙ୍କୁ ବିକ୍ରି କରିଦେଉଥିଲେ ବୋଲି ପୋଲିସ କହିଛି ।

### ନିଆଁ ଲାଗି ପାଳଗଦା ନଷ୍ଟ

**କେସିଙ୍ଗା, ୨୫।୧ (ଡି.ଏନ.ଏ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଗ୍ରାମର ଭୀଷ୍ମ ମାହାରଙ୍କ ଧାନ ଖଳାରେ ଥିବା ପାଳଗଦାରେ ଶନିବାର ନିଆଁ ଲାଗି ଯାଇଥିଲା। ଫଳରେ ପାଳଗଦା ପୋଡି ନଷ୍ଟ ହୋଇଯାଇଛି। ଏନେଇ ଖଗେଶ୍ୱର ସାହୁ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । କେସିଙ୍ଗା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ସୁନ୍ଦରଗଡ଼ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ସୁନ୍ଦରଗଡ଼, ୨୫।୧(ଡି.ଏନ୍.ଏ)**

- ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ପ୍ରସ୍ତୁତି
- ଖଣି ଓ ଇସ୍ପାତ ମନ୍ତ୍ରୀ ଅଭିବାଦନ ଗ୍ରହଣ କରିବେ

ସୁନ୍ଦରଗଡ ଜିଲା ସଦର ମହକୁମାରେ ୭୧ତମ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ପାଇଁ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଜିଲା କ୍ରୀଡା ସଂସଦ ଷ୍ଟାଡିୟମଠାରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ଇସ୍ପାତ, ଖଣି ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏହି ଅବସରରେ ପ୍ରତ୍ୟୁଷ ସାଢେ ୪ଟାରୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର, ସକାଳ ୬ଟାରୁ ୭ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି ପରେ ସକାଳ ୭ଟା ୩୦ମିରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହେବ । ସକାଳ ୮ଟା ୩୦ମିନିଟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବ । ସକାଳ ସାଢେ ୯ଟାରେ ଜିଲା ମୁଖ୍ୟ ଡାକ୍ତରଖାନା, ଜିଲା କାରାଗାର, ଭିନ୍ନକ୍ଷମ ବିଦ୍ୟାଳୟ ସାର୍ଥକ ଓ ଆସ୍ଥା ଗୃହରେ ମିଷ୍ଟାନ୍ନ, ଫଳବଣ୍ଟନ ପରେ ପୂର୍ବାହ୍ନ ୧୨ଟାରେ ସ୍ଥାନୀୟ ଷ୍ଟାଡିୟମରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ମାରାଥନର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ମାନପତ୍ର ପ୍ରଦାନ କରୁଛନ୍ତି।

# ମତଦାତା ଦିବସରେ ମିନି ମାରାଥନ

**ଝାରସୁଗୁଡା ଅଫିସ/ଲଖନପୁର, ୨୫।୧(ଡି.ଏନ୍.ଏ)**

୧୦ତମ ଜାତୀୟ ମତଦାନ ଦିବସ ଅବସରରେ ଝାରସୁଗୁଡା ଜିଲାସ୍ତରୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସତ୍‌ସଙ୍ଗ ଭବନ ସମ୍ମୁଖରୁ ଏକ ମିନି ମାରାଥନ ବାହାରି ଦ୍ୱିତୀୟ ସଶସ୍ତ୍ର ବାହିନୀ ପଡିଆରେ ପହଞ୍ଚିଥିଲା। ଏଥିରେ ଶତାଧିକ ଯୁବତୀଯୁବକ, ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ । ଏହି ମିନି ମାରାଥନକୁ ଜିଲାପାଳ ସରୋଜ କୁମାର ସାମଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ସଶସ୍ତ୍ର ବାହିନୀ ପଡିଆରେ ଜିଲାପାଳ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଶିବ ଟପ୍ପୋ, ତପିରାମ ମାଝି, ସମାଜସେବୀ ତାପସରାୟ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ସଭାରେ ଶପଥପାଠ କରାଯାଇଥିଲା। ଏଥିରେ ଗଣତାନ୍ତ୍ରିକ ମର୍ଯ୍ୟାଦା ଅକ୍ଷୂର୍ଣ୍ଣ ରଖି ସୁସ୍ଥ ସମାଜ ଗଠନ କରିବା ପାଇଁ ସମସ୍ତେ ଶପଥପାଠ କରିଥିଲେ। ମାରାଥନରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।




କନ୍ୟା ସନ୍ତାନର ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# କନ୍ୟା ସନ୍ତାନ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

**ରାଉରକେଲା ଅଫିସ, ୨୫। ୧**

ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଆଇସିଡିଏସ ଅଧିନରେ ଥିବା ଗୋଲଘର ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ, ଏଏନଏମ, ଗ୍ରୁପ ସଦସ୍ୟ, କିଶୋରୀ ବାଳିକାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା କବି ସମ୍ରାଟପଲ୍ଲୀ, ରାମେଶ୍ୱରପାଲ୍ଲୀ, ଗଞ୍ଜାମପାଲ୍ଲୀ ହକି ଷ୍ଟାଡ଼ିୟମ, ରାସ୍ତା ହୋଇ ସରସ୍ୱତୀ ଶିଶୁ ମନ୍ଦିର ଅତିକ୍ରମ କରି ଗୋଲଘର ପହଞ୍ଚିଥିଲା । ଶୋଭାଯାତ୍ରା ୧୦ଟି କେନ୍ଦ୍ର ପରିସର ପରିଭ୍ରମଣ କରିଥିଲା। ଏହି ଶୋଭାଯାତ୍ରାରେ କନ୍ୟା ସନ୍ତାନର ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଥିଲେ ମହିଳା। ବିଭିନ୍ନ ସ୍ଲୋଗାନ ମାଧ୍ୟମରେ କନ୍ୟା ସନ୍ତାନର ସୁରକ୍ଷା ଲାଗି ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଦିପ୍ତୀ ଦାସ, ସୁକାନ୍ତି ପାତ୍ର, ସଞ୍ଜିତା ଲେଙ୍କା, ଅନିତା ସେଠୀ, ସୁଜାତା ସାହୁ, ପୂର୍ଣ୍ଣିମା ବାଦା, ପ୍ରମିଳା ସୁରିନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାନୁୟାରୀ ୨୭ରେ ଜିଲା ସାଂସ୍କୃତିକ ମହୋତ୍ସବ ଯତରା

**ସୁନ୍ଦରଗଡ଼, ୨୫।୧ (ଡି.ଏନ.ଏ)**

ଆସନ୍ତା ୨୭ତାରିଖରୁ ସୁନ୍ଦରଗଡ ଜିଲା ସାଂସ୍କୃତିକ ମହୋତ୍ସବ ଯତରା -୨୦୨୦ ଆରମ୍ଭ ହେଉଛି। ଜିଲା ସଂସ୍କୃତି ପରିଷଦ, ଓରମାସ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବ, ଉନ୍ନୟନ ପ୍ରଦର୍ଶନୀ, ପଲ୍ଲୀଶ୍ରୀ ମେଳା, ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ପୁସ୍ତକ ମେଳା, ସାହିତ୍ୟ ଆଲୋଚନାଚକ୍ର ସହିତ ଜାତୀୟ, ଅନ୍ତର୍ଜାତୀୟ ଖ୍ୟାତିପ୍ରାପ୍ତ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ସଫଳ କରିବା ପାଇଁ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ନିଖିଲ ପବନ କଲ୍ୟାଣ ଆୟୋଜିତ ଖବରଦାତା ସମ୍ମିଳନୀରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।



ଗାୟତ୍ରୀ ଯଜ୍ଞ ଲାଗି ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଗାୟତ୍ରୀ ମହାଯଜ୍ଞର ଶୁଭାରମ୍ଭ, କଳସଯାତ୍ରା

**ରାଉରକେଲା ଅଫିସ,୨୫। ୧**

ଗାୟତ୍ରୀ ମନ୍ତ୍ର ଉପାସନା ଓ ଗାୟତ୍ରୀ ଯଜ୍ଞ କରିବା ଦ୍ୱାରା କେବଳ ପରିବାର ଏବଂ ସମାଜରେ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ । ଗୃହେ ଗୃହେ ଗାୟତ୍ରୀ ଯଜ୍ଞର ପ୍ରକାଶକୁ ପହଞ୍ଚାଇବା ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଲକ୍ଷ୍ୟ ଅଟେ ବୋଲି ଶାନ୍ତି କୁଞ୍ଜ ହରିଦ୍ୱାରରୁ ଯୁଗରୁଷି ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଯୁଗାନ୍ତକାରୀ ସନ୍ଦେଶକୁ ନେଇ ଆସିଥିବା ବରିଷ୍ଠ ପ୍ରତିନିଧି ଦିନେଶ ବ୍ୟାସ ଏହା ପ୍ରକାଶ କରିଛନ୍ତି । ସେକ୍ଟର-୨ ସ୍ଥିତ ଗାୟତ୍ରୀ ଶକ୍ତି ପୀଠ ପରିସରରେ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରରେ ଭବ୍ୟ କଳସ ଶୋଭାଯାତ୍ରାରୁ ଆୟୋଜନ କରାଯାଇଥିଲା । ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଏହି କଳସ ଶୋଭାଯାତ୍ରାରେ ଭାଗ ନେଇ ବାସନ୍ତୀ କଲୋନୀ ଠାରୁ ଗାୟତ୍ରୀ ଶକ୍ତି ପୀଠ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ଚଳିତ ମାସ ୨୮ ତାରିଖ ଯାଏ ମହାଯଜ୍ଞର ଆୟୋଜନ କରାଯିବ। ଏହା ବ୍ୟତୀତ ୨୪ କୁଣ୍ଡୀୟ ଯଜ୍ଞ ଶାଳାରେ ମହାଯଜ୍ଞ ଓ ପ୍ରତିଦିନ ସନ୍ଧ୍ୟାରେ ସଙ୍ଗୀତ ପ୍ରବଚନର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।




ପାଣି ପାଇପ୍ ଫାଟି ଯାଇଥିବାରୁ ଛେଣ୍ଡ କଲୋନିବାସୀ ହଇରାଣ ହେଉଛନ୍ତି।

# ଲୋକଙ୍କ ଦୁଃଖ ବଢ଼ାଉଛି ସ୍ୱେରେଜ କାମ

**ରାଉରକେଲା ଅଫିସ,୨୫। ୧**

ରାଉରକେଲା ସ୍ମାର୍ଟ ସିଟିରେ ଏବେ ଚାଲିଛି ସ୍ୱେରେଜ କାମ। ଏହି କାମ ଲାଗି ସହର ମୁଖ୍ୟ ମାର୍ଗ ସହ ଆବାସିକ କଲୋନି, ଗଳି କନ୍ଦି ସବୁଆଡେ ଖୋଳା ଚାଲିଛି। କିନ୍ତୁ ସ୍ୱେରେଜ ବୋର୍ଡର କାମ ନେଇ ଯେଉଁ ଠିକା କମ୍ପାନି ସହରରେ କାମ କରୁଛନ୍ତି ତାଙ୍କ କାମ ଲୋକଙ୍କ ଦୁଃଖ ବଢାଇଦେଇଛି। ବିଭିନ୍ନ ଆବାସିକ କଲୋନିରେ ଚାଲିଥିବା ମନମୁଖୀ କାମ ଯୋଗୁଁ ଘରକୁ ମଧ୍ୟ ଯିବା ଆସିବା କଷ୍ଟ ସାଧ୍ୟ ହୋଇପଡିଛି। ଏହି କମ୍ପାନୀର ଖାମଖିଆଲି କାର୍ଯ୍ୟ ଯୋଗୁ କଲୋନୀ ବାସିନ୍ଦା ଦୁଇ ଓଳି ପିଇବା ପାଣି ପାଉନାହାନ୍ତି। ଛେଣ୍ଡ କଲୋନି ଚିନ୍ମୟ ସ୍କୁଲ ନିକଟରେ ଏହି ସ୍ୱେରେଜ କାମ ଚାଲିଥିବା ବେଳେ ପାଣି ପାଇପ ଫାଟି ଦେଇଥିବାରୁ ଲୋକମାନେ ପାଣିପାଇବାରୁ ବଞ୍ଚିତ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣିପାଉନାହାଁନ୍ତି। ଏଥିରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଛେଣ୍ଡ ବସ୍ତିବାସିନ୍ଦା। ଶନିବାର ସକାଳ ପର୍ଯ୍ୟନ୍ତ ପାଣି ନ ଆସିବାରୁ ଲୋକମାନେ ନିଜେ ଅସନ୍ତୁଷ୍ଟ ହୋଇ କାମ ବନ୍ଦ କରିଦେଇଥିଲେ। ପରେ ଟ୍ୟାଙ୍କର ଯୋଗେ ପାଣି ଆସିଥିଲା। ତାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗତ କିଛିଦିନ ହେବ ଛେଣ୍ଡ କଲୋନିରେ ଏଭଳି ସମସ୍ୟା ଲାଗିରହିଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। କେଉଁଠିକୁ ପାଣି ଜମା ଆସୁନି ତ ଅନ୍ୟ କେଉଁଠି ପାଇପ ଫାଟି ପାଣି ଭାସୁଛି। ଏ ନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଗୁହାରି ହେବା ସତ୍ତ୍ୱେ କିଛି ଫଳମିଳିନି। ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ଅସନ୍ତୋଷ ଉଗ୍ରରୂପ ନେବା ଅଶଙ୍କା କରାଯାଉଛି।

# ବୀରମିତ୍ରପୁରରେ ଗାଡ଼ି କାଗଜପତ୍ର ଶିବିର

**କୁଆଁରମୁଣ୍ଡା,୨୫।୧(ଡି.ଏନ.ଏ)**



ସୁନ୍ଦରଗଡ଼ ଜିଲା ବୀରମିତ୍ରପୁରସ୍ଥିତ କଲ୍ୟାଣ ମଣ୍ଡପ ପାର୍ଶ୍ୱରେ ଶନିବାର ପୋଲିସ ଓ ରାଉରକେଲା ପରିବହନ ବିଭାଗ ପକ୍ଷରୁ ଗାଡି କାଗଜପତ୍ର ମେଗା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ଏସଡିପିଓ ନିବେଦିତା ସୋରେନ୍ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହା ପରେ ସକାଳ ୧୦ଟାରୁ ଏହି ଶିବିର ଆରମ୍ଭ ହୋଇଥିଲା। ଏଥିରେ ବୀରମିତ୍ରପୁର, କୁଆଁରମୁଣ୍ଡା, ରାଏବୋଗା, ହାତୀବାରି, ନୂଆଗାଁ ଇତ୍ୟାଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଗାଡି ଚାଳକମାନେ ଆସି ସେମାନଙ୍କର ଗାଡିର ବିଭିନ୍ନ କାଗଜପତ୍ର ବିଶେଷକରି ଗାଡି ଲାଇସେନ୍ସ, ଲର୍ନିଂ ଲାଇସେନ୍ସ, ବୀମା, ଫିଟ୍‌ନେସ ଇତ୍ୟାଦି ପାଇଁ ଆବେଦନ କରିଥିଲେ। ଏହି ଅବସରରେ ମୋଟ ୪୪୦ ଜଣଙ୍କୁ ପରିବହନ ବିଭାଗ ପକ୍ଷରୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିବା ଶିବିରର ଆୟୋଜକ ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ଏହି ଶିବିରରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା, ରାଉରକେଲା ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପାନପୋଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ୩ରୁ

**ରାଉରକେଲା ଅଫିସ, ୨୫। ୧**

ପାନପୋଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୂରିଲା ୧୦୦ ବର୍ଷ। ଏହି କ୍ରମରେ ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ଯାଏଁ ଶତବାର୍ଷିକ ଉତ୍ସବ ପାଳନ ହେବ ବୋଲି ଶନିବାର ସେଞ୍ଚୁରି ସେଲିବ୍ରେସନ କମିଟି ପକ୍ଷରୁ ବ୍ରାହ୍ମଣୀ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଫାଇନାନ୍ସ କମିଟିର ଚେୟାରମ୍ୟାନ ସୁବ୍ରତ ପଟ୍ଟନାୟକ କହିଥିଲେ ଯେ, ୧୯୨୦ରେ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ତିନି ଦିନ ଧରି ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ନିରଞ୍ଜନ ରଥ, ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି ଦ୍ୱିତୀୟ ଦିନରେ ସୁନ୍ଦରଗଡ଼ ଜିଲାର ସମସ୍ତ ସରକାରୀ ଅଧିକାରୀ, ରାଜ୍ୟ ସରକାରଙ୍କ ପୂର୍ବତନ ସଚିବ ବିଜୟ ପଟ୍ଟନାୟକ, ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣି, ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା, ରାଉରକେଲା ଓ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ପ୍ରମୁଖ ଯୋଗ ଦେବେ। ତୃତୀୟ ତଥା ଶେଷ ଦିନରେ ଅତିଥି ଭାବେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଜିଲାର ୭ଟି ନିର୍ବାଚନ ମଣ୍ଡଳୀର ବିଧାୟକ ସମେତ ପୂର୍ବତନ ବିଧାୟକ ଓ ଏମ୍‌ପିମାନେ ଯୋଗ ଦେବେ। ଉକ୍ତ ଖବରଦାତା ସମ୍ମିଳନୀରେ କମିଟିର ଚିଫ୍ ପେଟରୋନ କେ.ପି.ସାହୁ, ପେଟରୋନ ରାମୋତାର ଅଗ୍ରୱାଲ, ସଭାପତି ପ୍ରଫେସର ଭବାନୀ ଶଙ୍କର ଚାଣ୍ଡେଲ, ଉପସଭାପତି ରମାକାନ୍ତ ପାଣ୍ଡେ, ସାଧାରଣ ସମ୍ପାଦକ ହରମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ବର୍ମା, ସୌମିତ୍ର ଚାଟାର୍ଜୀ, କୋଷାଧ୍ୟକ୍ଷ ଉତ୍ତମ ପ୍ରସାଦ ଅଗ୍ରୱାଲ, କେଦାରନାଥ ପାଢୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସ ମୋହିନୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।




ସେଞ୍ଚୁରି ସେଲିବ୍ରେସନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଫଟୋରେ ଖବର









ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀମାନେ ଔଷଧ ନେବା ପାଇଁ ଶନିବାର ଧାଡ଼ିରେ ଛିଡ଼ା ହୋଇଛନ୍ତି (ବାମ)। ଫେବୃୟାରୀ ୨ଓ ୩ରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଶନିବାର ବିଧାୟକ କୁସୁମ ଟେଟେ, ଜିଲାପାଳ ନିଖିଳ ପବନ କଲ୍ୟାଣ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି (ମଝି)। ରାଉରକେଲା ଉଦିତ ନଗର ରିଂ ରୋଡରେ ଖୋଲାପଡ଼ିଥିବା ବିଦ୍ୟୁତ୍ ବୋର୍ଡ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ହାଇସ୍କୁଲସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୫।୧ (ବ୍ୟୁରୋ):** ସମ୍ବଲପୁର ବର୍ଷୀୟାନ କ୍ରୀଡା ସଂଘ ପକ୍ଷରୁ ହାଇସ୍କୁଲ ସ୍ତରୀୟ ପ୍ରଥମ ୨୦୨୦ ଟାଇଗର କପ୍ କବାଡି ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋକୁଳ ଦର୍ଜିଙ୍କ ଅଧକ୍ଷତାରେ ସଭା ହୋଇଥିଲା । ସମ୍ପାଦକ ସଦାଶିବ ପୁରୋହିତ ସୂଚନା ଦେଇଥିଲେ । ଆସନ୍ତା ଫେବୃୟାରୀ ୧ ତାରିଖ ଟାଉନ ହାଇସ୍କୁଲ ପଡିଆରେ ସକାଳ ୮ଟାରୁ ୪ଟା ପର୍ଯ୍ୟନ୍ତ ମ୍ୟାଚ ହେବ । ଏଥିରେ ୧୦ଟି ହାଇସ୍କୁଲ ଅଂଶ ଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ମନୋରଞ୍ଜନ ପାଢ଼ୀ, ଇଦ୍ରିଶ ମଲ୍ଲିକ, ଡ. ବିଜୟ ପ୍ରଧାନ, ବିଦ୍ୟାଧର ପ୍ରଧାନ, ଜଗବନ୍ଧୁ ବେହେରା, ସଞ୍ଜିତ ମାଝୀ, ମଥୁରା ଓରାମ, ମନୋଜ ଭୋଇ, ସ୍ୱରୂପ ପଟ୍ଟନାୟକ, ବଳରାମ ମଟାରୀ, ସୁରେନ୍ଦ୍ର ନାୟକ, ସୁବାସ ରାଉତ, ରଙ୍ଗନିଧି ସେଠ, ପ୍ରେମରଞ୍ଜନ ପ୍ରଧାନ, ପଦ୍ମଚରଣ ନାୟକ ଆଲୋଚନାରେ ଭାଗ ନେଇଥିଲେ ।

### ହାଟପଡ଼ାରେ କ୍ୟାରମ ଟୁର୍ନାମେଣ୍ଟ

**ସମ୍ବଲପୁର, ୨୫।୧ (ବ୍ୟୁରୋ):** ହାଟପଡା ବୀରବଜରଙ୍ଗ ସଂଘ ପକ୍ଷରୁ କ୍ୟାରମ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଅଞ୍ଚଳରୁ ସିଙ୍ଗଲ ବିଭାଗରେ ୫୮ ଓ ଡବଲରେ ୪୮ଟି ଦଳ ଭାଗ ନେଇଛନ୍ତି । ଜାନୁୟାରୀ ୨୬ ସନ୍ଧ୍ୟାରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ । ସଭାପତି ଦିଲୀପ କୁମାର ସାହୁଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ଭାରତୀୟ ଜନତା ପାର୍ଟି ମହାନଦୀ ମଣ୍ଡଳ ସଭାପତି ସୁଶାନ୍ତ କୁମାର ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ । ସମ୍ପାଦକ ରାଜା ବରାଲ ସୂଚନା ପ୍ରଦାନ କରିଥିଲେ । କୋଷାଧକ୍ଷ ବିଶ୍ୱଜିତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗଞ୍ଜେଇ ବୋଝେଇ ଟାଭେରା ଛାଡ଼ି ବ୍ୟବସାୟୀ ଫେରାର

**ସୋନପୁର,୨୫।୧(ନି.ପ୍ର.):** ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ବୋଝେଇ ଟ୍ରାଭେରାକୁ ପିଛା କରିଥିଲେ। ହେଲେ ଭଡା ଗାଡିରେ ଟ୍ରାଭେରାକୁ ଗୋଡାଇ ଧରିବାକୁ ସଫଳ ହେଲେନି। କିନ୍ତୁ ଛତିଶଗଡର ବ୍ୟବସାୟୀ ଧରା ପଡିଯିବା ଭୟରେ ଗାଡିକୁ ସୋନପୁର ଥାନା ଛେପାପାଲି ଗାଁରେ ଛାଡିଦେଇ ଅନ୍ଧକାରର ସୁଯୋଗରେ ଫେରାର ମାରିଥିଲେ। ଶନିବାର ସକାଳେ ଗଞ୍ଜେଇ ବୋଝେଇ ଟ୍ରାଭେରା ନଂ ସିଜି୦୫ଏଫ-୦୪୩୨କୁ ଠାବ କରାଯାଇଥିଲା।

# ବାମରା ବ୍ଲକରେ ଆବାସ ଯୋଜନା ଫେଲ୍

**ବାମରା, ୨୫।୧ (ଡି.ଏନ.ଏ.)**



ଅସହାୟ ଶଙ୍କରଲାଲ୍‌ଙ୍କୁ ମାରୁୱାଡି ସମ୍ମେଳନ ପକ୍ଷରୁ ନୂତନ ଗୃହ ପ୍ରଦାନ କରାଯାଉଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିରାଶ୍ରୟଙ୍କୁ ଘର ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଭଳି ଯୋଜନା ଥିବା ବେଳେ ଏହା ପ୍ରକୃତ ହିତାଧିକାରୀଙ୍କଠାରୁ ବହୁ ଦୂରରେ ରହିଛି । ଏପରି ଅନେକ ଉଦାହରଣ ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁର ପଞ୍ଚାୟତରେ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ନିରାଶ୍ରୟଙ୍କ ମଧ୍ୟରେ ଗଣେଶ ନଗରର ଶଙ୍କରଲାଲ ଖଣ୍ଡେଲୱାଲ ଜଣେ । ସେ ଘର ଖଣ୍ଡେ ପାଇଁ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣିଲେ ନାହିଁ । ଶେଷରେ ବାମରା ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମେଳନ ସଦସ୍ୟମାନେ ତାଙ୍କ ପାଇଁ ଏକ ଘର ତିଆରି କରିଛନ୍ତି। ସମ୍ମେଳନର ଉକ୍ତ ମହତ କାର୍ଯ୍ୟକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

ସୂଚନା ଅନୁସାରେ ବାମରା ଗଣେଶନଗରର ଶଙ୍କରଲାଲ ଖଣ୍ଡେଲୱାଲ (୭୨) ଏକ ଭଙ୍ଗା ଦଦରା ଘରେ ରହି ଆସୁଥିବା ବେଳେ ଅନେକ ଥର ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ପାଇଁ ସରକାରୀ କାର୍ଯ୍ୟାଳୟକୁ ଧାଇଁ ନୟାନ୍ତ ହୋଇ ପଡିଥିଲେ। ତାଙ୍କ ଏକମାତ୍ର ଝିଅର ବିବାହ ଓ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ସମ୍ପୂର୍ଣ୍ଣ ଏକା ହୋଇଯାଇଥିଲେ । ବାର୍ଦ୍ଧକ୍ୟ ବୟସରେ କାମ କରି ଘର ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ଏପରି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ତାଙ୍କୁ ଆଜିକାଲି କରି ଭୁଆଁ ବୁଲାଇ ଚାଲୁଥିଲା। ଶେଷରେ ତାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବାମରା ମାରୱାଡି ସମାଜ ସଦସ୍ୟ ତାଙ୍କୁ ସହାୟତା ପାଇଁ ନୂଆ ଘର ନିର୍ମାଣ କରିଛନ୍ତି । ଶନିବାର ପୂଜାର୍ଚ୍ଚନା ପରେ ଫିତା କାଟି ଶଙ୍କରଲାଲଙ୍କ ଗୃହପ୍ରବେଶ କରାଯାଇଥିଲା । ଏହି ଅବସରରେ ବାମରା ସମ୍ମେଳନ ଅଧକ୍ଷ ସୁନୀଲ ଲାଠ, ସଚିବ ବିଷ୍ଣୁ ଅଗ୍ରୱାଲ, ମହାବୀର ପ୍ରସାଦ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଦିଲୀପ ଅଗ୍ରୱାଲ, ସଞ୍ଜୟ ଖଣ୍ଡେଲୱାଲ, ସୁଶୀଲ ଶର୍ମା, ଜେକେ ଲାଠ, ରାଜେଶ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ବିନୟ ଅଗ୍ରୱାଲ, ପବନ ଅଗ୍ରୱାଲ, ଦୀପକ ଖଣ୍ଡେଲୱାଲ ଓ ଅଶୋକ ଖଣ୍ଡେଲୱାଲଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଶଙ୍କରଲାଲଙ୍କୁ ଚଳଣି ପାଇଁ ମାସିକ ଆର୍ଥିକ ସହାୟତା ଦେବା ଲାଗି ମଧ୍ୟ ସମ୍ମେଳନ ପକ୍ଷରୁ ସ୍ଥିର କରାଯାଇଛି । ଶଙ୍କରଲାଲଙ୍କ ବ୍ୟତୀତ ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ସୁକୁନ ଛତ୍ରିଆ, ସ୍ନେହଲତା ସେଠ, ସୁଲୋଚନା ନାୟକ, ଲକ୍ଷ୍ମଣ ସାହୁ, ସନ୍ତୋଷିନୀ କିଷାନ, ସଲମା ବେଗମ, ଉମା ସିହ୍ନା, ଦୁଲାଲ ମଣ୍ଡଳଙ୍କ ଭଳି ଅନେକ ଲୋକ ଘର ପାଇବାକୁ ଯୋଗ୍ୟ ରହିଛନ୍ତି । ଯେଉଁମାନେ କି ବର୍ତ୍ତମାନ ଘର ନ ଥିବା କାରଣରୁ ଭଙ୍ଗା ଦଦରା ଘରେ ରହିବାକୁ ବାଧ ହେଉଛନ୍ତି। ଆଉ କେତେଜଣ ପର ଘରେ ଆଶ୍ରୟ ନେବା ପାଇଁ ବାଧ ହୋଇଛନ୍ତି ।

# ଗ୍ରନ୍ଥାଗାର ଗୃହ ଉଦ୍‌ଘାଟିତ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ ଜଗନ୍ନାଥ କ୍ଷେତ୍ରଠାରେ ଗ୍ରନ୍ଥାଗାର ଓ ସଭା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ଜିଲାସ୍ଥିତ ଜଗନ୍ନାଥ କ୍ଷେତ୍ରରେ ନିର୍ମାଣାଧୀନ ନୂତନ ଗୃହକୁ ଏମସିଏଲ ଜାଗୃତି ମହିଳା ମଣ୍ଡଳ ଅଧ୍ୟକ୍ଷା ମଞ୍ଜୁଳା ଶୁକ୍ଲା ଉଦଘାଟନ କରିଥିଲେ। ଉପସଭାନେତ୍ରୀ ପଦ୍ମଜା ସିଂ ଓ ପଦ୍ମିନୀ ବାସୁଦେବନ, ଜଗନ୍ନାଥ କ୍ଷେତ୍ର ଅନନ୍ୟା ମହିଳା ମଣ୍ଡଳ ସଭାନେତ୍ରୀ ସନ୍ଧ୍ୟା ବ୍ରହ୍ମପୁରକର୍ ଅତିଥି ଭାବେ ଯୋଗଦେଇଥିଲେ । ଏମସିଏଲ ପକ୍ଷରୁ ୮ଲକ୍ଷ ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ କରାଯାଇଛି । ଅନୁଗୋଳ ଜିଲା ସ୍ଥିତ ନାରାୟଣ ସେବାଶ୍ରମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ତେଣୁ ଉଦଘାଟିତ ଗ୍ରନ୍ଥାଗାର ଓ ସଭା ଗୃହର ଆବଶ୍ୟକତା ରହିଥିଲା ବୋଲି ଅତିଥିମାନେ କହିଛନ୍ତି ।



ଅନୁଗୁଳ ଜିଲା ଜଗନ୍ନାଥ କ୍ଷେତ୍ରଠାରେ ଅତିଥିମାନେ ଗ୍ରନ୍ଥାଗାର ଓ ସଭାଗୃହକୁ ଉଦ୍‌ଘାଟନ କରୁଛନ୍ତି ।

# ପଦ୍ମଶ୍ରୀ ପର୍ଶୁରାମ ମିଶ୍ର ଜୟନ୍ତୀ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ପଦ୍ମଶ୍ରୀ ଡ. ପର୍ଶୁରାମ ମିଶ୍ରଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ପୂର୍ବାହ୍ନ ୯ଟାରେ ସହରର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍, କବି, ଲେଖକ, ରାଜନୈତିକ, କର୍ମୀ ଓ ନେତାମାନେ ଯୋଗଦେଇ ଭୂତାପଡା ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଡ. ଦୁର୍ଗାମାଧବ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଆଇନଜୀବୀ ବରଦାମାଧବ ଗୁରୁ, ଫଣିଭୂଷଣ ମିଶ୍ର, ସଞ୍ଜିବ ତ୍ରିପାଠୀ, ପ୍ରଦୀପ ସୂପକାର, ରାଜେନ୍ଦ୍ର ଠାକୁର, ସୁଜାତା ଗୁରୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପର୍ଶୁରାମ ମିଶ୍ର ଶିକ୍ଷାର ବିକାଶ ପାଇଁ ଗୁରୁତ୍ୱ ଦେଇଥିଲେ । ଆଇନଜୀବୀ ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି) କଲେଜରେ ଅଧ୍ୟକ୍ଷ ଦିବାକର ଷଡଙ୍ଗୀଙ୍କ ପରିଚାଳନାରେ ୧୨୬ତମ ଜୟନ୍ତୀ ପାଳିତ ହୋଇଥିଲା । ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ବିଇଡି, ଏମ୍‌ଏଡ୍, ଏମ୍‌ଫିଲ୍ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ପ୍ରାଧ୍ୟାପକ ଡ. ନରେନ୍ଦ୍ର କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ । କଳା ଶିକ୍ଷା ପ୍ରଶିକ୍ଷକ ନୃସିଂହନାଥ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଭୂତାପଡାସ୍ଥିତ ପଦ୍ମଶ୍ରୀ ପର୍ଶୁରାମ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି ।

## ଡିପିଏ କଲେଜରେ ଟ୍ରାଫିକ ସଚେତନତା

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ୍ ଅନ୍ତର୍ଗତ ଡିପିଏ ଉଚ୍ଚ ମାଧ୍ୟମିକ ସ୍କୁଲ (ଜୁନିୟର କଲେଜ)ରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ କମଳଲୋଚନ ପ୍ରଧାନଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋଇସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସଚେତନତା ସଭା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟ୍ରାଫିକ ସଚେତନତା ପାଇଁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଲକ୍ଷ୍ମୀ ମହାପାତ୍ର, ପୁରୁଷୋତ୍ତମ ବେହେରା, ଅଞ୍ଜଳି ଜାଲ, ବିକାଶ ପଟେଲ, ରଞ୍ଜନ ରଣବିଡାଙ୍କୁ ପୁରସ୍କୃତ କରାଯାଇଥିଲା । ସସ୍ମିତା ପଟେଲ, ନଳିନୀ ଝାଙ୍କର ଏହାକୁ ପରିଚାଳନା କରିଥିଲେ ।



ଶନିବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆ ଗାନ୍ଧୀ ସ୍ମୃତି ମଞ୍ଚଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# କଥା କେତୋଟି ପୁସ୍ତକ ଉନ୍ମୋଚିତ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ଗଳ୍ପ ସମାହାର କଥା କେତୋଟି ପୁସ୍ତକ ଶନିବାର ଅଇଁଠାପାଲି ପିଏଚଡି ପଡିଆ ଗାନ୍ଧୀ ସ୍ମୃତି ମଞ୍ଚଠାରେ ଉନ୍ମୋଚିତ ହୋଇଯାଇଛି । ଡ. କାମଦେବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ସନ୍ତୋଷ ରଥ ସମୀକ୍ଷକ ଭାବେ ଯୋଗଦେଇଥିଲେ । ଏହି ଗଳ୍ପ ବହିରେ ଅନେକ କଥାର ସମାହାର ମଧ୍ୟରେ କବି ସୁଲଭତା, ଗାଳ୍ପିକ କାରିଗରି ଓ କାବ୍ୟକଳା ଭରି ରହିଛି । ଓଡ଼ିଆ ଗଳ୍ପର ବିଗତ ୫୦ ବର୍ଷର ପ୍ରବାହ ଏହି କଥା କେତୋଟିର ପ୍ରତିପୃଷ୍ଠାରେ ଦେଖିବାକୁ ମିଳିଛି । ପାଠକୀୟ ଓ ଆବୃତ୍ତି ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଠକଙ୍କୁ ଆନନ୍ଦିତ କରିବ ବୋଲି ସମୀକ୍ଷକ କହିଥିଲେ । ପୁସ୍ତକର ଗାଳ୍ପିକ ଅର୍ନ୍ତଯାମୀ ଆଚାର୍ଯ୍ୟ ନିଜ ସ୍ମୃତି ଅନୁଭୂତି ଓ ବହି ବିଷୟରେ ଉପସ୍ଥାପନ କରିଥିଲେ । ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ସ୍ୱାଗତ ଭାଷଣ, ସେତୁ ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ଓ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିବ୍ୟକ୍ତିର ଲକ୍ଷ୍ମଣରେଖା ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ସେତୁ ଆୟୋଜିତ ଅଭିବ୍ୟକ୍ତିର ଲକ୍ଷ୍ମଣରେଖା ଶୀର୍ଷକ ଆଲୋଚନାଚକ୍ର ଶନିବାର ଅଇଁଠାପାଲି ପିଏଚଡି ପଡିଆସ୍ଥିତ ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଏମ୍‌ପି ଭବାନୀ ହୋତା ବକ୍ତାଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ଯଦି କୌଣସି ଶୋଷଣର ଶିକାର ବ୍ୟକ୍ତି କିମ୍ବା ଗୋଷ୍ଠୀ ନିଜ ନ୍ୟାଯ୍ୟଦାବି ଜଣାଇ ସ୍ୱର ଉତ୍ତୋଳନ କରୁଛି, ତେବେ ତାହା ଲକ୍ଷ୍ମଣ ରେଖାର ଲଙ୍ଘନ ହେବ ନାହିଁ । ଅନ୍ୟତମ ବକ୍ତା ବୈକୁଣ୍ଠ ପାଣିଗ୍ରାହୀ କହିଥିଲେ, ଅଭିବ୍ୟକ୍ତି ଅଛି ବୋଲି ଆମେ କିଛି ମଧ୍ୟ କରିପାରିବା ବୋଲି ଭାବିବା ଭୁଲ । ଯଦି କୌଣସି ବ୍ୟକ୍ତି ଅନ୍ୟ ଧର୍ମ, ଜାତି, ସଂସ୍କୃତିକୁ ନେଇ ଆକ୍ଷେପ ଧର୍ମୀ ଅଭିବ୍ୟକ୍ତି କରିପାରିବ ନାହିଁ । ତେବେ ୧୯୮୫ରେ ଏକ ସାଂପ୍ରଦାୟିକ ଦ୍ୱନ୍ଦ୍ୱକୁ ଆଧାର କରି ଇଂରେଜ ଶାସନ କାଳରୁ ଆଇନ ତିଆରି ହୋଇଛି । କିନ୍ତୁ ସଂପ୍ରତି ସଭିଏଁ ନିଜକୁ ରାଜା ଭାବୁଛନ୍ତି । ଅଭିବ୍ୟକ୍ତିର ଲକ୍ଷ୍ମଣ ରେଖା ଆଜି ସମାନ୍ତରାଳ ରେଖାର ପରିଣତ ହୋଇଗଲାଣି । ମଣିଷ ନିଜକୁ ସଂଯତ ରଖି ସମାଜ ଓ ଦେଶର ମଙ୍ଗଳକୁ ଧ୍ୟାନ ଦେଇ ଅଭିବ୍ୟକ୍ତି ରଖିଲେ, ଲକ୍ଷ୍ମଣରେଖାର ଆବଶ୍ୟକତା ରହିବ ନାହିଁ । ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ହୋଇଥିଲା । ସେତୁ ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ଅତିଥି ସ୍ୱାଗତ ଓ ସଭ୍ୟା ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଗୁଡ଼ା ନେତାଜୀ କ୍ଲବର ବାର୍ଷିକ ଉତ୍ସବ

**ଦେବଗଡ,୨୫।୧(ଡ଼ି.ଏନ୍.ଏ.)**

ତିଳେଇବଣି ବ୍ଲକ ଅଧିନ ସୁଗୁଡ଼ା ନେତାଜୀ କ୍ଲବ ପକ୍ଷରୁ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଲବର ସଭାପତି ସନୁ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କ୍ଲବର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଂଟ ପୁନମ୍ କାନ୍ତ ଏକ୍କା, ଏମ୍‌ପି ପ୍ରତିନିଧି ଯୋଗଶେ ପ୍ରଧାନ, ଜିଲାପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ସରପଞ୍ଚ ଦେବକୀ ଅଡ଼ା, ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନଳିନୀ ଭୋଇ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳ, କ୍ଲବର ଉପଦେଷ୍ଟା ଦାଶରଥି ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ମୁଖ୍ୟ ବକ୍ତା ଭାବରେ ଚିନ୍ମୟ ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ନାୟକ ନେତାଜୀଙ୍କ ଦେଶପ୍ରେମ,ନିର୍ଭିକତା ଏବଂ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଯୁବ ସମାଜକୁ ଆହ୍ୱାନ କରିଥିଲେ । ଚଳିତ ବର୍ଷ କ୍ଲବ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତଭାବେ ରକ୍ତ ଦାନ କରିଥିବା ୮ଜଣ ଦମ୍ପତିଙ୍କୁ ମାନପତ୍ର ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିବା ବେଳେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରକ୍ତଦାନ ଓ ସ୍ୱଚ୍ଛ ଭାରତ ଅଭିଯାନରେ କ୍ଲବକୁ ସହଯୋଗର ହାତ ବଢ଼ାଇଥିବାରୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସଦସ୍ୟ ଧରଣୀଧର ସାହୁ, ଶାନ୍ତନୁ ସାହୁ, ସୁଜ୍ଞାନୀ ପ୍ରଧାନ, ଗଦାଧର ସାହୁ, ବିଭୁତି ସାହୁ, ପିଙ୍କେଶ୍ୱର ପ୍ରଧାନ, ନୃପମଣି ସାହୁ, ଶ୍ରୀତମ ସାହୁ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଯୁବ ନାଟ୍ୟକାର ଅତିଶ ସମ୍ମାନିତ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ମନୋହର ସାଂସ୍କୃତିକ ସଂସଦ ପକ୍ଷରୁ ସମ୍ବଲପୁର ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ଅତିଶ କୁମାର ଶତପଥୀଙ୍କୁ ନାଟ୍ୟକାର ବୁଦ୍ଧଦେବ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ବରଗଡ ଜିଲା ତାଲମେଣ୍ଡା ସମ୍ବଲପୁରୀ ଭେଟଘାଟ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ନାଟ୍ୟକାର ଅତିଶଙ୍କ ଲିଖିତ ଟୁବି କନ୍‌ଟିନ୍ୟୁ, ହେ ନାରୀ, ଜୋକର୍, ବୈଷ୍ଣବ ଜନତୋ, ଅନ୍ଧାରି କଡର କଥା, ସନ୍ଥ କବି ଭୀମଭୋଇ ଓ ତାର ଶେଷଇଚ୍ଛା ପ୍ରଭୃତି ନାଟକ ମଞ୍ଚସ୍ଥ ହୋଇ ସଫଳତା ହାସଲ କରିଛି । ସେହିପରି ଅଦୃଶ୍ୟ ନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଭାବେ ବିଭିନ୍ନ ସଚେତନତା ଧର୍ମୀ, ସାମାଜିକ ନାଟକ ନିର୍ଦ୍ଦେଶନା ଦେଇ ସେ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛି।



ଯୁବ ନାଟ୍ୟକାର ଅତିଶ କୁମାର ଶତପଥୀ ଅତିଥିଙ୍କଠାରୁ ବୁଦ୍ଧଦେବ ଦାସ ସ୍ମୃତି ସମ୍ମାନ ଗ୍ରହଣ କରୁଛନ୍ତି ।

ଏନେଇ ସମ୍ବଲପୁରୀ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କଳାକାର, ସଂଗୀତଜ୍ଞମାନେ ଅତିଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପଞ୍ଚାୟତ କାର୍ଯ୍ୟାଳୟରେ ପୁଣି ତାଲା ଝୁଲିଲା

**ବାମରା, ୨୫।୧ (ଡି.ଏନ.ଏ)**

୨୦୧୮ ମସିହାର ଫସଲ ବୀମା ପ୍ରଦାନ ଦାବିରେ ବାରମ୍ବାର ଆନ୍ଦୋଳନ ଓ ପ୍ରତିଶ୍ରୁତି ପରେ ମଧ୍ୟ କୌଣସି ସୁଫଳ ନ ବାହାରିବା ଯୋଗୁ ପୁଣି ଚାଷୀମାନେ ବ୍ଲକର ସମସ୍ତ ପଞ୍ଚାୟତରେ ତାଲା ପକାଇଦେଇଥିବା ଜଣାପଡିଛି । ଲଗାତର ଆନ୍ଦୋଳନ ସତ୍ତ୍ୱେ ସରକାର ଫସଲ ବୀମା ପ୍ରଦାନ ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି । ଗତ ୭ ତାରିଖରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ତ୍ରିପାକ୍ଷିକ ବୈଠକରେ ୧୫ ତାରିଖ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ଓ ୨୨ ତାରିଖ ସୁଦ୍ଧା ଫସଲ ବୀମା ପ୍ରାପ୍ତ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ନିଜ ପ୍ରତିଶ୍ରୁତିରେ ବିଫଳ ପ୍ରଶାସନ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଷୀଙ୍କୁ ସମୟ ମାଗିଥିଲେ । ହେଲେ ପ୍ରଶାସନର ସମୟ ଗଡାଇବା ନୀତିକୁ ବିରୋଧ କରି କୁଚିଣ୍ଡା ଉପଖଣ୍ଡ ଚାଷୀ ସଂଗଠନ ପକ୍ଷରୁ ୨୫ ତାରିଖ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ମାରିବା ଓ ୨୬ ତାରିଖ ଗଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଶନିବାର ବାମରା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଆଞ୍ଚଳିକ ଚାଷୀ ସଂଗଠନ ସଦସ୍ୟମାନେ ତାଲା ପକାଇଥିବା ଜଣାପଡିଛି । କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଫସଲ ବୀମା ପ୍ରାପ୍ୟ ନ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଂଗଠନମାନେ ଚେତାବନୀ ଦେଇଛନ୍ତି ।



ଫସଲ ବୀମା ଦାବି ନେଇ ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଛନ୍ତି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

**ସଂକ୍ଷେପରେ**

## ଯୁବକଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ,୨୫।୧(ଡି.ଏନ୍.ଏ.):** ଚାରମାଳ ପୋଲିସ ଥାନା ଅନ୍ତର୍ଗତ ଚାଟୁଣି ଗ୍ରାମ ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଅନୁଗୋଳ ଜିଲା ହଣ୍ଡପା ଥାନା ଅନ୍ତର୍ଗତ ନାକଚି ନିକଟସ୍ଥ କଣ୍ଟେଇ ଗ୍ରାମର ରାଜୁ ଜାନି(୪୦) ବୋଲି ଚାରମାଳ ଥାନା ଅଧିକାରୀ ବସନ୍ତ ଦଳାଇ କହିଛନ୍ତି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁ ହୋଇଛି। ପୋଲିସ ମୃତକଙ୍କ ପରିବାର ଲୋକଙ୍କ ଖବର ଦେବା ପରେ ପରିବାର ଲୋକେ ପହଞ୍ଚିଛନ୍ତି। ରବିବାର ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ରାଜୁ ଗାଁ ଗାଁ ବୁଲି ଚେରମୂଳି ଔଷଧ ବିକ୍ରି କରୁଥିଲେ। ସେ ଶୁକ୍ରବାର ଚାଟୁଣି ଗ୍ରାମକୁ ଆସି ରାତିରେ ସ୍କୁଲ ବାରଣ୍ଡାରେ ଶୋଇଥିଲେ। ହେଲେ ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଦଳାଇ କହିଛନ୍ତି।

## ଜାତୀୟ ମତଦାତା ଦିବସ ପାଳିତ

**ରିଆମାଳ,୨୫।୧(ଡି.ଏନ୍.ଏ)** ରିଆମାଳ ବ୍ଲକ ଅନ୍ତର୍ଗତ ନୂଆପଡ଼ା ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ରୋହିତ କୁମାର ଦାଶ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଉକ୍ତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଗଣତନ୍ତ୍ର, ମତଦାନ ଓ ମତଦାତାଙ୍କ ସମ୍ପର୍କରେ ସ୍ଲୋଗାନ ଦେଇ ଏକ ରାଲି ମାଧ୍ୟମରେ ଯାଇ ସଚେତନତା ସୃଷ୍ଟି କରିଥିଲେ। ଅଧାପକ ବୁଦ୍ଧଦେବ ପ୍ରଧାନ, ଅଭୟ କୁମାର ସାହୁ, ଉମାକାନ୍ତ ସାହୁ, ଯଦୁମଣି ସାହୁ, ରଘୁନାଥ ରାଉତ, ଶୁଭ୍ରକାନ୍ତ ପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ କୁମାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## କନିଷ୍ଠ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ରିଆମାଳ,୨୫।୧(ଡି.ଏନ୍.ଏ)** ଦେବଗଡ ଜିଲା ରିଆମାଳ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ନିହାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଶନିବାର ବିଦାୟୀକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରିଆମାଳ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଫକୀର ମୋହନ ପ୍ରଧାନ, ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନ ଅଧାପକ ଫକୀର ମୋହନ ସାହୁ ମଞ୍ଚାସୀନ ରହି ଛାତ୍ରୀଛାତ୍ର କଠିନ ପରିଶ୍ରମ କଲେ ସଫଳତା ଆପେ ମିଳେ ବୋଲି ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଅଧାପକ ଅରୁଣ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ମଙ୍ଗଳମୟ କାମନା କରି ବିଦାୟ ଦେଇଥିଲେ। ମହାବିଦ୍ୟାଳୟର ସବିତା ବିଶ୍ୱାଳ, ସୁପ୍ରିୟା ଗଡ଼ନାୟକ, କୌଶିକ ଚନ୍ଦ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଜାତୀୟ ଭୋଟର ଦିବସରେ ସଚେତନତା ଶୋଭାଯାତ୍ରା

**ରେଢ଼ାଖୋଲ,୨୫।୧(ଡି.ଏନ୍.ଏ.)**

ରେଢ଼ାଖୋଲରେ ଜାତୀୟ ଭୋଟର ଦିବସ ଅବସରରେ ଭୀମଭୋଇ କଲେଜ ଓ ମହିଳା କଲେଜର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଭୋଟ ଦାନ ଅଧିକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଡୋଲାମଣି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଭୀମଭୋଇ କଲେଜ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ବକ୍ତା ଭାବେ ଉପସ୍ଥିତ ଥିଲେ। ସହକାରୀ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର ସଭା ପରିଚାଳନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବୀର ସୁରେନ୍ଦ୍ର ସାଏ ଇଂଲିଶ୍ ମିଡିୟମ ସ୍କୁଲରେ କର୍ମଶାଳା

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ବୀରସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲରେ ଚାପମୁକ୍ତ ହୋଇ କିପରି କାର୍ଯ୍ୟ କରାଯିବ ସେ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ଜସ୍ମିନ ବାନୋଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଉମା ପାତ୍ର, ପାରାଦୀପ ଡିପିଏସ ସ୍କୁଲର ଉତ୍କଳିକା ବେହେରା ବିଶେଷଜ୍ଞ ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ୨୮ଟି ସ୍କୁଲର ୬୬ଜଣ ଅଧକ୍ଷା, ଅଧକ୍ଷ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଭାଗ ନେଇଥିଲେ ।



ଆୟୋଜିତ କର୍ମଶାଳାରେ ଅତିଥି, ବକ୍ତା, ଶିକ୍ଷୟିତ୍ରୀ, ଶିକ୍ଷକମାନେ।




ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳା

**ରେଢ଼ାଖୋଲ,୨୫।୧(ଡି.ଏନ୍.ଏ.)**

ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ଶନିବାର ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଇନସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷ ତଥା ସବ୍‌ଜଜ ଅପୂର୍ବା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ଆଇନଜୀବୀ ସୁଜିତ ପ୍ରଧାନ, ଆନନ୍ଦ କୁମାର ସାମଲ, ରିଟେନର ଉମାକାନ୍ତ ମହାନନ୍ଦ ପ୍ରମୁଖ ଯୋଗଦେଇ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଚେତନତା ଶିବିରରେ ସବ୍‌ଜଜ ସମ୍ବିଧାନରେ ନାଗରିକମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ ଶପଥ ପାଠ କରାଇଥିଲେ।




କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷାର୍ଥୀଙ୍କ ସହ ଅତିଥିମାନେ।

# କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର

**ଦେବଗଡ଼,୨୫।୧(ଡ଼ି.ଏନ୍.ଏ.)**

ଜଗବନ୍ଧୁ ଜରାଶ୍ରମ ଏବଂ ଭାରତ ସରକାରଙ୍କର କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନ ଦ୍ୱାରା ୬ଦିନିଆ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବସନ୍ତ ନିବାସ ଡ଼ାକବଙ୍ଗଳା ପରିସରରେ ଉଦ୍‌ଯାପିତ ହୋଇଯାଇଛି । ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଇଂ. ନାରାୟଣ ପଟେଲ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ସୁଧିର ନାଏର, ଜିଲା ମଙ୍ଗଳ ଅଧିକାରୀ ବନମାଳୀ ଭୁୟାଁ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭୀମ ଚରଣ ମାଝୀ, ସମାଜସେବିକା ମିନତି ନାଏକ, କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନର ସହାୟିକା ନିର୍ଦ୍ଦେଶିକା ଡ଼ ଇନ୍ଦିରା ନାୟକ, ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ସମସ୍ତ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ବସନ୍ତ ନିବାସ ଡ଼ାକବଙ୍ଗଳା ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରକାରର ଫୁଲ ଓ ଫଳଗଛ ରୋପଣ କରାଯାଇଥିଲା । ଉମାଶଙ୍କର ମୁଖି, ସମିର ପାତ୍ର, ସୁମନ୍ତ ହସ୍ତି, ନିରଦ କୁମାର ସାହୁ ଏଥିରେ ସହଯୋଗ କରିଥିଲେ ।

## ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ: ହୀରାକୁଦ ଆଗୁଆନ୍ ବିଜୟୀ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ହୀରାକୁଦ ଆଗୁଆନ୍ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଟସ ଜିଣି ଆଗୁଆନ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ନନ୍ଦପଡା ଦଳ ସମ୍ମୁଖରେ ୨୩୦ ରନର ବିଶାଳ ସ୍କୋର ଛିଡା କରିଥିଲା। ବ୍ୟାଟ୍ସମ୍ୟାନ ବିଘ୍ନେଶ୍ୱର ପାଣିଗ୍ରାହୀ ୫୬ ବଲରେ ଧୂଆଁଧାର ୯୧ ରନ ସଂଗ୍ରହ କରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ସନ୍ଦୀପ ମାଥୁ ୩୬ ବଲରେ ୩୮, ପ୍ରଭାସ ଚନ୍ଦ୍ର ନାୟକ ୧୬ ବଲରେ ୩୫ ଓ ସନ୍ୟାସୀ ସିଂ ୧୨ ବଲରେ ୨୧ ରନ ସଂଗ୍ରହ କରିଥିଲେ। ନନ୍ଦପଡା ବୋଲର ରୋଶନ ପଣ୍ଡିତ ୪ ଓଭରରେ ୩୧ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ୨୩୧ ରନର ବିଜୟ ଲକ୍ଷ୍ୟ ନେଇ ନନ୍ଦପଡା ବ୍ୟାଟ୍ସମ୍ୟାନ କ୍ରିଜକୁ ଓହ୍ଲାଇଥିଲେ। କିନ୍ତୁ ଆଗୁଆନ ବୋଲରଙ୍କ ଘାତକ ବୋଲିଂ ଆଗରେ ତିଷ୍ଠି ନ ପାରି ନିୟମିତ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରି ଯାଇଥିଲେ। ତେଣୁ ଦଳ ୧୫.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୩ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବ୍ୟାଟ୍ସମ୍ୟାନ ରାହୁଲ ପଲ ୧୪ ବଲରେ ୨୧ ରନ କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନ ମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ଆଗୁଆନ ବୋଲର୍ ଅଭିନନ୍ଦନ ଗୁରୁ ୩ ଓଭରରେ ୧୫ ରନ ଦେଇ ୩ଟି, ବିଘ୍ନେଶ୍ୱର ପାଣିଗ୍ରାହୀ ୪ ଓଭରରେ ୩ ରନ ଦେଇ ୨ଟି ଓ ହରଜିତ ସିଂ ୪ ଓଭରରେ ୨୦ ରନ ଦେଇ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟର ମହମ୍ମଦ ଇସାକ ଓ ମିଥିଳେଶ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ। ସୟଦ ଜ୍ୟାକି ସ୍କୋରର ଥିଲେ। ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ କଳା ପ୍ରଶିକ୍ଷକ ନୃସିଂହନାଥ ନାୟକ ଅତିଥି ଭାବେ ଯୋଗଦେଇ ଆଗୁଆନର ବିଘ୍ନେଶ୍ୱରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

# ଉତ୍ସବ ପ୍ରଧାନପାଟ: ଉଦ୍‌ଘୋଷିକା, ଉଦ୍‌ଘୋଷକ ଚୟନ

**ଦେବଗଡ,୨୫।୧(ଡ଼ି.ଏନ୍.ଏ)**

ଆସନ୍ତା ଫେବୃୟାରୀ ୧୦ତାରିଖଠାରୁ ୧୪ତାରିଖ ପର୍ଯ୍ୟନ୍ତ ଦେବଗଡସ୍ଥିତ ପ୍ରଧାନପାଟ ଜଳପ୍ରପାତ ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚ ଆୟୋଜିତ ହେବ। ଉତ୍ସବ ପ୍ରଧାନପାଟରେ ମଞ୍ଚ କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ଉଦ୍‌ଘୋଷିକା, ଉଦ୍‌ଘୋଷକ ଚୟନ ପାଇଁ ଏକ ସ୍କ୍ରିନିଂ ଟେଷ୍ଟ ଶନିବାର ପୂର୍ବାହ୍ନରେ ସୂଚନା କେନ୍ଦ୍ର ଓ ପାଠାଗାର ଦେବଗଡଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଚୟନ ପ୍ରକ୍ରିୟାରେ ବିଭିନ୍ନ ସ୍କୁଲ କଲେଜରୁ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ମହିଳା ବର୍ଗରୁ ୧୦ ଓ ପୁରୁଷ ବର୍ଗରୁ ୫ ଜଣଙ୍କୁ ଚୟନ କରାଯାଇଛି । ମହିଳା ବର୍ଗର ସୁନିଶ୍ଚିତା ପାଢ଼ୀ, ସୁପ୍ରିୟା ମହାପାତ୍ର, ସ୍ୱପ୍ନା ସାଗରିକା, ସୁରଭୀ ବରାଇ, ସୁମନ ମହାକୁଳ, ପ୍ରିୟଙ୍କା ବେହେରା,ବିଦ୍ୟୁତ୍‌ପ୍ରଭା ଦେହୁରୀ, ଜୟଶ୍ରୀ ଗଙ୍ଗଦେବ, ଜାନକୀ ବେହେରା ଓ ସ୍ୱାତୀସୌମ୍ୟା ଦାସ ଏବଂ ପୁରୁଷ ବର୍ଗରେ ଜନ୍ମାଜୟ ନାୟକ, ଅଭୟ କୁମାର ବେହେରା,ବିଦେଶୀ ସାହୁ, ବଂଶୀଧର ସାହୁ, ପ୍ରିତମ୍ କୁମାର ବେହେରାଙ୍କୁ ଚୟନ କରାଯାଇଛି । ଉକ୍ତ ଚୟନ କାର୍ଯ୍ୟକ୍ରମରେ ସାଂସ୍କୃତିକ କମିଟି ଚେୟାରମ୍ୟାନ ତଥା ଅତିରିକ୍ତ ଜିଲାପାଳ ଧରମ ହାଁସଦା,ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଦିଲୀପ କୁମାର ଗୁରୁଙ୍କ ଉପସ୍ଥିତରେ ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ,ବରିଷ୍ଠ କଳାକାର ପ୍ରଦୀପ କୁମାର ଅମାତ, ପୂର୍ବତନ ସଂଯୋଜକ ହେମନ୍ତ କୁମାର ମହାପାତ୍ର ଯୋଗଦେଇ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ।



ଉଦ୍‌ଘୋଷିକା, ଉଦ୍‌ଘୋଷକ ଚୟନ ପାଇଁ ସ୍କ୍ରିନିଂ ଟେଷ୍ଟ ଚାଲିଛି ।



ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଜାତୀୟ ଭୋଟର ଦିବସରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

# ଜାତୀୟ ଭୋଟର ଦିବସ ପାଳିତ

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ଜାତୀୟ ଭୋଟର ଦିବସ ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭୋଟରମାନଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ବ୍ରଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଆସିଷ୍ଟାଣ୍ଟ କଲେକ୍ଟର ରଶ୍ମିତା ନାଥ ଓ ଜ୍ୟୋତିର୍ମୟୀ ମଲ୍ଲିକ, ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ ମଞ୍ଚାସୀନ ଥିଲେ। ପୂର୍ବାହ୍ନରେ ଜାତୀୟ ଭୋଟର ଦିବସ ସଚେତନତା ରାଲି ତପସ୍ୱିନୀ ପ୍ରେକ୍ଷାଳୟରୁ ବାହାରି ସହର ପରିକ୍ରମା କରିଥିଲା।

# ସର୍ବେଶ୍ୱର କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଦେବଗଡ଼,୨୫।୧(ଡ଼ି,ଏନ୍.ଏ.)**

ବାରକୋଟ ବ୍ଲକ କାଦୋପଡ଼ା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ପ୍ରଗତି କ୍ଲବ ଆନୁକୂଲ୍ୟରେ ବାବା ସର୍ବେଶ୍ୱର କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଅବସରରେ ଘରୋଇ ସର୍ବେଶ୍ୱର କ୍ରିକେଟ ଓ ରାଧାକୃଷ୍ଣ କ୍ରିକେଟ ସଙ୍ଗୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୮ ଉଇକେଟରେ ଘରୋଇ ଦଳ ସିଙ୍ଗୁରୀ ଦଳକୁ ପରାସ୍ତ କରି ବିଜୟୀ ହୋଇଛି । ସଞ୍ଜୟ କୁମାର ପ୍ରଧାନ ଓ ଶ୍ରୀକାନ୍ତ ନାୟକ ଖେଳ ପରିଚାଳନା, ସ୍କୋର ବୋର୍ଡ଼ରେ ବିକାଶ କୁମାର ଜେନା ଓ ସରୋଜ କୁମାର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ଯୁବନେତା ସୁଧିର କୁମାର ବ୍ରହ୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ପ୍ରଧାନ, ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍ ସଦସ୍ୟ ଲେପନ କୁମାର ଗଡ଼ନାୟକ, ଦୀପକ କୁମାର ନାୟକ, ଟିଂଟୁ ଗଡ଼ନାୟକ, ଅମିତ ସାହୁ, କୀର୍ତନ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।



ଅତିଥି ମାନେ ସର୍ବେଶ୍ୱର କ୍ରିକେଟ କପ୍ ଉଦ୍‌ଘାଟନ କରୁଛନ୍ତି।

# ଜାତୀୟ ଭୋଟର ଦିବସରେ ବାହାରିଲା ସଚେତନତା ରଥ

**ଦେବଗଡ,୨୫।୧(ଡି.ଏନ.ଏ)**

ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ଜାତୀୟ ଭୋଟର ଦିବସ ସ୍ଥାନୀୟ ସରକାରୀ ପଲିଟେକନିକ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଉପଜିଲାପାଳ ତଥା ଇଆରଓ ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଭୋଟର ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ନୂତନ ଭୋଟରମାନେ କିଭଳି ଭାବରେ ନିଜର ନାମ ପଞ୍ଜୀକୃତ କରାଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ବିକ୍ରାଣୀ କିସପଟା ଉପସ୍ଥିତ ସମସ୍ତଙ୍କୁ ମତଦାତାଙ୍କ ସଂକଳ୍ପ ପାଠ କରାଇଥିଲେ । ବୈଠକରେ ଉପସ୍ଥିତ ଡେପୁଟି କଲେକ୍ଟର ସିପ୍ରା ସେଠୀ, ସହକାରୀ କଲେକ୍ଟର କୈବଲ୍ୟ କର ଏବଂ ଦିବ୍ୟଶଙ୍କର ଜୟପୁରିଆ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ଏବଂ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଭୋଇ ପୁରସ୍କାର ପ୍ରଦାନ କରିଥିଲେ । ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶତାବ୍ଦୀ ନନ୍ଦ, ୱାସିମ ଅହମ୍ମଦ, ଦେବଗଡ ମହାବିଦ୍ୟାଳୟ ଏବଂ ରୋମିଓ ଶର୍ମା ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜଣା ଅଜଣା ପ୍ରତିଯୋଗିତାରେ ଚନ୍ଦ୍ର ଶେଖର ସାହୁ, ଅଜୟ ଖଡିଆ, ଡି.ଆଇ.ଇ.ଟି ପ୍ରଥମ ସ୍ଥାନ, ଖୁସୀ ଅଗ୍ରୱାଲା, ୱାସିମ ଅହମ୍ମଦ ଓ ସୋମାଞ୍ଜନା ଘୋଷ୍, ଦେବଗଡ ମହାବିଦ୍ୟାଳୟ ଦ୍ୱିତୀୟ ଏବଂ ସମ୍ବିତ କୁମାର ମାଝୀ ସରକାରୀ ପଲିଟେକନିକ ମହାବିଦ୍ୟାଳୟ ଓ ନମ୍ରତା ପ୍ରଧାନ ଦେବଗଡ ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥ ସାକ୍ଷର ଭୋଟର ଦୃଢ ଗଣତନ୍ତ୍ରର ବାର୍ତ୍ତା ବହନ କରି ସହର ପ୍ରକ୍ରିମ କରିଥିଲା।




ଜାତୀୟ ଭୋଟର ଦିବସରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ମେରୀ କମ୍‌ଙ୍କୁ ପଦ୍ମବିଭୂଷଣ, ସିନ୍ଧୁ ପାଇବେ ପଦ୍ମଭୂଷଣ

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଭେଟେରାନ ମହିଳା ବକ୍ସର ଏମ୍.ସି ମେରୀକମ୍‌ଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମବିଭୂଷଣ ଏବଂ ବିଶ୍ୱ ଚାମ୍ପିୟନ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହେବେ। ଅନ୍ୟ ୬ ଜଣ କ୍ରୀଡ଼ାବିତ୍ ପଦ୍ମଶ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ କ୍ରିକେଟର ଜାହିର ଖାଁ, ମହିଳା ହକି ଅଧିନାୟିକା ରାଣୀ ରାମପାଲ, ପୂର୍ବତନ ପୁରୁଷ ହକି ଖେଳାଳି ଏମ୍‌ପି ଗଣେଶ, ଶୁଟର ଜିତୁ ରାୟ, ପୂର୍ବତନ ମହିଳା ଫୁଟ୍‌ବଲ ଟିମ୍ ଅଧିନାୟିକା ଓଇନାମ ବେମ୍‌ବେମ୍ ଦେବୀ ଏବଂ ତୀରନ୍ଦାଜ ତରୁଣଦୀପ ରାୟ।

### ୫ ଲକ୍ଷ ରନ୍ ପୂରଣ କଲା ଇଂଲଣ୍ଡ

**ଜୋହାନ୍ସବର୍ଗ,୨୫।୧:** ଟେଷ୍ଟ କ୍ରିକେଟରେ ଇଂଲଣ୍ଡ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଇତିହାସର ପ୍ରଥମ ଦଳ ଭାବେ ଇଂଲଣ୍ଡ ଟେଷ୍ଟ କ୍ରିକେଟରେ ୫ ଲକ୍ଷ ରନ୍ ପୂରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଏହି ରେକର୍ଡର ଅଧିକାରୀ ହୋଇଛି। ଦଳ ତା'ର ୧୦୨୨ତମ ମ୍ୟାଚ୍‌ରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛି। ଏହି ତାଲିକାରେ ୮୩୦ ଟେଷ୍ଟ ମ୍ୟାଚ୍ ଖେଳିଥିବା ଅଷ୍ଟ୍ରେଲିଆ ୪,୩୨,୭୦୬ ରନ୍ ସହ ଦ୍ୱିତୀୟ ସ୍ଥାନରେ ଅଛି। ଭାରତ ମାତ୍ର ୫୪୦ ଟେଷ୍ଟ ଖେଳି ୨ ଲକ୍ଷ ୭୩ ହଜାର ୫୧୮ ରନ୍ କରିଛି। ଏହା ପଛକୁ ରହିଛି ୱେଷ୍ଟଇଣ୍ଡିଜ (୫୪୫ ଟେଷ୍ଟରେ ୨,୭୦,୪୪୧ ରନ୍)। ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍‌ର ତୃତୀୟ ମ୍ୟାଚ୍ ମଧ ଇଂଲଣ୍ଡ ପାଇଁ ମାଇଲଷ୍ଟୋନ ସାବ୍ୟସ୍ତ ହୋଇଥିଲା। ତାହା ଥିଲା ଇଂଲଣ୍ଡ ପାଇଁ ଦେଶ ବାହାରେ ୫୦୦ତମ ଟେଷ୍ଟ। ଏହି ତାଲିକାରେ ଅଷ୍ଟ୍ରେଲିଆ (୪୦୪ ଟେଷ୍ଟ) ଓ ଭାରତ (୨୬୮ ଟେଷ୍ଟ ଖେଳି ୫୧ ବିଜୟ, ୧୧୩ ପରାଜୟ) ରହିଛନ୍ତି।



> ଭାରତ ପାକିସ୍ତାନରେ ଏସିଆ କପ୍ ନ ଖେଳିଲେ ଆମେ ୨୦୨୧ରେ ଭାରତରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବୁନି।
> —ୱାସିମ୍ ଖାଁ, ପାକିସ୍ତାନ କ୍ରିକେଟ ବୋର୍ଡ ସିଇଓ



> ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତର ୱାର୍ଲ୍ଡ କ୍ଲାସ୍ ବ୍ୟାଟିଂ ୟୁନିଟ ଆଗରେ ଆମକୁ ଅଧିକ ଆକ୍ରମଣାତ୍ମକ ବୋଲିଂ କରିବାକୁ ହେବ।
> —ଇଶ୍ ସୋଧି, ନ୍ୟୁଜିଲାଣ୍ଡ ଲେଗ୍ ସ୍ପିନର

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ଅକ୍‌ଲାଣ୍ଡ,୨୫।୧(ପି.ଟି.)**



ପ୍ରଥମ ଟି୨୦ରେ ଚମକପ୍ରଦ ବିଜୟ ହାସଲ କରିଥିବା ଭାରତ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ବିଜୟରୁ ଅଭିଯାନ ଆରମ୍ଭ କରିବା ସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ମଧ ଏହି ହାଇ ସ୍କୋରିଂ ଗ୍ରାଉଣ୍ଡରେ ଖେଳାଯିବ।

ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବା ଆଶା କରାଯାଉନାହିଁ। ତେବେ ବୋଲିଂ ବିଭାଗରେ କିଛିଟା ପରିବର୍ତ୍ତନ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଛୋଟ ବାଉଣ୍ଡାରୀରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଏକ ମାତ୍ର ବୋଲର ଭାବେ ଯଶପ୍ରୀତ ବୁମ୍‌ରା ଓଭର ପିଛା ୮ରୁ କମ୍ ରନ୍ ବ୍ୟୟ କରିଛନ୍ତି। ଅନ୍ୟ ଦୁଇ ଦ୍ରୁତ ବୋଲର ମହମ୍ମଦ ଶାମି ଓ ଶାର୍ଦ୍ଦୁଳ ଠାକୁର ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚତୁର୍ଦ୍ଦିଗକୁ ଶଟ୍ ଖେଳି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ପ୍ରଥମ ମ୍ୟାଚ୍‌ରେ ୨୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ଶାମି ଦଳରେ ତାଙ୍କ ସ୍ଥାନ ବଜାୟ ରଖିବା ନିଶ୍ଚିତ ମନେହେଉଛି। ଠାକୁରଙ୍କ ବଦଳରେ ନବଦୀପ ସଇନି ଖେଳିବାର ସମ୍ଭାବନା ରହିଛି। ତେବେ ଛୋଟ ଗ୍ରାଉଣ୍ଡରେ ସଇନିଙ୍କ ଏକ୍ସଟ୍ରା ପେସ୍ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଧିକ ରନ ସଂଗ୍ରହ କରିବାର ସୁଯୋଗ ସୃଷ୍ଟି କରିପାରେ। ୩ ଦ୍ରୁତ ବୋଲର ଓ ୨ ସ୍ପିନରଙ୍କୁ ନେଇ ଭାରତ ପୂର୍ବପରି ପଡିଆକୁ ଓହ୍ଲାଇବା କି ନା ତାହା ଟସ୍ ପରେ ଜଣାପଡିବ। ସେହିପରି ଜଣେ ଅତିରିକ୍ତ ସ୍ପିନର କୁଳଦୀପ ଯାଦବଙ୍କୁ ୟୁଜବେନ୍ଦ୍ର ଚହଲ ଓ ରବୀନ୍ଦ୍ର ଜାଡେଜାଙ୍କ ସହ ଖେଳାଇବାର ମଧ ଯଥେଷ୍ଟ ସମ୍ଭାବନା ରହିଛି।

### ଆଜି ଦ୍ୱିତୀୟ ଟି୨୦

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।
- **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ୍ ଟେଲର, ସ୍କଟ କୁଗେଲେଜିନ, କଲିନ ମୁନରୋ, କଲିନ ଡି ଗ୍ରାଣ୍ଡହୋମ, ଟମ୍ ବ୍ରୁସ୍, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ (ଉଇକେଟକିପର), ହାମିଶ ବେନେଟ, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟକ୍‌ନର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ନ ୧୨. ୨୦ | ଅକ୍‌ଲାଣ୍ଡ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

# ଭାରତ ନ ଆସିଲେ ଆମେ ଯିବୁନି: ପିସିବି

**କରାଚୀ, ୨୫।୧ (ପି.ଟି.):** ଚଳିତ ବର୍ଷ ସେପ୍ଟେମ୍ବରରେ ପାକିସ୍ତାନ ଟି୨୦ ଏସିଆ କପ୍ ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣ ଲାଗି ଭାରତ ଯଦି ରାଜି ନ ହୁଏ ତେବେ ୨୦୨୧ରେ ଏହି ଦେଶରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଆମେ ଦଳ ପଠାଇବୁ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ୱାସିମ୍ ଖାଁ ପ୍ରକାଶ କରିଛନ୍ତି। ପିସିବି ଏସିଆ କପ୍ ଆୟୋଜନ ଅଧିକାର ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ପ୍ରଦାନ କରିଛି ବୋଲି ଗଣମାଧ୍ୟମ ରିପୋର୍ଟରେ ଯାହା ପ୍ରକାଶ ପାଇଛି ପାକିସ୍ତାନ କ୍ରିକେଟ ବୋର୍ଡର ଏହି ସିନିୟର ଅଫିସିଆଲ ତାହାର ଖଣ୍ଡନ କରିଛନ୍ତି। ବାଂଲାଦେଶ କ୍ରିକେଟ ଦଳ ଯେପରି ପାକିସ୍ତାନ ଟୁର୍‌ରେ ଆସିବା ଲାଗି ରାଜି ହେବ ତାହାକୁ ଲକ୍ଷ୍ୟ ରଖି ପିସିବି ନିଜକୁ ମିଳିଥିବା ଟି୨୦ ଏସିଆ କପ୍ ଅଧିକାର ବିସିବିକୁ ପ୍ରଦାନ କରିବା ଲାଗି ରାଜି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ୱାସିମ ଖାଁ କହିଛନ୍ତି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଆମକୁ ଆୟୋଜନ ଅଧିକାର ପ୍ରଦାନ କରିଛି। ଏହାକୁ ଆମେ ଅନ୍ୟ କାହାରିକୁ ହସ୍ତାନ୍ତର କରିବା ଅଧିକାର ଆମର ନାହିଁ।

# କ୍ରୀଡ଼ା ବିଭାଗ, ସାଇ ଓ କିଟ୍ ଅଧିକାରୀଙ୍କ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨୫।୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆୟୋଜନ ହେବାକୁ ଯାଉଥିବା ବେଳେ ଏହାର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି କ୍ରୀଡ଼ା ଆୟୋଜନକୁ ସଫଳ କରିବା ପାଇଁ କିଟ୍ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ କିଟ୍ ବିଶ୍ୱ ବଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ବସି ବ୍ୟାପକ ଭାବେ ଆଲୋଚନା କରିଥିଲେ।

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମାନସ ସନ୍ତାନ ରୂପେ ଜଣାଥିବା ଏହି ସମ୍ମାନଜନକ ଗେମ୍ସ କିଟ୍‌ରେ ଆୟୋଜନ ହେବ। ଏହା ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସଚିମ ତଥା କମିଶନର ବିଶାଲ ଦେବଙ୍କ ଅଧକ୍ଷତାରେ ଏହି ବୈଠକ ବସିଥିଲା। ଏହି କ୍ରୀଡ଼ା ମହାକୁମ୍ଭର ସୁପପରିଚାଳନା ଓ ଆୟୋଜନ ସମ୍ପର୍କରେ

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ବୈଠକରେ ଆଲୋଚନା କରାଯାଇଥିଲା। ୫,୦୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବାର କାର୍ଯକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ କ୍ରିଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା, ସାଇ ବରିଷ୍ଠ ନିର୍ଦ୍ଦେଶକ ଏସ.ଏନ୍. ମିନା, ପ୍ରଫେସର ଅଚ୍ୟୁତ ସାମନ୍ତ ଓ ୟାଇ. ଷଡଙ୍ଗୀ ଏବଂ ବରିଷ୍ଠ ପ୍ରସାଶକ ଏସ. ଉପାଧାୟ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

# ଓଡ଼ିଶା ମହିଳା ଥ୍ରୋ ବଲ୍ ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ପଶ୍ଚିମବଙ୍ଗର ବର୍ଦ୍ଧମାନଠାରେ ଆୟୋଜିତ ହୋଇଥିବା ଜାତୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଥିଲା। ଜାତୀୟସ୍ତରର ପ୍ରତିଯୋଗିତାରେ ରନର୍ସଅପ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ଓଡ଼ିଶା ଥ୍ରୋ ବଲ୍ ଦଳର ଖେଳାଳି, ପ୍ରଶିକ୍ଷକ ସତିକାନ୍ତ ପଟ୍ଟନାୟକ, ରାଜ୍ୟ ସଂଘର ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଥ୍ରୋ ବଲ୍ ଭଳି ଖେଳକୁ ରାଜ୍ୟକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫାଉଣ୍ଡର କୃଷ୍ଣଚନ୍ଦ୍ର ଦାସଙ୍କୁ ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କ୍ରୀଡ଼ା ଗାଇଡ୍ ଲାଇନ୍ ଅନୁଯାୟୀ ଆଗାମୀ ଦିନରେ ଖେଳାଳିମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଓଡ଼ିଶା ଷ୍ଟେଟ୍ ଥ୍ରୋ ବଲ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏଥିସହ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ତୃଣମୂଳସ୍ତରରୁ ଖେଳାଳି ଚୟନରେ ଆବଶ୍ୟକ ଆର୍ଥିକ ସହାୟତା ମଧ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି।

# ଇଷ୍ଟଜୋନ୍ କରାଟେ: ଓଡ଼ିଶାକୁ ୧୬୩ ପଦକ




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ପ୍ରଥମ ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରିବା ସହ ମୋଟ ୧୬୩ ପଦକ (୪୨ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୭୪ ବ୍ରୋଞ୍ଜ)ସହ ପଦକ ତାଲିକାରେ ପ୍ରଥମ ହାସଲ କରିଛି। ପଶ୍ଚିମବଙ୍ଗ ମୋଟ ୧୦୭ ପଦକ (୩୯ ସ୍ୱର୍ଣ୍ଣ,୩୦ରୌପ୍ୟ, ୩୮ ବ୍ରୋଞ୍ଜ) ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିହାର ତୃତୀୟ ଏବଂ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପଦକ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟଜୋନ୍ କରାଟେ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସିହାନ ପ୍ରେମ୍‌ଜିତ୍ ସେନ୍, ସେନ୍‌ସେଇ ରଜନିଶ ଚୌଧୁରୀ, ଇଷ୍ଟଜୋନ୍ ସଂଘ ସଦସ୍ୟ ସେନ୍‌ସେଇ ଖାରବେଳ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟ ସହ ଭାରତୀୟ ଦଳର ଅଭିଯାନ ଆରମ୍ଭ

**ଅକ୍‌ଲାଣ୍ଡ,୨୫।୧(ପି.ଟି.)**

ଅଧିନାୟିକା ରାଣୀ ରାମ୍‌ପାଲଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ୪-୦ ଗୋଲରେ ନ୍ୟୁଜିଲାଣ୍ଡ ଡେଭଲପ୍‌ମେଣ୍ଟ ଦଳକୁ ପରାସ୍ତ କରି ଏହାର ନ୍ୟୁଜିଲାଣ୍ଡ ଟୁର୍ ଆରମ୍ଭ କରିଛି। ବିଜୟୀ ଦଳ ପାଇଁ ରାଣୀ ଦୁଇଟି ଗୋଲ ଦେଇଥିବାବେଳେ ଶର୍ମିଳା ଓ ଓଡ଼ିଶାର ନମିତା ଟପ୍ପୋ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ

**ମହିଳା ହକି ସିରିଜ**

ରହିଥିଲା। କିନ୍ତୁ ମ୍ୟାଚ୍‌ର ପ୍ରଥମ ଗୋଲ ତୃତୀୟ କ୍ୱାର୍ଟରରେ ଦେଖିବାକୁ ମିଳିଥିଲା। ଅଧିନାୟିକା ରାଣୀ ଦଳୀୟ ଖାତା ଖୋଲିଥିଲେ। ପୂରା କ୍ୱାର୍ଟରରେ ଦଳ କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲା। କିନ୍ତୁ ସବୁ ବେକାର ସାବ୍ୟସ୍ତ ହୋଇଥିଲା। ଯୁବା ଖେଳାଳି ଶର୍ମିଳା ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଅଧିନାୟିକା ରାଣୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ଓଡ଼ିଆ ଖେଳାଳି ନମିତା ଚତୁର୍ଥ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ। ଆରମ୍ଭରୁ ଆମେ ସଂଘର୍ଷ କରିଥିଲୁ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଆମେ ଖେଳକୁ ନିୟନ୍ତ୍ରିଣକୁ ଆଣି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲୁ। ଅନ୍ତିମ ଦୁଇ କ୍ୱାର୍ଟରରେ ଘରୋଇ ଦଳ ଅତ୍ୟଧିକ ଚାପ ପକାଇଥିଲା। ଏହାକୁ ଖାତିର ନ କରି ଆଟାକିଂ ଖେଳ ଜାରି ରଖିଥିଲୁ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି।

### ଜାତୀୟ ହକି କ୍ୟାମ୍ପ୍‌ରେ ୪ ଓଡ଼ିଆ

**ନୂଆଦିଲ୍ଲୀ, ୨୫।୧ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ଆସନ୍ତା ଫେବୃୟାରୀରେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ମ୍ୟାଚ୍‌ର ପୂର୍ବ ପ୍ରସ୍ତୁତି ଲାଗି ଭାରତୀୟ ଦଳ ପକ୍ଷରୁ ଏକ କ୍ୟାମ୍ପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କରାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ଜାତୀୟ ଦଳରୁ ଦୂରେଇ ରହିଥିବା ଡ୍ରାଗ୍ ଫ୍ଲିକର ବରୁନ କୁମାର ଏବେ ଦଳକୁ ଫେରିଛନ୍ତି। ସେହିଭଳି ଏହି ୩୨ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ, ଦୀପ୍‌ସାନ ତିର୍କୀ ଓ ନୀଲମ ସଞ୍ଜୀପ ଖେସ୍। ଦୁଇ ସପ୍ତାହବିଶିଷ୍ଟ ଏହି କ୍ୟାମ୍ପ ପରେ ଚୂଡ଼ାନ୍ତ ଦଳ ଘୋଷଣା କରାଯିବ। ଫେବୃୟାରୀ ୮ ଓ ୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭାରତ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମ ବିପକ୍ଷରେ ଏହି ୨ଟି ମ୍ୟାଚ୍ ଖେଳିବ। 'ଆଗାମୀ ୨ ସପ୍ତାହ ଆମେ ଚୟନ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ଫୋକସ୍ କରିବୁ। ଉନ୍ନତ ଫିଟ୍‌ନେସ ଆମର ମୁଖ୍ୟ ଶକ୍ତି' ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରେଡ୍ କହିଛନ୍ତି।

# ନାଏକ କ୍ରିକେଟ୍, ନବକିଶୋର କ୍ଲବ ବିଜୟୀ

**ବଲାଙ୍ଗୀର ଅଫିସ, ୨୫।୧**

**ଜୁନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍**

ବଲାଙ୍ଗୀର ଜିଲା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଓସିଏ ଭିଜନ ୨୦୨୪ ଜୁନିୟର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ପ୍ରଥମ ମ୍ୟାଚ ନବକିଶୋର କ୍ଲବ ଓ ପାଟଣାଗଡ ମଧ୍ୟରେ ହୋଇଥିଲା। ନବକିଶୋର ଦଳ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୨୦୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଜଳ ମହାନ୍ତି ସର୍ବାଧିକ ୫୮ ରନ୍ ଓ ସୌଭାଗ୍ୟ ପଟେଲ ଅପରାଜିତ ୪୫ ରନ୍ ସଂଗ୍ରହ କରିଥିଲେ। ପାଟଣାଗଡ ପକ୍ଷରୁ ତିକେଶ୍ୱର ମହାରଣ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାଟଣାଗଡ ଦଳ ସମସ୍ତ ଉଇକେଟ ହରାଇ ୧୯୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପାଟଣାଗଡ ତରଫରୁ ପଲ୍ଲବ ପ୍ରସାଦ ନାଗ ସର୍ବାଧିକ ୬୪ ରନ୍, ଜ୍ୟୋତିଷ ପୁରୋହିତ ୩୧ରନ୍ ସଂଗ୍ରହ କରିଥିଲେ। ନବକିଶୋର ଦଳ ପକ୍ଷରୁ ସଫଳ ବୋଲର ଭାବେ ଭବାନୀ ଶଙ୍କର ଜାଲ ୪ଟି ଓ ସୌଭାଗ୍ୟ ପଟେଲ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚ ରାଜେନ୍ଦ୍ର କଲେଜ ଖେଳପଡିଆରେ ନାଏକ କ୍ରିକେଟ୍ ଏକାଡେମୀ ଓ କଣ୍ଟାବାଞ୍ଜି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନାଏକ କ୍ରିକେଟ ଏକାଡେମୀ ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୨୧୫ରନ୍ ହାସଲ କରିଥିଲେ। ନାଏକ କ୍ରିକେଟ ଏକାଡେମୀ ଦଳ ପକ୍ଷରୁ ଅମିତାଭ ସରାଫ ସର୍ବାଧିକ ୫୭ ରନ୍, ସନ୍ଦୀପ ଶେଖର ବେହେରା ୨୭ ରନ୍ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ତରଫରୁ ଫକୀର ମୋହନ ଦାସ ୩ଟି, ପିଙ୍କୁ ହିଆଲ ଓ ହୁଟାସନ ବାଗ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଣ୍ଟାବାଞ୍ଜି ସମସ୍ତ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରି ୩୭ ରନ୍‌ରେ ପରାଜିତ ହୋଇଥିଲା। କଣ୍ଟାବାଞ୍ଜିର ମିଥୁନ ତାଣ୍ଡି ୭୫, ନବୀନ କୁଅଁର ୧୭ରନ୍ ସଂଗ୍ରହ କରିଥିଲେ। ନାଏକ କ୍ରିକେଟ ଏକାଡେମୀର ଅମିୟ ଧରୁଆ, ପ୍ରୀତ୍‌ମଜିତ ମାଇତି ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହି ଦୁଇଟି ମ୍ୟାଚକୁ ଓସିଏ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର, କଲ୍ୟାଣ ସେଠ୍, ବିଶ୍ୱରଞ୍ଜନ ସିଂ, ରାଜେନ୍ଦ୍ର ସେଠ୍ ପରିଚାଳନା କରିଥିଲେ। ଅନ୍‌ଲାଇନ ସ୍କୋରର୍ ଭାବରେ ରଜତ ଦାସ ଓ ସୁଶୀଲ କୁମାର ସୁନ୍ଦରାୟ ଓ ମେନୁଆଲ ସ୍କୋରର୍ ଭାବେ କୁମାରୀ ନିକିତା ଓ ରଶ୍ମିତା ଚିନାରା ଦାୟିତ୍ୱ ବହନ କରିଥିଲେ। ଏହି ମ୍ୟାଚରେ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ, ଅରୁଣ କୁମାର ନାଏକ, ଚେତନାନନ୍ଦ ପଣ୍ଡା, ଶତ୍ରୁଘ୍ନ ସିଂ ଓ ସୁଧୀର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।



ରାଜେନ୍ଦ୍ର କଲେଜ ପଡିଆଠାରେ ଆୟୋଜିତ ମ୍ୟାଚ୍‌ର ବିଜୟୀ ଦଳ ନାଏକ କ୍ରିକେଟ୍ ଏକାଡେମୀ।



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଟେବୁଲ ଟେନିସ୍ ଦଳ।

# ଓଡ଼ିଶା ସିନିୟର ଟିଟି ଦଳ ଘୋଷିତ

**କଟକ ଅଫିସ, ୨୫।୧:**

ତେଲଙ୍ଗାନାର ହାଇଦ୍ରାବାଦ୍‌ଠାରେ ଜାନୁୟାରୀ ୨୭ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ୮୧ତମ ସିନିୟର ଜାତୀୟ ଓ ଆନ୍ତଃ ରାଜ୍ୟ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଶନିବାର ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଦଳ ଟ୍ରେନ ଯୋଗେ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ମଧ କରିଛି। ପୁରୁଷ ଦଳରେ ମହମ୍ମଦ ଆଝାର, ସ୍ନେହମୟ ମଲ୍ଲିକ, ଏମ୍. ଈଶ୍ୱର ରାଓ, କେ.କାର୍ତ୍ତିକ ରହିଛନ୍ତି। ସେହିଭଳି ମୟୂରୀ ଚାଟାର୍ଜୀ, ଯୋଶିତା ଜାମୁଲା, ଶ୍ୱେତପଦ୍ମା ଦଳାଇ, ଗାୟତ୍ରୀ ମିତ୍ର, ଅଞ୍ଜଳି ଅଗ୍ରୱାଲ ମହିଳା ଦଳରେ ସ୍ଥାନ ପାଇଛନ୍ତି। କୋଚ୍ ତଥା ମ୍ୟାନେଜର ଭାବେ ରାଜ ଏସ୍ ସୁବ୍ରମଣ୍ୟମ, ବ୍ଲ୍ୟୁ ବ୍ୟାଜ ଅମ୍ପାୟର ଭାବେ ଜୀବନ ବଲ୍ଲଭ ସାମଲ ଓ ଅମ୍ପାୟର କେ.ଭି.ପି. ରାମାରାଓ ଦଳ ସହ ଯାତ୍ରା କରିଛନ୍ତି।



ଟେଲି ଧାରାବାହିକ 'ଦିଲ୍ ତୋ ହାପି ହୈ ଜି'ର ଅଭିନେତ୍ରୀ ସେଜଲ ଶର୍ମା ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଉଦୟପୁରରେ ହୋଇଥିବାରୁ ତାଙ୍କର ଅନ୍ତିମ ସଂସ୍କାର ସେଠାରେ କରାଯିବ ବୋଲି ଜଣାପଡିଛି। ସେଜଲ ବିଭିନ୍ନ ଟେଲି ଧାରାବାହିକ ସହ କିଛି ବିଜ୍ଞାପନରେ ମଧ୍ୟ କାମ କରିଛନ୍ତି।



# ୧୯ ଲକ୍ଷ ଟଙ୍କାର ଡାକ ଟିକଟ ରଖିଛନ୍ତି ରାମଚନ୍ଦ୍ରନ

**ଦୁବାଇ:** କାହାର କେତେ ପ୍ରକାରର ସଉକ ରହିଥାଏ। ହେଲେ ଏମିତି ଜଣେ ଭାରତୀୟ ଅଛନ୍ତି ଯେ ଏବେସୁଦ୍ଧା ପ୍ରାୟ ୧୯ ଲକ୍ଷ ଟଙ୍କାର ଡାକ ଟିକଟ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁବାଇରେ ରହୁଥିବା ୬୫ ବର୍ଷୀୟ ପିସି ରାମଚନ୍ଦ୍ରନ୍ ଏବେ ୨୭,୨୨୫ ଡଲାର ବା ପ୍ରାୟ ୧୯ ଲକ୍ଷ ଟଙ୍କାର ଡାକ ଟିକଟ ସଂଗ୍ରହ କରିଥିବା କହିଛନ୍ତି। ଡାକ ଟିକଟ ବ୍ୟତୀତ ବିଭିନ୍ନ ଦେଶର ମୁଦ୍ରା ଓ ଅନ୍ୟ ପୁରୁଣା ବସ୍ତୁ ସଂଗ୍ରହ କରି ରଖିବାରେ ତାଙ୍କ ରୁଚି ରହିଥିବା ସେ କୁହନ୍ତି। ଏବେ ରାମଚନ୍ଦ୍ରନ୍ ୟୁନାଇଟେଡ ଆରବ ଏମିରେଟ୍ସର ବରିଷ୍ଠ ସଂଗ୍ରହକାରୀ ଭାବେ ପରିଚିତ। ଭାରତର ମୂଳ ବାସିନ୍ଦା ରାମଚନ୍ଦ୍ର ପିଲାଟି ଦିନୁ ସ୍କୁଲରେ ପଢିବା ସମୟରୁ ରଙ୍ଗ ବେରଙ୍ଗ ଡାକ ଟିକଟ ସଂଗ୍ରହ କରିବାରେ ରୁଚି ରଖୁଥିଲେ। ପିଲାଦିନେ ବିଦେଶରେ ରହୁଥିବା ସମ୍ପର୍କୀୟମାନେ ଯେତେବେଳେ ଚିଠି ଦେଉଥିଲେ ସେଥିରେ ଲାଗିଥିବା ଡାକ ଟିକଟକୁ ସେ ଚିରି ସାଇତି ରଖୁଥିଲେ। ଭାରତରେ ୧୯୪୭ ମସିହାରୁ ନେଇ ଆଜି ପର୍ଯ୍ୟନ୍ତ ଯେତେ ପ୍ରକାରର ଡାକ ଟିକଟ ପ୍ରଚଳନ କରାଯାଇଛି ପ୍ରାୟ ସମସ୍ତ ଡାକ ଟିକଟ ତାଙ୍କ ପାଖରେ ରହିଛି। ୧୯୭୩ରେ ଦୁବାଇ ଯିବା ପରେ ବି ତାଙ୍କ ସଉକ ବା ସଂଗ୍ରହ କରିବାର ନିଶାକୁ ସେ ଛାଡି ପାରି ନ ଥିଲେ। ସେହିପରି ୟୁଏଇର ସ୍ଥାପନା ଦିବସଠାରୁ ଚଳି ଆସୁଥିବା ଡାକ ଟିକଟର ଏକ ବିଶାଳ ସଂଗ୍ରହ ରହିଛି ରାମଚନ୍ଦ୍ରନଙ୍କ ପାଖେ। ଏହାସହ ୟୁଏଇ ସହ ସମ୍ପର୍କ ଥିବା ୧୯୩ ଦେଶର ମୁଦ୍ରା ବି ସେ ସାଇତି ରଖିଛନ୍ତି। ଏଥିମଧ୍ୟରୁ ଏବେ ଅନେକ ମୁଦ୍ରା ଆଉ ଚଳୁ ନ ଥିବା ଜଣାପଡିଛି।





## ଚିଠି ନ ବାଣ୍ଟି ୧୬ ବର୍ଷ ଲୁଚାଇ ରଖିଥିଲେ ପୋଷ୍ଟମ୍ୟାନ

**ଟୋକିଓ:** ଜାପାନରେ ଜଣେ ୬୧ ବର୍ଷ ବୟସ୍କ ଅବସରପ୍ରାପ୍ତ ପୋଷ୍ଟମ୍ୟାନ୍ ୨୪ ହଜାରରୁ ଅଧିକ ଚିଠି ନ ବାଣ୍ଟି ପକାଇ ରହିଥିଲେ। ଏନେଇ ଜଣାପଡ଼ିବା ପରେ ପୋଷ୍ଟାଲ ଅଧିକାରୀ ଲୋକଙ୍କୁ କ୍ଷମା ମାଗିଛନ୍ତି। ସ୍ଥାନୀୟ ୟୋକୋହାମାରେ ଏଭଳି ଘଟଣା ଘଟିଛି। ୨୦୦୩ଠାରୁ ୧୬ ବର୍ଷ ଧରି ମୁଖ୍ୟ ପୋଷ୍ଟମ୍ୟାନ୍ ଥିବା ଏହି ବ୍ୟକ୍ତି ଜଣକ କୌଣସି ଚିଠି ବାଣ୍ଟି ନ ଥିଲେ। ଏହାପରେ ଯାଞ୍ଚ ହେବାରୁ ତାଙ୍କ ଘରୁ ଚିଠିଗୁଡ଼ିକ ମିଳିଥିଲା। ଚିଠି ମିଳୁ ନ ଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଜୁନିୟରମାନଙ୍କୁ ହଇରାଣ କରିବା ଲାଗି ସେ ଏପରି କରିଥିବା କୁହାଯାଉଛି। ସେ ଦୋଷୀ ସାବ୍ୟସ୍ତ ହେଲେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ସହିତ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି ସ୍ଥାନୀୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କମ୍ ପାଣିରେ ନିଆଁ ଲିଭାଇବ ରୋବୋ



**ଅହମ୍ମଦାବାଦ୍:** ନିଆଁଲିଭା କାର୍ଯ୍ୟରେ ଦମକଳ ବାହିନୀଙ୍କୁ ନିୟୋଜିତ କରାଯାଇଥାଏ। ତେବେ ଅହମ୍ମଦାବାଦ୍ ଦମକଳ ବିଭାଗ ପକ୍ଷରୁ ଏବେ ଏହି କାର୍ଯ୍ୟରେ ରୋବୋକୁ ନିୟୋଜିତ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ଏକ ରୋବୋ ସହିତ ଟ୍ୟାଙ୍କର ୟୁନିଟ୍ ମଧ୍ୟ କିଣାଯାଇଛି। ଅଣଓସାରିଆ ଛୋଟ ଗଳି ରାସ୍ତାରେ ଦମକଳ ଗାଡ଼ି ପ୍ରବେଶ କରି ପାରି ନ ଥାଏ। ଏସବୁ ଅଞ୍ଚଳରେ ରୋବୋ ଦ୍ୱାରା ନିଆଁଲିଭା କାର୍ଯ୍ୟ କରାଯାଇପାରିବ। ଏହା ୩୫ ମିଟର ପର୍ଯ୍ୟନ୍ତ ପାଣି ସ୍ପ୍ରେ କରିବାକୁ ସକ୍ଷମ। ଏହାକୁ ୩୦୦ ମିଟର ଦୂରରୁ ପରିଚାଳିତ କରାଯାଇପାରିବ। ଏହା ହାଇପ୍ରେସରରେ ୩୦୦ରୁ ୩୨୫ ଲିଟର ପାଣି ସ୍ପ୍ରେ କରିପାରିବ। ଏହାର ଉପଯୋଗ ଦ୍ୱାରା କମ୍ ପାଣି ଖର୍ଚ୍ଚ ହେବ। ରୋବୋ ସହିତ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି, ୪୦୦ ଲିଟର ହାଇପ୍ରେସର ପମ୍ପ, ୫୦୦ ମିଟର ଲମ୍ବ ପାଇପ୍ ସଂଯୁକ୍ତ କରାଯାଇଛି। ଏହା ୩ ଫୁଟ ଚଉଡ଼ା ଗଳିରେ ସହଜରେ ପ୍ରବେଶ କରି ପାରିବ। ଏହା ସହିତ ଦମକଳ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କାର ଏକ ଡ୍ରୋନ୍ ମଧ୍ୟ କିଣାଯାଇଛି। ଏହା ୪୦୦ ଫୁଟ ଉପରୁ ଫଟୋ ଉଠାଇ ନିଆଁ ଲିଭା କାର୍ଯ୍ୟରେ ସହାୟତା କରିବ ବୋଲି ଦମକଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୩୩୮ ଫୁଟ ଲମ୍ବର ପିଜା



**ସିଡ୍‌ନୀ:** ଅଷ୍ଟ୍ରେଲିଆରେ ଭୟଙ୍କର ଜଙ୍ଗଲ ନିଆଁରେ ଅନେକ କ୍ଷତି ହୋଇଛି। ଜଙ୍ଗଲ ନିଆଁ ଲିଭାଇବା ସମୟରେ ମୃତ୍ୟୁ ଘଟିଥିବା ଦମକଳ ବାହିନୀ କର୍ମଚାରୀଙ୍କ ଲାଗି ଅଷ୍ଟ୍ରେଲିଆରେ ୩୩୮ ଫୁଟ ଲମ୍ବ ୯୦ କିଲୋର ପିଜା ପ୍ରସ୍ତୁତ ହୋଇଛି। ପିଜା ବିକ୍ରିରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାକୁ ମୃତ ଦମକଳ ବାହିନୀ ପରିବାରଙ୍କୁ ଆର୍ଥିକ ସହାୟତା ଭାବେ ପ୍ରଦାନ କରାଯିବ। ଦୁଇ ଭଉଣୀ-ଭାଇ ଏଭଳି ଲମ୍ବା ପିଜା ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ଭାଇ ପିଏରେ ମାଇଓ ଏବଂ ଭଉଣୀ ରୋଜମେରୀ ମାଇଓ ୪ ଘଣ୍ଟା ପରିଶ୍ରମ କରି ଏହାକୁ ତିଆରି କରିଛନ୍ତି। ଏହି ପିଜାକୁ ସିଡ୍‌ନୀରେ ପିଏରେ ମାଇଓଙ୍କ ରେଷ୍ଟୁରାଣ୍ଟରେ ପ୍ରଦର୍ଶନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ଲୋକ ଯୋଗଦେଇ ଦମକଳ ବାହିନୀ କର୍ମଚାରୀଙ୍କ ପରିବାର ବର୍ଗଙ୍କ ପାଇଁ ଦାନ କରିଥିଲେ। ତେବେ କେତେ ପାଣ୍ଠି ସଂଗ୍ରହ ହୋଇଛି ସେ ନେଇ ପିଏରେ ମାଇଓ କୌଣସି ସୂଚନା ଦେଇ ନାହାନ୍ତି।

## ୪୫ କି.ମି. ସାଇକେଲ ଚଳାଇ ଛାତ୍ରଙ୍କ ରେକର୍ଡ

**ଶିମ୍ଲା:** ହିମାଚଳପ୍ରଦେଶର ଜଣେ ୮ମ ଶ୍ରେଣୀ ଛାତ୍ର ୨ ଘଣ୍ଟା ୪୩ ମିନିଟ ସାଇକେଲ ଚଳାଇ ୪୫ କିମି ଦୂରତା ଅତିକ୍ରମ କରି ଏକ ରେକର୍ଡ କରିଛନ୍ତି। ସେ ସ୍ଥାନୀୟ ଉନାଠାରୁ ବଡ଼ସର ପର୍ଯ୍ୟନ୍ତ କୌଣସି ସ୍ଥାନରେ ନ ରହି ଲଗାତର ସାଇକେଲ ଚଳାଇଥିଲେ। ଏବେ ଏହି କାର୍ଯ୍ୟ ପାଇଁ ଛାତ୍ର ଗୁର୍‌ଦେବ ଠାକୁର ଅନ୍ତର୍ଜାତୀୟ ରେକର୍ଡ ବୁକ୍‌ରେ କମ୍ ବୟସ୍କ ସାଇକେଲ ଚାଳକ ଭାବେ ସ୍ଥାନିତ ହୋଇଛନ୍ତି। ସେ ପ୍ରତିଦିନ ଉନାଠାରୁ ରାୟପୁର ପର୍ଯ୍ୟନ୍ତ ସାଇକେଲ ଚଳାଇବା ଅଭ୍ୟାସ କରୁଥିଲେ। ଏବେ ସେ ଉନାଠାରୁ ଦିଲ୍ଲୀ ସାଇକେଲ ଚଳାଇବା ଲାଗି ଲକ୍ଷ୍ୟ ରଖିଛନ୍ତି। ଗୁର୍‌ଦେବ ୪ ବର୍ଷ ବୟସରୁ ସାଇକେଲ ଚଳାଇବା ଆରମ୍ଭ କରିଥିଲେ। ରୋଲର ସ୍କେଟିଂ ପ୍ରତି ତାଙ୍କର ରୁଚି ରହିଛି। ଏଥିରେ ସେ ସିବିଏସ୍‌ଇର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୫ମ ସ୍ଥାନ ହାସଲ କରିଛନ୍ତି।



## କଙ୍ଗନା ହେବେ ଏୟାର ଫୋର୍ସ ପାଇଲଟ୍

**ମୁମ୍ବାଇ:** ଏଥର ଫ୍ରାଇଡେ ରିଲିଜରେ ସାମିଲ ହୋଇଛି କଙ୍ଗନା ରାଣାଓ୍ବତଙ୍କ ଫିଲ୍ମ 'ପଙ୍ଗା'। ଏହା ବକ୍ସ ଅଫିସରେ ହିଟ୍ ହେବ ବୋଲି ମେକର୍ସ ଆଶା ରଖିଛନ୍ତି। ଏହାସହ କଙ୍ଗନା ତାଙ୍କ ଅପ୍‌କମିଂ ଫିଲ୍ମ ବିଷୟରେ ମଧ୍ୟ ଘୋଷଣା କରିଛନ୍ତି। ଆଗାମୀ ଫିଲ୍ମରେ ସେ ଜଣେ ଏୟାରଫୋର୍ସ ପାଇଲଟ ଭୂମିକାରେ ଦେଖାଦେବେ ବୋଲି କହିଛନ୍ତି। ଆଉ ଏହି ଫିଲ୍ମର ନାଁ ରହିବ 'ତେଜସ'। ନିକଟରେ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ପିଲାଦିନରୁ ତାଙ୍କର ବାୟୁସେନା ପ୍ରତି ରହିଛି ଦୁର୍ବଳତା। ଅନେକ ସମୟରେ ସେ ଏହି ଭୂମିକାରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆଉ ଏବେ ତାଙ୍କୁ ଏମିତି ଏକ ଚରିତ୍ର ମିଳିଥିବାରୁ ସେ ଖୁବ୍ ଖୁସି। ଫିଲ୍ମର ଶୁଟିଂ ଶୀଘ୍ର ଆରମ୍ଭ କରାଯିବ ବୋଲି କଙ୍ଗନା କହିଛନ୍ତି। ଅବଶ୍ୟ ତାଙ୍କୁ ପ୍ରଶିକ୍ଷଣ ନେବାକୁ ପଡିବ। ଆଉ ଏଥିପାଇଁ ପ୍ରଫେଶନାଲ ଟ୍ରେନର ହାୟର କରାଯିବେ ବୋଲି ଜଣାପଡିଛି।



କଙ୍ଗନା ରାଣାଓ୍ବତ



**ଡେରାଡୁନ୍:** ଦେଶର ସମ୍ବିଧାନ ଛପା ହୋଇଥିବା ୨ଟି ଲିଥୋଗ୍ରାଫ୍ ମେଶିନ୍‌କୁ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଛି। ଏହି ମେଶିନ୍ ଦ୍ୱାରା ସମ୍ବିଧାନର ହଜାରେ କପି ଛପା ହୋଇଥିଲା। ସୋବ୍ରିନ୍ ଏବଂ ମୋନାର୍କ ମଡେଲ ନାମକ ଏହି ପ୍ରିଣ୍ଟିଂ ମେଶିନ୍‌କୁ ୧୦୦ ବର୍ଷ ତଳେ କୈବଟ୍ରି କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଥିଲା। ମେଶିନ୍‌ର ଯନ୍ତ୍ରାଂଶକୁ ଖୋଲି ଗତ ବର୍ଷ ସ୍କ୍ରାପ୍ ଡିଲରଙ୍କୁ ବିକ୍ରି କରାଯାଇଥିଲା। ତେବେ ଏନେଇ ସୂଚନା ଏବେ ଦିଆଯାଇଛି। ମେଶିନ୍ ୨ଟି ସର୍ଭେ ଅଫ୍ ଇଣ୍ଡିଆ ପ୍ରେସ୍‌ରେ ୧୦୦ ବର୍ଷ ପର୍ଯ୍ୟନ୍ତ କାମ କରିଥିଲା। ୧୯୫୫ରେ ଡେରାଡୁନ୍‌ର ସର୍ଭେ ଅଫ୍ ଇଣ୍ଡିଆ ପ୍ରେସ୍ ପକ୍ଷରୁ ଏହି ମେଶିନ୍‌ରେ ଭାରତୀୟ ସମ୍ବିଧାନର ଛପା କାର୍ଯ୍ୟ କରାଯାଇଥିଲା। କାଲିଗ୍ରାଫି କର୍ମଚାରୀ ପ୍ରେମବିହାରୀ ନାରାୟଣ ରାୟଜାଦା ଇଂଲିଶ୍‌ରେ ସମ୍ବିଧାନର ଅକ୍ଷର ସଜାଇବା କାର୍ଯ୍ୟ କରିଥିବା ବେଳେ ହିନ୍ଦୀରେ ବସନ୍ତ କୃପା ବୈଦ୍ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ପୃଷ୍ଠାର ଡିଜାଇନିଂ ନନ୍ଦଲାଲ୍ ବୋଷ, ବିହାରର ରାମମନୋହର ସିହ୍ନା ଏବଂ ଶାନ୍ତି ନିକେତନର କେତେକ ବ୍ୟକ୍ତି କରିଥିଲେ। ମେଶିନ୍‌ଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ଏହାକୁ ବିକ୍ରି କରାଯାଇଥିବା ସର୍ଭେୟର ଜେନେରାଲ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ଗିରିଶ କୁମାର ସୂଚନା ଦେଇଛନ୍ତି। ମେଶିନ୍‌ଗୁଡ଼ିକ କୌଣସି ଛପାକାର୍ଯ୍ୟରେ ବ୍ୟବହୃତ ହେଉ ନ ଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହେଉଥିବାରୁ ଏପରି କରାଯାଇଥିବା କୁହାଯାଉଛି।

## ସମ୍ବିଧାନ ଛପା ମେଶିନ୍ ଦେଢ଼ ଲକ୍ଷରେ ବିକ୍ରି

## କବର ସ୍ଥାନରେ ସିଏଏକୁ ବିରୋଧ

**ପ୍ରୟାଗରାଜ:** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)କୁ ବିରୋଧ କରି ଉତ୍ତରପ୍ରଦେଶର କଂଗ୍ରେସ ନେତା ଭିନ୍ନ ଢଙ୍ଗରେ ପ୍ରଦର୍ଶନ କରିଛନ୍ତି। କଂଗ୍ରେସ ନେତା ହସିବ ଅହମ୍ମଦ ବିରୋଧ ପ୍ରଦର୍ଶନ କରିବାକୁ କବରସ୍ଥାନ ଯାଇଥିଲେ। ସେଠାରେ ସେ ତାଙ୍କ ପୂର୍ବପୁରୁଷଙ୍କ କବର ସ୍ଥାନରେ ପ୍ରାର୍ଥନା କରିଥିଲେ। ଗଣମାଧ୍ୟମକୁ ସୂଚନାଦେଇ ହସିବ କହିଛନ୍ତି, ସେ ତାଙ୍କ ନାଗରିକତାର ପ୍ରମାଣ ଦେବାକୁ ତାଙ୍କ ପୂର୍ବପୁରୁଷଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। କାହିଁ କେଉଁ ଦଶକରୁ ଆମେ ଭାରତରେ ରହି ଆସୁଛୁ, ହେଲେ ଆମ ପାଖରେ ଏହାର କୌଣସି ପ୍ରମାଣପତ୍ର ନାହିଁ। ତେଣୁ ଏବେ ମୋଦି ସରକାରଙ୍କ ସିଏଏ ପାଇଁ ପ୍ରମାଣ ପତ୍ର ଆବଶ୍ୟକ ଥିବାରୁ ଆମେ ଏହି ଦେଶର ନାଗରିକ ବୋଲି ପ୍ରମାଣ ଦେବାକୁ ଆମ ପୂର୍ବ ପୁରୁଷଙ୍କ ପାଖରେ ପ୍ରାର୍ଥନା କରୁଛୁ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଯଦି ତାଙ୍କୁ ଡିଟେନ୍‌ଶନ ସେଣ୍ଟରରେ ରଖାଯିବ ତେବେ ତାଙ୍କ ପୂର୍ବ ପୁରୁଷଙ୍କୁ ମଧ୍ୟ କବର ସ୍ଥାନରୁ ଖୋଳି ନେଇ ଡିଟେନ୍‌ଶନ ସେଣ୍ଟରରେ ରଖାଯାଉ।



# ଯୁବାବସ୍ଥାରେ ଚକ୍ଷୁ ସମସ୍ୟା

ମଣିଷ ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆଖି, ଯାହା ବିନା ସବୁ କିଛି ଅନ୍ଧାର । ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କଠାରେ ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦେଉଛି। ଏହାକୁ ରୋକିବା ଲାଗି ବିଭିନ୍ନ ଦିଗ ପ୍ରତି ସଚେତନ ରହିବା ଜରୁରୀ...





**ଡା. ସୋନାଲି ଷଡ଼ଙ୍ଗୀ**

ଏଇ ସୁନ୍ଦର ପୃଥିବୀକୁ ଦେଖିବାର ଅପୂର୍ବ ଆନନ୍ଦ ଦିଏ ଆଖି। ହେଲେ ଦୁଃଖର ବିଷୟ ଯେ, ବର୍ତ୍ତମାନ ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶଙ୍କୁ ଦୃଷ୍ଟିଦୋଷ ପାଇଁ ଚଷମା ପିନ୍ଧିବାକୁ ପଡୁଛି। ବିଶେଷ ଭାବରେ ଅଳ୍ପ ବୟସରେ ଚକ୍ଷୁରୋଗ ହେଲେ ଏହା ସେମାନଙ୍କ ମାନସିକ, ଶାରୀରିକ ତଥା ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଉଛି। ଏହା ମଧ୍ୟ ସେମାନଙ୍କର ଶିକ୍ଷାରେ ସମସ୍ୟା ସୃଷ୍ଟି କରିବା ସହ ଅତି ଅଳ୍ପ ବୟସରୁ ଗତିଶୀଳତା ଉପରେ ବାଧା ସୃଷ୍ଟି କରିଥାଏ। ତେବେ ଯୁବ ବୟସରେ କେଉଁ କେଉଁ ଚକ୍ଷୁରୋଗ ଦେଖାଦିଏ ଏବଂ ତାହାର କାରଣ ଜାଣିବା ସହ କିପରି ଚିକିତ୍ସା କରାଯାଇପାରିବ ଜାଣିରଖିବା ସେ ସମ୍ପର୍କରେ...

**ରିଫ୍ରାକ୍ଟିଭ ଏରର୍ସ ବା ପ୍ରତିସରଣ ଜନିତ ଦୃଷ୍ଟିଦୋଷ** – ଯୁବା ବୟସରେ କ୍ଷୀଣ ଦୃଷ୍ଟିଦୋଷ (ମାଇଓପିଆ) ବିଶେଷ ଭାବରେ ହୋଇଥାଏ, ଏଥିରେ ପାଖ ଜିନିଷ ଭଲ ଭାବେ ଦିଶିବାବେଳେ ଦୂର ଜିନିଷ ସ୍ପଷ୍ଟ ଭାବରେ ଦିଶେ ନାହିଁ। ଆଉ କେତେଜଣଙ୍କର ବେଳେ ବେଳେ ଦୂରଦୃଷ୍ଟି ଦୋଷ (ହାଇପରମେଟ୍ରୋପିଆ) ବା ବିଷମ ଦୃଷ୍ଟିଦୋଷ (ଆଷ୍ଟିଗ୍ ମେଟିଜମ୍) ଦେଖାଦେଇଥାଏ। ଏହି ଦୃଷ୍ଟିଦୋଷ ଦେଖାଦେବା ମାତ୍ରେ ତୁରନ୍ତ ଚକ୍ଷୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶକରି ଚଷମା ବ୍ୟବହାର କରିବା ଆବଶ୍ୟକ। ଯଥାଶୀଘ୍ର ଏହାର ଚିକିତ୍ସା ନ କଲେ 'ଆଏ ଷ୍ଟ୍ରେନ୍' ଓ 'ଲେଜି ଆଏ' ହୋଇଥାଏ। ତେଣୁ ଦୃଷ୍ଟିଦୋଷର ନିରାକରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସମୟରେ ଉପଯୁକ୍ତ ଆଲୋକିତ ସ୍ଥାନରେ ପଢ଼ିବା ଦରକାର। ବେଶି ସମୟ ଧରି ଟେଲିଭିଜନ ଦେଖିବା ବା କମ୍ପ୍ୟୁଟରକୁ ଅନାଇ କାମ କରିବା ଉଚିତ ନୁହେଁ। ଏହାଛଡ଼ା ଅନ୍ଧାରୁଆ ବା ଅଳ୍ପ ଆଲୋକରେ ପଢ଼ିବା ଠିକ୍ ନୁହେଁ। ଶୋଇ ଶୋଇ ପାଠ ପଢ଼ିବା ଅଭ୍ୟାସ ଥିଲେ ଏହାକୁ ତୁରନ୍ତ ପରିବର୍ତ୍ତନକରି ଚେୟାରରେ ସିଧା ବସି ଭଲ ଆଲୁଅରେ ଟେବୁଲ ଉପରେ ବହି ରଖି ପଢ଼ିବା ଭଲ। ଏହାଛଡ଼ା ସୁଷମଖାଦ୍ୟ ତଥା ଭିଟାମିନ୍ 'ଏ' ଯୁକ୍ତ ଖାଦ୍ୟ ଖାଇବା ଉପକାରୀ।



**ଆମ୍ବ୍ଲିଓପିଆ** – ଏହା ଗୋଟିଏ ବିକାଶାତ୍ମକ ଦୃଷ୍ଟିଦୋଷ। ଏଥିରେ ଚକ୍ଷୁର କୌଣସି ଅସ୍ୱାଭାବିକତା ନ ଥାଇ ମଧ୍ୟ ଦୃଷ୍ଟିଦୋଷ ହୋଇଥାଏ। ଏହାର ଚିକିତ୍ସା ଠିକ୍ ସମୟରେ ହେଲେ ବି ଧୀରେ ଧୀରେ କିଛିଦିନ ପରେ ପୁନଶ୍ଚ ଦୃଷ୍ଟିଶକ୍ତି ଫେରି ଆସିବା ସମ୍ଭାବନା ଥାଏ। ତଥାପି ଏହାକୁ ଅବହେଳା କରିବା ଠିକ୍ ନୁହେଁ।

**ଅନ୍ଧାରକଣା(ନିକ୍ଟାଲୋପିଆ)** – ଶୈଶବରେ କିମ୍ବା ଯୁବାବସ୍ଥାରେ ପୁଷ୍ଟିସାର ଓ ଭିଟାମିନ୍ ଯୁକ୍ତ ଖାଦ୍ୟର ଅଭାବ ହେଲେ, ମିଳିମିଳା, ଶ୍ୱାସଜନିତ ସଂକ୍ରମଣ ତଥା ବହୁ ଦିନ ଝାଡ଼ା ଲାଗି ରହିଲେ ଏବଂ ଖାଦ୍ୟରେ ଭିଟାମିନ୍ 'ଏ' ର ଅଭାବ ହେଲେ ରାତିରେ ଦିଶେ ନାହିଁ। ଯାହାକୁ ଆମେ 'ଅନ୍ଧାରକଣା' ବା ନାଇଟ୍ ବ୍ଲାଇଣ୍ଡନେସ୍(ନିକ୍ଟାଲୋପିଆ) ବୋଲି କହିଥାଉ। ଏଥିରେ ଆଖିର ଧଳା ଅଂଶ ମାଛକାତି ଭଳି ଦିଶିଥାଏ। ଏମାନଙ୍କୁ ଭିଟାମିନ୍ 'ଏ' କ୍ୟାପ୍‌ସୁଲ ବା ଡ୍ରପ୍ ଖାଇବାକୁ ଦିଆଯାଏ। ଗାଜର, ମାଛ, ମାଂସ, ଶାଗ ଆଦି ଖାଦ୍ୟ ତାଲିକାରେ ସାମିଲ କଲେ ଏଥିରୁ ଶୀଘ୍ର ଆରୋଗ୍ୟ ମିଳିଥାଏ।

**ଆଲର୍ଜିକ୍ କଞ୍ଜକ୍ଟିଭାଇଟିସ୍** – ଖରାଦିନେ ଧୂଳି ଉଡୁଥିବା ସ୍ଥାନରେ ଖେଳିଲେ ଏହା ହୋଇଥାଏ କିମ୍ବା ହୋଲିରେ ରଙ୍ଗ ଲାଗି ମଧ୍ୟ ହୋଇଥାଏ। ଅନ୍ୟ କାହାକୁ ଏହି ରୋଗ ହେଉଥିଲେ ତା'ର ଚଷମା ବ୍ୟବହାର କରିବା, ରୁମାଲରେ ମୁହଁ ପୋଛିବା ଦ୍ୱାରା ବି ସଂକ୍ରମଣର ଆଶଙ୍କା ଥାଏ। ଏଥିପାଇଁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଆଣ୍ଟି ଆଲର୍ଜିକ୍ ବଟିକା ଓ ଆଖି ଔଷଧ ପକାଇବା ଦରକାର।

**ସ୍କ୍ୱିଣ୍ଟ ବା ଟେରା** – ଏହା ବଂଶଗତ ଭାବରେ ହୋଇଥାଏ କିମ୍ବା କ୍ଷୀଣ ଓ ଦୂର ଦୃଷ୍ଟିଦୋଷ ପାଇଁ ହୋଇପାରେ। ଚକ୍ଷୁ ବିଶେଷଜ୍ଞଙ୍କର ପରାମର୍ଶ ନେଇ ଅପରେଶନ କରାଇଲେ ଏହା ଠିକ୍ ହେବା ସମ୍ଭାବନା ରହିଛି।

**ଟ୍ରମା ବା କ୍ଷତ** – ବେଳେବେଳେ ଅସାବଧାନତାବଶତଃ କିଛି ଜିନିଷ ଆଖିରେ ପଡ଼ିଗଲେ କିମ୍ବା କିଛି ଧାରୁଆ ଜିନିଷ ଆଖିରେ ବାଜିଗଲେ ସଙ୍ଗେ ସଙ୍ଗେ ଆଖିରେ ଗଭୀର କ୍ଷତ ହୋଇ ବେଳେବେଳେ କର୍ନିଆଲ ଟିଅର ମଧ୍ୟ ହୋଇଥାଏ। ଏପରି ହେଲେ ତୁରନ୍ତ ଆଖିକୁ ଥଣ୍ଡାପାଣିରେ ଧୋଇ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ ନଚେତ୍ ଏହା କୌଣସି ବଡ଼ ସମସ୍ୟା ଏପରିକି ଅନ୍ଧ କରିଦେବା ଆଶଙ୍କା ସୃଷ୍ଟି କରିଥାଏ।

ଆଖିର ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ। ଆଖିର କିଛି ସମସ୍ୟା ସୃଷ୍ଟି ହେଲେ ନିଜେ ନିଜେ ଚିକିତ୍ସା ନ କରି ଅବିଳମ୍ବେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା ନ କଲେ ଆଖି ଭଳି ମୂଲ୍ୟବାନ୍ ଅଙ୍ଗ ହରାଇବା ଆଶଙ୍କାକୁ ଏଡ଼ାଯାଇ ନ ପାରେ।

–ଲିଙ୍କ୍‌ରୋଡ୍, କଟକ–୧୨
ମୋ– ୭୯୭୮୯୪୫୫୫୨



## ଯୁ|ଥ୍|ଆ|ଲ|ର୍ଟ

ବର୍ତ୍ତମାନ ଇଣ୍ଟରନେଟ୍ ବିନା କେତେକ କାର୍ଯ୍ୟର ପରିକଳ୍ପନା ଯେପରି ଅସମ୍ଭବ ମନେ ହେଉଛି। ବିଶେଷକରି ବିଦ୍ୟାର୍ଥୀମାନଙ୍କୁ ପାଠପଢ଼ାଠୁ ଆରମ୍ଭକରି ଅନେକ ନୂତନ ଜ୍ଞାନ ଆହରଣ କରିବାରେ ଏହା ବେଶ୍ ସହାୟକ ହୋଇପାରୁଛି। ହେଲେ ଅପରପକ୍ଷେ ଦେଖିବାକୁ ଗଲେ ଏହାର ବହୁଳ ବ୍ୟବହାର ସେମାନଙ୍କଠାରେ ନକାରାତ୍ମକ ପ୍ରଭାବ ପକାଉଛି...



# ବିଦ୍ୟାର୍ଥୀ ଓ ଇଣ୍ଟରନେଟ୍

- ବ୍ରିଟେନ୍‌ର ସ୍ୱାନ୍‌ସୀ ଏବଂ ଇଟାଲୀର ମିଲାନ୍ ୟୁନିଭର୍ସିଟିର ମିଳିତ ଉଦ୍ୟମରେ କରାଯାଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର କରୁଥିବା ବିଦ୍ୟାର୍ଥୀମାନେ ପାଠପଢ଼ାରେ ଭଲ ଭାବେ ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଫଳରେ ସେମାନେ ପରୀକ୍ଷାରେ ଭଲ ନମ୍ବର ରଖିବାରେ ବିଫଳ ହୁଅନ୍ତି।
- ଅଧ୍ୟୟନରୁ ଜଣାପଡ଼ିଲା ପଢ଼ା ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫% ଦିନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ସମୟ ଅନ୍‌ଲାଇନ୍‌ରେ ରହିଥାନ୍ତି। ଅନ୍ୟ ପ୍ରାୟ ୭୦ ଭାଗ ୩ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍‌ରେ ସମୟ ବିତାଇଥାନ୍ତି; ଯେଉଁଥିରୁ ୪୦% ଛାତ୍ରୀଛାତ୍ର ସୋସିଆଲ ନେଟ୍‌ୱର୍କିଂ ବ୍ୟବହାର କରୁଥିବା ବେଳେ ୩୦% ଇନ୍‌ଫର୍ମେଶନ୍ ବା ସୂଚନା ଲାଗି ଏହାକୁ ବ୍ୟବହାର କରିଥାନ୍ତି। ଏସବୁ ବ୍ୟତୀତ ଅଧିକାଂଶ ବିଦ୍ୟାର୍ଥୀ ଅନ୍‌ଲାଇନ୍‌ରେ ଅଧିକ ସମୟ ଗେମ୍ ଖେଳିଥାନ୍ତି। ଫଳରେ ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ସେମାନଙ୍କ ପାଠପଢ଼ା ବ୍ୟାହତ ହୋଇଥାଏ।
- କମ୍ପ୍ୟୁଟର ଆସିଷ୍ଟେଡ୍ ଲର୍ନିଂର ଏକ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଯେଉଁ ଛାତ୍ରୀଛାତ୍ର ବହୁମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରନ୍ତି ସେମାନେ ଧିରେ ଧିରେ ସେହି ବାସ୍ତବ ଦୁନିଆ ଠାରୁ ଦୂରେଇ ଯାଆନ୍ତି। ଆଉ ଯେବେ କୌଣସି କାରଣରୁ ସେମାନଙ୍କୁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ନ ମିଳେ ସେମାନଙ୍କ ଠାରେ କ୍ରୋଧ କିମ୍ବା ବିଶାଦ ଭଳି ଲକ୍ଷଣ ଦେଖିବାକୁ ମିଳେ। ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ଅନେକଙ୍କଠାରେ ନା କେବଳ ପାଠପଢ଼ାରେ ଅବହେଳା ଦେଖାଯାଏ ବରଂ ଏକଲାପଣ ଏତେମାତ୍ରାରେ ବଢ଼ିଯାଏ ଯେ ସେମାନେ ନିଜ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ମଧ୍ୟ କଥାବାର୍ତ୍ତା ହେବା ଏବଂ ସମୟ ବିତାଇବା କମାଇ ଦିଅନ୍ତି। ଧୀରେ ଧୀରେ ସମସ୍ତଙ୍କ ଠାରୁ ଅଲଗାହୋଇ ସେମାନେ ଡିପ୍ରେଶନ ଆଡ଼କୁ ମଧ୍ୟ ଚାଲିଯାଆନ୍ତି।



## ଏ ସପ୍ତାହର ପ୍ରଶ୍ନ

୧– ଏଟିଏମ୍‌ରୁ କାର୍ଡଲେସ୍ କ୍ୟାଶ୍ ୱିଥ୍‌ଡ୍ରୟାଲ ସୁବିଧା ଆରମ୍ଭ କରିଥିବା ବ୍ୟାଙ୍କ୍......... ?
୨– ୱାଟରପ୍ରୁଫ୍ ରବରର ଉଦ୍ଭାବକ............ ?
୩– ପୁମା.................. ଦେଶର ଜାତୀୟ ପଶୁ ?
୪– ଟ୍ରେନ୍ ଟୁ ପାକିସ୍ତାନ ପୁସ୍ତକର ଲେଖକ.................. ?
୫– ଗୁଣକୁ ଗୁଣୀ ଚିହ୍ନେ ଧୂଆଁ ପତରକୁ ମୁଣି ଚିହ୍ନେ, ପୁରୁଣା............ ?

## ଗତ ଥରର ଉତ୍ତର

୧ ଏନ୍‌ଜିଓ 'ପ୍ରଥମ'
୨ ୧୫ତାରିଖ
୩ ୪ ଜଣ
୪ ରୁଷିଆ
୫ ବିଲ୍ ଗେଟ୍ସ

## ଉତ୍ତର ଦାତା



ପିନାକ୍ଷୀ ନାୟକ, ଭୁବନେଶ୍ୱର



ଆକାଶ ସାହୁ, ଚାନ୍ଦବାଲି



ଇନ୍ଦୁମତି ସାମନ୍ତରାୟ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

**ଯୁବ ପ୍ରତିଭା**

# ନିଶା ଯୋଗାଉଛି ପ୍ରେରଣା

ପିତା ଜଣେ ପାଳିଆ ଭାବେ ଲୋକପ୍ରିୟ ପାଲାଗାୟକ ଭୂଷଣ କରୁଣାସିନ୍ଧୁ ନାୟକଙ୍କ ପାଖରେ ପାଲା ପରିବେଷଣ କରୁଥିଲେ। ବାପାଙ୍କୁ ଘରେ ଅନ୍ୟମାନଙ୍କ ସହ ପାଲା ଅଭ୍ୟାସ କରୁଥିବାର ଦେଖି ତାଙ୍କର ପାଲା ଗାଇବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ସେ ପିଲାବେଳୁ ହିଁ ଧାନଖଳାଠାରୁ ଆରମ୍ଭକରି ଖେଳପଡ଼ିଆ ପର୍ଯ୍ୟନ୍ତ ସବୁଠାରେ ପାଲା କରିବାରେ ଲାଗି ପଡୁଥିଲେ। ପାଲାଗାୟକର ବେଶଭୂଷା ଏବଂ ଶୈଳୀ ଦେଖାଇ ସମସ୍ତଙ୍କୁ ଚକିତ କରୁଥିଲେ । ଏହା ଦେଖି ବାପା ମଧ୍ୟ ତାଙ୍କୁ ପାଲାଗାୟକ ହେବାକୁ ପ୍ରେରଣା ଯୋଗାଇଦେଲେ। ମାତ୍ର ନବମଶ୍ରେଣୀରେ ପାଠ ପଢୁଥିବାବେଳେ ଏକ ଏକୋଇଶିଆ ପାଲାରୁ ଆରମ୍ଭହେଲା ତାଙ୍କର ପାଲାଗାୟକର ଜୀବନଯାତ୍ରା। ଆଉ ସେ ରାଜ୍ୟରେ ସର୍ବକନିଷ୍ଠ ପାଲାଗାୟକ ଭାବେ ସୃଷ୍ଟିକଲେ ନିଜର ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ହରିହଂଶ ଗ୍ରାମର ପାଲା ଗାୟକ ସତ୍ୟବ୍ରତ କର । ୧୪ବର୍ଷ ବୟସରୁ ପାଲା ପରିବେଷଣ ଆରମ୍ଭ କରିବା ସହିତ ସାଧାରଣ ପାଠ ପ୍ରତି ଆଗ୍ରହ କମ୍ କରି ପାଲା ପରିବେଷଣରେ ବ୍ୟବହୃତ ମୁଖ୍ୟ ଭାଷା ସଂସ୍କୃତ ପଢ଼ିବାକୁ ସେ ଇଚ୍ଛା ବଳାଇଥିଲେ । ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଉପଶାସ୍ତ୍ରୀ ଭାବେ ଶିକ୍ଷା ଲାଭକରି ୮ ବର୍ଷ ଧରି ସେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପାଲା ପରିବେଷଣକରି ସମ୍ବର୍ଦ୍ଧିତ ହୋଇଥିବାବେଳେ ଆମ ରାଜ୍ୟରେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ପୁରୀ ଆଦି ଜିଲାରେ ବହୁ ମଞ୍ଚରେ ଆକର୍ଷଣୀୟ ପାଲା ପରିବେଷଣ କରିଛନ୍ତି । ବାଦୀପାଲା ମାଧ୍ୟମରେ ସେ ଓଡ଼ିଶାର ଅନେକ ବିଶିଷ୍ଟ ପାଲାଗାୟକମାନଙ୍କ ସହ ଲଢ଼େଇକରି ନିଆରା ଅନୁଭୂତି ଲାଭ କରିଛନ୍ତି। ସେ ରାଜ୍ୟ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଏବଂ ଜିଲା ଲୋକକଳା ମହୋତ୍ସବରେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି। ଗବେଷଣାରତ ହୋଇ ପାଲା ପରିବେଷଣରେ ଗାୟନ,ସ୍ୱର,ତାଳ,ଲୟ,ଅଭିନୟ ଇତ୍ୟାଦି ସର୍ବଗୁଣ ସମ୍ପନ୍ନତାର ଆବଶ୍ୟକତା ଯୋଗୁ ସେସବୁ ଦିଗକୁ ନଜରଦେଇ ଜୀବନର ଗତିପଥକୁ ସେ ସୁଦୃଢ଼ କରିଚାଲିଛନ୍ତି । ଯଦିଓ ପେସା ଭାବେ ଏଥିରୁ ରୋଜଗାର କମ୍ ହେଉଛି ହେଲେ ଏଥିପ୍ରତି ଥିବା ନିଶା ମୋତେ ଆଗକୁ ବଢ଼ିଚାଲିବାର ପ୍ରେରଣା ଯୋଗାଉଛି ବୋଲି ପ୍ରକାଶ କରନ୍ତି ସତ୍ୟବ୍ରତ।



– ଅଜିତ ରାଉତ

## ଟପ୍ ୧୦

### ସର୍ବାଧିକ ସବ୍‌ସ୍କ୍ରାଇବ୍ ହେଉଥିବା ୟୁଟ୍ୟୁବ ଚ୍ୟାନେଲ ୨୦୨୦

୧– ଟି ସିରିଜ......................................... ୧୨୩ ମିଲିଅନ୍ ସବ୍‌ସ୍କ୍ରାଇବର
୨– ପିଉଡିପି.......................................... ୧୦୨ ମିଲିଅନ୍ ସବ୍‌ସ୍କ୍ରାଇବର
୩– କୋକୋମେଲନ୍– ନର୍ସରି ରାଇମ୍ସ................. ୬୮.୮ ମିଲିଅନ୍ ସବ୍‌ସ୍କ୍ରାଇବର
୪– ୫ ମିନିଟ୍ କ୍ରାଫ୍ଟସ୍.................................. ୬୩.୨ ମିଲିଅନ୍ ସବ୍‌ସ୍କ୍ରାଇବର
୫– ସେଟ୍ ଇଣ୍ଡିଆ............................... ୬୨.୧ ମିଲିଅନ୍ ସବ୍‌ସ୍କ୍ରାଇବର
୬– କାନାଲ୍ କନ୍‌ଜିଲା............................. ୫୪.୪ ମିଲିଅନ୍ ସବ୍‌ସ୍କ୍ରାଇବର
୭– ଡବ୍ଲ୍ୟୁଡବ୍ଲ୍ୟୁଇ............................. ୫୨.୬ ମିଲିଅନ୍ ସବ୍‌ସ୍କ୍ରାଇବର
୮– ଜି ମ୍ୟୁଜିକ୍ କମ୍ପାନୀ......................... ୪୮.୩ ମିଲିଅନ୍ ସବ୍‌ସ୍କ୍ରାଇବର
୯– ଡ୍ୟୁଡ୍ ପର୍ଫେକ୍ଟ.............................. ୪୭.୮ ମିଲିଅନ୍ ସବ୍‌ସ୍କ୍ରାଇବର
୧୦– ଜଷ୍ଟିନ୍ ବିବର.............................. ୪୭.୮ ମିଲିଅନ୍ ସବ୍‌ସ୍କ୍ରାଇବର



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସରେ ୭ ଭିଜିଲାନ୍ସ ଅଧିକାରୀଙ୍କୁ ମିଳିବ ପଦକ

**କଟକ ଅଫିସ, ୨୫।୧:** ସାଧାରଣତନ୍ତ୍ର ଦିବସ ଅବସରରେ ୭ଜଣ ଭିଜିଲାନ୍ସ ଅଧିକାରୀଙ୍କୁ ମିଳିବ ପଦକ। ଭୁବନେଶ୍ୱରରେ ଆୟୋଜିତ ପଦକ ପ୍ରଦାନ ଉତ୍ସବରେ ଏହି ଅଧିକାରୀମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ପଦକ ଗ୍ରହଣ କରି ସମ୍ମାନିତ ହେବେ। ୨୦୧୯ରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ମାନିତ ହେବାକୁ ଥିବା ଏହି ଅଧିକାରୀମାନେ ହେଲେ ଭିଜିଲାନ୍ସ ସ୍ୱତନ୍ତ୍ର ସେଲ୍‌ର ଡିଏସ୍‌ପି ସରୋଜ କୁମାର ସାମଲ, ପ୍ରଣିତା କୁମାରୀ ରାୟ। ସେହିପରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଭିଜିଲାନ୍ସ ଏଏସ୍‌ଆଇ ଶିବ ନାରାୟଣ ରଥ, ପ୍ରଶଂସନୀୟ ସେବା ନିମନ୍ତେ ପୋଲିସ ପଦକ ପାଇବେ ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, କନଷ୍ଟେବଲ ସନାତନ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଦୁର୍ଗା ପ୍ରସାଦ ହୋତା। ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଅଭିନନ୍ଦନ ଜଣାଇଛନ୍ତି।

### ସୁନାଗରିକ ହେବାକୁ ପରାମର୍ଶ

**ଭଦ୍ରକ ଅଫିସ,୨୫।୧:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସାର୍ଥକ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଜ୍ଞାନ ଶର୍ମା, ମୁଖ୍ୟବକ୍ତା ପ୍ରଫେସର ଅନିଲ କୁମାର ସ୍ୱାଇଁ ଏବଂ ଅନ୍ୟତମ ଅତିଥି ଭାବେ କମର୍ସ ସୋସାଇଟି ସଭାପତି ପ୍ରଫେସର ପ୍ରସନ୍ନ କୁମାର ବିଶ୍ୱାଳ ଓ ପ୍ରଫେସର ବଙ୍କିମ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୟୁଜି ଏବଂ ପିଜିର ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଣିଜ୍ୟ ବିଭାଗ ତରଫରୁ ଆୟୋଜିତ ରଚନା, ବକ୍ତୃତା ଓ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ମନୋଜ କୁମାର ସାହୁ, ସତ୍ୟଜିତ୍ ସ୍ୱାଇଁ, ଅମିତ୍ କୁମାର ମହାନ୍ତି, ପ୍ରିୟବ୍ରତ ପଣ୍ଡା, ସୁବ୍ରତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ନାଥୁଲାପତି ଭେଙ୍କଟରମଣ ସସ୍ତ୍ରୀକ ଶନିବାର ପୂର୍ବାହ୍ନରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

# ରିମାଣ୍ଡରେ ଆସିଲେ ଅନ୍ୟତମ ଅଭିଯୁକ୍ତ ଶିଶିର

**ପଚ୍ଚାମୁଣ୍ଡାଇ,୨୫।୧(ସ୍ୱ.ପ୍ର.)**

ପଚ୍ଚାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଘଟଣାରେ ପୋଲିସ ଅନ୍ୟତମ ଅଭିଯୁକ୍ତ ଶିଶିର ନାୟକ (୨୫)ଙ୍କୁ ଶନିବାର ରିମାଣ୍ଡରେ ଆଣି ପଚରାଉଚୁରା କରିଥିବା ଜଣାଯାଇଛି। ପଚ୍ଚାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ଏସଆଇ ବିଜୟ କୁମାର ଖଟୁଆ ଅଭିଯୁକ୍ତ ଶିଶିରଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଏହି ଅବସରରେ ପୋଲିସ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ତାଙ୍କର ବୟାନ ରେକର୍ଡ କରିଥିଲା। ଗତ ୧୨ ତାରିଖରେ ସଂପୃକ୍ତ ନାବାଳିକା କାଣୀ ନଦୀ ଆରପଟେ ଥିବା ମାମୁ ଘରକୁ ଯାଉଥିବା ବେଳେ ବାଟରୁ ୪ ଜଣ ଯୁବକ ତାଙ୍କୁ ଏକ ବୋଲେରୋରେ ବସାଇ ଯାଜପୁର ଜିଲାର ସିଂହପୁର କଲେଜ ନିକଟକୁ ନେଇ ଯାଇଥିଲେ। ସେମାନେ ନାବାଳିକାଙ୍କୁ ନିଶା ମିଶା ପାନୀୟ ଦେବାରୁ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ଅଭିଯୁକ୍ତମାନେ ତାଙ୍କୁ ସେଠାରେ ଏକ କୋଠରିରେ ରଖିଥିଲେ । ପରଦିନ ଭୋର ୫ଟା ବେଳେ ନାବାଳିକାଙ୍କୁ ତାଙ୍କ ଗ୍ରାମ ନିକଟରେ ଛାଡି ଦେଇଥିଲେ। ତାଙ୍କ ବାପା ଏ ନେଇ ପଚ୍ଚାମୁଣ୍ଡାଇ ଥାନା ଅଧୀନ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏହାର ପରଦିନ

**ପଚ୍ଚାମୁଣ୍ଡାଇ ନାବାଳିକା ଅପହରଣ ଘଟଣା**

ନାବାଳିକାଙ୍କ ମାଆ ବାପା ପଚ୍ଚାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାରେ ନଂ ୩୦/୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ସ୍ପେଶାଲ ସ୍କ୍ୱାଡ୍ ମୋବାଇଲ୍ ଟ୍ରାକିଂ କରି ଏହି ଘଟଣାରେ ସିଂହପୁର ଅଞ୍ଚଳର ଟିଙ୍କୁ ଓରଫ ଭାନୁପ୍ରତାପ ସାମଲ(୩୦) ଓ ବୋଲେରୋ ଚାଳକ କେନ୍ଦୁଝର ବଡବିଲ ଅଞ୍ଚଳର ସିପୁନ ଓରଫ ବିଶ୍ୱନାଥ ସ୍ୱାଇଁ (୨୫)ଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ଘଟଣାସ୍ଥଳରୁ ଅଳ୍ପ ଦୂରରେ ତେଜରାତି ଦୋକାନ କରିଥିବା ରତ୍ନାକର ସାହୁଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ଶିଶିର ଫେରାର ହୋଇ ଯାଇଥିଲେ। ତେବେ ତାଙ୍କ ନାମରେ ମାମଲା ହୋଇଥିବା ଜାଣି ସେ ଗତ ୨୨ ତାରିଖରେ ପଚ୍ଚାମୁଣ୍ଡାଇ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଶନିବାର ପୋଲିସ ରିମାଣ୍ଡରେ ଆଣି ପଚରାଉଚୁରା ପରେ ଅପରାହ୍ନ ୫ ଟାରେ ତାଙ୍କୁ କେନ୍ଦ୍ରାପଡାର ବାରିମୂଳ ସବଜେଲକୁ ପଠାଇ ଦିଆଯାଇଛି। ତାଙ୍କ ଘର ପଚ୍ଚାମୁଣ୍ଡାଇ ବ୍ଲକ ବଲୁରିଆ ପଞ୍ଚାୟତରେ । ଏ ନେଇ ପୋଲିସ ବିଭିନ୍ନ ସଙ୍ଗିନ ଦଫାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ଭୟଙ୍କର ହେଉଛି ନଦୀଜଳ ପ୍ରଦୂଷଣ

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ଭୂ-ପୃଷ୍ଠ ଜଳ ପ୍ରଦୂଷଣ ବେଳକୁ ବେଳ ଚିନ୍ତାର କାରଣ ପାଲଟିଲାଣି। ରାଜ୍ୟରେ ନଦୀ, ହ୍ରଦ, ପୋଖରୀ ଅତି ମାତ୍ରାରେ ପ୍ରଦୂଷିତ ହେବାରେ ଲାଗିଛି। ବିନା ବିଶୋଧନରେ ନଦୀ ଓ ହ୍ରଦକୁ ଅତ୍ୟଧିକ ବର୍ଜ୍ୟଜଳ ଛାଡ଼ିବା, ଚାଷ କାର୍ଯ୍ୟରେ ପ୍ରବଳ ମାତ୍ରାରେ ବ୍ୟବହୃତ କୀଟନାଶକ ଓ ସାର ଏବଂ ଶିଳ୍ପାଞ୍ଚଳରୁ ବାହାରୁଥିବା ବର୍ଜ୍ୟଜଳ ଯୋଗୁ ଭୂ-ପୃଷ୍ଠ ଜଳ ବିପଜ୍ଜନକ ଭାବେ ପ୍ରଭାବିତ ହୋଇ ପଡ଼ିଲାଣି। ନଦୀ ଜଳ ଏପରି ମାରାତ୍ମକ ହେଲାଣି ଯେ ପିଇବା ତ ଦୂରର କଥା ଗାଧୋଇବା କିମ୍ବା ଚାଷ ଉପଯୋଗୀ ମଧ୍ୟ ହୋଇ ରହୁ ନାହିଁ। ରାଜ୍ୟର ୧୧ଟି ବୃହତ୍ ନଦୀ ଓ ଏହାର ଶାଖା ନଦୀଗୁଡିକର ପ୍ରଦୂଷଣ ଚିନ୍ତାଜନକ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ତଥ୍ୟ ମିଳିଛି। ବୋର୍ଡ ପକ୍ଷରୁ ୧୧ଟି ନଦୀ ଓ ଶାଖା ନଦୀର ୧୨୯ ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୮୯ଟି ସ୍ଥାନରେ ଜଳର ମାନ ଅତ୍ୟନ୍ତ ନିମ୍ନମାନର ରହିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୨୩ଟି ସ୍ଥାନରୁ ସଂଗୃହୀତ ଜଳରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି ଏବଂ ବ୍ୟାକ୍ଟେରିଆ ପାରାମିଟର ଟୋଟାଲ କାଲିଫର୍ମ (ଟିସି) ଅଧିକ ରହିଥିବାବେଳେ ୬୫ଟି ସ୍ଥାନରେ ଟିସି ବହୁ ମାତ୍ରାରେ ରହିଛି। ଜଳରେ ବିଓଡି କିମ୍ବା ଟିସି ପରିମାଣ ପ୍ରତି ଲିଟରରେ ୧ ମିଲିଗ୍ରାମ ରହିଲେ ତାହା ପାନୀୟ ଉପଯୋଗୀ ହୋଇଥାଏ, ମାତ୍ର ନଦୀଗୁଡିକରେ ଏହାର ପରିମାଣ ୨ରୁ ୧୧ ମିଲିଗ୍ରାମ ପର୍ଯ୍ୟନ୍ତ ରହିଛି। ଏହାଦ୍ୱାରା ନଦୀ ଜଳରେ ଜୀବଙ୍କର ମୃତ୍ୟୁ ହେବା ସହ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବଡ ବିପଦ ସୃଷ୍ଟି କରୁଛି। ଏହାକୁ ବିଶୋଧନ କରି ପିଇବା ମଧ୍ୟ ସମ୍ଭବ ନୁହେଁ। ବୋର୍ଡ ରିପୋର୍ଟ ଅନୁଯାୟୀ ଇବ୍ ନଦୀର ବ୍ରଜରାଜନଗର, ଭେଡେନର ଝାରସୁଗୁଡା, ମହାନଦୀର ସମ୍ବଲପୁର, କଟକ, କାଠଯୋଡି ନଦୀର କଟକ, ମତଗଜପୁର, ସେରୁଆର ଶଙ୍ଖତ୍ରାସ, କୁଆଖାଇର ଭୁବନେଶ୍ୱର, ଦୟାର ଗୋଲାପୁର, ଭୁବନେଶ୍ୱର ଗଙ୍ଗୁଆ ନାଳ, ବିରୁପାର ଚୌଦ୍ୱାର,

**ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ**
- ଶିଳ୍ପ, ସହର ବର୍ଜ୍ୟଜଳ ନଦୀକୁ ବିପଦ
- ଉତ୍କଟ ହେବ ପାନୀୟ ସମସ୍ୟା
- ୧୧ ନଦୀ ଜଳ ପ୍ରଦୂଷିତ

କୁଶଭଦ୍ରା ନଦୀର ଭିଙ୍ଗାରପୁର, ନିମାପଡ଼ା, ଗୋପଠାରେ ନଦୀ ଜଳ ଅତି ମାତ୍ରାରେ ପ୍ରଦୂଷିତ। ସେହିପରି ଦେବୀ, ଗୋବରି, ଲୁଣା, କୁସୁମି, କଂସାରି, ବଡଶଙ୍ଖ, ରତ୍ନଚିରା ନଦୀ ଜଳରେ ବିଓଡି ଏବଂ ଟିସି ପରିମାଣ ଅତି ମାତ୍ରାରେ ବଢିଛି। ଏହାଛଡ଼ା ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଇନ୍ଦ୍ରାବତୀ ନଦୀ ଓ ଏହାର ଶାଖା ନଦୀର ଜଳ ପ୍ରଦୂଷିତ ହୋଇଛି। ନଦୀ ଜଳରେ କ୍ରୋମିୟମ, ଆଇରନ୍, ନିକେଲ, କପର, ଜିଙ୍କ, କାଡିମମ, ମର୍କ୍ୟୁରି, ସିସା ଭଳି ଓଜନିଆ ଧାତବ ପଦାର୍ଥ ମଧ୍ୟ ବହୁ ମାତ୍ରାରେ ରହିଛି। ନଦୀ ମଧ୍ୟକୁ ସହରାଞ୍ଚଳ ଓ ଶିଳ୍ପାଞ୍ଚଳଗୁଡିକରୁ ବର୍ଜ୍ୟଜଳ ମନଇଚ୍ଛା ଛଡାଯିବା ଦ୍ୱାରା ପ୍ରଦୂଷଣ ମାତ୍ରା ବହୁ ମାତ୍ରାରେ ବଢି ଯାଉଛି। ସ୍ୱେରେଜ ବର୍ଜ୍ୟଜଳକୁ ବିଶୋଧନ କରି ନଦୀକୁ ନ ଛାଡ଼ିବାକୁ ସର୍ବୋଚ୍ଚ ଅଦାଲତ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ଏ ଦିଗରେ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ସରକାର କଟକ, ଭୁବନେଶ୍ୱର, ରାଉରକେଲା, ତାଳଚେର, ସମ୍ବଲପୁର ଭଳି କେତୋଟି ହାତଗଣତି ସହରରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପ ଆରମ୍ଭ କରିଥିବା ବେଳେ ଅନ୍ୟ ସହର ଓ ଶିଳ୍ପାଞ୍ଚଳର ବର୍ଜ୍ୟଜଳ ସିଧା ନଦୀନାଳକୁ ଯାଉଛି। ସହର ଓ ଗ୍ରାମାଞ୍ଚଳ ପାଇଁ ନଦୀ ପାନୀୟ ଜଳର ମୁଖ୍ୟ ଉତ୍ସ ହୋଇଛି। ଏହାକୁ ପ୍ରଦୂଷଣର ସୁରକ୍ଷା ଦେଇ ନ ପାରିଲେ ଆଗାମୀ ଦିନରେ ଭୟଙ୍କର ଜଳ ସଂକଟ ଦେଖାଦେବା ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟ ପ୍ରଦୂଷିତ ଜଳ ପିଇ ବର୍ଷକୁ ୩ ନିୟୁତ ଲୋକ ବିଭିନ୍ନ ରୋଗରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଜଳାଭାବ ଓ ପ୍ରଦୂଷିତ ଜଳ ପିଇବା ଯୋଗୁ କେବଳ ଭାରତରେ ପ୍ରତିଦିନ ୭ ଜଣ ଲୋକଙ୍କର ବିଭିନ୍ନ ରୋଗରେ ମୃତ୍ୟୁ ଘଟୁଛି। ନଦୀ, ହ୍ରଦ କିମ୍ବା ପୋଖରୀ ଜଳକୁ ଏଭଳି ପ୍ରଦୂଷିତ କରି ଚାଲିଲେ ଆଗାମୀ ଦିନରେ ଭୟଙ୍କର ଜଳ ସଂକଟ ଦେଖାଦେବ ବୋଲି ପରିବେଶବିତ୍ ଆଶଙ୍କା କଲେଣି।

# ମୁମ୍ବାଇରୁ ଫେରିଲା ମୃତଦେହ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ମୁମ୍ବାଇରେ ପ୍ରାଣ ହରାଇଥିବା ଜଣେ କର୍କଟ ରୋଗୀଙ୍କ ମରଶରୀର ଓଡ଼ିଶା ଫେରିପାରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ ଗଠିତ ଓଡ଼ିଶା-ମୋ ପରିବାର ସଂଗଠନର ହସ୍ତକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି। ଆପତ୍ତିବିହୀନ ପ୍ରମାଣପତ୍ର ଏବଂ ମୃତ୍ୟୁ ପ୍ରମାଣପତ୍ର ପୈଠ ହୋଇପାରୁ ନ ଥିବାରୁ ଶବକୁ ବିମାନ ଯୋଗେ ଆସିବା ପାଇଁ ଅନୁମତି ମିଳିପାରି ନ ଥିଲା। ହେଲେ 'ମୋ ପରିବାର' ଯୋଗୁ ଏହା ସବୁ ସମ୍ଭବ ହୋଇପାରିଛି। ଏହି ମୃତକ ଜଣଙ୍କ ହେଉଛନ୍ତି ସୁନ୍ଦରଗଡ ଜିଲା କାଂଶବାହାଲ ଅଞ୍ଚଳର ୫୧ ବର୍ଷ ବୟସ୍କା କସ୍ତୁରୀ ମିଶ୍ର। ସେ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରୁଥିବା ସମୟରେ

**ଓଡ଼ିଶା -ମୋ ପରିବାର ସଂଗଠନର ସହାୟତା**

ମୁମ୍ବାଇ ବିମାନବନ୍ଦରରେ ପୁନର୍ବାର ଅସୁସ୍ଥ ହୋଇ ପଡିଥିଲେ। ସେଠାରୁ ତାଙ୍କୁ ଅନ୍ଧେରୀ ଇଷ୍ଟସ୍ଥିତ ସ୍ପିରିଟ୍ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ କସ୍ତୁରୀ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳଙ୍କ ଦ୍ୱାରା ଏହି ଘଟଣା 'ମୋ ପରିବାର'ର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବାହକ ଅରୂପ ପଟ୍ଟନାୟକଙ୍କ ସହ ଆଲୋଚନା କରି ଶବ ଫେରିବାର ବ୍ୟବସ୍ଥା କରାଯାଇଥିଲା। ଅରୂପ ବମ୍ବେର ପୂର୍ବତନ ଅତିରିକ୍ତ ଏସ୍‌ପି ରାକେଶ ଶର୍ମା ଏବଂ କୋଣାର୍କକ୍ୟାନ୍‌ସର ଫାଉଣ୍ଡେଶନର ଗୌରବ ମାନେଙ୍କୁ କହିବା ପରେ ସମସ୍ତ କାଗଜପତ୍ର ପ୍ରସ୍ତୁତିରେ ସହାୟତା କରିଥିଲେ।

**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ଖୋର୍ଦ୍ଧା** | **କୃଷି ସୂଚନା**

**ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି / ଅଭିନବ ପରିକଳ୍ପନା ପାଇଁ ପ୍ରତିଭାବାନ ଚାଷୀଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ଓ ପୁରସ୍କୃତ କରାଯିବ ।**

**No. F-89:-** ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର, ୩ଟି ଦ୍ୱିତୀୟ ପୁରସ୍କାର, ୩ଟି ତୃତୀୟ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲା ସ୍ତରରେ (୧ ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।

ଅଭିନବ କୃଷି ଯନ୍ତ୍ରପାତି / ଅଭିନବ ପରିକଳ୍ପନାଗୁଡ଼ିକର ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.org.in**ରେ ଉପଲବ୍ଧ। ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଳିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡିଓ/ ସଂଶ୍ଳିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ ଜାନୁୟାରୀ ୩୧ ତାରିଖ ସୁଦ୍ଧା ନିଜ ବ୍ଲକ୍ ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ 'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର' (FIAC)ର ଡ୍ରପ୍‌ବକ୍ସରେ ଦାଖଲ କରିପାରିବେ।

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ କିମ୍ବା ସମ୍ପର୍କ କରନ୍ତୁ: ରାଷ୍ଟ୍ରୀୟ ନବ ପ୍ରବର୍ତ୍ତନ ପ୍ରତିଷ୍ଠାନ, ଭୁବନେଶ୍ୱର-୯୯୩୭୫୪୧୨୫୬।

ଅଧିକ ବିବରଣୀ ପାଇଁ ସହକାରୀ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା** | **ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ଖୋର୍ଦ୍ଧା**

01442/11/0026/1920

# ରାଜନୈତିକ ଦଳ ମଧ୍ୟରେ ଆରୋପ, ପ୍ରତ୍ୟାରୋପ ଜାରି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

**ବିମାନବନ୍ଦର ଏରୋବ୍ରିଜ୍ ଦୁର୍ଘଟଣା**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଟର୍ମିନାଲ-୧ ଓ ୨କୁ ଯୋଡ଼ିବା ପାଇଁ ନିର୍ମାଣାଧୀନ ଏରୋବ୍ରିଜ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ତେବେ ଏହି ଦୁର୍ଘଟଣାକୁ ନେଇ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ ହୋଇଛି। କଂଗ୍ରେସ ପକ୍ଷରୁ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପାକୁ ସମାଲୋଚନା କରାଯାଇଛି। ସେହିପରି ଭାଜପା ପକ୍ଷରୁ ରାଜ୍ୟ ସରକାର ଓ ବିଜେଡିକୁ ଟାର୍ଗେଟ କରାଯାଇଛି।

ଶଶଧର ସାମନ୍ତରାୟଙ୍କ ସ୍ତ୍ରୀ ଅପକିରି ପ୍ରତ୍ୟେକ ଦିନ ପରି ଶନିବାର ସକାଳେ ନିଜ ଘରୁ ରାଉତୁଡ଼ା ଆଡ଼କୁ ପ୍ରାତଃ ଭ୍ରମଣରେ ଯାଉଥିଲେ। ସେ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିବା ବେଳେ ବଉଳକୁଞ୍ଜ ପଡ଼ିଆଠାରେ ପଛରୁ ଏକ ବୋଲେରୋ (ନଂ. ଓଡ଼ି୦୧ଇ-୮୩୩୨) ତାଙ୍କୁ ଧକ୍କା ଦେଇଥିଲା। ଡ୍ରାଇଭର ଅତି ଚତୁରତାର ସହିତ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ମହିଳାଙ୍କୁ ଚିକିତ୍ସା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଳା ପ୍ରସାଦ ମୁଦୁଲି ବୋଲେରୋକୁ ଜବତ କରିବା ସହିତ ଡାକ୍ତରଖାନାରେ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଇବା ପାଇଁ ବ୍ୟବସ୍ଥା କରିଥିଲେ।

# ୟୁନାଇଟେଡ୍ ଟିମ୍ ବଲାଙ୍ଗୀର ଚାମ୍ପିୟନ

ବଲାଙ୍ଗୀର ଅଫିସ, ୨୫।୧

## ଏକଦିବସୀୟ ଫୁଟବଲ

ବଲାଙ୍ଗୀର ମିଶନ ପଡିଆଠାରେ ମର୍ଣ୍ଣିଂଷ୍ଟାର ଫ୍ରେଣ୍ଡସ୍ ଆସୋସିଏଶନ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗୀର ଜିଲାର ୧୦ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟକୁ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ଯୁବ ସଭାପତି ଲୋଟସ ଷଡ୍‌ଙ୍ଗୀ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ୟୁନାଇଟେଡ୍ ଟିମ୍ ବଲାଙ୍ଗୀର ଓ ୟୁଥ୍ କ୍ଲବ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ୟୁନାଇଯେଡ ଟିମ୍ ବଲାଙ୍ଗୀର ଚାମ୍ପିୟନ ହୋଇଥିଲା। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଫାଓ ସଭାପତି ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସମ୍ମାନିତ ଅତିଥି ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ୟୁନାଇଟେଡ୍ ଟିମ୍ ବଲାଙ୍ଗୀରକୁ ଚାମ୍ପିୟନ ଟ୍ରଫି ସହ ୭ ହଜାର ଓ ଉପବିଜେତା ୟୁଥ୍ କ୍ଲବ ଦଳକୁ ସମ୍ମାନିତ ଅତିଥି ପୂଜାରୀ ଟ୍ରଫି ସହ ୫ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦ ମ୍ୟାଚଭାବେ ସୁବ୍ରତ ପାତ୍ରଙ୍କୁ ୫ଶହ ଟଙ୍କା ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ପ୍ରଦାନ କରିଥିଲେ। ଏହି ଖେଳକୁ ଅବଦୁଲ ମୁଜିବ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ବିଜୟ କୁମାର ରଣା, ଖଲିଉର ରେହମାନ, ସଞ୍ଜୀବ ମହାରଣା, ପ୍ରଫୁଲ୍ଲ ବଗର୍ତ୍ତି, କାର୍ତ୍ତିକ ଚନ୍ଦ୍ର ବାରିକ, ସୁଶାନ୍ତ ନାଗ ପରିଚାଳନା କରିଥିଲେ। ମର୍ଣ୍ଣିଂଷ୍ଟାର ଆସୋସିଏଶନର ଜିତୁ ଦଲେଇ, କାର୍ତ୍ତିକ ବାରିକ, ଭବାନୀ ମହାନନ୍ଦ, ଜିତେନ ଦୀପ, ମକାରୁ ଦୀପ, ଶରତ ସେଠ୍, ଅନୁପ ସାଏ, ଗବର ବଗର୍ତ୍ତି, ପ୍ରଫୁଲ୍ଲ ବଗର୍ତ୍ତି, ସଞ୍ଜୀବ ମହାରଣା, ଅନନ୍ତ ଥପା, ଦିଲୀପ ବିଶ୍ୱାଳ, ସନ୍ତୋଷ ନାଏକ, ଖଗପତି ପ୍ରଧାନ ଆୟୋଜନ କରିଥିଲେ। ହେମନ୍ତ ବେହେରା ପ୍ରଦାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ୟୁନାଇଟେଡ୍ ଟିମ୍ ବଲାଙ୍ଗୀରର ଖେଳାଳିମାନେ।

# ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନ ସମାରୋହ

ସୋନପୁର,୨୫।୧(ନି.ପ୍ର.)

ସମ୍ମାନଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଭାବରେ ଖ୍ୟାତି ଅର୍ଜନ କରିଥିବା ସୁବର୍ଣ୍ଣପୁରର ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସମାରୋହ ଶନିବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଗାନ୍ଧୀ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟ ତଥା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଅଙ୍କିତା ଦାସ ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରୁ କ୍ରୀଡାବିତ୍, କ୍ରିକେଟ୍ ପ୍ରେମୀ, ଆୟୋଜକ, ବୁଦ୍ଧିଜୀବୀ ଓ ପ୍ରୟୋଜକମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଲଲମନି ସ୍ମାରକୀର ଚଳିତ ୩୪ତମ ସଂସ୍କରଣରେ ରାଜ୍ୟ ଓ ରାଜ୍ୟ ବାହାରର ୯ଟି ଦଳ ଅଂଶଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟ ଅତିଥି ଏସ୍‌ପି ଦାଶ ପ୍ରୟୋଜକ ସଂସ୍ଥା ଉପସ୍ଥିତିରେ ଚାମ୍ପିୟନ ଟ୍ରଫିକୁ ଉନ୍ମୋଚନ କରିଥିଲେ। କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦୀପ ସେଠୀ ସଭାକୁ ସଂଯୋଜନା କରିଥିଲେ। ଜାନୁୟାରୀ ୨୬ରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଚାଲିବ। ରବିବାର ଉଦ୍‌ଘାଟନୀ ମ୍ୟାଚ୍ ୱିସଡମ୍ କ୍ରିକେଟ୍ ଏକାଡେମୀ ବିଳାସପୁର ଓ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। କ୍ରିକେଟ୍ ଉତ୍ସବ ଅବସରରେ ମ୍ୟାଚ୍ ପରେ ପ୍ରତ୍ୟହ ସନ୍ଧ୍ୟାରେ ସଙ୍ଗୀତ, ମେଲୋଡି, ଲୋକନୃତ୍ୟ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ମ୍ୟାଚ୍‌ଗୁଡିକ ଟି-୨୦, ଟି-୧୦ ଓ ସୁପର ୨ ଓଭର ପଦ୍ଧତିରେ ଖେଳାଯିବ ବୋଲି ଆୟୋଜକ ଜିଲା କ୍ରିକେଟ୍ ସଂଘ ପକ୍ଷରୁ କୁହାଯାଇଛି।



ଏସ୍‌ପି ଦେବୀପ୍ରସାଦ ଦାଶ ଟ୍ରଫିକୁ ଉନ୍ମୋଚନ କରୁଛନ୍ତି।

## ୩୪ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍

# ଦୁର୍ଘଟଣାରେ ପିଉସୀ, ଝିଆରୀ ମୃତ

ପିପିଲି,୨୫।୧(ଡି.ଏନ୍.ଏ)

## ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ

ପିପିଲିର ତେଇଶମାଇଲି ଛକଠାରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସ୍ନେହଲତା ସାହୁ (୪୨) ଏବଂ ତାଙ୍କ ଝିଆରୀ ଶୁଭଲକ୍ଷ୍ମୀ ପରିଡ଼ା (୨୩)ଙ୍କ ମୃତ୍ୟୁ ହୋଇଛି। ଉଭୟ ଦାଣ୍ଡମୁକୁନ୍ଦପୁର ନିକଟ ପୀତବାସ ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ଗୋଟିଏ ସ୍କୁଟିରେ ଦୁହେଁ ବିଦ୍ୟାଳୟକୁ ଯାଉଥିବାବେଳେ ସାମ୍ନାପଟୁ ଏକ ଡାଲା ଅଟୋ ଧକ୍କା ଦେଇଥିଲା। ସୂଚନା ଅନୁଯାୟୀ, ସକାଳେ ସ୍ନେହଲତା ଓ ଶୁଭଲକ୍ଷ୍ମୀ ଏକ ସ୍କୁଟି (ନଂ. ଓଡ଼ି ୦୨-ଏଇ ୯୯୮୬)ରେ ପିପିଲିରୁ ଦାଣ୍ଡମୁକୁନ୍ଦପୁରସ୍ଥିତ ସ୍କୁଲକୁ ଯାଉଥିଲେ। ତେଇଶମାଇଲି ଛକ ପାଖରେ ସାମ୍ନାପଟୁ ଆସୁଥିବା ଏକ ଡାଲା ଅଟୋ (ଓଡ଼ି ୧୩ଏଲ୍-୯୮୭୬) ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍କୁଲଠାରୁ ମାତ୍ର ଅଳ୍ପ କିଛି ମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ପିପିଲି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ଶରତ କୁମାର ସାହୁ କହିଛନ୍ତି।

# ଭୂତକୋଠି ପାଲଟିଛି ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ

ସମ୍ବଲପୁର, ୨୫।୧ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ମହାନଦୀ ପାର୍ଶ୍ୱରେ ଥିବା ଗୌରୀଶଙ୍କର ସାହାଣୀ ପାର୍କ ପରିସରରେ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ଓ ସଂଗ୍ରହାଳୟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୭ ଫେବୃୟାରୀ, ୨୦୧୬ରେ ଏହି ସ୍ମୃତି ଭବନକୁ ଉଦ୍‌ଘାଟନ କରିଥିଲେ। ମାତ୍ର ପରିତାପର ବିଷୟ, ଉଦ୍‌ଘାଟନର ୪ ବର୍ଷ ପରେ ବି ଏହି ସ୍ମୃତିପୀଠ ତାର ଲକ୍ଷ୍ୟଠାରୁ ଦୂରେଇ ଯାଇଛି। ପ୍ରାୟ ୨କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ସ୍ମୃତି ଭବନ ଏବେ ଭୂତକୋଠି ପାଲଟିଛି। ବଡ ବଡ ଅକ୍ଷରରେ କେବଳ ନାମ ଫଳକ ଲାଗି ରହିଛି। ସଂଗ୍ରହାଳୟ ଭିତରେ ବରପୁତ୍ରଙ୍କର ଫଟୋ ଚିତ୍ର ମଧ୍ୟ ନାହିଁ। ପଶ୍ଚିମ ଓଡିଶାର ସ୍ୱାଧୀନତା ସଂଗ୍ରାମରେ ଅନେକ ବରପୁତ୍ର ଝାସ ଦେଇଥିଲେ।ସେମାନେ ନିଜ ଜୀବନକୁ ବାଜି ଲଗାଇ ସ୍ୱାଧୀନତା ସଂଗ୍ରାମ ଚଳାଇଥିଲେ। ଅନେକ କାରାବରଣ କରିଥିବା ବେଳେ କେତେଜଣଙ୍କୁ ଫାଶି ଖୁଣ୍ଟରେ ଝୁଲିବାକୁ ପଡିଥିଲା। ଏହି ବୀରମାଟିର ସନ୍ତାନ ଭାବେ ବୀରସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ନୃସିଂହ ଗୁରୁ, ଭାଗୀରଥି ପଟ୍ଟନାୟକ ଓ ଚନ୍ଦ୍ରଶେଖର ବେହେରା ପରି ବରପୁତ୍ରଙ୍କ ନାମ ଅମର ହୋଇ ରହିଛି।ଏହା ସହ ପଶ୍ଚିମ ଓଡିଶାର ଅନ୍ୟ ଜିଲାରେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ବରପୁତ୍ରମାନେ ରହିଛନ୍ତି। ପଶ୍ଚିମ ଓଡିଶାର ବରପୁତ୍ରଙ୍କ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ଓ ସେମାନଙ୍କ ସ୍ମୃତିକୁ ପରବର୍ତ୍ତି ପିଢ଼ିଙ୍କ ପାଇଁ ସାଇତି ରଖିବା ଉଦ୍ଦେଶ୍ୟରେ ଏହି ସ୍ମୃତି ଭବନ ଓ ସଂଗ୍ରହାଳୟ ନିର୍ମାଣ କରାଯାଇଥିଲା।ମାତ୍ର ଉଦ୍‌ଘାଟନ ପରେ ବି ପଶ୍ଚିମ ଓଡିଶାର ବରପୁତ୍ରଙ୍କ ଫଟୋ ଓ ସ୍ମୃତି ଏଠାରେ ନ ଥିବାରୁ ବୁଦ୍ଧିଜୀବି ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ୪ ବର୍ଷ ବିତିଯାଇଥିଲେ ମଧ ଏହା ଖୋଲା ଯାଉନଥିବାରୁ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ନିଜର ଆଡ୍ଡା ଭାବେ ବ୍ୟବହାର କରୁଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ସଂଗ୍ରହାଳୟର କିଛି ସାମଗ୍ରୀ ଭାଙ୍ଗିବାରେ ଲାଗିଛି। କାନ୍ଥରୁ ଇଲେକ୍ଟ୍ରି ସାମଗ୍ରୀ ଓ ବିଭିନ୍ନ ସାମଗ୍ରୀ ଚୋରି ହେବା ସହ ବାହାରୁ ତାର ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ଅନ୍ୟ ପଟେ ସମଗ୍ର ସ୍ମାରକୀ ହଲ ଧୂଳି ଧୁସର ଓ କୁଢ଼ କୁଢ଼ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପଡିଛି। ତେଣୁ ଏହାର ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବିହେଉଛି।



ସମ୍ବଲପୁର ମହାନଗର ନିଗମ ମହାନଦୀ ପାର୍ଶ୍ୱରେ ଥିବା ଗୌରୀଶଙ୍କର ସାହାଣୀ ପାର୍କ ପରିସରରେ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ଓ ସଂଗ୍ରହାଳୟ।

## ଉଦ୍‌ଘାଟନର ୪ବର୍ଷ ପରେ ବି ଅଲୋଡ଼ା












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ

**ଅମରପାଲି, ୨୫।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ, ସ୍ଥାନୀୟ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ, ଅନୁଷ୍ଠାନ ସମ୍ପାଦକ ଗୌରୀଶଙ୍କର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଗୁଣାତ୍ମକ ଶିକ୍ଷା, ପାରମ୍ପାରିକ ଶିକ୍ଷା ଓ ନୂତନ ଶିକ୍ଷା ପଦ୍ଧତି ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ବୀରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଶ୍ମିତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



### ଅବକାରୀ ବିଭାଗ ପିଛା କଲା ଗଞ୍ଜେଇ ବୋଝେଇ ଟାଭେରା ଛାଡ଼ି ବ୍ୟବସାୟୀ ଫେରାର

**ସୋନପୁର,୨୫।୧(ନି.ପ୍ର.):** ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ବୋଝେଇ ଟ୍ରାଭେରାକୁ ପିଛା କରିଥିଲେ। ହେଲେ ଭଡା ଗାଡିରେ ଟ୍ରାଭେରାକୁ ଗୋଡାଇ ଧରିବାକୁ ସଫଳ ହେଲେନି। କିନ୍ତୁ ଛତିଶଗଡର ବ୍ୟବସାୟୀ ଧରା ପଡିଯିବା ଭୟରେ ଗାଡିକୁ ସୋନପୁର ଥାନା ଛେପାପାଲି ଗାଁରେ ଛାଡିଦେଇ ଅନ୍ଧକାରର ସୁଯୋଗରେ ଫେରାର ମାରିଥିଲେ। ଶନିବାର ସକାଳେ ଗଞ୍ଜେଇ ବୋଝେଇ ଟ୍ରାଭେରା ନଂ ସିଜି୦୫ଏଫ-୦୪୩୨କୁ ଠାବ କରାଯାଇଥିଲା। ସୋନପୁର ପୋଲିସ ୧୩୫ କିଲୋ ୧୪୦ ଗ୍ରାମ ଗଞ୍ଜେଇ ସମେତ ଟ୍ରାଭେରାକୁ ଜବତ କରିଛି। ତଦନ୍ତ ଜାରି ରହିଥିବା ବେଳେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ପାରିନି।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସ୍କୁଲରେ ଶିକ୍ଷକ ମରୁଡ଼ିକେ ପଢ଼ାକୁଠି ଅଭାବ୍

**ବିନିକା, ୨୫।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଏଜ୍‌କେ ୮ ବଛର ହେଲା ଅବେବସ୍ତା ଘେରରେ ରହିଛେ। ସ୍କୁଲ ସମସିଆର ସମାଧାନ ଲାଗି ପ୍ରଧାନଶିକ୍ଷକ ବ୍ରଜ ବିହାରୀ ପଣ୍ଡା ବିଇଓକଁରନୁ ଡିଇଓ ତକ୍ ଜନେଇଛନ୍। ହେଲେ ଆଏଜ୍‌ତକ ବିଭାଗ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇଥିବାର ସେ କହିଛନ୍।

ସୂଚନା ଅନ୍‌ସାରେ ଆଖିଦାଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ତକ୍ ୮୯ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଛାତ୍ରୀଛାତ୍ରକଁର ଭିତ୍‌ରୁ ୯୦ ପରତିଶତ ଆଦିବାସୀ ସମାଜର। ହେଲେ ଇ ସ୍କୁଲରେ ଶିକ୍ଷକ ଅଭାବ ରହିଥିଲାବେଲେ ଛାତ୍ରୀଛାତ୍ରକର ଲାଗି ପଢ଼ାକୁଠିର ବି ବଡ଼ଭାରି ଅଭାବ ରହିଛେ। ଏନ୍‌ତାଥି ପିଲାକର ପାଠ୍‌ପଢ଼ା ଖେଲଢ଼େପ ହେଉଥିବାର ଗାଁବାସୀ ଆର ଅଭିଭାବକମାନେ ଅଭିଯୋଗ କରିଛନ୍। ଏହେଦେ ସ୍କୁଲରେ ୬ ଝନ୍ ସହକାରୀ ଶିକ୍ଷକ ଜାଗାରେ ୩ ଝନ୍ ରହିଛନ୍। ସେନ୍‌ତା ଶିକ୍ଷକ ଅଭାବୁ ସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରକୁଁ ୯ ବିଷେରେ ପାଠ୍ ପଢ଼ଉଥିବାର ଜନାଯାଇଛେ। ସ୍କୁଲରେ ୮ଟା ଶ୍ରେଣୀର ଛାତ୍ରୀଛାତ୍ର ପାଠ୍‌ପଢ଼ବାର ଲାଗି ୪ଟା ନ କୁଠି ରହିଛେ। ପରଥମ, ଦୁତୀଅ, ତୁରତୀଅ ଶ୍ରେଣୀର ୩୫ ଛାତ୍ରୀଛାତ୍ର ଗୁଟେ କୁଠିଥି, ୪ର୍ଥ ଆର ୫ମ ଶ୍ରେଣୀର ମୋଟ ୨୩ ଛାତ୍ରୀଛାତ୍ର ଗୁଟେ କୁଠିଥି। ସେନ୍‌ତା ୬ଷ୍ଠ, ୭ମ ଆର ୮ମ ଶ୍ରେଣୀର ୩୧ ଝନ୍ ଛାତ୍ରୀଛାତ୍ର ଗୁଟେ କୁଠିଥି ବସି ପାଠ୍ ପଢୁଛନ୍। ଆରଗୁଟେ କୁଠିଥି ଅଫିସ୍ କାମ୍ ଚାଲିଛେ। ସ୍କୁଲରେ କୁଠି ଅଭାବୁ ପଢ଼ାକୁଠିମାନକେ ବି ଜିନିଷପାତି, ପିଲାକର ବେଲାର ରଁଧାଖାଁଦା ସାମାନ ଚାଉଲ, ଡାଲି ରଖାଯାଉଛେ। ଇଆଡ଼େ ବାଡ଼ା ଅଭାବୁ ସ୍କୁଲ୍‌ର ଚାର୍‌ହିକୁତି ମେଲା ପଡ଼ିଛେ। ଏନ୍‌ତାଥି ସ୍କୁଲ ଛୁଟି ହେଲେ ପରିସର ଅସାମାଜିକ ଲୁକ୍‌କର ପାଏନ୍‌ଘାଟ୍ ପାଲଟୁଛେ। ୨୦୧୨-୧୩ ସାଲେ ୬୦ ହଜାର ଟଁକା ଅନୁଦାନରେ ସ୍କୁଲରେ ଗୁଟେ ରଁଧାଘର ତିଆରି ହେଇଥିଲା। ହେଲେ ହଲ୍‌କା କାମ୍ ଲାଗି ଏହେଦେ ରଁଧା ଘରର କାଁଥି ଫାଟି ଆଁ କରି ବିପଦ୍ ଅବସ୍ତାରେ ରହିଛେ। ସେନ୍‌ତା ରଁଧାଘରଟା ଏତେ ଛୁଟିଆ ଯେ, ସେଠାନେ ସାମାନ ରଖିବାର ତ ଦୂରର କଥା ରଁଧାବଢ଼ା କରବାକେ ବି ସୁବିଧା ନାଇଁ ହେବାର। ଏନ୍‌ତାଥି ସ୍କୁଲ ବାରନ୍‌ଡାରେ ପିଲାକର ଲାଗି ରଁଧାବଢ଼ା ହେଉଛେ। ହେଲେ ବରଷା ଦିନେ ବାରନ୍‌ଡାରେ ରଁଧାବଢ଼ାରେ ବଡ଼ଭାରି ଅସ୍‌ବିଧା ହେଉଛେ। ଇଥିରଲାଗି ସ୍କୁଲର ରଁଧେନ୍ ରାଜେଶ୍ୱରୀ ବାଘ ନିଜର ଘରେ ରଁଧାବଢ଼ା କରି ଭାତଡୁନ୍ ସ୍କୁଲକେ ଦୁହାରୁଥିବାର କହିଛନ୍। ଜିଲାପାଳ ଇ ସ୍କୁଲ ଉପରେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ଆଖିଦାଦର ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ମତାମତ ଲାଗି ଡିଇଓ ପୁଷ୍ପା ମିଞ୍ଜକଁର ମୋବାଇଲ ନମ୍ବର ୭୯୭୮୪୩୦୦୪୩ ଆର ବିନିକା ବିଇଓ ଶଶୀଭୂଷଣ ସେଠୀକୁଁ ତାକର ମୋବାଇଲ ନମ୍ବର ୯୯୩୭୮୨୦୪୬ରେ ବାରବାର ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଳିପାରି।



ଗୁଟେ କୁଠିଥି ଭିନେ ଭିନେ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍ ପଢୁଛନ୍।

**ସମସିଆ ଘେରରେ ଆଖିଦାଦର ପିୟୁପିଏସ୍**

- ଗୁଟେ କୁଠିଥି ବସୁଛନ୍ ୩ଟା ଶ୍ରେଣୀର ଛୁଆ
- ୬ ସହକାରୀ ଶିକ୍ଷକ ଜାଗାରେ ୩ ରହିଛନ୍
- ବରଷା ଦିନେ ରାଁଧେନ୍ ଘରେ ହେଉଛେ ରଁଧାବଢ଼ା

### ଧାନଚୋରି ମାମଲା, ଟ୍ରକ୍ ଡ୍ରାଇଭର ଗିରଫ

**ବିନିକା,୨୫।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ଧାନ ଚୋରି ମାମଲାରେ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କର କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଡ୍ରାଇଭର ଜଣକ ହେଲେ କର୍ଡଙ୍ଗ ଗ୍ରାମର ନାରାୟଣ ବଗର୍ତ୍ତୀ। ଅଭିଯୋଗକାରୀ ହେଲେ କର୍ଡଙ୍ଗ ଗ୍ରାମର ଶିବ ପ୍ରସାଦ ପାଣିଗ୍ରାହୀ। ସୂଚନା ମତେ ଗତ ୨୧ ତାରିଖ କର୍ଡଙ୍ଗ ଗ୍ରାମର ପାଣିଗ୍ରାହୀ ଟ୍ରକ୍ ଯୋଗେ ବ୍ରଜଭୂମି ରାଇସ୍ ମିଲ୍‌କୁ ନିଜ ଧାନ ବିକ୍ରୟ ପାଇଁ ଟ୍ରକ ଯୋଗେ ପଠାଇଥିଲେ। ହେଲେ ଟ୍ରକ୍ ଚାଳକ ନାରାୟଣ ମହାଦେବପାଲି ନିକଟସ୍ଥ ଏକ ଢାବାରେ ଟ୍ରକ୍‌ରୁ ତିନି ପ୍ୟାକେଟ୍ ଧାନକାଢି ଦେଇଥିଲେ । ଏହା ଦେଖି ଜଣେ ବ୍ୟକ୍ତି ଶିବ ପ୍ରସାଦଙ୍କୁ ଘଟଣା ବିଷୟରେ ପାଣିଗ୍ରାହୀଙ୍କୁ ସୂଚନା ଦେଇଥିଲେ । ଏ ନେଇ ସେ ବିନିକା ଥାନାରେ ଟ୍ରକ୍ ଡ୍ରାଇଭରଙ୍କ ନାମରେ ଅଭିଯୋଗ କରିଥିଲେ । ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଟ୍ରକ୍ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ହେଲେ ନାରାୟଣଙ୍କୁ ବିନିକା ପୋଲିସ ପରେ ଗିରଫ କରିଥିଲା। ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୨୩/୨୦)ରୁଜୁ ହୋଇଛି।

# ନୃତ୍ୟଗୀତ ସହ ଦମ୍ପତି ଦେଖାଇଲେ କଳାପ୍ରତିଭା

**ବୀରମହାରାଜପୁରରେ ରାଡୁନୋ- ୨୦**

**ଅମରପାଲି, ୨୬।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମା' ମଙ୍ଗଳା କଲ୍ୟାଣ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାଡୁନୋ-୨୦୨୦ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବ କଳାକାରମାନଙ୍କ ଉଦ୍ୟମରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଦମ୍ପତି ଯୋଗଦେଇ ନିଜର କଳା ପ୍ରତିଭା ଦେଖାଇଥିଲେ। ଇଟାଲି ଭାଷାରେ ସମଭାବାପନ୍ନ ଗୋଷ୍ଠୀଙ୍କ ସମାବେଶ ଅର୍ଥ ବୁଝାଉଥିବା ରାଡୁନୋକୁ ନେଇ ଏହି ପରିକଳ୍ପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଓ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ଶ୍ରୀନିବାସ ଚାନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ପ୍ରାକ୍ତନ ଡିଏଲସି ଡ. ପ୍ରଫୁଲ୍ଲ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହାପରେ ସ୍ଥାନୀୟ କଳାକାରମାନେ ପରିବେଷଣ କରିଥିଲେ ସମ୍ବଲପୁରୀ, ଓଡିଆ ଓ ହିନ୍ଦୀ ଭଜନ, ସିନେମା ଓ ଆଧୁନିକ ସଂଗୀତ। ଏହା ସହିତ ବିଭିନ୍ନ ଦମ୍ପତିଙ୍କୁ ନେଇ କୌତୁକ ପ୍ରଶ୍ନୋତ୍ତର ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଆବାହକ ଅବିନାଶ ହୋତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିବାର ସଦସ୍ୟଙ୍କ ସହିତ ସେଲ୍ଫି କଣ୍ଟେଷ୍ଟରେ କାର୍ତ୍ତିକ ତରିଆ ଓ ଯଜ୍ଞେଶ୍ୱର ବିଶିଙ୍କ ପରିବାରର ସେଲ୍ଫିକୁ ଶ୍ରେଷ୍ଠ ସେଲ୍ଫି ଏବଂ ରବୀନ୍ଦ୍ର ହୋତା, କିଶୋର ସାହୁ ଓ ଗିରିଧାରୀ ହୋତା ଦମ୍ପତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ସତ୍ୟ ଦାଶ, ଲକ୍ଷ୍ମୀନାରାୟଣ ସାହୁ ଓ ଇରାଦତ ଖାନ୍ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ନାରାୟଣ ଲୁହା, ପୀତବାସ ଶତପଥୀ, ପ୍ରଭାତ ଦାଶ, ଚିତ୍ତରଞ୍ଜନ ମହାପାତ୍ର, ସୁଧିର ଦାଶ, ସୁବ୍ରତ ହୋତା, ରାମେଶ୍ୱର ମେହେର, ଅଶୋକ ପଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନେ ଶ୍ରେଷ୍ଠ ଦମ୍ପତିଙ୍କୁ ପୁରସ୍କୃତ କରୁଛନ୍ତି।

### ୧୫ ନୂତନ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ

**ଉଲୁଣ୍ଡା, ୨୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦରସ୍ଥିତ ଗଣ୍ଡାବାହାଲ ଉଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। ବିଡିଓ ନୀଳାମ୍ବର ମହାନନ୍ଦ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଣ୍ଡୋଘାଟ ସରପଞ୍ଚ ରୀତା ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଜିପିଇଓ ଦୀନବନ୍ଧୁ ମଲ୍ଲିକ, ବିଏଲଓ ସୁପରଭାଇଜର ଗୌତମ ମେଣ୍ଡିଲୀ, ଶିକ୍ଷକ କ୍ଷେତ୍ରବାସୀ ସାହୁ, ପ୍ରଧାନଶିକ୍ଷକ ହରିଚରଣ ପାଲ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ୧୫ ଜଣ ନୂତନ ଯୁବ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ବୁଥ ସ୍ତରୀୟ ଅଧିକାରୀ ଚିତ୍ତରଞ୍ଜନ ପୂଝାରୀଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁ ସଖ୍ୟାରେ ଭୋଟରମାନେ ଯୋଗଦେଇଥିଲେ। ପରେ ସମସ୍ତ ଭୋଟର ସଙ୍କଳ୍ପ ପତ୍ର ପଠନ କରିଥିଲେ। ଭୂଗୋଳ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

**ଅମରପାଲି, ୨୫।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା କମିରାଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ଥାନୀୟ ମାହେଶ୍ୱରୀ ଜନକଲ୍ୟାଣ ଯୁବକ ସଂଘର ୩୦ବର୍ଷ ପୂର୍ତ୍ତି ଅବସରରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପଧାନ, ସାମାଜିକ କର୍ମୀ ସପନ ପଧାନ, କ୍ଲବ ସଭାପତି ତ୍ରିପୁରାରୀ ପଧାନ, ନେହେରୁ ଯୁବ କେନ୍ଦ୍ରର ବୃଷଭ ମିର୍ଦ୍ଧା, ସ୍ୱଚ୍ଛ ଭାରତ ମିଶନର ମାଷ୍ଟର ଟ୍ରେନର ବ୍ୟାସଦେବ ରଥ, ମୀନକେତନ ମହାକୁର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଜଗଦୀଶ ପଧାନ ବିବରଣୀ ପାଠ କରିଥିଲେ। ସଭା ପରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କଳାକାରମାନେ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହା ସହିତ ଲୋକକଳାରେ ଷୋଳ ଷୁଆଙ୍ଗ ଦଣ୍ଡନୃତ୍ୟ, ପତରସହୁରା, ସହୁରାଣୀ, ଶବର ଶବରୁଣୀ ଆଦି ପରିବେଷଣ କରାଯାଇଥିଲା ।




ଜଣେ କଳାକାରଙ୍କୁ ପୁରସ୍କୃତ କରାଯାଉଛି।

### ସୁବଲୟା କଲେଜରେ ଜାତୀୟ ମତଦାତା ଦିବସ

**ଅମରପାଲି, ୨୫।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଲୟା କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ରାଜୀବ କୁମାର ନାଏକ ମୁଖ୍ୟଅତିଥି ଓ ବରିଷ୍ଠ ଓଡିଆ ପ୍ରାଧ୍ୟାପକ ଡ. ମୀନକେତନ ଛୁରିଆ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଯେଉଁମାନେ ସାବାଳକ ହେଲେଣି ନିଜର ନାମ ଭୋଟର ତାଲିକାରେ ପଞ୍ଜିକରଣ କରିବା ସହିତ ଶତପ୍ରତିଶତ ମତଦାନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଦେବାଶିଷ ପ୍ରଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳ ଭୋଇ, ଦିଲୀପ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିରରେ ଯୋଗଦାନ କରିଥିବାରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ରାଜନୀତି ବିଜ୍ଞାନ ବିଭାଗ ସେମିନାର

**ଡୁଙ୍ଗୁରିପାଲି, ୨୫।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଭାରତରେ ଜାତିବାଦ ଓ ଆମ୍ବେଡକରଙ୍କ ଚିନ୍ତନ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଧାପକ ଡ. ସରୋଜ କୁମାର ଦାଶ ସେମିନାରର ବିଷୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଡ. ଶ୍ୟାମ ଭୋଇ ପ୍ରଧାପକ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟଙ୍କ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ସଂପାନରେ ଛାତ୍ରୀ ଗୀତାଞ୍ଜଳି, ରୁବି, ଚନ୍ଦ୍ରମା ଓ ହିମାଂଶୁ ନିଜ ସନ୍ଦର୍ଭ ପାଠ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଡ. ଶ୍ୟାମ ଭୋଇ, ଅଧ୍ୟାପକ ବିରାଟ ପଧାନ, ଯୋଗେନ୍ଦ୍ର ସାହୁ ମତ ଉପସ୍ଥାପନ କରିଥିଲେ।




ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ସେମିନାରରେ ମଞ୍ଚାସୀନ ଅତିଥି।

# ଉଲ୍‌ଗୁଲାନ ଲାଗି ସଜବାଜ୍ ହେଉଛନ୍ ଅଂଚଲବାସୀ

**ତେଜୁଛେ ବିନିକାକେ ଉପଖଣ୍ଡର ମାଏନ୍‌ତା ଦାବି**

**ବିନିକା,୨୫।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଜିଲାର ଗୁଟେ ମୁଖିଆ ସହର। ବିନିକାକେ ସବ୍‌ଡିଭିଜନ ମାଏନ୍‌ତା ଦେବାର ଲାଗି ଅଂଚଲବାସୀ ଆଏଜ୍‌କେ ପାଖାପାଖି ୩୦ ବଛର ହେଲା ଦାବି କରି ଆସୁଛନ୍। ଇ କଥାଟା ଅନେକ ଦିନୁ ରାଏଜ୍ ସରକାରକଁର ବିଚାରରେ ରହିଛେ। ହେଲେ ବିନିକାକେ ସବ୍‌ଡିଭିଜନ ମାଏନ୍‌ତା ଦେବାରେ ରାଏଜ୍ ସରକାର ବହୁତ୍ ଲେଠ୍‌ରଉଛନ୍। ଇତାକେ ନେଇ ଅଂଚଲବାସୀକର ଭିତରେ ଅସନ୍‌ତୋଷ ଭାବ୍ ଦେଖିବାକେ ମିଳୁଛେ।

ସୂଚନା ଅନ୍‌ସାରେ ରାଏଜ୍ ସରକାର ରାଏଜେ ୧୮ଟା ନୂଆଁ ଉପଖଣ୍ଡ ଥାପନା କରବାର କଥା ବିଚାର କରୁଛନ୍। ସେ ଭିତ୍‌ରୁ ୮ଟା ନୂଆଁ ଉପଖଣ୍ଡ ପଶ୍ଚିମ ଓଡ଼ିଶାରେ ହେବା। ପଶ୍ଚିମ ଓଡ଼ିଶାର ୮ଟା ନୂଆଁ ଉପଖଣ୍ଡ ଭିତରୁ ବିନିକାର ନାଁ ୩ ନମରରେ ରହିଥିବାର ଜନାଯାଇଛେ। ସେନ୍‌ତା ବିନିକା ଅଂଚଲର ଭଉଗୋଳିକ ଥିତି, ବଢ଼ତି ଲୋକ୍ ସଂଖ୍ୟା, ବେପାରବନିଜ୍, ରାସ୍‌ତାଘାଟ, ରାଜସ୍ୱ ଅସୁଲିକେ ଦେଖିଲେ ଅଂଚଲଟା ଗୁଟେ ଉପଖଣ୍ଡର ମାଏନ୍‌ତା ପାଏବାର ଲାଗି ହକ୍‌ଦାର ଆଏ। ବିନିକା ଗୁଟେ ଉପଖଣ୍ଡର ମାଏନ୍‌ତା ପାଏଲେ ଅଂଚଲବାସୀକର ବିକାଶ ସଂଗେ ରାଏଜ୍ ସରକାରକଁର ରାଜସ୍ୱ ବି ବଢ଼ବା ବଲି ବୁଦ୍ଧିଜୀବୀମାନେ ମତ୍ ଦେଇଛନ୍। ସୁବର୍ଣ୍ଣପୁର ଜିଲା ଗଠନ ହେବାର ଆଗ୍‌ରୁ ବିନିକା ଅଂଚଲବାସୀ ଉପଖଣ୍ଡାର ମାଏନ୍‌ତା ଲାଗି ଦାବି କରିଆସୁଛନ୍। ସୁବର୍ଣ୍ଣପୁର ଜିଲା ଗଠନ ହେବାର ଆଏଜ୍‌କେ ୨୫ ବଛର୍‌ରୁ ଅଧିକା ବିତିଯାଇଛେ। ହେଲେ ବିନିକା ଅଂଚଲକେ ଉପଖଣ୍ଡର ମାଏନ୍‌ତା ଦାବି ଅଂଚଲବାସୀକର ଆଏଜ୍ ବି ସପନ୍ ହେଇ ରହିଛେ। ଏନ୍‌ତାଥି ଗଲା ୨୦୧୬ ସାଲେ ଥାନୀଅ ପୂର୍ତ୍ତ ବିଭାଗ ଡାକବଂଗଲାରେ ଅଂଚଲବାସୀ ଏକଯୋଟ ହେଇ ବିନିକାକେ ଉପଖଣ୍ଡର ମାଏନ୍‌ତା ଦେବାର ଲାଗି ଦାବି କରିଥିଲେ। ସେନ୍‌ତା ୨୦୧୭ ଡିସେମ୍ବର ମାସେ ବିନିକା ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ଦାଶକଁର ମଂଗୁଆଲତିରେ ଓକିଲ ସଂଘ ମୁଖ୍ୟମନ୍ତ୍ରୀକଁର ଉଦେଶ୍‌ରେ ବିନିକା ତହସିଲଦାରକଁର ଜରିଆରେ ବିନିକାକେ ଯେତେ ଜଲଦି ହେବା ଉପଖଣ୍ଡର ମାଏନ୍‌ତା ଦେବାକେ ଗୁଟେ ଦାବିପତର ଦେଇଥିଲେ। ହେଲେ ବଛର ବଛର ବିତିଯାଇଥିଲେ ବି ରାଏଜ୍ ସରକାର ଇ ଦିଗେ ପଦକ୍ଷେପ ନାଇଁ ନେବାର। ଯେନ୍‌ଥିରଲାଗି ଅଂଚଲବାସୀକର ଭିତରେ ଅସନ୍‌ତୋଷ ଭାବ୍ ବଢ଼ତେଲ ଯାଉଛେ। ଆଏବାର ଦିନେ ଇ ଘଟନାଟା ଯେ ଗୁଟେ ବଡ଼ଭାରି ଉଲ୍‌ଗୁଲାନର ରୂପ ନାଇଁ ନେବା କିଛି କହି ନାଇଁହେବାର। ଇ ଦିଗେ ରାଏଜ୍ ସରକାର ବିଚାର କରି ବିନିକାକେ ଗୁଟେ ଉପଖଣ୍ଡର ମାଏନ୍‌ତା ଦେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ବିନିକାର ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାଶକୁଁ ପଚ୍‌ରାଲାରୁ ରାଏଜେ ୧୮ଟା ନୂତନ ଉପଖଣ୍ଡ ଥାପନା କରବାର ଲାଗି ସରକାରକଁର ଯୋଜନା ଅଛେ। ଯେନ୍‌ତା ଆମର ଥାନୀଅ ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାକଁର ସହଯୋଗରେ ଆର ବିନିକା ଅଂଚଲବାସୀକର ଦାବିରେ ଘଟନାଟା ମୁଖ୍ୟମନ୍ତ୍ରୀକଁର ନଜରକେ ଆସିଥିଲା। ହେବାକେ ଥିବାର ୧୮ଟା ନୂତନ ଉପଖଣ୍ଡ ଭିତ୍‌ରୁ ବିନିକାର ନାଁ ୩ ନମରରେ ରହିଛେ। ରାଏଜ୍ ସରକାର ବିନିକାକେ ଉପଖଣ୍ଡର ମାଏନ୍‌ତା ଦେବାର ବାକି ରହିଛେ। ବିନିକା ଗୁଟେ ଉପଖଣ୍ଡର ମାଏନ୍‌ତା ପାଏଲେ ଅଂଚଲବାସୀକର ବହୁତ୍ ଦିନର ସପନ୍ ବି ପୂରା ହେବା ବଲି ସେ କହିଛନ୍।

# ନୂତନ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟ

**ସୋନପୁର,୨୫।୧(ନି.ପ୍ର.)**

ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର କୁଞ୍ଜ ଛକଠାରୁ ଏକ ସଚେତନତା ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା ସଭାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ନୂତନ ମତଦାତାଙ୍କ ମଧ୍ୟରେ ଭୋଟଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଜିଲାପାଳ ବାନାର୍ଜୀ ଗୁରୁତ୍ୱ ଦେଇଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିର୍ବାଚନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଡିଆଇପିଆରଓ ହରିଚରଣ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୨୦ ଜଣ ନୂତନ ମତଦାତାଙ୍କୁ ମତଦାନ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଭଲ କାମ ପାଇଁ ୨ ବିଏଲଓ ମଧ୍ୟ ପୁରସ୍କୃତ ହୋଇଥିଲେ। ପୂର୍ବରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପୋଷ୍ଟର ମେକିଂ ପ୍ରତିଯୋଗିତାରେ ନରୋତ୍ତମ ମହାରଣା ପ୍ରଥମ, ରୋଶନ ମିଶ୍ର ଦ୍ୱିତୀୟ, ମୁନ ମହାକୁର ତୃତୀୟ, ସ୍ଲୋଗାନ ଲିଖନରେ ସାଇଶ୍ରିତା ମହାପାତ୍ର ପ୍ରଥମ, ଦୀପକ କୁମାର ସାହୁ ଦ୍ୱିତୀୟ, ଋଷିକେଶ ପଣ୍ଡା ତୃତୀୟ, ବକ୍ତୃତାରେ ବିଜୟଲକ୍ଷ୍ମୀ ମିଶ୍ର ପ୍ରଥମ, ଶୁଭଙ୍କର ପଣ୍ଡା ଦ୍ୱିତୀୟ ଓ ସଞ୍ଚିତା ମିଶ୍ର ତୃତୀୟ, ରଙ୍ଗୋଲି ପ୍ରତିଯୋଗିତାରେ କଳିଙ୍ଗ କେଶରୀ ଭୋଇ ପ୍ରଥମ, ପ୍ରିତିମୟୀ ବୁଡେକ୍ ଦ୍ୱିତୀୟ ଓ ଦୀପାଞ୍ଜଳି ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ଅନିଲ କୁମାର ଦାସ ପ୍ରଥମ, ସମୀର ବାରିକ ଦ୍ୱିତୀୟ, ସମୀର ମହଲା ଓ ସୃଷ୍ଟିମୟୀ ପୁରୋହିତ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ।




ରୁଗୁଡିପାଲି ବିଏଲଓ ଗୀତାଞ୍ଜଳି ରଣାଙ୍କୁ ପୁରସ୍କୃତ କରୁଛନ୍ତି।

**ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ**



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା
କାହିଁକି, ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



**ସଂକ୍ଷେପରେ...**



## ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବାଉଁଶୁଣୀ, ୨୫ା୧ (ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶନିବା ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଅଧାପକ ରକି ବିଶ୍ୱାଳ, ମାଁ ମାହେଶ୍ୱରୀ ଡିଗ୍ରୀ କଲେଜ ଅଧକ୍ଷ ଅନିରୁଦ୍ଧ ମହାକୁଳ, ମାଁ ମାହେଶ୍ୱରୀ ଜୁନିୟର କଲେଜ ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ପରେ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧାପିକା ଦୀପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ଓ ମନୋରଞ୍ଜନ ଘଡେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧାପକ ବାବାରାମ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ସ୍ୱାଗତିକା ଲେଙ୍କା, ଡ. ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଅଧାପକ ଶଶିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ଦିବସରେ ସଚେତନତା

ବରଗଡ଼ ଅଫିସ୍, ୨୫ା୧

ବରଗଡ଼ରେ ଶନିବାର ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଥାନାଛକ, କାଳୀମନ୍ଦିର ଛକ ଦେଇ ସହର ପରିକ୍ରମା ସହିତ ସଚେତନତା ସୃଷ୍ଟି କରିଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ସ୍କୁଲ, କଲେଜର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ସ୍ଥାନୀୟ ମହିଳା କଲେଜରେ ଏକ ସଭା ହୋଇଥିଲା। ସଭାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗଦେଇ ଭୋଟର ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଏହା ସହିତ ଏହି ପରିପ୍ରେକ୍ଷୀରେ ହୋଇଥିବା ସ୍ଲୋଗାନ, ତର୍କ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।



ଜାତୀୟ ଭୋଟର ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟମାନେ ।

**ପଦ୍ମପୁର,(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ସଦର ମହକୁମାରେ ୧୦ମ ଜାତୀୟ ଭୋଟର ଦିବସ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ସାଢ଼େ ୮ଟା ସମୟରେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରୁ ଏକ ଜନସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ସମସ୍ତଙ୍କୁ ଭୋଟର ଦିବସର ଶପଥ ପାଠ କରାଇଥିଲେ। ପରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଅଞ୍ଚଳ ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ମୁଖ୍ୟବକ୍ତା, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବ୍ଲକର ବିଏଲଓ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ବିଏଲଓ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଜନସାଧାରଣ ଯୋଗଦାନ କରିଥିଲେ ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ମହାବିଦ୍ୟାଳୟର ଏନଏସଏସ ୟୁନିଟ–୩ ବାଳିକା ବିଭାଗ ପକ୍ଷରୁ ଜାତୀୟ ଭୋଟର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ବିଜେପୁର ସହର ପରିକ୍ରମା କରିଥିଲା । ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପଦ୍ମନାଭ ସାମନ୍ତରାୟ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଭୋଟର ନିର୍ବାଚନ ବେଳେ ନିଜ ମତଦାନର ମୂଲ୍ୟକୁ ହୃଦବୋଧ କରିବା ଉଚିତ ବୋଲି ସ୍ଲୋଗାନ ଦେଇ ଛାତ୍ରୀମାନେ ସାଇକେଲ ରାଲି କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତରାଣା ରାଉତଙ୍କ ତତ୍ତ୍ୱାବଧାନରେ ଅଧାପିକା ଅଧାପକଗଣ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଏହାକୁ ଅଧାପକ ପ୍ରଦୀପ କୁମାର ମିଶ୍ର ଉଦଘାଟନ କରିଥିଲେ ।

## ସଖୀ ସେଣ୍ଟରରୁ ଖସି ଗଲେ ଦୁଇ ଅନ୍ତେବାସିନୀ

ବରଗଡ଼ ଅଫିସ୍, ୨୫ା୧

ବରଗଡ଼ ଜିଲା ଏକ ଆଶ୍ରମରେ ଅନ୍ତେବାସିନୀଙ୍କୁ ନିର୍ଯାତନା ଅଭିଯୋଗ ଘଟଣା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ଏତଲା ପାଇବା ପରେ ସ୍ଥାନୀୟ ସଦର ଥାନା ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରିଛି। ଅଭିଯୋଗର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଉଭୟ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଏହାର ତଦନ୍ତ ଚଳାଇଛନ୍ତି । ତେବେ ଏହା ତଦନ୍ତାଧୀନ ଥିବାବେଳେ ଆଶ୍ରମରୁ ଖସି ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିବା ୩ ଅନ୍ତେବାସିନୀଙ୍କ ଗତିବିଧି ତଦନ୍ତକାରୀଙ୍କ ପାଇଁ ଅଡୁଆ ସାଜିଛି । ଜଣେ ଅନ୍ତେବାସିନୀ ଗୁରୁବାର ସ୍ୱାମୀଙ୍କ ସହିତ ଘରକୁ ଫେରିଥିବାବେଳେ ଅନ୍ୟ ୨ଜଣ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରସ୍ଥ ୱାନ ଷ୍ଟପ୍ ସେଣ୍ଟର(ସଖୀ)ରେ ରହିଥିଲେ। ମାତ୍ର ଉଭୟ ଅନ୍ତେବାସିନୀ ମଧ୍ୟ ଶନିବାର ଅପରାହ୍ନ ପ୍ରାୟ ଅଢ଼େଇଟାରୁ ସଖୀ ସେଣ୍ଟରରୁ କୁଆଡ଼େ ଚାଲି ଯାଇଥିବା ସୂଚନା ମିଳିଛି । ଏ ନେଇ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ହେମସାଗର ନାୟକଙ୍କୁ ପଚାରିବାରୁ ୱାନ ଷ୍ଟପ ସେଣ୍ଟରର କର୍ମଚାରୀମାନେ ଯେତେ ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ରହି ନ ଥିଲେ ଏବଂ ସେଠାରୁ କୁଆଡ଼େ ଚାଲି ଯାଇଥିବା କହିଛନ୍ତି । ସେହିପରି ବରଗଡ଼ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ସମସ୍ତ ଅନ୍ତେବାସିନୀଙ୍କ ବୟାନ ରେକର୍ଡ଼ କରାଯାଇଛି। ତଦନ୍ତରେ ସେମାନେ ସହଯୋଗ କରିବା କଥା। ମାତ୍ର ସେମାନେ କୁଆଡ଼େ ଚାଲିଯାଇଥିବାରୁ ତାଙ୍କୁ ମଧ୍ୟ ଖୋଜାଖୋଜି କରାଯାଉଛି ବୋଲି କହିଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି ।

## ବିଶ୍ୱ କୁଷ୍ଠ ଦିବସ ପାଳନ ପ୍ରସ୍ତୁତି ବୈଠକ

ବୌଦ୍ଧ, ୨୪ା୧(ସ୍ୱ.ପ୍ର)

କୁଷ୍ଠ ସଚେତନତା ଅଭିଯାନର ଜିଲା ସମନ୍ୱୟ କମିଟି ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୩୧ ତାରିଖରେ ଥିବା ବିଶ୍ୱ କୁଷ୍ଠ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ଦିବସକୁ ଜିଲାରେ ବହୁ ସଂଖ୍ୟାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅଭିଯାନ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରୁ ଆରମ୍ଭ ହୋଇ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ପ୍ରସ୍ତୁତି ବୈଠକକୁ ଜିଲା କୁଷ୍ଠ ଅଧିକାରୀ ଡ. ବି. କେ. ଆର. ସି. ଦେଓ ହେମ୍ବ୍ରମ ପରିଚାଳନା କରିଥିବାବେଳେ କୁଷ୍ଠ ପରାମର୍ଶଦାତା ଡ. ସୌମ୍ୟକାନ୍ତ ସତ୍ୟ ସୁନ୍ଦର ଜିଲାରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ନେଇ ଆଲୋକପାତ କରିଥିଲେ।

## ମତଦାନ ଦ୍ୱାରା ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୁଏ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବୌଦ୍ଧ, ୨୫ା୧(ସ୍ୱ.ପ୍ର)

ବୌଦ୍ଧରେ ଜାତୀୟ ମତଦାତା ଦିବସ ଟାଉନହଲରେ ଶନିବାର ପାଳିତ ହୋଇଛି। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ମତଦାନ କରିବା ଜଣେ ନାଗରିକର ମୌଳିକ ଅଧିକାର ଓ ଶତପ୍ରତିଶତ ମତଦାନ ଦ୍ୱାରା ଏକ ସ୍ୱଚ୍ଛ ସରକାର ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଅଧ୍ୟାପକ ପ୍ରବୀର କୁମାର ଦାସ ଓ ସ୍ୱେଚ୍ଛାସେବୀ ସୀତାକାନ୍ତ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମଥର ପାଇଁ ଭୋଟର ତାଲିକାରେ ନାମ ସଂଯୁକ୍ତ ହୋଇଥିବା ଯୁବ ଭୋଟରମାନଙ୍କୁ ପରିଚୟ ପତ୍ର ପ୍ରଦାନ ଓ ବରିଷ୍ଠ ମତଦାତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ନେଇ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## କୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା

ଗାଇସିଲେଟ୍, ୨୫ା୧(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ତାଲପାଲିଠାରେ ଚାଲିଥିବା ବୋରାସମ୍ବର ବିରାଟ ଧନୁଯାତ୍ରାର ଦ୍ୱିତୀୟ ଦିବସ ଶନିବାର ମଥୁରାନଗରୀ ସାଜିଥିବା ତାଲପାଲିରେ ଅଷ୍ଟମଲ୍ଲଙ୍କୁ ଆହ୍ୱାନ, କୃଷ୍ଣଜନ୍ମ, କୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନ ସହ ଭେଟ, ଉଗ୍ରସେନଙ୍କ ଦିବ୍ୟରୂପ ଦର୍ଶନ ଦୃଶ୍ୟାଭିନୟ ହୋଇଥିଲା। ଅନ୍ୟପଟେ ଗୋପପୁର ପାଲଟିଥିବା ଖୁଣ୍ଟପାଲିରେ ନନ୍ଦରାଜାଙ୍କ ପୁତ୍ରସୂୟ ଯଜ୍ଞ ହୋଇଥିଲା। ଏହି ଅବସରରେ ଗୋପପୁରବାସୀ ଆନନ୍ଦ ଉଲ୍ଲାସରେ ନାମ, ସଂକୀର୍ତ୍ତନ କରିଥିଲେ। ଗୋପପୁରରେ ଗାଇସିଲେଟ ବିଡ଼ିଓ ନିରଞ୍ଜନ ଶାହା, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ଥିଲେ। ଗୌନ୍ତିଆ ଦେବେଶ ବରିହା ଉପସ୍ଥିତ ଥିଲେ । ଶେଷଦେବ ନାଏକ, ପଦ୍ମନ ରଣା, ମାଧବ ପୁଟେଲ, ସରୋଜ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ମଥୁରାନଗରୀରେ ତହସିଲଦାର ପୁଷ୍ପକ ପ୍ରଧାନ, ସରପଞ୍ଚ ସୁଶାନ୍ତ ସାହୁ ପ୍ରମୁଖ ରାଜ ଅତିଥି ଭାବେ ରାଜ ଦରବାରରେ ଉପସ୍ଥିତ ଥିଲେ । କଂସ ଭୂମିକାରେ କଳାକାହ୍ନୁ ଚୌହାନ ଏବଂ ଉଗ୍ରସେନ ଭୂମିକାରେ ଅଲେଖ ସାହୁଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା ।



ରାଜ ଦରବାରରେ ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜା ଉଗ୍ରସେନ ।

## ଗାଇସିଲେଟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍, ୨୫ା୧

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଶନିବାର ସଡ଼କ ସୁରକ୍ଷା ତଥା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା, ନୂତନ ଟ୍ରାଫିକ ଆଇନ ଉପରେ ସଚେତନ କରାଇଥିଲେ । ଏହା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟ୍ରାଫିକ ସଚେତନତା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁକ୍ତେଶ୍ୱର ବିଭାର, ଲିଲି ବରିହା, ସୁଷମା ସାହୁ, ପ୍ରତିମା ପାଣିଗ୍ରାହୀ, ସାଗରୀକା ନାୟକ, ସିମ୍ପଲ କଲେତ୍, କୌଶଲ୍ୟା ସାହୁ ପ୍ରମୁଖ କୃତିତ୍ୱ ଅର୍ଜନ ସହିତ ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୟୁଥ୍ ରେଡ଼କ୍ରସ କାଉନସେଲର ଅଧ୍ୟାପକ ରମାକାନ୍ତ ସାହୁ, ନାରାୟଣ ମିଶ୍ର, ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡା, ଟ୍ରାଫିକ ସ୍ୱେଚ୍ଛାସେବୀ ସସ୍ମିତା ପଟେଲ, ନଳିନୀ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ ।



ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ଫୁଟବଲ: ସେମିରେ ଭୈରବୀ କ୍ଲବ

ପୁରୁଣାକଟକ, ୨୫ା୧(ଡି.ଏନ.ଏ)

ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ପୁରୁଣାକଟକ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୪ର୍ଥ ମା ଭୈରବୀ କପ୍ ଫୁଟବଲ ପ୍ରତିଯୋଗିତା ଗ୍ରୁପ 'ଏ'ର ୨ୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଆଜିର ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ସହିତ ଭୈରବୀ କ୍ଲବ ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ୪–୩ ଗୋଲରେ କଟକକୁ ହରାଇ ପୁରୁଣାକଟକ ସେମିଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଉପଜିଲ୍ଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକ ମୁଖ୍ୟଅତିଥି, ହରଭଙ୍ଗା ତହସିଲଦାର ବବିତାରାଣି ଦଳବେହେରା, ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେର, ସରପଞ୍ଚ ଭବାନୀବାଳା କଅଁର, ସରପଞ୍ଚ ଦିଲୀପ ପ୍ରଧାନ, ଯୁବ ଶିଳ୍ପପତି ସିବ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର ପ୍ରଥମ ସେମିଫାଇନାଲ୍ ପୁରୁଣାକଟକ ଭୈରବୀ କ୍ଲବ ସହିତ ରାଉରକେଲା ୟୁନାଇଟେଡ୍ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ ।

## ବେଆଇନ ଇଟାଭାଟି, ସରକାରଙ୍କ ରାଜସ୍ୱହାନି

ଗଣ୍ଡତୁରୁମ, ୨୫ା୧ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ତହସିଲ ଅଞ୍ଚଳରେ ସମ୍ପ୍ରତି ବ୍ୟାପକ ବେଆଇନ ଇଟାଭାଟି ଗଢ଼ି ଉଠିଛି । ମୁନାଫାଖୋର ଇଟା ବ୍ୟବସାୟୀମାନେ ରାଜସ୍ୱ ଫାଙ୍କି ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଥିବା ବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି । କେତେକ ବ୍ୟବସାୟୀ ୧୦ରୁ ୨୦ହଜାର ଇଟା ଗଢ଼ିବା ପାଇଁ ରସିଦ କାଟି ଲକ୍ଷାଧିକ ଇଟା ଗଢୁଥବବା ଦେଖିବାକୁ ମିଳୁଛି। ଏଥିପାଇଁ କେତେକ ରାଜସ୍ୱ କର୍ମଚାରୀ ସେମାନଙ୍କ ପାଖରୁ ହାତଗୁଞ୍ଜା ନେଇ ଚୂପ୍ ବସିଥିବା ଅଭିଯୋଗ ହେଉଛି। ଏପରିକି କେତେକ ସ୍ଥଳେ ତହସିଲ ପକ୍ଷରୁ ନାମକୁ ମାତ୍ର ଚଢ଼ାଉ କରାଯାଉଛି । ମାତ୍ର ତାଙ୍କ ଉପରେ ସାମାନ୍ୟ ଅର୍ଥଦଣ୍ଡ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଇଟା ବ୍ୟବସାୟୀମାନେ ବେଧଡକ କାରବାର ଚଳାଇଛନ୍ତି। ଏହି ତହସିଲ ଅଧୀନ ଗଣ୍ଡତୁରୁମ, କେଶରିପୋଲି, ମହୁଲପାଲି, ବାଦୀ, ମେହେନା, କମ୍ପପାଲି, ଯାମପାଲି, ଭୁତଲୋଡ, ରୁଷୁଡା, ସିଆଲଖଣ୍ଡହଥା, ଖଲିଆପାଲି, କୁଡାପାଲି, ଡାଙ୍ଗପାଲି, ସାରସପାଲି, ଭାଲୁପାଲି, ପପଙ୍ଗା, ଦେଶଭଟଲି, ରେମଣ୍ଡା, ତେନ୍ତୁଲିଟିକ୍ରା, ବରପଦର, ରେଶମ ଆଦି ରାଜସ୍ୱ ସର୍କଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବେଆଇନ ଇଟାଭାଟି ଗଢ଼ି ଉଠିଛି । ସେହିପରି ସହଁରାଟିକ୍ରା, ସଂକ୍ରୀଡା, ମରହାପାଲିଠାରେ ସ୍କୁଲ ଓ ଗାଁ ନିକଟରେ ଚିମିନି ଇଟା ଭାଟି ଚାଲିଛି। ଅପରପକ୍ଷେ ଏହି ଇଟାଭାଟି ଗୁଡିକ ନଦୀ, ନାଳ କୂଳ ଏବଂ ଜନବସତିଠାରୁ ୨ କିମି ଦୂରତାରେ ରହିବା ନିୟମ ରହିଛି । ଏହାକୁ ମଧ୍ୟ ସେମାନେ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି । ଇଟାଭାଟିର ଧୂଆଁରେ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ପରିବେଶ ପ୍ରଦୂଷଣ ହେଉଛି । ଏ ସମ୍ପର୍କରେ ଭେଡେନ ଅତିରିକ୍ତ ତହସିଲଦାର ନାରାୟଣ ଡନସନାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୨୮୫୧୬୩ରେ ଫୋନ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ।

# ଚତୁର୍ଥ ଜମ୍ବେଶ୍ୱର, ପ୍ରକାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ଘଣ୍ଟାପଡା, ୨୫ା୧ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଚତୁର୍ଥ ଜମ୍ବେଶ୍ୱର ମାଝୀ ଓ ପ୍ରକାଶ କଅଁର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ–ବିରୁ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ବାଲିଆପଡା ଦଳ କଲରକୋଠା ଦଳକୁ ୧–୦ ଗୋଲରେ ହରାଇ ପରବର୍ତ୍ତୀ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କମସରା ଦଳ ୧–୦ରେ କୁରୁକୁପା ଦଳକୁ, ତୃତୀୟ ମ୍ୟାଚରେ ତରଭା ଦଳ ଟାଇବ୍ରେକର ଜରିଆରେ ୪–୨ ଗୋଲ ବ୍ୟବଧାନରେ ଓ ଚତୁର୍ଥ ମ୍ୟାଚ୍ ଖଇରଭାଡି ଦଳ ୧–୦ ଗୋଲରେ କନ୍ଧମାଳ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ପରବର୍ତ୍ତୀ ମ୍ୟାଚ୍ ବାଲିଆପଡା ଓ କମସରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିଥିବାରୁ ଟାଇବ୍ରେକର ଜରିଆରେ ୩–୧ ଗୋଲରେ ବାଲିଆପଡା ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଅନ୍ତିମ ମ୍ୟାଚ୍ ଖଇରଭାଡି ଓ ତରଭା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରରେ ଖଇରଭାଡି ୩–୧ ଗୋଲରେ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଦ୍ୱିତୀୟ ଦିବସରେ ପରିଷଦ ସଦସ୍ୟା ମୁକ୍ତାସିନୀ ମଲିକ ମୁଖ୍ୟଅତିଥି, ଶିଳ୍ପପତି କରୁଣା ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକ, ସହକାରୀ ଶିକ୍ଷକ ଶ୍ରୀପତି ମଲିକ, ଶିକ୍ଷକ ପଞ୍ଚାନନ କଅଁର, ଅଧାପକ ପରେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସର ମ୍ୟାଚକୁ ପ୍ରଶାନ୍ତ ନାଏକ, ବୀରବାହୁ ମାଝୀ, ଦଶରଥ ବେହେରା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମାଝୀଙ୍କ ଦ୍ୱାରା ଉଦଘାଟିତ ହେବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ପ୍ରଥମ ସେମିଫାଇନାଲ ଭାବେ ମଲିକୁଦ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୪–୨ ଗୋଲରେ ଓ ଦ୍ୱିତୀୟ ସେମିଫାଇନାଲରେ କମସରା ଦଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି ।



ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ଫୁଟବଲ ମ୍ୟାଚ୍ ଚାଲିଛି ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ



## ସଂକ୍ଷେପରେ

### ଜାତୀୟ ମତଦାତା ଦିବସରେ ରଙ୍ଗୋଲି ପ୍ରତିଯୋଗିତା

**ଲାଠୋର, ୨୫।୧(ଡି.ଏନ.ଏ):** ଜାତୀୟ ମତଦାତା ଦିବସ ଅବସରରେ ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହିକ୍ରମରେ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ ମଧ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପାଟଣାଗଡ ଜବହାରଲାଲ ମହାବିଦ୍ୟାଳୟର ଛାତ୍ରୀ ଲୋପାମୁଦ୍ରା ତରିଆ ପ୍ରଥମ, ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ମୋନିକା ମେହେର ଦ୍ୱିତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ମୁକ୍ତା ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜାତୀୟ ମତଦାତା ଦିବସ ଅବସରରେ ଏହି ତିନି ଛାତ୍ରୀଙ୍କୁ ପାଟଣାଗଡ ଉପ ଜିଲାପାଳ ସୋମନାଥ ପ୍ରଧାନ ତାଙ୍କ କାର୍ଯ୍ୟାଳୟଠାରେ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରିଛନ୍ତି। ଏହି ଅବସରରେ ଅଧାପିକା ଅଧାପକ ତଥା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଟ୍ରକ୍ ଚାପାରେ ଯୁବକ ମୃତ, ରାସ୍ତାରୋକୋ

**ପାଟଣାଗଡ, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଡାକ୍ତରଖାନା ସମ୍ମୁଖରେ ଶୁକ୍ରବାର ରାତିରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣାଗଡ ବ୍ଲକ ଅନ୍ତର୍ଗତ ରହେନମାଲ ଗ୍ରାମର ବେଣୁଧର କୁଅଁର। ସେ ଏକ ବାଇକରେ ଯାଉଥିବା ବେଳେ ବଲାଙ୍ଗୀର ପଟୁ ଆସୁଥିବା ଏକ ଟ୍ରକ (ସି.ଜି. ୦୯ ବି ୦୫୯୭) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ଟ୍ରକକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ତାଙ୍କୁ ପାଟଣାଗଡ ପୋଲିସ ଅଟକାଇଥିଲା। ହେଲେ ସେ ଗାଡି ଛାଡି ପଳାଇ ଯାଇଥିଲେ। ପୋଲିସ ଟ୍ରକକୁ ଜବତ ରଖିଛି। ଏନେଇ ମୃତକଙ୍କ ପରିବାର ତରଫରୁ ପାଟଣାଗଡ ଥାନାରେ ଅଭିଯୋଗ କରାଯାଇଛି। ଶନିବାର



ମୃତଦେହ ରଖି ରାସ୍ତା ଅବରୋଧ କରଯାଇଛି।

ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଏବଂ ପାଟଣାଗଡ ଆଦିବାସୀ ସଂଘର କର୍ମକର୍ତ୍ତାମାନେ ସ୍ଥାନୀୟ କଚେରୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ମୃତ ବେଣୁଧରଙ୍କ ନିକଟ ସମ୍ପର୍କୀୟଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି, ପାଟଣାଗଡ ସହର ମଧ୍ୟରେ ଭାରୀଯାନ ଯାତାୟାତ ବନ୍ଦ ସହ ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ, ବାଇପାସ ରାସ୍ତା ନିର୍ମାଣ ସରିବା ପର୍ଯ୍ୟନ୍ତ ସହର ମଧରେ ସକାଳ ୮ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରିବା, ପାଟଣାଗଡ ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଟ୍ରାଫିକ ପୋଲିସ ନିଯୁକ୍ତି ଏବଂ ପାଟଣାଗଡ ଡାକ୍ତରଖାନରେ ଏକ ମହାପ୍ରୟାଣ ଗାଡିର ବ୍ୟବସ୍ଥା କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏକ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ଗ୍ରହଣ କରି ଉପଜିଲାପାଳ ସୋମନାଥ ପ୍ରଧାନ ଦାବିଗୁଡିକୁ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥି ସହିତ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ପ୍ରଦାନ କରେ ରାସ୍ତାରୋକୋ ହଟିଥିଲା। ବଲାଙ୍ଗୀର–କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା।

### ଟିକ୍ରାପଡ଼ା ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ଖଜୁରପଡ଼ା

**ଟିକ୍ରାପଡା, ୨୫।୧(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡାଠାରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବର୍ଷ ତିନିଦିନିଆ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ। ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଟିକ୍ରାପଡା ଦଳକୁ ୧–୦ ଗୋଲରେ ହରାଇ ରୁ୍ୟରଲ ଷ୍ଟାର ଖଜୁରପଡା ଫାଇନାଲରେ ପ୍ରବେଶ କରିଥିଲା। ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ନାହାକ, ପୁରୁଷୋତ୍ତମ ବୁଡେକ, ମନ୍ଟୁ ବେହେରା, ଭକ୍ତବନ୍ଧୁ ପସାୟତ ଖେଳ ପରିଚାଳନା କରିଥିଲେ। ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପଦ୍ମଲୋଚନ ମହାବିଦ୍ୟାଳୟ ଅଧକ୍ଷ ପରାଶର ସାହୁ ମୁଖ୍ୟ ଅତିଥି ଓ ଅଧାପକ ଅଭୟ କୁମାର ଚୌଧୁରୀ, ସମିତି ସଭ୍ୟ ଅନନ୍ତ କାଲସାଏ, ସନ୍ୟାସୀ ରାଜପଲିଆ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ବଲାଙ୍ଗୀର ବନାମ ଖଜୁରପଡା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।




ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସିହିନି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଟିଟିଲାଗଡ଼, ୨୫।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିହିନି ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀତବାସ ନାଏକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଖେଳ ଶିକ୍ଷକ ରାଜେଶ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସରିତା ବରିହା, ସହକାରି ଶିକ୍ଷୟିତ୍ରୀ ଶୋଭାଗିନୀ ମିଶ୍ର, ଦିପାଲି ନାଏକ, କଲ୍ୟାଣୀ ମିଶ୍ର, ବାସନ୍ତି ଚୌଧୁରୀ, ସ୍ୱପ୍ନଶ୍ରୀ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶିକ୍ଷକ ଘନଶ୍ୟାମ ପଧାନ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ସାହୁ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ଅଗ୍ନିକାଣ୍ଡରୁ ବର୍ତ୍ତିଲା କପା ବୋଝେଇ ମିନିଟ୍ରକ

**ଲାଠୋର, ୨୫।୧ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ ରେଲୱେ ଫାଟକଠାରେ ଏକ କପା ବୋଝେଇ ମିନିଟ୍ରକରେ ଶନିବାର ଅପରାହ୍ନ ୧ଟାବେଳେ ଇଲେକ୍ଟ୍ରିକ ସଟ ଯୋଗୁ ନିଆଁ ଲାଗି ଅଳ୍ପକେ ବର୍ତ୍ତି ଯାଇଛି। ନୂଆପଡା ଜିଲା କୋମନା ଥାନା ବାଞ୍ଜିବାହାଲ ଗ୍ରାମର ମିନିଟ୍ରକ ନଂ. ସିଜି୦୮ ଏଲ ୨୦୯୧ ତରବୋଡ ମଣ୍ଡିରୁ ୬୦ କୁଇଣ୍ଟାଲ କପା ବୋଝେଇ କରିକଣ୍ଟାବାଞ୍ଜି ଯାଉଥିଲା। ହରିଶଙ୍କର ରୋଡ ରେଲ ଫାଟକ ଅତିକ୍ରମ କରୁଥିବା ବେଳେ ୨୫ହଜାର ଭୋଲ୍ଟ ବିଦ୍ୟୁତ୍ ତାରରେ କପା ବସ୍ତା ସଂଯୋଗ ହୋଇ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଜାଣି ନ ପାରି ପ୍ରାୟ ୭ ଶହ ମିଟର ଫାଟକ ଅତିକ୍ରମ କରି ଆସିବା ପରେ ଲୋକ ନିଆଁ ଲାଗିଥିବା ଦେଖି ଗାଡି ଅଟକାଇଥିଲେ।

## ଚାନ୍ଦଲି ପାହାଡ଼କୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବାକୁ ଦାବି

**ଦେଓଗାଁ, ୨୫।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତସ୍ଥିତ ଚାନ୍ଦଲି ପାହାଡକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି କରିଛନ୍ତି ଦେଷଣ୍ଡ ପଞ୍ଚାୟତବାସୀ ଓ ଚାନ୍ଦିଲି ପାହାଡ ପୂଜା କମିଟି ସଦସ୍ୟ । ବଲାଙ୍ଗୀର ସର୍କିଟ ହାଉସଠାରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଗ୍ରାମବାସୀ ଓ ଜନପ୍ରତିନିଧି ସାକ୍ଷାତ କରି ପାହାଡର ବିଶେଷତ୍ୱ ବିଷୟରେ ଅବଗତ କରିଥିଲେ। ପାହାଡ ଉପରେ ଏକ ସୀତାକୁଣ୍ଡ ରହିଛି ଯେଉଁଥିରେ ବର୍ଷସାରା ପାଣି ରହୁଛି। ଏକ ପଥରର ସପ୍ତଫେଣୀ ନାଗ ରହିଛି, ୩୦ରୁ ଅଧିକ ଗୁମ୍ଫା ରହିଛି। ପଥରର ଚୌକି ଓ କଠଉ ରହିଛି। ଭୀମ ମଣ୍ଡପ ସହ ଅନେକ ପୁରାତନ କଳାକୃତି ନଜରକୁ ଆସିଛି। ଚାରିପଟରେ ୫୦ଏକରରୁ ଉର୍ଦ୍ଧ୍ୱ ଜାଗାରେ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ରହିଛି। ଏଠି ରହିଥିବା କଳାକୃତିକୁ ଅନୁଧ୍ୟାନ କଲେ ହିନ୍ଦୁ ସନାତନ ସଂସ୍କୃତି ଓ ପୁରାଣ ପରମ୍ପରାଗତ ସଂସ୍କୃତି ବୋଲି ପରିଲକ୍ଷିତ ହେଉଛି ବୋଲି ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ବ୍ଲକ ଅଧକ୍ଷା ରୀନା ମେହେର, ସ୍ଥାନୀୟ ସରପଞ୍ଚ ପ୍ରଭାସ ଭୂଏ, ସମିତି ସଭ୍ୟ ଛବିଲାଲ ବେହେରା, ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର, ନବୀନ ଧରୁଆ, ୱାର୍ଡସଭ୍ୟ ମଞ୍ଜୁଲତା ନାଏକ ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ମନ୍ତ୍ରୀ ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଅବଗତ କରିଥିଲେ।



ଦେଷଣ୍ଡ ଚାନ୍ଦଲି ପାହାଡକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ବିଭାଗୀୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।



ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ବାର୍ଷିକ କ୍ରୀଡ଼ାରେ ୨୩୫ ପ୍ରତିଯୋଗୀ

**ଦେଓଗାଁ, ୨୫।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହା ଶିଶୁବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା ସ୍ଥାନୀୟ ମିନି ଷ୍ଟାଡିୟମରେ ଶନିବାର ଉଦ୍‌ଯାପିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଅମୂଲ୍ୟ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ନେତ୍ରଭାନୁ ହାଇସ୍କୁଲ ପ୍ରଧାନଶିକ୍ଷକ ଅଗ୍ନି କୁମାର ନାଏକ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ସୂର୍ଯ୍ୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସାଧୁରାମ ମେହେର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ମୋହନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଅବିନାଶ ଶାମଲଙ୍କ ପରିଚାଳନାରେ ୨୩୫ ଶିଶୁ ଭଉଣୀଭାଇ ୨୧ଟି ଇଭେଣ୍ଟରେ ଭାଗ ନେଇଥିଲେ। ଏଥିରେ ପ୍ରାଗ ଶିଶୁବର୍ଗରେ ଭାଇ ସାଇସ୍ୱରୂପ ପୁଟେଲ, ଶିଶୁବର୍ଗରେ ରିତେଶ ମନହିରା, ବାଳବର୍ଗରେ ବେଳାଳସେନ ଥନାପତି, ଦେବାଶିଷ କୁମ୍ଭାର ଏବଂ ତୃପ୍ତିମୟୀ ମେହେରଙ୍କୁ ଚାମ୍ପିୟନ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

## ‘ଶୃଙ୍ଖଳିତ ଛାତ୍ର ସବୁ କ୍ଷେତ୍ରରେ ବିଜୟୀ ହୁଏ’

**ବଲାଙ୍ଗୀର ଅଫିସ, ୨୫।୧**

ବଲାଙ୍ଗୀର ସଦର ବ୍ଲକର ସିଆଲବାହାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ମୁଖ୍ୟବକ୍ତା ପୂର୍ବତନ ଜିଲା ଶିକ୍ଷାଧୀଶ ଶେଖ୍ ଅବଦୁଲ କାଶମ୍ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ସ୍କୁଲ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ଭୋଇ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ଖମାରୀ ମଞ୍ଚାସୀନ ଥିଲେ । କୁଟୁମଡୋଲା ହାଇସ୍କୁଲ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ଠେଟୁଆଲ ସଭା ସଂଯୋଜନା କରିଥିଲେ । ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ଉଦ୍‌ବୋଧନରେ ଛାତ୍ର ଜୀବନରେ ଶୃଙ୍ଖଳା ହିଁ ସବୁଠୁ ଉପଲବ୍ଧ ଓ ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ସବୁ କ୍ଷେତ୍ରରେ ସେମାନେ ବିଜୟୀ ହୋଇପାରିବେ ବୋଲି କହିଥିଲେ । ବିଦ୍ୟାର୍ଥୀମାନେ ପାଠପଢ଼ା, ସହ ଉତ୍ତମ ଚରିତ୍ର ଗଠନ ଓ ପାଠ୍ୟଖସଡା ବହିର୍ଭୂତ ଆବଶ୍ୟକ ଜ୍ଞାନ ଆହରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା କାଶମ୍ ତାଙ୍କ ବକ୍ତବ୍ୟରେ ଭଲ ପାଠ ପଢ଼ିବା ଓ ସବୁ ପରିସ୍ଥିତିର ମୁକାବିଲା କରିବାକୁ କହିଥିଲେ । ସମ୍ମାନିତ ଅତିଥି ବାଗ କଠିନ ପରିଶ୍ରମ କରି ଶିକ୍ଷା ଆହରଣ କରିବା ସହ ନିଜ ପାଇଁ ଓ ନିଜ ଅଞ୍ଚଳର ଗୌରବ ବଢାଇବା ଉପରେ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ମିଶ୍ର ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ସଭାପତୀୟ ଅଭିଭାଷଣରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଧାନ ସ୍କୁଲର ବିଭିନ୍ନ ଅଭାବ ଅସୁବିଧା ଓ ସମସ୍ୟା ଉପରେ ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଶ୍ୱିନୀ ମିଶ୍ର, ଚୈତନ୍ୟ ଦନ୍ତା, ନରେଶ ମେହେର, ନିରୂପମା ମିଶ୍ର, ସ୍ୱରୂପା ହୋତା ଓ ସୀତାଞ୍ଜଳି ସାହୁ ସହଯୋଗ କରିଥିଲେ ।

**ସିଆଲବାହାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**



ବିଧାୟକ ନରସିଂହ ମିଶ୍ର ସିଆଲବାହାଲି ହାଇସ୍କୁଲର ବାର୍ଷିକ ଉତ୍ସବରେ ବକ୍ତବ୍ୟ ରଖୁଛନ୍ତି।

## ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ

### ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶର ଅବମାନନା ଅଭିଯୋଗ

**ଦେଓଗାଁ, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ହାଇସ୍କୁଲର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ସ୍କୁଲ ପରିଚାଳନା କମିଟି ଅଭିଯୋଗ କରିଛି। ମଧ୍ୟାହ୍ନଭୋଜନ ଟଙ୍କା, ଛାତ୍ରୀଛାତ୍ରଙ୍କ ଫର୍ମଫିଲପ ଟଙ୍କା ହେରଫେର, କମିଟି ସଦସ୍ୟଙ୍କୁ ଅଣଦେଖା ଆଦି କମିଟି ବୃନ୍ଦ ଜିଲା ଶିକ୍ଷାଧିକାରୀ ଓ ବଲାଙ୍ଗୀର ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ । ବିଭାଗୀୟ ନିର୍ଦ୍ଦେଶ ପରେ ଗୁଡଭେଲା ବ୍ଲକ ଶିକ୍ଷା ଧିକାରୀ ଏହାର ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା ୩୪୧ / ତା୧୬।୧।୨୦୨୦ରିଖରେ ଭାରପ୍ରାପ୍ତ ପଧାନଶିକ୍ଷକ କୁର୍ତ୍ତିବାସ ବର୍ଗର୍ତ୍ତିଙ୍କୁ ତାଙ୍କ ପଦବୀରୁ ହଟାଇ ସହକାରୀ ଶିକ୍ଷକ କେଶବ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଦାୟିତ୍ୱ ଗ୍ରହଣ ପାଇଁ ନିର୍ଦ୍ଦେଶନାମା ହୋଇଛି । ହେଲେ ଏହି ନିର୍ଦ୍ଦେଶନାମାକୁ ଭାରପ୍ରାପ୍ତ ପଧାନଶିକ୍ଷକ ଅବମାନନା କରି ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲରେ ଅନୁପସ୍ଥିତ ରହିଥିବା କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଶନିବାର ସେ ସ୍କୁଲକୁ ଆସି ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ ରୋକଠୋକ ମନା କରିଦେବାରୁ ଅଭିଭାବକ ତଥା ସ୍କୁଲପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଜଲିନ୍ଦ୍ର କଲେତ, ସଭ୍ୟ ଇନ୍ଦ୍ରଜିତ ରାଉତ, ଟିକେଲାଲ ମେହେର, ସରପଞ୍ଚ ପ୍ରଭାସ ଭୂଏ, ସମିତି ସଭ୍ୟ ଛବିଲାଲ ବେହେରା, ମଦନ ରଣା, ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର, ରଘୁମଣି ବରିହା ଓ ଗ୍ରାମବାସୀଙ୍କ ତରଫରୁ ଚେତାବନୀ ଦିଆଯାଇଛି । ଏ ନେଇ ଭାରପ୍ରାପ୍ତ ପଧାନଶିକ୍ଷକ କୁର୍ତ୍ତିବାସ ବର୍ଗର୍ତ୍ତିଙ୍କୁ ଯୋଗଯୋଗ କରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ଭିତ୍ତି ନାହିଁ। ନୂତନ ନିଯୁକ୍ତି ସମ୍ପର୍କିତ ନିର୍ଦ୍ଦେଶାନାମାକୁ ସେ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିବାକୁ ଯାଉଥିବାରୁ ଦାୟିତ୍ୱ ହସ୍ତାନ୍ତର କରିନାହିଁ ବୋଲି କହିଛନ୍ତି।

## କୋସଲି ଭାଷା ସୁରକ୍ଷା ଅଭିଯାନ ସମିତିର ଗାଁକୁ ଚାଲ ଅଭିଯାନ

**ସଇଁତଲା, ୨୫।୧(ଡି.ଏନ.ଏ.)**

ଦେଶ ବିଦେଶରେ ଆମ ଭାଷା, ସଂସ୍କୃତିକୁ ସମ୍ମାନ ଦେବା ସହ ଡାଲଖାଇ, ରସରକେଲି, ନୁଆଁଖାଇ, ପୁଷ୍‌ପୁନି, ଛାତଖାଇ ଭଳି ବିଭିନ୍ନ ଯାତ୍ରା ପାଳିତ ହେଉଛି। କିନ୍ତୁ ଆମେ ଆମର ଭାଷାକୁ ଠିକ୍ ଭାବରେ ପ୍ରଚଳନ କରିପାରୁ ନ ଥିବାରୁ ଆମର ଭାଷା ଆଜି ନିମ୍ନଗାମୀ ହେବାରେ ଲାଗିଛି। କୋସଲି ଭାଷାର ସମ୍ବିଧାନ ସ୍ୱୀକୃତି ପାଇଁ କୋସଲି ଭାଷା ସୁରକ୍ଷା ଅଭିଯାନ ସମିତିର ଗାଁକୁ ଚାଲ ଅଭିଯାନ କାର୍ଯକ୍ରମ ଅବସରରେ ବେଲଗାଁଠାରେ ଅନୁଷ୍ଠିତ ହୋଇଥିବା ସଭାରେ କୋସଲି ସଂଗ୍ରାମୀମାନେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳରେ କୋସଲି ଭାଷାକୁ କିଭଳି ପ୍ରଚଳନ କରାଯିବ ସେ ନେଇ ଆମେ ସଚେତନ ହେବା ଏବଂ ଗ୍ରାମକୁ ଯାଇ କୋସଲି ଭାଷାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାରେ ରାଜ୍ୟ ବିଜେଡି ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି, ବେଲଗାଁ ବିଜୟାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ମୁଖ୍ୟବକ୍ତା, କୋସଲି କବି ସୁଶାନ୍ତ ବାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମିତି ସଭାପତି ଭିକାରୀ ଚରଣ ମିଶ୍ର ସଭାରେ ଅଧକ୍ଷତା କରିଥିବା ବେଳେ ଅଶୋକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବେଲଗାଁ ସରପଞ୍ଚ ଶିର ରଣାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ କୋସଲି କବିତା ଆସରରେ କୋସଲି ଭାଷା ସୁରକ୍ଷା ଅଭିଯାନର ସମ୍ପାଦକ ନୀଳମଣି ସାହୁ, ସେବକଚରଣ ଦାଶ, ଚତୁର୍ଭୁଜ ସାଆନ୍ତ, ପୁଲସ୍ତି ବେହେରା, ସ୍ୱପ୍ନେଶ୍ୱର ରାଓ, ଚୈତନ୍ୟ ଭୋଇ, ଉତ୍ତମ ବେହେରା, ଯୋଗେଶ ମିଶ୍ର, ଦୁବ ହରପାଲ, ରାଜ ନାଗ, ବିନାୟକ ପ୍ରଧାନୀ, ସଞ୍ଜୟ ପ୍ରଧାନୀ ପ୍ରମୁଖ ଟିଟିଲାଗଡ ଉପଖଣ୍ଡର ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।



ସଭାରେ ଉପସ୍ଥିତ କୋସଲି କବି ଓ ଅତିଥିଗଣ ।

## ଜାତୀୟ ମତଦାତା ଦିବସରେ ସଚେତନତା ରାଲି

**ଖପ୍ରାଖୋଲ, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରଶାସନ ଏବଂ ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛ। ଏହି ଅବସରରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସର ଛାତ୍ରୀଛାତ୍ରମାନଙ୍କ ଏକ ସଚେତନତା ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲେ । ସେଠାରେ ଏକ ପଥପ୍ରାନ୍ତ ସଭା ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଡିଓ ତରଣୀ ସୁନା ଯୋଗଦେଇ ଜାତୀୟ ମତଦାତା ଦିବସର ଆଭିମୁଖ୍ୟ ନେଇ ଶପଥ ପାଠ କରାଇଥିଲେ। ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟକ ଭୋଟର ଯୋଗଦାନ କରିବା ସହିତ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲିଙ୍ଗରାଜ ବେହେରା, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁ, ଗୀତା ଭୋଇ, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ବିମଳ ରଞ୍ଜନ ସାହୁ, ବୁଲୁ ପଣ୍ଡାଙ୍କ ସମେତ ଶତାଧିକ ବ୍ୟକ୍ତି ସାମିଲ ହୋଇ ଶପଥ ଗ୍ରହଣ କରିଥିଲେ । ପରେ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା ସହ ବିଦ୍ୟାଳୟରେ ପହଞ୍ଚିଥିଲେ । ସେହିପରି ଦିଲୀପ ନିଆଲ, ଜନାର୍ଦ୍ଦନ ସୁନା, ହରେଶ କୁମାର ବେହେରା, ନନ୍ଦକିଶୋର ବାଗ, ଚନ୍ଦ୍ରଧ୍ୱଜ ବାରିକ, ବାଳକୃଷ୍ଣ ପୁଞ୍ଜି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ଜାତୀୟ ମତଦାତା ଦିବସରେ ବାହାରିଥିଲା ଶୋଭାଯାତ୍ରା।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ



### ଅବକାରୀ ବିଭାଗ ପିଛା କଲା ଗଞ୍ଜେଇ ବୋଝେଇ ଟାଭେରା ଛାଡ଼ି ବ୍ୟବସାୟୀ ଫେରାର

**ସୋନପୁର,୨୫।୧(ନି.ପ୍ର.):** ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ବୋଝେଇ ଟ୍ରାଭେରାକୁ ପିଛା କରିଥିଲେ। ହେଲେ ଭଡା ଗାଡିରେ ଟ୍ରାଭେରାକୁ ଗୋଡାଇ ଧରିବାକୁ ସଫଳ ହେଲେନି। କିନ୍ତୁ ଛତିଶଗଡର ବ୍ୟବସାୟୀ ଧରା ପଡିଯିବା ଭୟରେ ଗାଡିକୁ ସୋନପୁର ଥାନା ଛେପାପାଲି ଗାଁରେ ଛାଡିଦେଇ ଅନ୍ଧକାରର ସୁଯୋଗରେ ଫେରାର ମାରିଥିଲେ। ଶନିବାର ସକାଳେ ଗଞ୍ଜେଇ ବୋଝେଇ ଟ୍ରାଭେରା ନଂ ସିଜି୦୫ଏଫ-୦୪୩୨କୁ ଠାବ କରାଯାଇଥିଲା। ସୋନପୁର ପୋଲିସ ୧୩୫ କିଲୋ ୧୪୦ ଗ୍ରାମ ଗଞ୍ଜେଇ ସମେତ ଟ୍ରାଭେରାକୁ ଜବତ କରିଛି। ତଦନ୍ତ ଜାରି ରହିଥିବା ବେଳେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ପାରିନ ।

# କୋଶଲୀ ଧନୁଯାତ୍ରା ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡା ଅଫିସ,୨୫।୧**

- ମହାରାଜ କଂସାସୁରଙ୍କ ନିଧନ
- ମିଷ୍ଟାନ୍ନରେ ମାତିଗଲେ ମଥୁରାପୁରବାସୀ

ସ୍ଥାନୀୟ ରଙ୍ଗମଞ୍ଚ ପଡ଼ିଆରେ ୮ ଦିନ ଧରି ଚାଲିଥିବା କୋଶଲୀ ଧନୁଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି। ଶେଷ ଦୃଶ୍ୟରେ ମହାରାଜ କଂସାସୁର ଏବଂ ଭଣଜା କୃଷ୍ଣ ଏବଂ ବଳରାମଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଏହା ସମଗ୍ର ମଥୁରାବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଏହି ଦୃଶ୍ୟ ବେଶ ଚିତ୍ତାକର୍ଷକ ରହିଥିଲା ।

ସବୁଦିନ ଭଳି ସନ୍ଧ୍ୟା ୮ଟାବେଳେ କଂସ ଦରବାର ଆଲୋକମାଳାରେ ଝଲସି ଉଠିଥିଲା। ଏହିକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପରେ ମଞ୍ଚକୁ କଂସାସୁରଙ୍କ ଆଗମନ ହୋଇଥିଲା । ଏହି ଅବସରରେ ଅତିଥି ଅଭ୍ୟାଗତଙ୍କୁ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷୀରୋଦ ନିବାସ ପଣ୍ଡା, ମୁରଲୀଧର ସୁନା, ବିଷ୍ଣୁ ଚରଣ ଭୁୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଆୟୋଜକଙ୍କୁ କୋଶଲୀ ଭାଷା, ସଂସ୍କୃତି ଉପରେ ଚାଲିଥିବା ଅଭିଯାନକୁ ପ୍ରଶଂସା କରିଥିଲେ। ଅନ୍ୟପକ୍ଷେ କୃଷ୍ଣ, ବଳରାମଙ୍କୁ ଅକ୍ରୁର ଗୋପପୁରରୁ ଆଣି ଆସିଥିଲେ । ପରେ ମହାରାଜ କଂସାସୁର ଏବଂ ଭଣଜା କୃଷ୍ଣ ଏବଂ ବଳରାମଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଶେଷରେ କଂସଙ୍କ ନିଧନ ହୋଇଥିଲା । ପରେ ମଥୁରା ନଗରୀରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏପରି କି ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀ, ସମ୍ପାଦକ ଟିଂଟୁ ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ସୁରଜିତ ସିଂ ମହାରଥା, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଫକୀର ପାଢୀ, ସୁବଳ ଶ୍ୟାମ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## କୋଶଲୀ ଧନୁଯାତ୍ରାର ଏପାଖ ସେପାଖ

**ନୂଆପଡ଼ା ଅଫିସ,୨୫।୧**

### ରଙ୍ଗ ମଞ୍ଚ ନିଆରା

ଦିନେ ପୁଷପୁନୀ ଭେଟଘାଟ କାର୍ଯ୍ୟକ୍ରମ ହେଉଥିବା ମଞ୍ଚ କୋଶଲୀ ଧନୁଯାତ୍ରର ରୂପ ନେବାରେ ଆଜିକୁ ୫ବର୍ଷ ହେଲା । ଏବେ ଏହା ପୂର୍ଣ୍ଣ ଅବୟବ ପାଇଥିବା ଆଲୋଚନା କରାଯାଇଛି । ସାଂସ୍କୃତିକ, ସାଜସଜ୍ଜା ହେଉକି କାର୍ଯ୍ୟକ୍ରମରେ ସଫଳତ ହୋଇଥିବା ବିଶ୍ଳେଷକମାନେ ଆଲୋଚନା କରୁଛନ୍ତି।

### ତାଲିକା ବଡ଼, କାମ କମ୍

ଧନୁଯାତ୍ରା ପରିଚାଳନା କମିଟି ତାଲିକାରେ ବହୁ ଲୋକଙ୍କ ନାଁ ରହିଥିବା ବେଳେ କାମ କରିବା ବେଳକୁ ଦ୍ୱିଚାରିଜଣଙ୍କ ଦେଖା ମିଳୁଥିଲା। ଲୋକଙ୍କ ଅଗାଢ ସମର୍ଥନ ଏବଂ କଳାକାରଙ୍କ ଉଦ୍ୟମ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲା ।

### ନୃତ୍ୟଗୀତ କାର୍ଯ୍ୟକ୍ରମ ବାନ୍ଧି ରଖିଲା

ଧନୁଯାତ୍ରା ଆରମ୍ଭ ହେବା ପୂର୍ବରୁ କୁନିକୁନି ଛାତ୍ରୀଛାତ୍ରମାନଙ୍କ ନୃତ୍ୟଗୀତ କାର୍ଯ୍ୟକ୍ରମ ସମସ୍ତଙ୍କୁ ବାନ୍ଧି ରଖିଥିଲା । ନୃତ୍ୟ ପ୍ରତିଯୋଗୀତାର ପର୍ବ ଆରମ୍ଭ ହେବାକ୍ଷଣୀ ମଞ୍ଚ ଦୁଲୁକି ଉଠିଥିଲା। ଆରମ୍ଭ ଦିନଠାରୁ ଦୀର୍ଘ ପାଞ୍ଚ ଦିନ ଧରି ଜୁନିୟର, ସିନିୟର ବିଭାଗରେ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା । ଏଥିରେ ନୂଆପଡ଼ା, ଖରିଆରରୋଡ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ।

### ନୂଆ କଳାକାରମାନଙ୍କ ଆଗମନ

କଂସ ଦରବାରରେ ବିଶେଷ କରି ନୂଆଁ କଳାକାରମାନଙ୍କ ଆଗମନ ଏହାକୁ ଗୋଟିଏ ପାଦ ଆଗକୁ ନେଇଛି। ଏଥିରେ ନୂଆପଡା, ବଲାଙ୍ଗୀର, ବରଗଡ଼ ସମେତ ଝାରସୁଗୁଡା, ରାଉରକେଲାରୁ ବଛାବଛା କଳାକାର ମଞ୍ଚରେ ନିଜ କୃତୀତ୍ୱ ଦେଖାଇବାକୁ ଆଗଭର ହୋଇ ଆସିଥିଲେ।

### ମନ୍ତ୍ରୀଙ୍କ ଶକ୍ତି ପ୍ରଦର୍ଶନ

ପ୍ରସିଦ୍ଧ କୋଶଲୀ ଧନୁଯାତ୍ରାରେ ମହାରାଜ କଂସଙ୍କ ପରାକ୍ରମ ଦେଖିବାକୁ ମିଳିଥାଏ। ହେଲେ ୬ଷ୍ଠ ଦିନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶକ୍ତି ଦେଖାଇ ଚାଲିଯାଇଥିବା ଆଲୋଚନା ହେଉଛି। କଂସ ଦରବାରରେ କଂସଙ୍କ ସିଂହାସନର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଥାଏ। ସେଠାରେ କେହିବି ବସିବା ଦୁଃସାହସ ବୋଲି ଅଭିହିତ କରାଯାଇଥାଏ । ହେଲେ ୬ଷ୍ଠ ଦିନର ସନ୍ଧ୍ୟା ୮ଟାରେ ମନ୍ତ୍ରୀ ମିଶ୍ର ବରଣ ହୋଇ ଆସି କଂସାସୁରଙ୍କ ଗାଦିରେ ବସିଯାଇଥିଲେ । ଏଥିରେ କେହି ସୂଚନା ମଧ୍ୟ ଦେଇନଥିଲେ କି ବାରଣ ମଧ୍ୟ କରି ନ ଥିଲେ । କଂସଙ୍କ ବିନା ଉପସ୍ଥିତିରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହା କଂସଙ୍କ ଗାରିମା ନଷ୍ଟ କଲା ବୋଲି ସଂସ୍କୃତି ପ୍ରେମୀମାନେ ଆଲୋଚନା କରୁଛନ୍ତି।

### କାର୍ଯ୍ୟକ୍ରମକୁ ଆସୁ ନ ଥିଲେ ଅଧିକାରୀ

ନୂଆପଡ଼ାରେ ଏମିତି ବି ଜିଲା ପ୍ରତିଷ୍ଠା ଦିବସ ହୋଇପାରୁ ନାହିଁ । ଏଠିକାର ଉଦୀୟମାନ ଉଦ୍‌ଯୋଗୀମାନଙ୍କ ପ୍ରୟାସରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସଫଳତାର ଶୀର୍ଷକୁ ପହଞ୍ଚି ପାରିଛି । ହେଲେ ଏଠାକୁ ପ୍ରଶାସନିକ ଅଧିକାରୀମାନେ ଆସିବାକୁ ପଛଘୁଞ୍ଚା ଦେଉଥିବା ଏଥର ପରିଲକ୍ଷିତ ହୋଇଥିଲା। ପରିଚାଳନା କମିଟି ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ପାଦ ମାଡି ନ ଥିବାରୁ ନାନାଦି କଳ୍ପନା ଜଳ୍ପନା ହେଉଛି।

### ଶୃଙ୍ଖଳା ବ୍ୟବସ୍ଥା ଠିକ ଥିଲା

କାର୍ଯ୍ୟକ୍ରମରେ ହଜାରହଜାର ଦର୍ଶକଙ୍କ ସମାଗମ ହୋଇଥିଲେ ସୁଦ୍ଧା ଯାତ୍ରା ବେଶ ଶାନ୍ତିଶୃଙ୍ଖଳାର ସହ ହୋଇଥିଲା। ପୋଲିସ ବ୍ୟବସ୍ଥା କଡାକଡି ହୋଇଥିବାବେଳେ ଲୋକେ ନିଜର କାର୍ଯ୍ୟକ୍ରମ ଭାବି ମଜା ନେଉଥିଲେ।

# ଅଧିକାର ସାବ୍ୟସ୍ତ କରି ସୁସ୍ଥ ଗଣତନ୍ତ୍ର ଗଢ଼ିବା

**ନୂଆପଡ଼ା ଅଫିସ, ୨୫।୧**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜାତୀୟ ଭୋଟର ଦିବସ**

ଆମେ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରରେ ବାସ କରୁଛୁ । ସମ୍ବିଧାନ ଆମକୁ ଭୋଟ ଦେଇ ଦେଶ ଗଢିବାର ଅଧିକାର ଦେଇଛି। ମତାଧିକାରକୁ ସାବ୍ୟସ୍ତ କରି ଏକ ସୁସ୍ଥ ଏବଂ ମଜଭୁତ ଗଣତନ୍ତ୍ର ଗଠନ କରିବା ବୋଲି ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଉପଜିଲାପାଳ ତରଣୀସେନ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା, ନିର୍ବାଚନ ବିଭାଗ ଦାୟୀତ୍ୱରେ ଥିବା ଡେପୁଟି କଲେକ୍ଟର ଦେବେନ୍ଦ୍ର ରାଉତ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଏପିଡି ଡିଆର୍‌ଡିଏ ମଧୁଛନ୍ଦା ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଉତ୍ତମ ରାଷ୍ଟ୍ର ଗଠନରେ ଗଣତନ୍ତ୍ରର ଆବଶ୍ୟକତା ରହିଥିବା କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରବୋଧ କୁମାର ହୋତା, ନୂଆପଡ଼ା ବିଡିଓ ସୁବେଦାର ପ୍ରଧାନ, ତହସିଲଦାର ମୋହନ ସାହୁ, ଲୋଚନ ଶବର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଏବଂ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଦର୍ଲିମୁଣ୍ଡା ମହାମାୟା କଲେଜର ସଲୋନା ନାଗ ପ୍ରଥମ, ଉତ୍କର୍ଷ ଦଣ୍ଡସେନା ଦ୍ୱିତୀୟ ଏବଂ ଡୁକଲା ଉପେନ୍ଦ୍ର ପ୍ରଭାକର କଲେଜର ରାଜକିଶୋର ଶବର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଜିଲାସ୍ତରୀୟ ପୋଷ୍ଟର ତିଆରି ପ୍ରତିଯୋଗିତାରେ କୁରୁମପୁରୀ ଶ୍ରୀସାଇ କଲେଜର ଦିଗବିଜୟ ବାଗ ପ୍ରଥମ, ନ୍ୟାସନାଲ କଲେଜର ମନୋଜ କୁମାର କେଉଁଟ ଦ୍ୱିତୀୟ ଏବଂ ଡୁକଲା କଲେଜର ରେଶମା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନୂଆପଡ଼ାର ସୁଧୀର ମାଝି ଓ ସୂର୍ଯ୍ୟ କୁମାର ମାଝି ପ୍ରଥମ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ନୂଆପଡାର ଡେଭିଡ ଚନ୍ଦ୍ରକାର ଏବଂ ବିମଳ ପାଣ୍ଡେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିଲେ । ସେହିଭଳି ଶ୍ରେଷ୍ଠ ନିର୍ବାଚନ ଦାୟିତ୍ୱ ତୁଲାଇଥିବା ଶିକ୍ଷକ ବଳରାମ ଚନ୍ଦ୍ରକାର, ହଳଧର କେତକୀ, ରତ୍ନାକର ଠେଲା, ସଞ୍ଜୟ କୁମାର ଯୋଷୀ, ବସନ୍ତ କୁମାର ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଦେବେନ୍ଦ୍ର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

**ପାଇକମାଳ, ୨୫।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ଜାମସେଠ କଟାପଡା ସ୍ଥିତ କାଳୀ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ବଡ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଦାୟିତ୍ୱରେ ଗୋବିନ୍ଦ ରଣା ଓ ସ୍ତ୍ରୀ ଲତା ରଣା, ଦାମୋଦର ରଣା ଓ ସ୍ତ୍ରୀ ଦେମତୀ ରଣା ଏବଂ ସୁବାସ ରଣା ଓ ସ୍ତ୍ରୀ ଉଷା ରଣା ପ୍ରମୁଖ ରହିଛନ୍ତି ।

# କୁଳିହାବନ୍ଧା ଯାଦବ ସମାଜର କର୍ମକର୍ତ୍ତା ଚୟନ

**ନୂଆପଡା ଅଫିସ,୨୫।୧**



ନିର୍ବାଚନ ସଭାରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

ନୂଆପଡ଼ା ଜିଲା ସଦର ବ୍ଲକ କୁଳିହାବନ୍ଧା ସର୍କଲ ଯାଦବ ସମାଜର କର୍ମକର୍ତ୍ତା ଚୟନ ହୋଇଯାଇଛି। ବ୍ଲକ ସମ୍ପାଦକ ଜୋହନ ନିଆଲଙ୍କ ସଭାପତିତ୍ୱରେ ନିର୍ବାଚନ ପ୍ରକ୍ରିୟା ହୋଇଥିଲା। ଏଥିରେ ସଭାପତି ଭାବେ ବାବୁଲାଲ ରାଉତଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ବେଳେ ହରେକୃଷ୍ଣ ଭୋଇ ଉପସଭାପତି, ଉଭେରାମ ବେମାଲ ସମ୍ପାଦକ, ମହେଶରାମ ରାଉତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ବ୍ଲକ କମିଟି ସଭ୍ୟ ଭାବେ ଦେବାର୍ଚ୍ଚନ ରାଉତ, ହୀରାସିଂ ବନଛୋର, କମିଟି ସଭ୍ୟ ଭାବେ ଜିତରାମ ବାଗ ଉଦ୍ଧବ ନାଗ ରହିଥିବା ବେଳେ ଜିଲା ମନୋନୀତ ହୋଇଛନ୍ତି।

# ନ୍ୟାଶନାଲ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ନୂଆପଡା ଅଫିସ,୨୫।୧**

ସ୍ଥାନୀୟ ନ୍ୟାଶନାଲ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରି ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଏଥିରେ କଲେଜର ଯୁକ୍ତ ଦୁଇ ଏବଂ ଯୁକ୍ତ ତିନର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହିକ୍ରମରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଜେଭଲିନ ଥ୍ରୋ ଆଦି ଖେଳ ହୋଇଥିଲା। ଯୁକ୍ତ ୩ ବାଳକ ବର୍ଗରେ ଦିନେଶ କୁମାର ରାଉତ, ବାଳିକା ବର୍ଗରେ ଧନେଶ୍ୱରୀ କେଉଁଟ, ଯୁକ୍ତ ୨ବାଳକ ବର୍ଗରେ ଭାଗୀରଥି ପାଣ୍ଡେ ଏବଂ ବାଳିକା ବର୍ଗରେ କିର୍ତ୍ତି ରାଉତ ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁରେନ୍ଦ୍ର ମୋହନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରି କ୍ରୀଡ଼ାର ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଗଜେନ୍ଦ୍ର ପ୍ରସାଦ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳକୁ ପରିଚାଳନା ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ ପ୍ରକାଶ ସାହୁ। ଏଥିରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭେଲାମଣ୍ଡିରେ ପଡ଼ିରହିଛି ୮ ହଜାର ଧାନବସ୍ତା

**ଟୋକନ ବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୁଷ**

**କୋମନା, ୨୫।୧ (ଡି.ଏନ୍.ଏ.)**



ମଣ୍ଡିରେ ପଡିରହିଥିବା ଧାନ ବସ୍ତା।

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ଭେଲା ମଣ୍ଡିରେ ୨୦ ଦିନରୁ ଅଧିକ ହେବ ୮ ହଜାର ଧାନ ବସ୍ତା ପଡିରହିଛି । ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ଷାଭାବରୁ ବିଗତ କିଛି ବର୍ଷ ହେଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ମରୁଡିର ଶିକାର ହୋଇଥିଲେ। ଫଳରେ ଚାଷୀଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡିଛି। ତଥାପି ଚଳିତ ବର୍ଷ ଚାଷୀମାନେ ଧାରକରଜ କରି ଧାନ ଚାଷ କରିଥିଲେ। ଭଲ ବର୍ଷା ହେବାରୁ ଚାଷୀମାନେ ଠିକ୍ ଭାବେ ଧାନ ଅମଳ କରି ଉଚିତ ସମୟରେ ଧାନ ବିକି କରଜ ପରିଶୋଧ କରିବେ ବୋଲି ଆଶା ବାନ୍ଧିଥିଲେ । ହେଲେ ୨୦ରୁ ଅଧିକ ଦିନ ହେଲା ଭେଲା ସମବାୟ ସମିତି ଦ୍ୱାରା ପରିଚାଳିତ ଧାନ ମଣ୍ଡିରେ ଧାନ ବିକ୍ରି ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଖରିଫ ଚାଷରେ ଭେଲା ସମବାୟ ସମିତିକୁ ୮୨,୮୦୦ କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ ଧାର୍ଯ୍ୟ କରିଥିଲା। ସମବାୟ ସମିତି ପକ୍ଷରୁ ୨ଟି ଧାନ ମଣ୍ଡି ଭେଲା ଓ ଜଡାମୁଣ୍ଡାରେ ବର୍ତ୍ତମାନ ସୁଦ୍ଧା ୬୦, ୧୦୪ କୁଇଣ୍ଟାଲ ଧାନ କିଣା ହୋଇଥିବା ଜଣାପଡିଛି। ହେଲେ ଟୋକନ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଚାଷୀଙ୍କ ଧାନ କିଣା ହୋଇ ନ ପାରି ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡିରହିଛି । ଭେଲା ମଣ୍ଡିରେ ୮ ହଜାର ବସ୍ତା ଧାନ ପଡି ରହିଥିବା ବେଳେ ଜଡାମୁଣ୍ଡାରେ ୬ ହଜାର ଧାନ ବସ୍ତା ପଡି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ହାଡଭଙ୍ଗା ଶୀତରେ ଚାଷୀ ଧାନ ଜଗୁଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପ୍ୟାକ୍ସ ସମ୍ପାଦକ ରମେଶ କୁମାର ସେଠୀଙ୍କୁ ପଚାରିବାରୁ ଖୁବ ଶୀଘ୍ର ଚାଷୀଙ୍କ ଧାନ କିଣାଯିବ ବୋଲି କହିଥିଲେ।

## ସେମାନେ ଯାହା କୁହନ୍ତି...

ପ୍ରଶାସନର ଉଦାସୀନତା ଯୋଗୁ ଚାଷୀ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ଏଭଳିସ୍ଥିତିରେ ଭେଲା ମଣ୍ଡିରେ ୮ ହଜାର ଧାନ ବସ୍ତା ପଡିରହିଥିବା ବେଳେ ତୁରନ୍ତ ଚାଷୀଙ୍କ ଧାନ କିଣିବାକୁ ଜିଲା ପ୍ରଶାସନ ଦୃଷ୍ଟି ଦିଅନ୍ତୁ। ଧାନ କିଣା ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ।



**-ବିମଳ ଯୋଷୀ,ସାମାଜିକ କର୍ମୀ**

ଧାନ ମଣ୍ଡି ଆରମ୍ଭ ହେବା ଦିନରୁ ସମସ୍ୟା ଦେଖାଦେଉଛି । ଏପରି କି ଲଘୁଚାପ ଜନିତ ବର୍ଷା ସମୟରୁ ମଣ୍ଡିରେ ହଜାରହଜାର ଧାନ ବସ୍ତା ପଡିରହିଛି । ଧାନ କିଣା ନ ହେଲେ ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ।



**-ବିକ୍ରମ ଆଡବଙ୍ଗ,ଚାଷୀ**

ଦିନ ହେବ ମଣ୍ଡିକୁ ଧାନ ଆଣିଛି। ହେଲେ ଧାନ ବିକ୍ରି ହୋଇପାରୁ ନାହିଁ। ଧାନ ବିକ୍ରି ହେଲେ ପିଲାଛୁଆଙ୍କ ପାଠ ପଢା ଖର୍ଚ୍ଚ ବହନ କରାଯିବ। ସରକାର ଚାଷୀଙ୍କୁ ଉଚିତ ଦର ଦେବା କଥା କହୁଛନ୍ତି। ହେଲେ ସରକାରୀ ବ୍ୟବସ୍ଥା ଫେଲ ମାରିଛି।



**- ଭୋଲାନାଥ ଆଡବ, ଚାଷୀ**

ଏହି ସମବାୟ ସମିତିରୁ ଋଣ ନେଇ ଚାଷ କରିଥିଲି। ଧାନ ବିକ୍ରି ହେଲେ ଋଣ ପରିଶୋଧ କରିବି ବୋଲି ଭାବିଛି। ୬୦୪ ନମ୍ବର ଟୋକନ ଥାଇ ମଧ୍ୟ ଧାନ ବିକ୍ରି ହୋଇପାରୁ ନାହିଁ। ୧୫ ଦିନ ହେଲା ମଣ୍ଡିକୁ ଧାନ ଆଣି ଜଗିଛି।



**- ସୋନସିଙ୍ଗ ମାଝି, ଚାଷୀ**



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଫାଇନାଲରେ ସିସି ସ୍ପୋର୍ଟିଂ ଚାରିଶମ୍ଭୁ

**ଜନ୍ମାପଙ୍କ, ୨୫।୧ (ଡି.ଏନ.ଏ):** ଜନ୍ମାପଙ୍କ ଯୁଥ ସ୍ପୋର୍ଟିଂ ଆନୁକୂଲ୍ୟରେ ମେଡିକାଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅଷ୍ଟମ ଦିନର ପ୍ରଥମ ମ୍ୟାଚ୍ ବିନିକା ଓ ବଙ୍କାପଡା ମଧ୍ୟରେ ହୋଇଥିଲା । ବିନିକା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୪୦ ରନ କରିଥିଲା । ଦଳ ପକ୍ଷରୁ ରକି ଭୋଇ ୨୦ ବଲରେ ୫୪ ରନ କରିଥିଲେ। ଜବାବରେ ବଙ୍କାପଡା ୧୦ ଓଭରରେ ୭ ଉଇକେଟ ହରାଇ ୮୬ ରନ କରିବାରୁ ବିନିକା ଦଳ ମ୍ୟାଚକୁ ୫୪ ରନରେ ବିଜୟୀ ହୋଇଥିଲା । ଆଜିର ଖେଳକୁ ଜନକ ବାରିକ ଓ ଜିପୁନ ହୋତା ପରିଚାଳନା କରିଥିବା ବେଳେ ପ୍ରକାଶ ବାରିକ ସ୍କୋରର ଥିଲେ । ଦ୍ୱିତୀୟ ମ୍ୟାଚ ବିନିକା ଓ ଟୁନିଖିମାର ମଧ୍ୟରେ ହୋଇଥିଲା। ବିନିକା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ଉଇକେଟ ହରାଇ ୧୨୦ ରନ କରି ବିଜୟୀ ହୋଇଥିଲା । ରବିବାର ସିସି ସ୍ପୋର୍ଟିଂ ଚାରିଶମ୍ଭୁ ଓ ଟୁନିଖିମାର ମଧ୍ୟରେ ଫାଇନାଲ ଖେଳ ହେବ । ଖେଳକୁ ପିଣ୍ଟୁ ପ୍ରଧାନ ଓ ମୋତିଲାଲ କଲତା ପରିଚାଳନା କରିଥିବା ବେଳେ ଗାର୍ଗବ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

# କଳାହାଣ୍ଡି ବଜରଙ୍ଗବଲି ଚାମ୍ପିୟନ

**ମୋହନଗିରି, ୨୫।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଧବଳେଶ୍ୱର କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ କଳାହାଣ୍ଡି ସମେତ ବୌଦ୍ଧ, ବଲାଙ୍ଗୀର, ନୟାଗଡ଼, ରାୟଗଡ଼ା, କନ୍ଧମାଳ ଆଦି ୬ଟି ଜିଲାରୁ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୌଦ୍ଧ ଜିଲାର ଆମ୍ବଗାଁ ଏବଂ କଳାହାଣ୍ଡି ଜିଲା ଡୁଲାପଡ଼ାର ବଜରଙ୍ଗବଲି ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆମ୍ବଗାଁ ଦଳ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବଜରଙ୍ଗବଲି ଦଳ ୭ ଓଭର ଖେଳି ୧୨୨ ରନ୍ କରିଥିଲା। ଜବାବରେ ଆମ୍ବଗାଁ ଦଳ ୧୦ ଓଭର ଖେଳି ୯ ଉଇକେଟ ହରାଇ ୧୦୮ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ଗୁମାନ ନାଏକ ଟୁର୍ନାମେଣ୍ଟରେ ୨୩୯ ରନ୍ କରି ୫ଟି ଉଇକେଟ ନେଇଥିବାରୁ ତାଙ୍କୁ ମେନ ଅଫଦି ସିରିଜ ପୁରସ୍କୃତ କରାଯାଇଥିଲା। ଏପରି କି ଫାଇନାଲ ମ୍ୟାଚରେ ଗୁମାନ ୨୭ଟି ବଲରେ ୯୧ ରନ୍ କରି ୩ଟି ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ମ୍ୟାନ ଅଫଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦ୍ର ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାମାଳ ବିଧାୟକ ମହିଧର ରଣା ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର କୁମାର ସିଂ ଦେଓ, ସରପଞ୍ଚ ବିଦ୍ୟାଧର ପାତ୍ର, ଅନୁଷ୍ଠାନର ସଭାପତି ଶୁକଦେବ ସାହୁ, ବିଭୂତି ଭୂଷଣ ମହାଖୁଡ, ଗୋକୁଳାନନ୍ଦ ବିଶ୍ୱାଳ, ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଓ ରନର୍ସ ଅପ ଦଳକୁ ରନର୍ସ ଟ୍ରଫି ସହ ନଗଦ ୧୬ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଖେଳ ଦେଖିବା ପାଇଁ ୧୦ ହଜାରରୁ ଅଧିକ କ୍ରୀଡ଼ା ପ୍ରେମୀ ଉପସ୍ଥିତ ରହିଥିଲେ।




ଜିଲାସ୍ତରୀୟ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ଜାତୀୟ ମତଦାତା ଦିବସ ପାଳିତ

**ଭବାନୀପାଟଣା, ୨୫।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣା ସମେତ ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲାର ସମସ୍ତ ବ୍ଲକରେ ଦଶମ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ 'ସାକ୍ଷର ମତଦାତା, ସୁଦୃଢ ଗଣତନ୍ତ୍ର' ବିଷୟକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏପରି କି ସ୍କୁଲ କଲେଜ ପିଲାଙ୍କୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ରାଲିର ଆୟୋଜନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରୁ ରାଲି ବାହାରି ସହର ପରିକ୍ରମା କରିଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ସଭାପତିତ୍ୱ କରିବା ସହ ଜାତୀୟ ମତଦାତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଲା ନିର୍ବାଚନ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଶୁଭଦୀପ୍ତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଭବାନୀପାଟଣା ଉପଜିଲାପାଳ ଶୁଶାନ୍ତ ସିଂଙ୍କ ସମେତ ସମସ୍ତ ସହକାରୀ ଜିଲାପାଳ ଏବଂ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ମତଦାତା ସଂକଳ୍ପ ପାଠ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏପରି କି ନୂତନ ଭୋଟରଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା।



ଅତିଥିମାନେ ସଚେତନତା ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# ଜୁନାଗଡ଼ ପ୍ରେସ କ୍ଲବର ବୈଠକ

**ଜୁନାଗଡ,୨୫।୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ କ୍ଲବଠାରେ ଶନିବାର ଜୁନାଗଡ଼ ପ୍ରେସ କ୍ଲବର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେସ କ୍ଲବର ସଭାପତି ରଜନୀ କାନ୍ତ ବୈଠାରୁ ଅଧ୍ୟକ୍ଷତା କରିଥିଲେ। କର୍ତ୍ତବ୍ୟରତ ଖବରଦାତାମାନଙ୍କ ସୁରକ୍ଷା, ଜୀବନ ବୀମା ଓ ପେନସନ୍ ଦାବି ନେଇ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ହିମାଂଶୁ ଶେଖର ବରାଡ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ପ୍ରେସ କ୍ଲବ ସଭାପତି ରଜନୀ କାନ୍ତ ବୈଠାରୁ, ସମ୍ପାଦକ ହିମାଂଶୁ ଶେଖର ବରାଡ, କୋଷାଧ୍ୟକ୍ଷ ରାକେଶ ବେମାଲ, ଖଗେଶ୍ୱର ଧଙ୍ଗଡାମାଝି, କୁଞ୍ଜ ସାହୁ, ମନୋଜ ଧଙ୍ଗଡାମାଝି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଫିରୋଜ ବାରିକ, ଆଦିତ୍ୟ ମହାନ୍ତି, ପ୍ରଭାକର ସେଠି, ପ୍ରଦୀପ ପଟ୍ଟନାୟକ, ସୁନୀଲ ସିଂ, ସନ୍ତୋଷ ଠାକୁର, ଗୟାରାମ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଲମପୁର ବ୍ଲକରେ ସଟ୍ଟା, ମଦ କାରବାର ବୃଦ୍ଧି

**କଲମପୁର,୨୫।୧ (ଡି.ଏନ୍.ଏ)**

- ପୋଲିସ, ଅବକାରୀ ବିଭାଗ ନୀରବ
- ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ ଦିନକୁ ଦିନ ସଟ୍ଟା ଖେଳ ବଢିବାରେ ଲାଗିଛି। ଏହି ଖେଳ କଲମପୁର ଫାଣ୍ଡି ଅଧୀନ ଚୁରାଗାଁ, ବନ୍ଦକନା, ତେଣ୍ଟୁଲିଖୁଣ୍ଟି, ପାତ୍ରବସା, ପଣ୍ଡିଗାଁ, କେନ୍ଦୁଗୁଡା, ଇଚ୍ଛାପୁର, ଦେପୁର, କଲମପୁର ତଥା ଅଞ୍ଚଳରେ ସଟ୍ଟା ଏଜେଣ୍ଟମାନେ ସଟ୍ଟା ଖେଳାଉଛନ୍ତି। ଏପରି କି ପାତ୍ରବସା, କଲମପୁର ବେଲପଡ଼ା, ଇଚ୍ଛାପୁର ଆଦି ଗ୍ରାମରେ ସଟ୍ଟା ଗଦି ଖୋଲି ମାଲିକମାନେ ଲକ୍ଷାଧିକ ଟଙ୍କାର କାରବାର କରୁଥିବା ଜଣାପଡିଛି। ସେହିପରି ବଡକୁଟ୍ଟୁ ଫାଣ୍ଡି ଅଧୀନ ବଡକୁଟ୍ଟୁ, ବରଛି, ପାଣିଗାଁ, ଖଙ୍ଗାରଗୁଡା, ବିଜମରା, ଦୋଲକିବନ୍ଧ, ରଣମାଳ, ଟେମରି, ଅରେବେଡା, ନୂଆଁଗାଁ, ମଣ୍ଡଲ ଆଦି ଗ୍ରାମରେ ସଟ୍ଟା ଏଜେଣ୍ଟମାନେ ଦିନ ଦ୍ୱି ପ୍ରହରରେ ବେଆଇନ ଭାବେ ସଟ୍ଟା ଖେଳାଉଛନ୍ତି। ଏପରି କି ଦୀର୍ଘଦିନ ହେଲା ବେଆଇନ ଭାବେ ଅଞ୍ଚଳରେ ସଟ୍ଟା ଖେଳ ଚାଲିଥିବାରୁ ଲୋକେ ଲକ୍ଷଲକ୍ଷ ଟଙ୍କା ହରେଇ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ଏନେଇ ପରିବାର ମଧ୍ୟରେ ଅଶାନ୍ତି ଦେଖାଦେବା ସହ ଗଣ୍ଡଗୋଳ ଲାଗି ରହୁଛି। ପୋଲିସ ଘଟଣା ସଂକ୍ରାନ୍ତରେ ଜାଣି ନୀରବ ରହିବା ପୋଲିସର କାର୍ଯ୍ୟ ଦକ୍ଷତା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ କଲମପୁର ବ୍ଲକ ଅଞ୍ଚଳର ବେଆଇନ ମଦ କରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଲୋକେ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଉଭୟ ପୋଲିସ ଏବଂ ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜୟପାଟଣା ଥାନା ଅଧିକାରୀ ରଶ୍ମିତା ପ୍ରଧାନକୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନିଆଁ ଲାଗି ପାଳଗଦା ନଷ୍ଟ

**କେସିଙ୍ଗା, ୨୫।୧ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଗ୍ରାମର ଭୀଷ୍ମ ମାହାରଙ୍କ ଧାନ ଖଳାରେ ଥିବା ପାଳଗଦାରେ ଶନିବାର ନିଆଁ ଲାଗି ଯାଇଥିଲା। ଫଳରେ ପାଳଗଦା ପୋଡି ନଷ୍ଟ ହୋଇଯାଇଛି। ଏନେଇ ଖଗେଶ୍ୱର ସାହୁ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । କେସିଙ୍ଗା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

# ବନ ବିଭାଗ ଚଢାଉ, ଶାଗୁଆନ ଗଣ୍ଡି ଜବତ

**ଲୋଇସିଂହା,୨୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ବନ ବିଭାଗ ମୋଇବାଲ ସ୍କ୍ୱାଡ ପକ୍ଷରୁ ଲୋଇସିଂହା ରେଞ୍ଜ ଅନ୍ତର୍ଗତ ସାଲେଭାଟାଠାରେ ଚଢାଉ କରି ବିପୁଳ ପରିମାଣରେ କଟା ଶାଗୁଆନ ଗଣ୍ଡି ଶନିବାର ଜବତ କରିଛି। ଜବତ କାଠଗଣ୍ଡି ପରିମାଣ ୫୦ ସିଏଫଟି ଓ ଆନୁମାନିକ ମୂଲ୍ୟ ୮୦ ହଜାର ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ହେଲେ ଚଢାଉ ପୂର୍ବରୁ କାଠ ବେପାରୀମାନେ ଖସି ଯାଇଛନ୍ତି। ଏ ନେଇ ବନ ବିଭାଗ ଏକ ମାମଲା ରୁଜ କରିଛି। ସୂଚନାମତେ, ସାଲେଭଟାସ୍ଥିତ ସଲେଭାଟ-ଡୁଡୁକା ରାସ୍ତାର ଏକ କପଡା ଦୋକାନ ପଛପଟରେ ଶାଗୁଆନ ଗଣ୍ଡି ପଡିଥିବା ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ମୋଇବାଲ ସ୍କ୍ୱାଡ ଏସିଏଫ ବାବାଜୀ ଚରଣ ରାଉଳଙ୍କ ନେତୃତ୍ୱରେ ସ୍ଥାନୀୟ ବନ ବିଭାଗ ଷ୍ଟାଫ ଚଢାଉ କରିଥିଲେ । ତେବେ ଅଭିଯୁକ୍ତମାନଙ୍କୁ ଖସାଇ ଦେବା ଓ ଜବତ କାଠର ପରିମାଣ କମ ଦର୍ଶାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟର ମଧୁସୂଦନ ଗଡୁଆ କହନ୍ତି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରାଯାଇଥିଲା । ଏ ଦିଗରେ ତଦନ୍ତ ଜାରି ରହିଥିବା କହି ଅଭିଯୋଗକୁ ଏଡାଇ ଯାଇଥିଲେ।




ଜୁନାଗଡ଼ରେ ଜାତୀୟ ମତଦାତା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଜୁନାଗଡ଼ରେ ଜାତୀୟ ମତଦାତା ଦିବସ ପାଳିତ

**ଜୁନାଗଡ,୨୫।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ରେ ଶନିବାର ବ୍ଲକସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଛାତ୍ରାଛାତ୍ରମାନେ ଏକ ସଚେତନ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ବ୍ଲକ କଲୋନୀ ସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି, ଜିପିଓ ସିର୍ଦ୍ଧେଶ୍ୱର ମେହେର ଯୋଗଦେଇ ଭୋଟର ଦିବସ ଉପରେ ଉଦ୍‌ବୋଧନ ଦେଇଥିଲେ। ନୋଡାଲ ସୁପରଭାଇଜର ପଞ୍ଚାନନ ବିଶ୍ୱାଳ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଏଲ୍‌ଓ ସୁପରଭାଇଜର ଧିରେନ୍ଦ୍ର ମେହେର, ସରୋଜ କୁମାର ପଣ୍ଡା, ଅର୍ଣ୍ଣପୂର୍ଣ୍ଣା କର, ଗଜାନନ ମାଝି ପ୍ରମୁଖ ସହଯୋଗ କରିଥିଲେ। ନୋଡାଲ ସୁପରଭାଇଜର ଦୁଲେନ୍ଦ୍ର ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଭବାନୀପାଟଣା, ୨୫।୧ (ଡି.ଏନ୍.ଏ.)**

ନର୍ଲା ବ୍ଲକ ଅନ୍ତର୍ଗତ ଗୋହିରାପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଦର୍ଶନ ମହାନ୍ତି, ପରିଚାଳନା କମିଟି ଚେୟାରପର୍ଶନ କାହ୍ନୁଚରଣ ଗଉଡ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ଶିବ ମନ୍ଦିରରୁ ମଶାଲ ଯାତ୍ରା ବାହାରି ପଡିଆରେ ପହଞ୍ଚିଥିଲା। ପରେ ମଶାଲ ସ୍ଥାପନ କରାଯାଇଥିଲା। ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ସା, ସହକାରୀ ଶିକ୍ଷକ ହରିଅର୍ଜୁନ ସିଂହ, ଗୋକୁଳାନନ୍ଦ ସାହୁ ଓ ଶିକ୍ଷୟିତ୍ରୀ କୁଞ୍ଜଲତା ନାୟକ, ତପସ୍ୱିନୀ ମହାପାତ୍ର କ୍ରୀଡ଼ା ପ୍ରତିଯୋଗିତାର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ସିଆର୍‌ସିସି ଡିସିଲାଲ ପଧାନ, ସ୍ଥାନୀୟ ସରପଞ୍ଚ ଟିକେଧର ସାହୁ ଯୋଗ ଦେଇଥିଲେ। ଏପରିକି କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ବାହାରିଥିବା ମଶାଲ ଯୋଭାଯାତ୍ରା।

# ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ କୁଇଜ୍ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ,୨୫।୧**

ବଲାଙ୍ଗୀର ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସଭାପତି ମଦନ ମୋହନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଆଇନଜୀବୀ ଜୟରାମ ମିଶ୍ର ଓ ମୁଖ୍ୟବକ୍ତା ଭାବେ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଲାଟ କେଶରୀ ପ୍ରଧାନ ଯୋଗଦେଇ ଶିଶୁର ଅନ୍ତର୍ନିହିତ ବିକାଶରେ ଶିକ୍ଷକ ଓ ଅଭିଭାବକଙ୍କ ନିର୍ଣ୍ଣାୟକ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସମ୍ପାଦକ ରତ୍ନମୟ ତ୍ରିପାଠୀ ଓ ମଧୁ ସାହୁ କୁଇଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସ୍ୱଚ୍ଛ ଭାରତ ନୃତ୍ୟ ପାଇଁ ଦୁର୍ଲ୍ଲଭୀ ବାଗ ଓ ସୁବର୍ଣ୍ଣ ନାଗ ଏବଂ ଶିଶୁ ସାହିତ୍ୟିକ ଭାବେ ସାନନ୍ଦିନୀ ବିଶି ଓ ଶକ୍ତି ଛାତ୍ରିଆଙ୍କୁ ସମ୍ମାନିତ କରାଯାଇଥିଲା । ହୃଷୀକେଶ ପୁରୋହିତ, ସୁନାଧର ବନଛୋର, ଅରୁଣ ଖୁଆସ, ପ୍ରଦୀପ ପଶାୟତ, ଚୁଡେନ୍ଦ୍ର ବେହେରା, କେଦାରନାଥ ସାହୁ, ସାଧନା ପଣ୍ଡା, ରାଜେନ୍ଦ୍ର କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ କୁଇଜ ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

# ଚାରା ରୋପଣରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର

**ଭବାନୀପାଟଣା, ୨୫।୧ (ସ୍ୱ.ପ୍ର.)**

- ଉତ୍ତର ବନଖଣ୍ଡ
- ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ
- ଜିଲାରେ ପ୍ରଥମ ଅଭିଯୋଗ

କଳାହାଣ୍ଡି ଜିଲାରେ ଚାରାରୋପଣରେ ବ୍ୟାପକ ହରିଲୁଟ ଚାଲିଛି। ଜିଲାର ଉତ୍ତରବନଖଣ୍ଡ ଅନ୍ତର୍ଗତ ନର୍ଲା ରେଞ୍ଜର ନର୍ଲା ସେକ୍ସନରେ ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ ଚାରାରୋପଣରେ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଏ ନେଇ ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ସାମାଜିକ କର୍ମୀ ବିନ୍ଦୁ ନାଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ କାମ୍ପା ଓ ଏଜେୟାଇ କାମ୍ପା ଏହି ୨ଟି ଯୋଜନାରେ ୧୪୫୦ ହେକ୍ଟରରେ ନର୍ଲା ସେକ୍ସନରେ ଥିବା କେରାବନ୍ଧୀ, ନର୍ଲା ଓ ସର୍ଗିଗୁଡା ବିଟ୍ ଅଞ୍ଚଳରେ ଥିବା ଜଙ୍ଗଲରେ ଖାଲି ଥିବା ସ୍ଥାନରେ ଚାରାରୋପଣ କରିବା ପାଇଁ ୨କୋଟି ୨୧ଲକ୍ଷ ୬୨ହଜାର ୬୦୮ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ବିଭାଗ ପକ୍ଷରୁ ବୃକ୍ଷରୋପଣ କରା ନ ଯାଇ ଟଙ୍କା ଆତ୍ମସାତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ବନବିଭାଗ ଅଧିକାରୀଙ୍କ ହାତ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ଅଭିଯୋଗ କଳାହାଣ୍ଡି ଜିଲାର ପ୍ରଥମ ଲୋକାୟୁକ୍ତ ଅଭିଯୋଗ। ଏନେଇ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଏକ ବଡଧରଣର ଦୁର୍ନୀତି ଫର୍ଦ୍ଦାପାଶ ହେବା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ନର୍ଲା ସେକ୍ସନର ଏକ ଜଙ୍ଗଲରେ ଗଛ ନ ଥାଇ ଖୋଲା ଦିଶୁଛି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ। - ଗୌତମବୁଦ୍ଧ



**ସଂକ୍ଷେପରେ...**

## ଭଗବାନ ଶନିମହାରାଜଙ୍କ ୧୦୨ତମ ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର, ୨୫।୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଖାଡାଗଳିରେ ଥିବା ଭଗବାନ ଶନି ମହାରାଜଙ୍କ ୧୦୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅତି ଧୁମଧାମ ସହିତ ପାଳିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ ଶନି ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସଜ୍ଜା ଯାଇଥିଲା। ଭଗବାନ ଶନି ମହାରାଜଙ୍କ ମନ୍ଦିର ପରିସରକୁ ମଧ ବିଭିନ୍ନ ଫୁଲରେ ସଜ୍ଜା ଯାଇଥିଲା। ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା ଆରମ୍ଭ କରାଯାଇ ଅଖଣ୍ଡୀ ଦୀପ ପ୍ରଜ୍ୱଳନ କରାଯିବା ସହିତ ଶନି ଭଗବାନଙ୍କୁ ରାଶି ଓ ଶୋରିଷ ତେଲରେ ଅଭିଷେକ କରାଯାଇ ବିଭିନ୍ନ ପ୍ରକାରର ଫୁଲ ଓ ନୂଆଁବସ୍ତ୍ର ଦ୍ୱାରା ଶୃଙ୍ଗାର କରାଯାଇଥିଲା। ଭଗବାନ ଶନିଙ୍କ ଦର୍ଶନ ପାଇଁ ଶହଶହ ଭକ୍ତଙ୍କ ଦିନ ତମାମ ଭିଡ ଲାଗି ରହିଥିଲା। ମନ୍ଦିର ପୂଜକ ଗୋପାଳ ମହାରାଜ ଦିନତମାମ ମନ୍ଦିରରେ ରହି ପୂଜାର୍ଚ୍ଚନା କରିବା ସହିତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ । ଶନି ଭଗବାନଙ୍କଠାରେ ଲାଗି ହୋଇଥିବା ବିଭିନ୍ନ ପ୍ରସାଦ ଭକ୍ତମାନେ ମହାଆନନ୍ଦରେ ସେବନ କରିଥିଲେ।

# ମୂଲ୍ୟବୋଧଭିତ୍ତିକ ଶିକ୍ଷାରେ ବ୍ୟକ୍ତିତ୍ୱର ବିକାଶ ସମ୍ଭବ

ସୁନ୍ଦରଗଡ଼, ୨୫।୧ (ଡି.ଏନ.ଏ.)



ଛାତ୍ରୀ ନିବାସର ବାର୍ଷିକୋତ୍ସବ ''ଫୋଏନିକ୍ସ -୨୦୨୦''ରେ ମଞ୍ଚାସୀନ ଅତିଥି।

ସାମ୍ପ୍ରତିକ ଯୁଗ ହେଉଛି ପୁଞ୍ଜିବାଦର ଯୁଗ। ଏହି ଯୁଗରେ ମୂଲ୍ୟବୋଧ କ୍ରମଶଃ ଲୋପପାଇ ଉପଭୋକ୍ତାବାଦ ହିଁ ବ୍ୟକ୍ତିର ଚିନ୍ତା ଚେତନାକୁ କବଳିତ କରିବାରେ ଲାଗିଛି। ତେଣୁ ଏ ଦିଗରେ ସଚେତନ ହୋଇ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ କରିବାକୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଅମୃତଲାଲ ନାୟାର ଛାତ୍ରୀ ନିବାସର ବାର୍ଷିକୋତ୍ସବ ''ଫୋଏନିକ୍ସ -୨୦୨୦''ରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ସମାରୋହରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତେବାସୀମାନଙ୍କୁ ଅଧ୍ୟୟନରେ ମନୋନିବେଶ କରି ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଓ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ସମାଜର ଉନ୍ନତି ସାଧିତ କରିଥାଏ ବୋଲି କହିବା ସହ ନାରୀ ଶିକ୍ଷିତା ହେଲେ ଦେଶର ଉନ୍ନତି ସାଧିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତିର ସହର ସୁନ୍ଦରଗଡର ଶୈକ୍ଷିକ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସୁନ୍ଦରଗଡ

**ଫୋଏନିକ୍ସ -୨୦୨୦**

ସରକାରୀ ମହାବିଦ୍ୟାଳୟ ଓଡିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ମାନ୍ୟତା ହାସଲ କରିଥିବା ବେଳେ ଛାତ୍ରୀ ନିବାସର ଅନ୍ତେବାସୀମାନଙ୍କୁ ଗ୍ରୀସ ଦେଶର ଫୋଏନିକ୍ସ ପକ୍ଷୀ ଯେପରି ଅଗ୍ନିରେ ନିଜକୁ ଭସ୍ମୀଭୂତ କରି ପୁର୍ନଜନ୍ମ ଲାଭ କରେ ସେହିପରି କଠୋର ସାଧନା,ଦୃଢ ଅଧ୍ୟବସାୟ ବଳରେ ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଫେସବୁକର ପ୍ରହେଳିକାମୟ ଦୁନିଆଁରୁ ନିବୃତ୍ତ ରହି ମୂଲ୍ୟବୋଧ ଭିତ୍ତିକ ଜୀବନଶୈଳୀକୁ ଆପଣେଇ ନେବାକୁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଛାତ୍ରୀମାନେ ନିଜର ସୁରକ୍ଷା ପ୍ରତି ସଚେତନ ହେବା ସହ ପାଠପଢାରେ ଧ୍ୟାନ ଦେଇ ଭବିଷ୍ୟତରେ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ କହିଥିଲେ। ଛାତ୍ରୀ ନିବାସର ଅଧୀକ୍ଷିକା କୁମୁଦିନୀ ରାଉତରାୟ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହଅଧୀକ୍ଷିକା ସବିତା ସୋରେନ୍, ସହଅଧୀକ୍ଷକ ସରୋଜ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀ ପ୍ରଜ୍ଞା ପରମିତା ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ । ଏହି ଅବସରରେ ଛାତ୍ରୀ ନିବାସର କର୍ମଚାରୀମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ଅନୁସୂୟା ସେଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, ଡ. ସୁଧୀର କୁମାର ଦାଶ, ଡ. ଜୟଶ୍ରୀ ଶୁକ୍ଳା, ଡ. ଲଳିତ ରଞ୍ଜନ ସାହୁ, ବିଭୂତି ଭୂଷଣ ସାହୁ, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ସାଇଲୋ ନୃତ୍ୟର ତାଳେ ତାଳେ ବିଧାୟିକା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ଯୋଗେଶ ସିଂ ଗୋଟିଏ ମଞ୍ଚରେ ନାଚିବା ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଥିଲା। ଉଭୟ ଗତନିର୍ବାଚନରେ ପରସ୍ପର ରାଜନୈତିକ ପ୍ରତିଦ୍ୱନ୍ଦୀ ଥିବା ବେଳେ ଏଠାରେ ଗୋଟିଏ ମଞ୍ଚରେ ଏକାଠି ହେବା ଓ ସୁନ୍ଦରଗଡର ବିକାଶରେ ଆମେ ସମସ୍ତେ ଏକତାସୂତ୍ରରେ କାର୍ଯ୍ୟ କରିବାର ବାର୍ତ୍ତା ଦେଇଛନ୍ତି।

## ଟ୍ରକରେ ପିଟି ହୋଇ ଜଣେ ମୃତ, ଦୁଇ ଆହତ

ହେମଗିର, ୨୫।୧ (ଡି.ଏନ.ଏ)- ଶନିବାର କନିକା ଆରୟନ କଲୋନୀ ନିକଟରେ ଏକ ଟ୍ରକକୁ ବାଇକ ଆରୋହୀ ପିଟିଦେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇପଡିଛନ୍ତି। ଘଟଣାରୁ ପ୍ରକାଶ ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ କୋଇଲା ବୋଝେଇ ଟ୍ରକକୁ ବାଇକ ଧକ୍କା ଦେଇଥିଲା। ହେମଗିର ଗ୍ରାମର ମନୋରଞ୍ଜନ ମହାନନ୍ଦିଆ (୨୦), ବିକି ନାଗ (୨୫), ଅଞ୍ଜନ ବିଶାଳ (୨୩) ନାମକ ତିନି ଜଣ ଯୁବକ ଏକ ବାଇକ ନଂ. ଓଆର୍ ୨୩ ଏସ- ୨୫୫୮ ଯୋଗେ କନିକାରୁ ହେମଗିର ପଟକୁ ଯାଉଥିଲେ। ଅପରପଟୁ ବସୁନ୍ଧରା କୋଇଲା ଖଣିରୁ ଏକ କୋଇଲା ବୋଝେଇ ହାଇୱା ନଂ. ଓଡି ୧୬ ସି- ୮୪୯୧ କନିକା ସାଇଡିଂକୁ ଆସୁଥିଲା । ଟ୍ରକଟି ଆରୟନ କଲୋନୀ ପାଖ ବୁଲାଣିରେ ମୁଖ୍ୟ ରାସ୍ତାରୁ ସାଇଡିଂ ପଟକୁ ଯାଉଥିବା ବେଳେ କନିକା ପଟୁ ଆସୁଥିବା ବାଇକ୍ ଟ୍ରକକୁ ଯୋରରେ ଧକ୍କା ଦେଇଥିଲା । ବାଇକରେ ଥିବା ମନୋରଞ୍ଜନ ମହାନନ୍ଦିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇଜଣ ଗୁରୁତର ଥିବାରୁ ପ୍ରଥମେ ହେମଗିର ଓ ପରେ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଜାତୀୟ ଭୋଟର ଦିବସ ପାଳିତ




ଜାତୀୟ ଭୋଟର ଦିବସ ଉପଲକ୍ଷେ କୁଆଁରମୁଣ୍ଡାରୁ ବାହରି ଥିବା ସଚେତନତା ଶୋଭାଯାତ୍ରା।

କୁଆଁରମୁଣ୍ଡା,୨୫।୧(ଡି.ଏନ.ଏ.)

ଜାତୀୟ ଭୋଟର ଦିବସ ଉପଲକ୍ଷେ ଶନିବାର କୁଆଁରମୁଣ୍ଡା ବ୍ଲକ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ କୁଆଁରମୁଣ୍ଡା ବିଡିଓ ମେଥେଡିୟସ ଲାକ୍ରା ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଶୋଭାଯାତ୍ରାରେ ବ୍ଲକ ଅଞ୍ଚଳ ପରକ୍ରମା କରିଥିଲେ। ଶୋଭାଯାତ୍ରା କୁଆଁରମୁଣ୍ଡା ବ୍ଲକରୁ ବାହାରି ବ୍ଲକ ଲିଙ୍କ ରୋଡ, ଚେକ୍‌ଗେଟ ହୋଇ ୧୪୩ ନମ୍ବର ଜାତୀୟ ରାଜପଥର ହରିହର ହାଇସ୍କୁଲକୁ ଯାଇଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହା ପରେ ଶୋଭାଯାତ୍ରା ହାତୀବାରି ରୋଡ ହୋଇ ଶେଷରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଡିଓ ଲାକ୍ରାଙ୍କ ସହ ଏବିଡିଓ ଭବାନୀଶଙ୍କର ପାଢୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ୍ ପ୍ରଧାନ, ପିଇଓ ଦେବବ୍ରତ ଦାସ, କନିଷ୍ଠ ଯନ୍ତ୍ରୀ ଭରତ ସାହୁ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ବାର୍ତ୍ତାର ସ୍ଲୋଗାନ ଦେବା ସହ ବ୍ୟାନର ଧରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ସ୍କୁଲ ଶିଢ଼ିରୁ ପଡ଼ି ସୀତା ଷ୍ଟିଲ କର୍ମଚାରୀ ମୃତ

- ପୋଲିସ ପାଖରେ ନାହିଁ ଖବର
- ୮୦ ହଜାର କ୍ଷତି ପୂରଣ ଦେଇ କଲେ ରଫାଦଫା

ରାଜଗାଙ୍ଗପୁର, ୨୫।୧ (ଡି.ଏନ.ଏ)

ରାଜଗାଙ୍ଗପୁର ସୀତା ଷ୍ଟିଲର ଜଣେ କର୍ମଚାରୀ ମାଲିକଙ୍କ କାମରେ ଯାଇ ତେତେରକେଲା ସ୍କୁଲଠାରେ ଶିଢ଼ିରୁ ପଡି ମୃତ୍ୟୁବରଣ କରିଥିବା ବେଳେ ଏହି ଖବର ରାଜଗାଙ୍ଗପୁର ପୋଲିସ ପାଖରେ ନ ଥିବା ଜଣାପଡିଛି । ମୃତକଙ୍କ ପରିବାରକୁ ୮୦ ହଜାର ଟଙ୍କା ଦେଇ କମ୍ପାନୀ ମାଲିକ ଓ କେତେଜଣ ଭଦ୍ର ବ୍ୟକ୍ତି ମାମଲାକୁ ରଫାଦଫା କରି ଦେଇଥିବା ଜଣାପଡିଛି। ରାଜଗାଙ୍ଗପୁର ବାଶୁପଡା ଯିବା ରାସ୍ତାରେ ଥିବା ସୀତା ଷ୍ଟିଲ ୱାର୍କସପ୍‌ରେ ରାଜଗାଙ୍ଗପୁର ଥାନା ଅଧିନ କୁରୁଲୁଖମନ ଗ୍ରାମର ଯୁନାସ ଲମଗା କାମ କରୁଥିଲେ। ଶୁକ୍ରବାର ସୀତା ଷ୍ଟିଲ ୱାର୍କସପ୍‌ର ମାଲିକ କର୍ମଚାରୀ ଯୁନାସକୁ ଏକ ନାପନେବା ପାଇଁ ରାଜଗାଙ୍ଗପୁର ଥାନା ଅଧିକ ତେତେରକେଲା ଗ୍ରାମର ଏକ ସ୍କୁଲକୁ ପଠାଇଥିଲେ। ହେଲେ ଯୁନାମ ସ୍କୁଲଠାରେ ଏକ ଶିଢ଼ି ସାହାର୍ଯ୍ୟରେ ଚଢ଼ି ନାପ ନେବା ପରେ ତଳକୁ ଓହ୍ଲାଉଥିବା ବେଳେ ପଡିଯାଇ ଗୁରୁତର ହୋଇ ପଡିଥିଲେ । ଯୁନାମଙ୍କୁ ପ୍ରଥମେ ରାଜଗାଙ୍ଗପୁର ସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାର ଅବସ୍ଥା ଗୁରୁତର ହୋଇ ପଡିବାରୁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ରାସ୍ତାରେ ଯୁନାସଙ୍କ ମୃତ୍ୟୁ ହୋଇଯାଇଥିବାରୁ ମୃତକଙ୍କୁ ସୀତା ଷ୍ଟିଲ ୱାର୍କସପ୍‌କୁ ଅଣାଯାଇ ତାଙ୍କ ପରିବାରକୁ ୮୦ ହଜାର ଟଙ୍କା ଦେଇ କେଶଟିକୁ ରଫାଦଫା କରିବା ସହିତ ମୃତ ଶରୀରକୁ ଯୁନାସଙ୍କ ଦୁଇ ପୁଅକୁ ହସ୍ତାନ୍ତରିତ କରି ଦେଇଥିଲେ । ଏଘଟଣା ଜଣାପଡିବା ପରେ ଏବାବଦରେ ଧରିତ୍ରୀ ରାଜଗାଙ୍ଗପୁର ପ୍ରତିନିଧି ରାଜଗାଙ୍ଗପୁର ଥାନା ଅଧିକାରୀଙ୍କୁ ପଚାରିବାରୁ ଆମ ପାଖରେ କୌଣସି ଖବର ନାହିଁ ବୋଲି ଉତ୍ତର ଦେବା ସହିତ ମୃତକଙ୍କ ପରିବାରକୁ ଆମ ପାଖକୁ ପଠାଅ ବୋଲି ଉତ୍ତର ଦେଇଥିଲେ । ଏହା ଏକ ଦୁର୍ଘଟଣା ହୋଇଥିବା ବେଳେ ବିନା ବ୍ୟବଚ୍ଛେଦରେ ମୃତଦେହ ସତ୍କାର କରିବାକୁ ନେଇ ସାଧାରଣରେ ପ୍ରଶ୍ନ କରାଯିବା ସହିତ କର୍ମକ୍ଷେତ୍ରରେ ମୃତ୍ୟୁ ବରଣ କରିଥିବା ଏକ ଆଦିବାସୀଙ୍କ ପରିବାରକୁ ମାତ୍ର ୮୦ ହଜାର ଟଙ୍କା ଦେଇ କେଶଟିକୁ ରଫାଦଫା କରିବା, କର୍ମଚାରୀଙ୍କ ଇଏସଆଇ ଓପିଏଫ ପୈଠ ନ କରିବା କର୍ମଚାରୀ ଜଣକ ପ୍ରକୃତରେ ଶିଢ଼ିରୁ ପଡି ମୃତ୍ୟୁବରଣ କରିଛନ୍ତି ନା ଅନ୍ୟ କାରଣ ଥାଇପାରେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ମଦଭାଟି ସ୍ଥାନାନ୍ତର ଦାବିରେ ଆମରଣ ଅନଶନ

ବଡ଼ଗାଁ, ୨୫।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ ଅଫିସ ନିକଟରେ ଥିବା ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ସ୍ଥାନାନ୍ତର ଦାବିରେ ଶନିବାର ଅପରାହ୍ନରୁ ଭୋଇପାଲି ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନର ସଭାପତି ରବୀନ୍ଦ୍ର କୁମାର ପଟେଲ ବ୍ଲକ ଅଫିସ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଗତ ଡିସେମ୍ବର ୨୭ ପଞ୍ଚାୟତ ଗ୍ରାମସଭାରେ ସାଢ଼େ ୫ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଭାଟି ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଗୃହିତ କରାଇଥିଲେ। ଏହା ପୂର୍ବରୁ ୨ଥର ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଇ ନ ଥିଲା । ଗତବର୍ଷ ଡିସେମ୍ବର ୩୦ ତାରିଖ ବଡ଼ଗାଁରେ ଜିଲାପାଳଙ୍କ ଜନଶୁଣାଣିରେ ପଟେଲ ଲିଖିତ ଜଣାଇଥିଲେ। ଜିଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ଅବକାରୀ କର୍ମଚାରୀଙ୍କୁ ପଠାଇଥିଲେ।



ଅନଶନରେ ବସିଛନ୍ତି ରବୀନ୍ଦ୍ର ପଟେଲ ।

ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ ବେଳେ ଆଦିବାସୀ ବସ୍ତି, ସ୍କୁଲ, ଅଙ୍ଗନୱାଡି ୧୫୦ ମିଟର ମଧରେ ଥିବା ରିପୋର୍ଟ ଦେଖି ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଥିଲେ। କୃଷକ ସଙ୍ଗଠନ ସଭାପତି ପଟେଲ ୧୩ ତାରିଖ ଅବକାରୀ ଅଧୀକ୍ଷକଙ୍କୁ ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର ନିର୍ଦ୍ଦେଶ ଲିଖିତ ନ ଦେଲେ ଅନଶନ କରିବେ ବୋଲି ଜଣାଇଥିଲେ।

# ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ

ସୁନ୍ଦରଗଡ, ୨୫।୧ (ଡି.ଏନ.ଏ)

ସ୍ଥାନୀୟ ସଦଭାବନା ଭବନଠାରେ ଜିଲାସ୍ତରୀୟ ମତଦାତା (ଭୋଟର) ଦିବସ ପାଳିତ ହୋଇଯାଇଛି । ଏଥିପାଇଁ ପୂର୍ବାହ୍ନ ୧୦ଟାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସୁନ୍ଦରଗଡ଼ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାକୁ ଜିଲାପାଳ ନିଖିଳ ପୱନ କଲ୍ୟାଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଢ଼େ ୧୧ଟାରେ ଅତିରିକ୍ତ ଜିଲାପାଳ ନୃସିଂହଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ସଦଭାବନା ଭବନଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆମ ଦେଶର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୫ବର୍ଷରେ ଥରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ଏହି ଗଣତନ୍ତ୍ର ଦେଶରେ କାହାକୁ କ୍ଷମତାରେ ରଖିବେ କିମ୍ବା




ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କାହାକୁ କ୍ଷମତାରେ ରଖିବେ ନାହିଁ ତାହା ନାଗରିକମାନେ ହିଁ ଚୟନ କରିଥାନ୍ତି । ତେଣୁ ନିର୍ବାଚନ ସମୟରେ ମତଦାନରୁ ବିରତି ନ ରହି ନିଜ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରି ଦେଶରେ ଏକ ସୁଶାସନ ପ୍ରତିଷ୍ଠା କରିବା ପାଇଁ ଅତିରିକ୍ତ ଜିଲାପାଳ ସ୍ୱାଇଁ ଜିଲାର ଜନସାଧାରଣଙ୍କୁ ନିଜର ଅଭିଭାଷଣ ମାଧ୍ୟମରେ ଆହ୍ୱାନ କରିଥିଲେ । ଏହା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦାୟୀତ୍ୱ ବୋଲି କହିଥିଲେ । ଡେପୁଟି କଲେକ୍ଟର ଲୀନାକୁମାରୀ ଖେସ ସ୍ୱାଗତ ଭାଷଣ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ତ୍ରିଦେବ କୁମାର ପ୍ରଧାନ, ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ମଧୁଶିକ୍ତା ମିଶ୍ର, ସରକାରୀ ବାଳିକା ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ନାଏକ, ଅଧାପକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ସହକାରୀ ଜିଲାପାଳ ସାରିକା ଢ଼ାମେଲ, ଲତିକା ପଟେଲ, ପ୍ରତିମା ପିଙ୍ଗ, ସୁଦାମ ଚନ୍ଦ୍ର ପଟେଲ, ପ୍ରଫୁଲ୍ଲ ଦାସ, ପ୍ରଦୀପ କୁମାର ପୁରୋହିତ, ଚନ୍ଦ୍ରମଣି ମିଶ୍ର, କିରଣମାଲା ପଟେଲ ପ୍ରମୁଖ ଭାଗ ନେଇଥିଲେ । ରାଜନୈତିକ ଦଳର ଜୟନାରାୟଣ ତ୍ରିପାଠୀ, ଅଜିତ ପ୍ରସାଦ, ପର୍ଶୁରାମ ସରାଫ ମଧ ଉପସ୍ଥିତ ଥିଲେ । ଶେଷରେ ଜିଲା କାର୍ଯ୍ୟାଳୟର ମୁଖ୍ୟକିରାଣୀ ଲୀଳାଧର କାଲୋ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆଇପିପିବି ଉପରେ ଡାକ ଅଧୀକ୍ଷକ ଦେଲେ ସଫଳତାର ମନ୍ତ୍ର

ବଡ଼ଗାଁ, ୨୫।୧ (ଡି.ଏନ.ଏ)

ଗାଁ ଗହଳିରେ ଥିବା ଲୋକଙ୍କୁ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ଜାତୀୟ ବ୍ୟାଙ୍କ ଭଳି ସୁବିଧା ଦିଆଯିବ। ଏନେଇ ଗ୍ରାମୀଣ ଲୋକଙ୍କୁ ବୁଝାଇ ସେମାନଙ୍କ ଆର୍ଥୀକ ଦେଣନେଣ ସମସ୍ୟା ଦୂର କର। ଡିଜିଟାଲ ଇଣ୍ଡିଆର ଏହା ଲକ୍ଷ୍ୟ। ଆପଣମାନଙ୍କ ଭଳି ଯୁବ କର୍ମଚାରୀଙ୍କଠାରୁ ଦେଶ ଅନେକ କିଛି ଆଶା ରଖିଛି। ଏହାକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ଶନିବାର ବଡ଼ଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଆଇପିପିବି ଏବଂ ଆରପିଏଲଆଇ ଉପରେ ଆୟୋଜିତ ସଭାରେ ସୁନ୍ଦରଗଡ଼ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ମନୋଜ କୁମାର ନାଏକ ଡାକ କର୍ମଚାରୀମାନଙ୍କୁ ସଫଳତାର ମନ୍ତ୍ର ଦେଇଛନ୍ତି। ସୁନ୍ଦରଗଡ଼ ଜିଲାର ଲାଞ୍ଜିବେର୍ଣ୍ଣା, କୁତ୍ରା, ତୁନମୁର, ରାଜଗାଙ୍ଗପୁର, ବଡ଼ଗାଁ ମଣ୍ଡଳର ସମସ୍ତ ବିଓ ଏବଂ ଝାରସୁଗୁଡା ପୋଷ୍ଟାଲ ଜୋନର ନର୍ଥ ଓ ସାଉଥର ଡାକ କର୍ମଚାରୀ (ବିଓ)ମାନଙ୍କୁ ନେଇ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ବରିଷ୍ଠ ଡାକ ଅଧୀକ୍ଷକ ମନୋଜ କୁମାର ନାଏକ, ବରିଷ୍ଠ ପ୍ରବନ୍ଧକ (ଶାଖା) ଆଇପିପିବି ମଳୟ କୁମାର ମହାପାତ୍ର, ସୁନ୍ଦରଗଡ଼ ଉତ୍ତର ଉପମଣ୍ଡଳର ଡାକ ନିରୀକ୍ଷକ ଦୀପକ କୁମାର ଯୋଗଦେଇଥିଲେ। ଡାକ ବିଭାଗର ଏହି ଅଧିକାରୀମାନେ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଓ ରୁରାର୍ ପୋଷ୍ଟାଲ ଲାଇଫ ଇନ୍ସୁରାନ୍ସ (ଆରପିଏଲଆଇ) ଉପରେ ବୁଝାଇଥିଲେ। ଆଧାର ନମ୍ବର ଓ ମୋବାଇଲ ନମ୍ବର ଦେଇ ଆକାଉଣ୍ଟ ଖୋଲାଯାଇପାରିବ । ଭତ୍ତା ସବସିଡି ଅର୍ଥ ପାଇଁ ଗ୍ରାମୀଣ ଲୋକେ ଗାଁରେ ବ୍ୟାଙ୍କ ନ ଥିଲେ ମଧ ଡାକ ବିଭାଗ ମାଧ୍ୟମରେ ଟଙ୍କା ପାଇପାରିବେ। ଏହା ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ବୁଝାଇଥିଲେ। ଡାକ ଅଧୀକ୍ଷକ ନାଏକ ଦୁର୍ନୀତି, ଆର୍ଥିକ ଅନିୟମିତତାରେ ଜିରୋ ଟଲରେନ୍ସ ରଖାଯିବ ବୋଲି ସତର୍କ କରାଇବା ସହ ଲୋକଙ୍କ କାମ କରି ଆତ୍ମ ସନ୍ତୋଷ ମିଳିଥାଏ। ତେଣୁ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଇପିପିବିର ଜମାଖାତା ଖୋଲାଇବା ଦିଗରେ ଉତ୍ତମ କାର୍ଯ୍ୟ କରିଥିବା ୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ନର୍ଥ ସବଡିଭିଜନ ଅନ୍ତର୍ଗତ କୁସୁମ ଡେଗୀ ବିଓ ଭିକ୍ଷୁ ପ୍ରସାଦ ପୃଷେଟ (ଗୌରାଙ୍ଗ) ପ୍ରଥମ, ବରଙ୍ଗାକଛାର ବିଓ କୃତିବାସ ପଟେଲ ଦ୍ୱିତୀୟ ଓ ଖଡକୁରବାହାଲ ବିଓ ଅଶୋକ କୁମାର ରାଉତଙ୍କୁ ଡାକ ଅଧୀକ୍ଷକ ନାଏକ ପୁରସ୍କୃତ କରିଥିଲେ ।

# କୁଣହାଁ ସମାଜ ପକ୍ଷରୁ ସାମାଜିକ ପ୍ରଶିକ୍ଷଣ ଶିବିର

ବଡ଼ଗାଁ, ୨୫।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଗରଗଡ଼ବାହାଲ ଗ୍ରାମସ୍ଥିତ କମ୍ୟୁନିଟି ସେଣ୍ଟରଠାରେ କୁଣହାଁ ସମାଜ ପକ୍ଷରୁ ସାମାଜିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର କୁଣହାଁ ସମାଜ ୨୫ ପାଲି କିଷାନ ସମାଜ ନାରୀ ଜାଗରଣ ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ହେଉଛି। ଚଳିତବର୍ଷ ବିବାହ ହେବାକୁ ଥିବା ଝିଅପୁଅଙ୍କୁ କୁଣହାଁ ସମାଜର ନିୟମାବଳୀ ଅନୁସାରେ କିପରି ସଫଳ ଦାମ୍ପତ୍ୟ ଜୀବନ ବିତାଇବେ ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୫୫ ଜଣ ଅଂଶଗ୍ରହଣ କରିଛନ୍ତି। ଏହି ଶିବିରରେ ସମାଜର ସଭାପତି ଜଗନ୍ନାଥ ଲାକଡା ଏବଂ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ସ୍ୱପ୍ନା ମିଞ୍ଜ ପ୍ରଶିକ୍ଷକ ଭାବରେ ଦାୟୀତ୍ୱ ତୁଲାଉଛନ୍ତି । ରଥ କେଛୁ, ଭଗବାନ ଲାକ୍ରା, ଯୋଗେନ୍ଦ୍ର କିଷାନ, ଖଡୁ ହାହା, ଦଣ୍ଡଜମରା ସରପଞ୍ଚ ସରିତା ଲାକ୍ରା, ସମିତି ସଭ୍ୟା ସୌଦାମିନୀ ହାହା, ଅଙ୍ଗନୱାଡି କର୍ମୀ ପ୍ରଦାୟିନୀ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି।



ସାମାଜିକ ପ୍ରଶିକ୍ଷଣ ଶିବିରରେ ସମାଜର କର୍ମକର୍ତ୍ତା।

# ଫକୀରମୋହନ ଓ ନେତାଜୀଙ୍କର ସମାଜ ପ୍ରତି ଅବଦାନ ଅତୁଳନୀୟ

କୁଆଁରମୁଣ୍ଡା,୨୫।୧(ଡି.ଏନ.ଏ)

**କୁମଝରିଆ ହାଇସ୍କୁଲରେ ଆଲୋଚନାଚକ୍ରରେ ମତପ୍ରକାଶ**

ପରାଧୀନ ଭାରତକୁ ସ୍ୱାଧୀନ କରିବା ପାଇଁ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ସହ ସଂଗ୍ରାମୀମାନଙ୍କ ମନୋବଳକୁ ସାହିତ୍ୟ ଓ ଉପନ୍ୟାସ ମାଧ୍ୟମରେ ସୁଦୃଢ କରିବା ଦିଗରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ ଫୌଜ ଗଠନ କରି ବ୍ରିଟିଶ୍ ସରକାର ବିରୋଧରେ ଦିଲ୍ଲୀ ଚଲୋ ଡାକରା ଦେଇ ସ୍ୱାଧୀନତା ଆନ୍ଦୋଳନ ଚାଲୁ ରଖିଥିଲେ। ଓଡିଶାର ଉକ୍ତ ଦୁଇ ଜଣ ବରପୁତ୍ରଙ୍କ ଉଦ୍ଦେଶ୍ୟରେ



କୁମଝରିଆ ହାଇସ୍କୁଲରେ ଆଲୋଚନାଚକ୍ରରେ ଉପସ୍ଥିତ ଲେଖିକା ଓ ଲେଖକମାନେ ।

ଶନିବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କୁମଝରିଆ ହାଇସ୍କୁଲରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ଭୂପେନ ମହାପାତ୍ର, ଲେଖିକା ଡଲିରାଣୀ ବ୍ରହ୍ମା, ଅବସରପ୍ରାପ୍ତ ଶିକ୍ଷାଧିକାରୀ ତଥା ଲେଖିକା ରଶ୍ମିବାଳା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉଭୟ ବ୍ୟାସକବି ଓ ନେତାଜୀଙ୍କ ଜୀବନାଦର୍ଶ ଓ ଦେଶ ପ୍ରତି ଥିବା ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁମଝରିଆ ହାଇସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ ।





## ସଂକ୍ଷେପରେ...



### ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବାଉଁଶୁଣୀ, ୨୫।୧ (ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶନିବା ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଅଧାପକ ରକି ବିଶ୍ୱାଳ, ମାଁ ମାହେଶ୍ୱରୀ ଡିଗ୍ରୀ କଲେଜ ଅଧକ୍ଷ ଅନିରୁଦ୍ଧ ମହାକୁଳ, ମାଁ ମାହେଶ୍ୱରୀ ଜୁନିୟର କଲେଜ ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ପରେ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଅଧାପିକା ଦୀପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ଓ ମନୋରଞ୍ଜନ ଘଡେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧାପକ ବାବାରାମ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ସ୍ୱାଗତିକା ଲେଙ୍କା, ଡ. ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଅଧାପକ ଶଶିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ଦିବସରେ ସଚେତନତା

ବରଗଡ଼ ଅଫିସ୍, ୨୫।୧

ବରଗଡ଼ରେ ଶନିବାର ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଥାନାଛକ, କାଳୀମନ୍ଦିର ଛକ ଦେଇ ସହର ପରିକ୍ରମା ସହିତ ସଚେତନତା ସୃଷ୍ଟି କରିଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ସ୍କୁଲ, କଲେଜର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ସ୍ଥାନୀୟ ମହିଳା କଲେଜରେ ଏକ ସଭା ହୋଇଥିଲା। ସଭାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗଦେଇ ଭୋଟର ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଏହା ସହିତ ଏହି ପରିପ୍ରେକ୍ଷୀରେ ହୋଇଥିବା ସ୍ଲୋଗାନ, ତର୍କ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।

**ପଦ୍ମପୁର,(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ସଦର ମହକୁମାରେ ୧୦ମ ଜାତୀୟ ଭୋଟର ଦିବସ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ଣ ସାଢ଼େ ୮ଟା ସମୟରେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରୁ ଏକ ଜନସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ସମସ୍ତଙ୍କୁ ଭୋଟର ଦିବସର ଶପଥ ପାଠ କରାଇଥିଲେ। ପରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକ ମୁଖ୍ୟବକ୍ତା, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବ୍ଲକର ବିଏଲଓ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ବିଏଲଓ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଜନସାଧାରଣ ଯୋଗଦାନ କରିଥିଲେ ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ମହାବିଦ୍ୟାଳୟର ଏନଏସଏସ ୟୁନିଟ-୩ ବାଳିକା ବିଭାଗ ପକ୍ଷରୁ ଜାତୀୟ ଭୋଟର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ବିଜେପୁର ସହର ପରିକ୍ରମା କରିଥିଲା । ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପଦ୍ମନାଭ ସାମନ୍ତରାୟ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଭୋଟର ନିର୍ବାଚନ ବେଳେ ନିଜ ମତଦାନର ମୂଲ୍ୟକୁ ହୃଦବୋଧ କରିବା ଉଚିତ ବୋଲି ସ୍ଲୋଗାନ ଦେଇ ଛାତ୍ରୀମାନେ ସାଇକେଲ ରାଲି କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଅଧ୍ୟାପକଗଣ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଏହାକୁ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଉଦଘାଟନ କରିଥିଲେ ।



ଜାତୀୟ ଭୋଟର ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟମାନେ ।

# ବିଜ୍ଞାନ ମେଳାରେ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ

କୋଲାବିରା,୨୫।୧(ଡି.ଏନ.ଏ)

କୋଲାବିରା ବ୍ଲକ ଡେଙ୍ଗାବରଠାରେ ଥିବା ନାରାୟଣୀ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଶନିବାର ବିଦ୍ୟାଳୟ ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲଇକେରା ବିଇଓ ହିମସାଗର ବାଗ ସଭାପତିତ୍ୱ କରିଥିଲେ। ଲଇକେରା ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପିଙ୍କୁ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ଭାବେ ଅଧ୍ୟାପକ ସୁଶାନ୍ତ କୁମାର ଦାସ, ପ୍ରଶନ୍ନ କୁମାର ଦାସ ଏବଂ ପ୍ରତାପ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଶିକ୍ଷୟିତ୍ରୀ ପୂଜା ପୂଝାରୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଙ୍ଗୀତା ଡୁଙ୍ଗଡୁଙ୍ଗ, ସୁସ୍ମିତା ବାହୁକ, ପୂଜା ସାହୁ, ଆଶାରାନି କୁଲୁ, ପିଙ୍କି ରେରକେଟା, ଜଗଦୀଶ ପ୍ରଶାଦ ହରା, ରୁବିନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଦୀପ ଦିଶନ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।



ମେଳାରେ ବିଜ୍ଞାନ ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରାଯାଇଛି ।

# ମତଦାନ ଦ୍ୱାରା ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୁଏ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବୌଦ୍ଧ,୨୫।୧(ସ୍ୱ.ପ୍ର)

ବୌଦ୍ଧରେ ଜାତୀୟ ମତଦାତା ଦିବସ ଟାଉନହଲରେ ଶନିବାର ପାଳିତ ହୋଇଛି। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ମତଦାନ କରିବା ଜଣେ ନାଗରିକର ମୌଳିକ ଅଧିକାର ଓ ଶତପ୍ରତିଶତ ମତଦାନ ଦ୍ୱାରା ଏକ ସ୍ୱଚ୍ଛ ସରକାର ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଅଧ୍ୟାପକ ପ୍ରବୀର କୁମାର ଦାସ ଓ ସ୍ୱେଚ୍ଛାସେବୀ ସୀତାକାନ୍ତ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମଥର ପାଇଁ ଭୋଟର ତାଲିକାରେ ନାମ ସଂଯୁକ୍ତ ହୋଇଥିବା ଯୁବ ଭୋଟରମାନଙ୍କୁ ପରିଚୟ ପତ୍ର ପ୍ରଦାନ ଓ ବରିଷ୍ଠ ମତଦାତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ନେଇ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ସମାସିଂହା ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକୋତ୍ସବ

କୋଲାବିରା,୨୫।୧(ଡି.ଏନ.ଏ)

ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ସମାସିଂହା ସ୍ଥିତ ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଚେତାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ହେମନ୍ତ ସାହୁ ମୁଖ୍ୟଅତିଥି, ସମିତିସଭ୍ୟା କୁମୁଦିନୀ କୁଆ, କରୁଣାକର ସେଠ, ମଦନ ମୋହନ ପଟେଲ, ଆଇନଜୀବୀ ମନୋଜ କାଲୋ, ପ୍ରଶିକ୍ଷକ ଶଚିନ୍ଦ୍ର କୁମାର ପଟେଲ, ଡ. ସୁରେଶ ଚନ୍ଦ୍ର ଗୋଖରା, ବିନୋଦ ବିହାରୀ ନାଏକ, ମଦନ ମୋହନ ପଟେଲ, ଗୁରୁଚରଣ ସାହୁ, ଡୁଲେଶ୍ୱର ପଟେଲ ପଟେଲ, ଗୌତମ ନାଏକ, ଅଭିଭାବକ ସଂଘ ସଭାପତି ସୁଶୀଲ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ମୂଲ୍ୟବୋଧ, ଭାଷା ପ୍ରତି ଅନୁରାଗୀ ତଥା ଗୁରୁଜନଙ୍କୁ ଭକ୍ତି ଓ ସମ୍ମାନ କରିବା ସହିତ ଭାଷାର ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟବୋଧ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସ୍କୁଲ କମିଟି ସଭାପତି ଯୋଗେଶ୍ୱର ସେନାପତି ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟକ୍ଷା ବାସନ୍ତୀ ସାହୁ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି କରିସ୍ମା ସାହୁ, ପାୟଲ ବନଛୋର, ନିହାରିକା କାଲୋ, ନୂତନ ସାହୁ, ଥବୀର ନାଏକ, ଜୁପ୍ରକାଶ ନାଥ, ସଞ୍ଜନା ପଟେଲ ଏବଂ ବିଶ୍ୱନାଥ ପାଣ୍ଡେଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭ୍ୟ ସୁଦାମ ସେନାପତି, ଟଙ୍କଧର କୁଆ, ବିଜୟ ନାଏକ, ସୁନନ୍ଦ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଆଶିଷ କୁମାର ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# ଫୁଟବଲ: ସେମିରେ ଭୈରବୀ କ୍ଲବ

ପୁରୁଣାକଟକ,୨୫।୧(ଡି.ଏନ.ଏ)

ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ପୁରୁଣାକଟକ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୪ର୍ଥ ମା ଭୈରବୀ କପ୍ ଫୁଟବଲ ପ୍ରତିଯୋଗିତା ଗ୍ରୁପ 'ଏ'ର ୨ୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଆଜିର ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ସହିତ ଭୈରବୀ କ୍ଲବ ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ୪-୩ ଗୋଲରେ କଟକକୁ ହରାଇ ପୁରୁଣାକଟକ ସେମିଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକ ମୁଖ୍ୟଅତିଥି, ହରଭଙ୍ଗା ତହସିଲଦାର ବବିତାରାଣି ଦଳବେହେରା, ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେର, ସରପଞ୍ଚ ଭବାନୀବାଳା କଅଁର, ସରପଞ୍ଚ ଦିଲୀପ ପ୍ରଧାନ, ଯୁବ ଶିଳ୍ପପତି ସିବ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର ପ୍ରଥମ ସେମିଫାଇନାଲ୍ ପୁରୁଣାକଟକ ଭୈରବୀ କ୍ଲବ ସହିତ ରାଉରକେଲା ୟୁନାଇଟେଡ୍ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ ।

# ଗାଇସିଲେଟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୫।୧

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଶନିବାର ସଡ଼କ ସୁରକ୍ଷା ତଥା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା, ନୂତନ ଟ୍ରାଫିକ ଆଇନ ଉପରେ ସଚେତନ କରାଇଥିଲେ । ଏହା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟ୍ରାଫିକ ସଚେତନତା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁକ୍ତେଶ୍ୱର ବିଭାର, ଲିଲି ବରିହା, ସୁଷମା ସାହୁ, ପ୍ରତିମା ପାଣିଗ୍ରାହୀ, ସାଗରୀକା ନାୟକ, ସିମ୍ପଲ କଲେତ୍, କୌଶଲ୍ୟା ସାହୁ ପ୍ରମୁଖ କୃତିତ୍ୱ ଅର୍ଜନ ସହିତ ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୟୁଥ୍ ରେଡ଼କ୍ରସ କାଉନସେଲର ଅଧ୍ୟାପକ ରମାକାନ୍ତ ସାହୁ, ନାରାୟଣ ମିଶ୍ର, ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡା, ଟ୍ରାଫିକ ସ୍ୱେଚ୍ଛାସେବୀ ସସ୍ମିତା ପଟେଲ, ନଳିନୀ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ ।



ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

# ବେଆଇନ ଇଟାଭାଟି, ସରକାରଙ୍କ ରାଜସ୍ୱହାନି

ଗଣ୍ଡତୁରୁମ, ୨୫।୧ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ତହସିଲ ଅଞ୍ଚଳରେ ସମ୍ପ୍ରତି ବ୍ୟାପକ ବେଆଇନ ଇଟାଭାଟି ଗଢ଼ି ଉଠିଛି । ମୁନାଫାଖୋର ଇଟା ବ୍ୟବସାୟୀମାନେ ରାଜସ୍ୱ ଫାଙ୍କି ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଥିବା ବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି । କେତେକ ବ୍ୟବସାୟୀ ୧୦ରୁ ୨୦ହଜାର ଇଟା ଗଢ଼ିବା ପାଇଁ ରସିଦ କାଟି ଲକ୍ଷାଧିକ ଇଟା ଗଢୁଥିବବା ଦେଖିବାକୁ ମିଳୁଛି। ଏଥିପାଇଁ କେତେକ ରାଜସ୍ୱ କର୍ମଚାରୀ ସେମାନଙ୍କ ପାଖରୁ ହାତଗୁଞ୍ଜା ନେଇ ଚୁପ୍ ବସିଥିବା ଅଭିଯୋଗ ହେଉଛି। ଏପରିକି କେତେକ ସ୍ଥଳେ ତହସିଲ ପକ୍ଷରୁ ନାମକୁ ମାତ୍ର ଚଢ଼ାଉ କରାଯାଉଛି । ମାତ୍ର ତାଙ୍କ ଉପରେ ସାମାନ୍ୟ ଅର୍ଥଦଣ୍ଡ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଇଟା ବ୍ୟବସାୟୀମାନେ ବେଧଡକ କାରବାର ଚଳାଇଛନ୍ତି। ଏହି ତହସିଲ ଅଧୀନ ଗଣ୍ଡତୁରୁମ, କେଶରିପାଲି, ମହୁଲପାଲି, ବାଦୀ, ମେହେନା, କମ୍ପାଲି, ଯାମପାଲି, ଭୁତଲୋଡ, ଗୁଝୁଡା, ସିଆଳଖଣ୍ଡହଥା, ଖଲିଆପାଲି, କୁଡାପାଲି, ଡାଙ୍ଗପାଲି, ସାରସପାଲି, ଭାଲୁପାଲି, ପପଙ୍ଗା, ଦେଶଭଟଲି, ରେମଣ୍ଡା, ତେନ୍ତୁଲିଟିକ୍ରା, ବରପଦର, ରେଶମ ଆଦି ରାଜସ୍ୱ ସର୍କଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବେଆଇନ ଇଟାଭାଟି ଗଢ଼ି ଉଠିଛି । ସେହିପରି ସହଁରାଟିକ୍ରା, ସଂକ୍ରୀଡା, ମରହାପାଲିଠାରେ ସ୍କୁଲ ଓ ଗାଁ ନିକଟରେ ଚିମିନି ଇଟା ଭାଟି ଚାଲିଛି। ଅପରପକ୍ଷେ ଏହି ଇଟାଭାଟି ଗୁଡିକ ନଦୀ, ନାଳ କୂଳ ଏବଂ ଜନବସତିଠାରୁ ୨ କିମି ଦୂରତାରେ ରହିବା ନିୟମ ରହିଛି । ଏହାକୁ ମଧ ସେମାନେ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି । ଇଟାଭାଟିର ଧୂଆଁରେ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ପରିବେଶ ପ୍ରଦୂଷଣ ହେଉଛି । ଏ ସମ୍ପର୍କରେ ଭେଡେନ ଅତିରିକ୍ତ ତହସିଲଦାର ନାରାୟଣ ଡନସନାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୨୮୫୯୬୩ରେ ଫୋନ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ।

# ଚତୁର୍ଥ ଜମ୍ନେଶ୍ୱର, ପ୍ରକାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଘଣ୍ଟାପଡା, ୨୫।୧ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଚତୁର୍ଥ ଜମ୍ନେଶ୍ୱର ମାଝୀ ଓ ପ୍ରକାଶ କଅଁର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ-ବିରୁ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ବାଲିଆପଡା ଦଳ କଲରକୋଠା ଦଳକୁ ୧-୦ ଗୋଲରେ ହରାଇ ପରବର୍ତ୍ତୀ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କମସରା ଦଳ ୧-୦ରେ କୁରୁକୁପା ଦଳକୁ, ତୃତୀୟ ମ୍ୟାଚରେ ତରଭା ଦଳ ଟାଇବ୍ରେକର ଜରିଆରେ ୪-୨ ଗୋଲ ବ୍ୟବଧାନରେ ଓ ଚତୁର୍ଥ ମ୍ୟାଚ୍ ଖଇରଭାଡି ଦଳ ୧-୦ ଗୋଲରେ କନ୍ଧମାଳ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ପରବର୍ତ୍ତୀ ମ୍ୟାଚ୍ ବାଲିଆପଡା ଓ କମସରା ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ନ ପାରିଥିବାରୁ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ବାଲିଆପଡା ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଅନ୍ତିମ ମ୍ୟାଚ୍ ଖଇରଭାଡି ଓ ତରଭା ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରରେ ଖଇରଭାଡି ୩-୧ ଗୋଲରେ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଦ୍ୱିତୀୟ ଦିବସରେ ପରିଷଦ ସଦସ୍ୟା ମୁକ୍ତାସିନୀ ମଲିକ ମୁଖ୍ୟଅତିଥି, ଶିଳ୍ପପତି କରୁଣା ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକ, ସହକାରୀ ଶିକ୍ଷକ ଶ୍ରୀପତି ମଲିକ, ଶିକ୍ଷକ ପଞ୍ଚାନନ କଅଁର, ଅଧାପକ ପରେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସର ମ୍ୟାଚକୁ ପ୍ରଶାନ୍ତ ନାଏକ, ବୀରବାହୁ ମାଝୀ, ଦଶରଥ ବେହେରା ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମାଝୀଙ୍କ ଦ୍ୱାରା ଉଦଘାଟିତ ହେବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ପ୍ରଥମ ସେମିଫାଇନାଲ ଭାବେ ମଲିକୁଦ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୪-୨ ଗୋଲରେ ଓ ଦ୍ୱିତୀୟ ସେମିଫାଇନାଲରେ କମସରା ଦଳ ନିକଟତମ ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି ।



ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ଫୁଟବଲ ମ୍ୟାଚ୍ ଚାଲିଛି ।